

ମେ ୧୫ରେ 'ପତି, ପତ୍ନୀ ଔର ଓ ବୋ'

▶ପୃଷ୍ଠା ୧୧ ଦେଖନ୍ତୁ...


• RNI REGD NO: 42041/83
• www.sakalaepaper.com
• /sakalanews
• /sakalanews
• www.thesakala.in

# ସକାଳ
## THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

•VOLUME- 43 •ISSUE-295 •THURSDAY •23 APRIL 2026 •PAGE-12 •₹ 7.00 | BHUBANESWAR | •ବର୍ଷ-୪୩ •ସଂଖ୍ୟା-୨୯୫ •ଗୁରୁବାର •୨୩ ଏପ୍ରିଲ୍ ୨୦୨୬ •ପୃଷ୍ଠା-୧୨ •ଟ.୭.୦୦



No.1 Residential School for Board / JEE & NEET Integrated Coaching

2026-27 ! 25 Years of Krishna Vikash, Bargarh – The Silver Jubilee Year!

Krishna Vikash Edu. Network
Odisha | Chhattisgarh | Andhra Pradesh

## ALL TIME RECORD OF KRISHNA VIKASH BARGARH CAMPUS

# JEE Mains 2026 Final Result & AISSE 2026 X Result

Krishna Vikash Group of Institutions

## JEE Mains 2026 Final Result

| Percentile | Name |
|---|---|
| 99.28 | Aryan Meher |
| 99.35 | Dinesh Agrawal |
| 99.05 | Ashutosh Thati |
| 98.53 | Samikshya |
| 98.46 | Jatin |
| 98.41 | Anshuman |
| 98.39 | Ashish |
| 98.36 | Abhinandan |
| 98.30 | Tapaswini |
| 98.10 | Ashirwad |
| 98.03 | Nirlipta |
| 97.88 | Lipun |
| 97.86 | Shreyansh |
| 97.67 | Prashanta |
| 97.56 | Ankit |
| 97.45 | Shreyansh |
| 97.31 | Anwesh |
| 97.23 | Vivek |
| 97.20 | Premananda |
| 97.14 | Tosh Ranjan |
| 97.11 | Likhit |
| 97.10 | Khusbumayee |
| 96.34 | Pritam |
| 96.32 | Smritishree |
| 96.14 | Pritam |
| 96.04 | Dibyanshu |
| 95.90 | Sohani |
| 95.74 | Amlan |
| 95.72 | Sidharth |
| 95.61 | Susmita |
| 95.58 | Rudraksh |
| 95.52 | Abhijit |
| 95.50 | Sohan |
| 95.34 | Mihir |

| | | | |
|---|---|---|---|
| 99 Percentile & Above | 03 | 99 Percentile & Above in Physics | 07 |
| 98 Percentile & Above | 11 | 99 Percentile & Above in Chemistry | 09 |
| 97 Percentile & Above | 22 | 99 Percentile & Above in Maths | 02 |
| 96 Percentile & Above | 26 | 99 Percentile & Above in PCM | 18 |
| 95 Percentile & Above | 34 | Total Qualified in Gen. Category | 40 |
| Total Qualified | 78 | Total Eligible for NITs | 36 |

## AISSE X 2026 Result of KRISHNA VIKASH GROUP

Vikash Residential School, Bargarh Topper: SAMRIDDHI 99.2%

Krishna Vikash First Step, Bargarh Topper: SOUMYA 99.0%

| > 95% | > 90% | > 80% | > 70% |
|---|---|---|---|
| 46 | 157 | 328 | 504 |

| School | Name | Score |
|---|---|---|
| VRS, BARGARH | ALKA | 98.8% |
| KVFS, Bargarh | SADHYA | 98.8% |
| VRS, BARGARH | BISHNU | 98.4% |
| VRS, Bargarh | PRAKRITI | 98.4% |
| VRS, Bargarh | DIBYAM | 98.2% |
| VRS, Bargarh | SHUCHISMITA | 98.2% |
| VRS, Bargarh | SOUMIL | 98.0% |
| KVFS, Bargarh | SANVI | 97.8% |
| KVFS, Bargarh | AARYA | 97.6% |
| CNEMS, Bargarh | GOURAV | 97.6% |
| VRS, Bargarh | SUPRIT | 97.4% |
| KVFS, Bargarh | SAI SARUP | 97.4% |
| VRS, Bargarh | AYANYA | 97.2% |
| KVFS, Bargarh | ROHIT | 97.2% |
| VRS, Bargarh | SRUSTI | 97.0% |
| VRS, Bargarh | CHUCHINTAN | 97.0% |
| VRS, Bargarh | ANMITA | 96.8% |
| VINDGS, Rourkela | GOURAAV | 96.8% |
| VRS, Bargarh | ASHLESHA | 96.6% |
| VRS, Bargarh | ABHIPSA | 96.2% |
| VRS, Bargarh | ALANKRITA | 96.2% |
| KVFS, Bargarh | REEJAL | 96.2% |
| VRS, Bargarh | TOSHRAJ | 96.0% |
| VRS, Bargarh | MALYA | 96.0% |
| VINDGS, Rourkela | ANIKAIT | 96.0% |
| KVGS, Raipur | DIVYAM | 96.0% |
| VRS, Bargarh | KARAN | 95.8% |
| VRS, Bargarh | SHREYANSH | 95.8% |
| VRS, Bargarh | SAKSHI | 95.8% |
| VRS, Bargarh | SOMYA | 95.6% |
| VRS, Bargarh | PORAYNI | 95.6% |
| VINDGS, Rourkela | PRABHU | 95.6% |
| VINDGS, Rourkela | VINEET | 95.4% |
| VRS, Bargarh | DEEPANSHU | 95.2% |
| KVFS, Bargarh | SHRADHA | 95.2% |
| KVFS, Bargarh | SOUVIT | 95.2% |
| KVFS, Bargarh | SWYANSIDDHI | 95.2% |
| VRS, Bargarh | ANUJAY | 95.0% |
| VRS, Bargarh | AUROSMAN | 95.0% |
| VRS, Bargarh | SWAGAT | 95.0% |
| VRS, Bargarh | AMARDEEP | 95.0% |
| VRS, Bargarh | ANSHIKA | 95.0% |
| VRS, Bargarh | NARASIMHA | 95.0% |
| VINDGS, Rourkela | SUSHREE | 95.0% |

| AISSE X 2025 Result Analysis | > 95% | > 90% | > 80% | > 70% |
|---|---|---|---|---|
| Vikash Residential School, Bargarh | 29 | 88 | 173 | 234 |
| Vikash First Step, Bargarh | 10 | 31 | 61 | 85 |
| Vikash IND Global School, Rourkela | 05 | 16 | 34 | 53 |
| Krishna Vikash Global School, Raipur | 01 | 08 | 20 | 38 |
| Cement Nagar English Medium School, Bargarh | 01 | 08 | 16 | 32 |
| Krishna Vikash Vijayam School, Visakhapatnam | 00 | 06 | 24 | 62 |

| Scored 100/100 | |
|---|---|
| ODIA | 03 |
| SANSKRIT | 12 |
| HINDI | 01 |
| SCIENCE | 02 |
| MATHS STD | 06 |
| SST | 13 |
| IT | 02 |
| AI | 03 |

krishnavikash.com

**ADMISSIONS OPEN** (Co-Ed. Day/Residential)
**Nursery to IX / X* & XI / XII* CBSE & +2 CHSE**
(XI Science / Commerce / Humanities | +2 Science / Commerce)
**Super40 NEET/IIT-JEE/CUET** [1 Year Extended Regular Classroom Programme for Class XII/+2 Passout Students]

**CBSE : 63707 04779 / 76820 64666**
91245 99099 / 93373 10441
**CHSE : 94393 53433 / 70641 40000**

• ANGUL: 91246 09681 / 82 • ROURKELA: 70778 53111 • FIRST STEP, BARGARH: 70644 13477 • CEMENT NAGAR: 94396 65394 • BRAHMAPUR: 91246 09687 / 88
• RAJGANGPUR: 72056 34222 / 35222 • RAIPUR: 77519 93222 • BHILAI: 91245 71067 / 68 / 69 • JAGDALPUR: 91240 87305 / 06 / 07 • VISAKHAPATNAM: 99662 12217 / 63014 64656.

## ରଥଖଳାରୁ...

# ୩ଟି ତୁମ୍ବର ଗୋଲେଇ ଶେଷ



ପୁରୀ,୨୨।୪(ସମିସ): ପବିତ୍ର ଅକ୍ଷୟ ତୃତୀୟାରେ ରଥ ନିର୍ମାଣ ଅନୁକୂଳ ହୋଇଥିବାବେଳେ ମଙ୍ଗଳବାରଠାରୁ କାମ ଆରମ୍ଭ ହୋଇଛି। ପ୍ରଥମେ ତୁମ୍ବ ତିଆରି ଚାଲିଛି। ବୁଧବାର ସୁଦ୍ଧା ତିନିରଥର ଗୋଟିଏ ଲେଖାଏଁ ତୁମ୍ବର ଗୋଲେଇ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇଛି। ଏଥିସହ ଆଉ ୩ଟି ଲେଖାଏଁ ଗୋଲେଇ କାମ ଜାରି ରହିଛି। ପ୍ରଥମ ଦିନରେ କରତି ସେବକମାନେ ତିନି ଚାଳିକୁ ଦୁଇଟି ଲେଖାଏଁ ମୋଟ ୬ଟି ତୁମ୍ବ କାଠକୁ ମାପ ପ୍ରକାରେ ଗଢ଼ କରି ଯୋଗାଇଥିଲେ। ବୁଧବାର କରତି ସେବକମାନେ ଆଉ ୮ଟି ତୁମ୍ବ ଗଢ଼ କାଟି ତିନି ରଥ ଚାଳିକୁ ଯୋଗାଇ ଦେଇଛନ୍ତି। ତିନିରଥ (ନନ୍ଦିଘୋଷ, ତାଳଧ୍ୱଜ ଓ ଦର୍ପଦଳନ)ର ମହାରଣା ସେବକମାନେ ପ୍ରତି ରଥର ଗୋଟିଏ ଲେଖାଏଁ ତୁମ୍ବର ଗୋଲେଇ କାର୍ଯ୍ୟ ସମ୍ପୂର୍ଣ୍ଣ କରି ଆଉ ୩ଟି ଲେଖାଏଁ ତୁମ୍ବର ଗୋଲେଇ କାର୍ଯ୍ୟ ଜାରି ରଖିଛନ୍ତି। ସେହିପରି କମାର ସେବକମାନେ ଦୋଳବେଦୀଠାରେ ପ୍ରସ୍ତୁତ କରିଥିବା ଶାଳକୁ ବିଧି ପ୍ରକାରେ ପୂଜା କରି ଅଗ୍ନି ସଂଯୋଗ କରିଛନ୍ତି। ସନ୍ଧ୍ୟାରେ ଅରକଣ୍ଟା ପ୍ରସ୍ତୁତ ଆରମ୍ଭ କରିଛନ୍ତି। ବୁଧବାର ରଥଖଳାରେ ମୋଟ ୩୪ ଜଣ ସେବକ କାମରେ ନିୟୋଜିତ ହୋଇଥିଲେ।

## ରାଜ୍ୟରେ ୯.୮ ଲକ୍ଷ ଭୋଟର ବାଦ୍ ପଡ଼ିବା ପ୍ରସଙ୍ଗ

# ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ କାର୍ଯ୍ୟାଳୟ ଘେରିଲା ବିଜେଡି

ଭୁବନେଶ୍ୱର,୨୨।୪(ସମିସ): ଓଡ଼ିଶାରେ ସ୍ପେସିଆଲ ଇଣ୍ଟେନସିଭ ରିଭିଜନ ପୂର୍ବରୁ ଭୋଟର ତାଲିକାରୁ ୯.୮ ଲକ୍ଷ ଭୋଟରଙ୍କ ନାମ କଟିବାକୁ ନେଇ ସାଧାରଣ ଲୋକଙ୍କ ମନରେ ସନ୍ଦେହ ସୃଷ୍ଟି ହୋଇଛି। ଏହାକୁ ନେଇ ବୁଧବାର ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ଅଫିସ୍ ଘେରାଉ କରି ବିକ୍ଷୋଭ ଓ ପ୍ରତିବାଦ ପ୍ରଦର୍ଶନ କରିଛି ବିଜେଡି। ଏହାସହ ଭୁବନେଶ୍ୱର ମଧ୍ୟ ବିଧାୟକ ଅନନ୍ତ ନାରାୟଣ ଜେନା, ବିଜୁ ଯୁବ ଜନତା ଦଳ ସଭାପତି ଚିନ୍ମୟ ସାହୁ, ବିଜୁ ଛାତ୍ର ଜନତା ଦଳ ସଭାନେତ୍ରୀ ଇପ୍ସୀତା ସାହୁଙ୍କ ନେତୃତ୍ୱରେ ବିଜେଡିର ଏକ ପ୍ରତିନିଧି ମଣ୍ଡଳୀ ଅତିରିକ୍ତ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କୁ ଭେଟି ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଛି। ଅତିରିକ୍ତ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ସହ ବିଜେଡିର ପ୍ରତିନିଧି ମଣ୍ଡଳୀ କଟିଥିବା ଭୋଟର ସଂଖ୍ୟାକୁ ନେଇ ବିସ୍ତୃତ ଭାବେ ଆଲୋଚନା କରିଥିଲେ। ଏହି ପ୍ରତିବାଦ ସଭାରେ ବିଜୁ ମହିଳା ଜନତା ଦଳର ଅନେକ ବରିଷ୍ଠ ନେତୃତ୍ୱଙ୍କ ସହିତ ବହୁସଂଖ୍ୟାରେ ବିଜୁ ମହିଳା, ଯୁବ ଓ ଛାତ୍ର ଜନତା ଦଳର କର୍ମକର୍ତ୍ତା ଉପସ୍ଥିତ ଥିଲେ।

ପ୍ରତିନିଧି ମଣ୍ଡଳୀର ଅଭିଯୋଗର ଦାବି ଅନୁଯାୟୀ କୌଣସି ଭୋଟରଙ୍କୁ ବାଦ୍ ଦେବା ପୂର୍ବରୁ ବୁଥ୍ ଲେଭଲ୍ ଅଫିସରମାନଙ୍କ ଦ୍ୱାରା ସ୍ୱଚ୍ଛ ଓ ନିର୍ଭୁଲ ଯାଞ୍ଚ କରାଯାଉ। ସମ୍ପୂର୍ଣ୍ଣ ପାରଦର୍ଶିତା ପାଇଁ ନିର୍ବାଚନମଣ୍ଡଳୀ ଭିତ୍ତିକ ତଥ୍ୟ ପ୍ରକାଶ, ପ୍ରଭାବିତ ଜିଲ୍ଲାରେ ସ୍ୱାଧୀନ ଅଡିଟ୍





ଏବଂ ଭୋଟର ଅଧିକାର ସୁରକ୍ଷା ପାଇଁ ଅଭିଯୋଗ ନିବାରଣ ବ୍ୟବସ୍ଥା କରାଯାଉ ବୋଲି ପ୍ରତିନିଧି ମଣ୍ଡଳୀ ଦାବି କରିଛି। ବିଶେଷକରି ରାଜ୍ୟ ବାହାରକୁ କାମ କରିବାକୁ ଯାଉଥିବା ମହିଳା ଏବଂ ପୁରୁଷ ମାନଙ୍କ ନାମ

- ଏସଆଇଆର ମାଧ୍ୟମରେ ଯୋଗ୍ୟ ଭୋଟରମାନଙ୍କୁ ବାଦ୍ ଦିଆଯିବାର ଆଶଙ୍କା ସୃଷ୍ଟି
- ସ୍ୱଚ୍ଛ ଓ ନିର୍ଭୁଲ ଯାଞ୍ଚ କରି ବାଦ୍ ପଡ଼ିଥିବା ଭୋଟରଙ୍କୁ ପୁଣି ତାଲିକାଭୁକ୍ତ କରାଯାଉ

ଯେପରି ଭୋଟର ତାଲିକାରୁ ବାଦ୍ ନପଡେ, ସେଥିପ୍ରତି ଯତ୍ନବାନ ହେବା ଆବଶ୍ୟକ ଅଛି ବୋଲି ପ୍ରତିନିଧି ମଣ୍ଡଳୀ କହିଥିଲେ। କୌଣସି ଯୋଗ୍ୟ ନାଗରିକ ତାଙ୍କର ସାମ୍ବିଧାନିକ ଭୋଟ ଅଧିକାରରୁ ଯେପରି ବଞ୍ଚିତ ହେବେ ନାହିଁ, ସେଥିପାଇଁ ଭାରତର ନିର୍ବାଚନ ଆୟୋଗଙ୍କ ହସ୍ତକ୍ଷେପ ଦାବି କରିଛି ବିଜେଡି।

ବିଜେଡିର ଏହି ପ୍ରତିନିଧି ମଣ୍ଡଳୀରେ ବିଜୟ ନାୟକ, ଡ. ପ୍ରିୟବ୍ରତ ମାଝୀ, ସୁମିତ୍ରା ଜେନା, ମିନତୀ ବେହେରା, ଗୀତାଞ୍ଜଳି ବସ୍ତିଆ, ଅଲିଅଲୀ ମଲ୍ଲିକ, ସଂଯୁକ୍ତା ମହାନ୍ତି, ମାନସୀ ସୁନ୍ଦରରାୟ, ରିଜ୍ୱାନା ବେଗମ, ସ୍ନେହାଞ୍ଜଳି ମହାନ୍ତି, ଈଲା ସ୍ୱାଇଁ, ଜ୍ୟୋତ୍ସ୍ନାମୟୀ ପରିଡ଼ା, ଅମରଜିତ ସେନାପତି, ସୋଫିଆ ଆଲାମ, ମନୋଜ ସେନାପତି, ସୁଭ୍ରଜିତ ପାଢ଼ୀ, ଦିପକ ମହାପାତ୍ର, ବିଜୟ କେତନ ସାହୁ, ନୀଳମାଧବ ମହାନ୍ତି, ଅବିନାଶ ପ୍ରଧାନ, ଅରୂପ ଶ୍ରୀଚନ୍ଦନ, ବିକ୍ରମ ରଞ୍ଜିତ ପଟ୍ଟନାୟକ, ସତ୍ୟଜିତ ପଟ୍ଟନାୟକ, ଚିନ୍ମୟ ଦାସ, ସୌମ୍ୟ ରଞ୍ଜନ ମହାପାତ୍ର, ସ୍ନେହାଶିଷ ଜେନା, ତବରେଜ ଖାନ, ଅମିତ ଜେନା, ଅଶୋକ ନାୟକ, ମନୋଜ ମହାନ୍ତି, ସୌମ୍ୟ ସାର୍ଥକ ରାୟ, ସଂଜିତ ମହାନ୍ତି, ଲଗ୍ନାଦୀପ ମିଶ୍ର, ଚିନ୍ମୟୀ ପଣ୍ଡା, ସୌମ୍ୟରଂଜନ ତ୍ରିପାଠୀ, ଜ୍ଞାନ ରଞ୍ଜନ ମାନସିଂ, ଅଫତାବ ଆଲମ ଖାନ, ସୁଦୀପ୍ତ କେଶରୀ ସାମଲ, ଜଗମୋହନ ବଳିଆରସିଂ, ଶ୍ରୀଚନ୍ଦନ ପାତ୍ର, ସୁକାନ୍ତ ନାୟକ, ସୁକାନ୍ତ ବିଶ୍ୱାଳ, ଶୁଭମ ପ୍ରଧାନ, ସମିମ୍ ଅଖତାର, ଶୁଭମ ଖଟୁଆ, ଶେଖ ନୱାଜ, ଫାତମା ଖାତୁନ, ଆନିଶ ରଥ, ଶେଖ ଗୁଫରାନ, ବିଶ୍ୱଜିତ, ତିଲୋତ୍ତମା ଚୌଧୁରୀ, ସ୍ୱର୍ଣ୍ଣଲତା ସାମଲ, କୁହୁମାର ସୁଲତାନ ବେଗମ, ଈଲା ସାସମଲ, ସଂଯୁକ୍ତା ପାଣିଗ୍ରାହୀ, ସସ୍ମିତା ଦାସ, ପ୍ରଭାସିନୀ ମହାନ୍ତି, ଶାନ୍ତିଲତା ସାହୁ, ଭାଗ୍ୟଶ୍ରୀ ଜେନା, ଲକ୍ଷ୍ମୀ ସିଂ, ବାସନ୍ତୀ ସିଂ, ରୁନୁବାଳା ପ୍ରଧାନ, ପରବିନ୍ ବିବି, ମମତା ପ୍ରମୁଖ ସାମିଲ ଥିଲେ।

## ବ୍ୟବସାୟୀଙ୍କୁ ଅପହରଣ କରି ୨ କୋଟି ଦାବି

# ୭ ଦିନ ପରେ ମିଳିଲା ଅପହୃତ ସୁଧୀରଙ୍କ ମୃତଦେହ

ବ୍ରହ୍ମପୁର/ସୋରଡ଼ା,୨୨।୪(ସମିସ): ଗୋପାଳପୁର ଥାନା ଅଞ୍ଚଳର ପ୍ଲଟ୍ ବ୍ୟବସାୟୀ ସୁଧୀର ପାତ୍ରଙ୍କୁ ରାସ୍ତାରୁ ଟେକି ନେଇ ମୁଣ୍ଡ ଜାମିନ ରଖି ୨କୋଟି ମାଗିଲେ ଦୁର୍ବୃତ୍ତ। ସୁଧୀରଙ୍କ ପରିବାର ଏ ସମ୍ପର୍କରେ ପୁଲିସର ଦ୍ୱାରସ୍ଥ ହୋଇ ସହାୟତା ମାଗିଲେ। ପୁଲିସ ସୁଧୀରଙ୍କୁ ଉଦ୍ଧାର କରି ପାରିଲା ନାହିଁ; ଅନ୍ୟପକ୍ଷରେ ଥାନାରେ ଅଭିଯୋଗ ହେବାରୁ ଦୁର୍ବୃତ୍ତ ସୁଧୀରଙ୍କୁ ହତ୍ୟା କରି ଜଙ୍ଗଲରେ ଫିଙ୍ଗିଦେଲେ। ଅପହରଣର ୭ ଦିନ ପରେ ଅର୍ଥାତ ଆଜି ସୋରଡ଼ା ଥାନା ଅଞ୍ଚଳର ବାଲାପଙ୍କା ଗ୍ରାମ ନିକଟ ରଶିପଙ୍କାଳ ନିକଟରୁ ଅପହୃତ ବ୍ୟବସାୟୀ ସୁଧୀର ପାତ୍ର (୪୭)ଙ୍କ ମୃତ ଦେହକୁ ପୁଲିସ ଉଦ୍ଧାର କରିଛି।



ସୁଧୀର ଗତ ବୁଧବାର ସନ୍ଧ୍ୟା ପ୍ରାୟ ୭ଟା ପରଠାରୁ ନିଖୋଜ ଥିଲେ। ଏ ସମ୍ପର୍କରେ ତାଙ୍କର ଶଳା କାଳିଆ ଗୋପାଳପୁର ଥାନାରେ ଲିଖିତ ଅଭିଯୋଗ କରିଥିଲେ। ସେହି ଦିନ ରାତିରେ ସୁଧୀରର ପତ୍ନୀ ରଶ୍ମିତା ମୋବାଇଲଙ୍କୁ ଏକ କଲ ଆସିଥିଲା। ଏହି ସମୟରେ ଅପହର୍ତ୍ତାମାନେ ସୁଧୀରଙ୍କୁ ମାଡ଼ ମାରିବା ସହ ଫାଙ୍କା ଗୁଳି ଫୁଟାଇଥିବା ଭିଡ଼ିଓ ଦେଖାଇବା ସହ ୨କୋଟି ଟଙ୍କା ଦାବି କରିଥିଲେ। ଏ ସମ୍ପର୍କରେ ସୁଧୀରଙ୍କ ପରିବାର ପୁଲିସକୁ ଅବଗତ କରିଥିଲେ। ମାତ୍ର ଗଞ୍ଜାମ ଓ ବ୍ରହ୍ମପୁର ପୁଲିସ ସୁଧୀରଙ୍କୁ ବଞ୍ଚାଇ ପାରି ନାହିଁ। ପୁଲିସ ଉପରେ ଭରସା କରି ସୁଧୀରଙ୍କ ମୃତଦେହ ପାଇଲୁ ବୋଲି ଏବେ ପରିବାର ଲୋକ ଅଭିଯୋଗ କରିଛନ୍ତି।

ଏହି ଘଟଣାରେ ପ୍ରାୟ ୮ ଜଣଙ୍କୁ ପୁଲିସ ଉଠାଇ ଆଣିଥିବା ବିଶ୍ୱସ୍ତ ସୂତ୍ରରୁ ଜଣାପଡ଼ିଛି। ଏଥିରେ ମୃତକଙ୍କ ସମ୍ପର୍କୀୟଙ୍କ ସହ ଜିଲ୍ଲାର ଆଉ କିଛି ଲୋକ ଅଛନ୍ତି। ଜମିଜମା ବିବାଦରୁ

- ପୁଲିସର ଦ୍ୱାରସ୍ଥ ହେବାରୁ ମାରି ଜଙ୍ଗଲରେ ଫିଙ୍ଗିଦେଲେ
- ୮ ଜଣଙ୍କୁ ଅଟକ ରଖି ମାରାଥନ ଜେରା କରୁଛି ପୁଲିସ
- ମୃତଦେହ ଖୋଜିବା ପାଇଁ ପୁଲିସକୁ ଲାଗିଲା ୩ଦିନ

ସୁଧୀରଙ୍କୁ ଅପହରଣ ଓ ହତ୍ୟା କରାଯାଇଥିବା କୁହାଯାଉଛି। ବ୍ରହ୍ମପୁର ଦାୟିତ୍ୱରେ ଥିବା ଗଞ୍ଜାମ ଏସପି ଶୁଭେନ୍ଦୁ ପାତ୍ର କହିଛନ୍ତି, ମାମଲାର ତଦନ୍ତ ଶେଷ ପର୍ଯ୍ୟାୟରେ ରହିଛି। କିଛି ଅଭିଯୁକ୍ତଙ୍କୁ ପୁଲିସ ହେପାଜତକୁ ନେଇଛି। ସୁଧୀରଙ୍କୁ ଅପହରଣ କରିବା ପାଇଁ ଗୋଟିଏ କାର୍ ଭଡ଼ାରେ ଅଣାଯାଇଥିଲା। ହିଞ୍ଜିଳିକାଟୁ ଥାନା ଅଞ୍ଚଳର ଜଣେ ଯୁବକ ଏହି କାର୍ ଭଡ଼ାରେ ଦେଇଥିବା ପୁଲିସ ଜାଣିବା ପରେ ପୁଲିସ ସମ୍ପୃକ୍ତ ଯୁବକକୁ ମଧ୍ୟ ଉଠାଇ ଆଣିଛି। ସୂଚନା ଅନୁସାରେ ସୁଧୀରଙ୍କ ପରିବାରଠାରୁ ଟଙ୍କା ପାଇବାରେ ବିଫଳ ହେବା ପରେ ତାଙ୍କୁ ଦୁର୍ବୃତ୍ତମାନେ ହତ୍ୟା କରି ସୋରଡ଼ା ବାଲାପଙ୍କା ଗାଁ ନିକଟ ରାସିପଙ୍କାଳ ଶଙ୍ଖ ନିକଟସ୍ଥ ଜଙ୍ଗଲରେ ଫିଙ୍ଗି ଦେଇଥିଲେ। ପୁଲିସ ସୁଧୀରଙ୍କୁ ହତ୍ୟା କରାଯାଇଥିବା ସୂଚନା ପାଇବା ପରେ ସେହି ଜଙ୍ଗଲରେ ତିନିଦିନ ହେଲା ଖୋଜୁଥିଲା।

୧୫ତାରିଖ ସନ୍ଧ୍ୟାରେ ସୁଧୀରଙ୍କୁ ଅପହରଣ ପରେ ତାଙ୍କ ପରିବାରଠାରୁ ୨ କୋଟି ଦାବି କରିଥିଲେ। ଆସିକା ଅଞ୍ଚଳର ଏକ ସ୍ଥାନରେ ଟଙ୍କା ଦେବାକୁ ତାଙ୍କ ପତ୍ନୀଙ୍କୁ କହିଥିଲେ। ସ୍ୱାମୀଙ୍କ ଜୀବନ ବଞ୍ଚାଇବା ପାଇଁ କିଛି ଟଙ୍କା ଓ ସୁନା ଗହଣା ଧରି ରଶ୍ମିତା ଯାଇଥିଲେ। ଅପହର୍ତ୍ତାମାନେ ରଶ୍ମିତାଙ୍କ ସହ ପୁଲିସ ଯାଇଥିବା ସନ୍ଦେହରେ ଭିଡ଼ିଓ କଲରେ ଟଙ୍କାସୁନା ଦେଖାଇବାକୁ କହିଥିଲେ। ରଶ୍ମିତା ମଧ୍ୟ ସାଥୀରେ ନେଇଥିବା ଟଙ୍କା ଓ ଗହଣା ଦେଖାଇଥିଲେ। ମାତ୍ର ରଶ୍ମିତାଙ୍କ ଉପରେ ତାଙ୍କର ସନ୍ଦେହ ହୋଇଥିଲା। ସେମାନେ ସୁନା ଗହଣା ଓ ଟଙ୍କା ନ ନେଇ ମୋବାଇଲ ସୁଇଚଅଫ କରି ଦେଇଥିଲେ। ଦିନ ତମାମ ଅପେକ୍ଷା କରି ପରିବାର ଲୋକେ ନିରାଶ ହୋଇ ଫେରିଥିଲେ। ଏହାପରେ ପୁଲିସ ୭ ଟି ଟିମ ଗଠନ କରି ଖୋଜା ଖୋଜି ଆରମ୍ଭ କରିଥିଲା। ସୁଧୀରଙ୍କ ବଡ଼ ଭାଇର ପରିବାର ଲୋକଙ୍କୁ ଆଣି ଥାନାକୁ ଆଣି ପଚରା ଉଚରା କରିବା ସହ ବ୍ୟାଙ୍କ ଖାତା ଓ କଲ ରେକର୍ଡର ତଥ୍ୟ ସଂଗ୍ରହ କରିଥିଲା। ତଦନ୍ତ ବେଳେ ଅଭିଯୁକ୍ତଙ୍କ ସହଯୋଗୀଙ୍କୁ ବିଭିନ୍ନ ସ୍ଥାନରୁ ଉଠାଇ ଗୁପ୍ତ ସ୍ଥାନ ମାନଙ୍କରେ ରଖି ପଚରା ଉଚରା ପୁଲିସ କରିଥିଲା।

ଆଜି ସୋରଡ଼ା ଥାନା ରାସିପଙ୍କାଳ ଗାଁ ନିକଟରେ ଏକ ଅଜଣା ମୃତଦେହ ପଡ଼ିଥିବା କିଛି ଲୋକ ଦେଖି ପୁଲିସକୁ ଖବର ଦେଇଥିଲେ। ଗୋପାଳପୁର ପୁଲିସ ସୁଧୀରଙ୍କ ପରିବାରଲୋକଙ୍କୁ ନେଇ ଘଟଣାସ୍ଥଳରେ ପହଞ୍ଚିବା ପରେ ସେମାନେ ଡ୍ରେସ, ପଇତା, ଅନାନ୍ୟ ଜିନିଷ ଦେଖି ସୁଧୀର ବୋଲି ଚିହ୍ନଟ କରିଥିଲେ।

## ଜନଗଣନାକାରୀଙ୍କୁ ଖରା ସାଙ୍ଗକୁ ଆକ୍ରମଣ ଭୟ

# ୧୧ରୁ ୩ଟା ଯାଏଁ ବନ୍ଦ ରହିବ ଗଣନା

ଭୁବନେଶ୍ୱର,୨୨।୪(ସମିସ): ରାଜ୍ୟରେ ପ୍ରଥମ ପର୍ଯ୍ୟାୟ ଜନଗଣନା ପରିପ୍ରେକ୍ଷୀରେ ୧୬ ଏପ୍ରିଲରୁ ୧୫ ମେ ପର୍ଯ୍ୟନ୍ତ ଗୃହ ଗଣନା ଚାଲୁରହିଛି। ଏହି ପରିପ୍ରେକ୍ଷୀରେ ଜନଗଣନାରେ ନିୟୋଜିତ ଅଧିକାରୀ ଏବଂ କର୍ମଚାରୀମାନେ ଘରକୁ ଘର ବୁଲି ଘରର ଅବସ୍ଥା, ପାରିବାରିକ ସୁବିଧା ଏବଂ ପରିବାର ସମ୍ବନ୍ଧିତ ବିଭିନ୍ନ ତଥ୍ୟ ସଂଗ୍ରହ କରୁଛନ୍ତି। ତେବେ ଏହି ସମୟରେ ପ୍ରଚଣ୍ଡ ଗ୍ରୀଷ୍ମପ୍ରବାହ ସାଙ୍ଗକୁ ବିଭିନ୍ନ ସ୍ଥାନରୁ ଜନଗଣନା କାର୍ଯ୍ୟରେ ନିୟୋଜିତ କର୍ମଚାରୀ ଓ ଅଧିକାରୀଙ୍କ ଉପରେ ଆକ୍ରମଣ

- ଆବଶ୍ୟକୀୟ ପଦକ୍ଷେପ ପାଇଁ ଜିଲ୍ଲାପାଳଙ୍କୁ ନିର୍ଦ୍ଦେଶ
- ଗଣନାକାରୀଙ୍କ ସୁରକ୍ଷା ପାଇଁ ପୁଲିସ୍ ପ୍ରଶାସନକୁ ଦାୟିତ୍ୱ
- ବିଭିନ୍ନ ଅଘଟଣ ପରେ ସ୍ଥିତି ସମୀକ୍ଷା କଲେ ରାଜସ୍ୱ ମନ୍ତ୍ରୀ

ଘଟଣା ରାଜ୍ୟ ସରକାରଙ୍କ ପାଇଁ ଚିନ୍ତାର କାରଣ ସାଜିଛି।

୧୬ ତାରିଖରୁ ଇତି ମଧ୍ୟରେ ସୋନପୁରରେ ଜଣେ ଗଣନାକାରୀ କାର୍ଯ୍ୟରୁ ଫେରିବା ପରେ ହୃଦ୍‌ଘାତରେ ପ୍ରାଣ ହରାଇଥିବା ଅଭିଯୋଗ ହୋଇଛି। ଏହାସହିତ ମୟୂରଭଞ୍ଜ ଜିଲ୍ଲାରେ ଜଣେ ମହିଳା ଗଣନାକାରୀ ନିଖୋଜ ହୋଇଯାଥିବା ବେଳେ ବାଲେଶ୍ୱର ଜିଲ୍ଲାର ୩ଟି ଅଂଶୁଘାତଜନିତ ଅଭିଯୋଗ ହୋଇଛି। ଏହାସହିତ ରାଉରକେଲାରେ ଗୋଟିଏ ଦୁର୍ଘଟଣା ସାଙ୍ଗକୁ କାମାକ୍ଷା ନଗରରେ ୪ ଜଣ ଗଣନାକାରୀଙ୍କ ଉପରେ ମରଣାନ୍ତକ ଆକ୍ରମଣ ଘଟଣା ସାରା ରାଜ୍ୟରେ ଚର୍ଚ୍ଚା ସୃଷ୍ଟି କରିଛି। ଜଣଗଣନା ଆରମ୍ଭରୁ ରାଜ୍ୟରେ ଏଭଳି ଏକାଧିକ ଅଘଟଣ ପରେ ବୁଧବାର ରାଜସ୍ୱମନ୍ତ୍ରୀ ସୁରେଶ ପୂଜାରୀ ଏକ ଉଚ୍ଚସ୍ତରୀୟ ସମୀକ୍ଷା ବୈଠକ କରିଥିବା ବେଳେ ଜନଗଣନାକାରୀଙ୍କ ସୁରକ୍ଷା ସୁନିଶ୍ଚିତ କରିବା ପାଇଁ ବିଭାଗୀୟ ଅତିରିକ୍ତ ଶାସନ ସଚିବ ଡଃ ଅରବିନ୍ଦ ପାଢ଼ୀ ରାଜ୍ୟର ସମସ୍ତ ଜିଲ୍ଲାପାଳ ଓ ମହାନଗର ନିଗମର କମିସନରମାନଙ୍କୁ ଚିଠି ଲେଖି ନିର୍ଦ୍ଦେଶ ଦେଇଛନ୍ତି। ଏହି ଚିଠିରେ ବିଶେଷ ଭାବେ ଗ୍ରୀଷ୍ମପ୍ରବାହ ତଥା ପ୍ରଚଣ୍ଡ ତାତିଜନିତ ସମସ୍ୟାର ମୁକାବିଲା, କାର୍ଯ୍ୟ ସମୟରେ ରହିଥିବା ବିଭିନ୍ନ ବିପଦଗୁଡ଼ିକୁ ଚିହ୍ନଟ କରିବା ସହ ଜନଗଣନାକାରୀଙ୍କୁ ନିୟମିତ ଭାବେ ଟ୍ରାକ୍ କରିବା ପାଇଁ ଜିଲ୍ଲା ପ୍ରଶାସନକୁ ନିର୍ଦ୍ଦେଶ ଦିଆଯାଇଛି।

ଗ୍ରୀଷ୍ମପ୍ରବାହକୁ ଦୃଷ୍ଟିରେ ରଖି ପୂର୍ବାହ୍ନ ୧୧ଟାରୁ ଅପରାହ୍ନ ୩ଟା ପର୍ଯ୍ୟନ୍ତ ଅଧିକାରୀମାନେ ଜନଗଣନା କରିବେ ନାହିଁ ବୋଲି ନିଷ୍ପତ୍ତି ହୋଇଥିବା ବେଳେ ଏହି ସମୟରେ ଜନଗଣନା କାର୍ଯ୍ୟକୁ ସ୍ଥଗିତ ରଖିବା ପାଇଁ ରାଜସ୍ୱ ମନ୍ତ୍ରୀ ସମସ୍ତ ଜିଲ୍ଲାପାଳଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

# ସ୍ୱାମୀଙ୍କୁ ଗିରଫ ଧମକ ଦେଇ ମହିଳାଙ୍କୁ ଏସ୍‌ଡିପିଓଙ୍କ ଶୋଷଣ

ଭାପୁର/ନୟାଗଡ଼,୨୨।୪(ସମିସ): ଏକ ମାମଲାର ସମାଧାନ କରିବା ବାହାନାରେ ଜଣେ ମହିଳାଙ୍କୁ ଏସ୍‌ଡିପିଓ ରାତିରେ ଅଟୋରେ ଆସିବାକୁ ନିମନ୍ତ୍ରଣ କରିବା, ରାତିରେ ରହିବା ଓ ସମ୍ପର୍କ ରଖିବାକୁ ଖଣ୍ଡପଡ଼ା ଏସ୍‌ଡ଼ିପିଓ ମଦନମୋହନ ପ୍ରଧାନ ଫୋନ୍ କରିବା ସଂକ୍ରାନ୍ତ ଅଭିଯୋଗ ଏବେ ନୟାଗଡ଼ ଜିଲ୍ଲାରେ ହଇଚଇ ସୃଷ୍ଟି କରିଛି। ଅଭିଯୋଗ ଅନୁସାରେ ଏସ୍‌ଡ଼ିପିଓ ଶ୍ରୀ ପ୍ରଧାନ ସମ୍ପୃକ୍ତ ମହିଳାଙ୍କୁ ବିଭିନ୍ନ ବାହାନା ଦେଖାଇ ତାଙ୍କ ସହ ହୋଟେଲ ଯିବା, ବାହାରକୁ ଯାଇ ଗପିବା ପାଇଁ ଡ଼ାକି ମାନସିକ ଚାପ ସୃଷ୍ଟି କରିଛନ୍ତି। ତାଙ୍କ କଥା ନ ଶୁଣିରେ ମହିଳାଙ୍କ ସ୍ୱାମୀଙ୍କୁ ଗିରଫ କରିବାକୁ ଧମକ ଦେଇ ଶାରୀରିକ ସମ୍ପର୍କ ରଖିବାକୁ ବାଧ୍ୟ କରିଛନ୍ତି। ସମ୍ପୃକ୍ତ ମହିଳାଙ୍କୁ ତାଙ୍କ ଶାଢ଼ୀ ଖୋଲା ଦେହର ଫଟୋ ମାଗିବା ଓ ତାଙ୍କ ସହ ସମ୍ପର୍କ ରଖିବାକୁ ମଧ୍ୟ ପୁଲିସ ଅଧିକାରୀଜଣକ କହିଥିବା ଅଭିଯୋଗ ହୋଇଛି। ଏ ସଂକ୍ରାନ୍ତରେ ଅଭିଯୋଗ ପରେ ଅକଳରେ ପଡ଼ିଛନ୍ତି ଏସ୍‌ଡ଼ିପିଓ ମଦନମୋହନ ପ୍ରଧାନ। ତାଙ୍କୁ ବଦଳି କରାଯିବା ପରେ ଛୁଟି ଦରଖାସ୍ତ ଦେଇ ସେ ଫେରାର ହୋଇ ଯାଇଛନ୍ତି। ତାଙ୍କ ସ୍ଥାନରେ ଡ଼ିଏସ୍‌ପି ସୁଦୀପ୍ତ କୁମାର ସାହୁଙ୍କୁ ଖଣ୍ଡପଡ଼ା ଏସ୍‌ଡିପିଓ ଭାବେ ଅବସ୍ଥାପିତ କରାଯାଇଛି।

ବୁଧବାର ଜିଲ୍ଲା ପୁଲିସ ମୁଖ୍ୟାଳୟ ଓ ଭାପୁର କୋର୍ଟରେ ଅଭିଯୋଗକାରିଣୀଙ୍କ ବୟାନ ରେକର୍ଡ କରାଯାଇଛି। ମହିଳାଙ୍କ ସ୍ୱାମୀଙ୍କର ବୟାନ ରେକର୍ଡ

- ସମ୍ପର୍କ ରଖିଲେ ଅସୁବିଧା କଣ? ଅଟୋରେ ଆସ... ରାତିରେ ରୁହ...
- ମହିଳାଙ୍କୁ ଫୁଙ୍ଗୁଳା ଦେହର ଫଟୋ ମାଗୁଥିଲେ ଏସ୍‌ଡିପିଓ

ହୋଇଥିବା ସୂଚନା ମିଳିଛି। ଏସ୍‌ଡିପିଓ ପ୍ରଧାନଙ୍କୁ ଜିଲ୍ଲା ପୁଲିସ କାର୍ଯ୍ୟାଳୟ (ଡିପିଓ)ରେ ଯୋଗଦେବାକୁ ନିର୍ଦ୍ଦେଶ ଥିବାବେଳେ ସେ ସେଠାରେ ଯୋଗଦାନ କରିନାହାନ୍ତି। ଅନ୍ୟପକ୍ଷରେ ଭାପୁର କୋର୍ଟରେ ମହିଳାଙ୍କ ବୟାନ ରେକର୍ଡ ସମୟରେ ନୟାଗଡ଼ ଅତିରିକ୍ତ ଏସ୍‌ପି ସୁବାସ ଚନ୍ଦ୍ର ପଣ୍ଡା, ଫତେଗଡ଼ ଥାନା ଅଧିକାରୀ ଅଜୟ ସାହୁ, ଜଣେ ମହିଳା ଇନ୍ସପେକ୍ଟରଙ୍କ ସମେତ ଭାପୁର ଫାଣ୍ଡି ଅଧିକାରୀ ସୁଶାନ୍ତ କୁମାର ବେହେରା ଉପସ୍ଥିତ ଥିଲେ। ଜିଲ୍ଲାରେ ପ୍ରଥମ ଥର ଜଣେ ପୁଲିସ ଅଧିକାରୀଙ୍କ ବିରୋଧରେ ଏପରି ସାଂଘାତିକ ଅଭିଯୋଗ ପରେ ସାଧାରଣ ଲୋକଙ୍କ ମନରେ ରୋଷ ସୃଷ୍ଟି ହୋଇଛି। ଏସ୍‌ଡିପିଓ ଶ୍ରୀ ପ୍ରଧାନଙ୍କ ନାମରେ ପୂର୍ବରୁ ଲୋକଙ୍କୁ ହଇରାଣ କରିବା, ମିଛ ମାମଲାରେ ଗିରଫ କରିବା ଅନେକ ଅଭିଯୋଗ ରହିଛି। ଏବେ ରଶ୍ମିତାଙ୍କ ସହ କଥାବାର୍ତ୍ତାର ଅଡ଼ିଓ ଓ ହ୍ୱାଟ୍ସଆପ୍ ବାର୍ତ୍ତାଳାପ ସାମ୍ନାକୁ ଆସିବା ପରେ ଲୋକମାନଙ୍କ ମନରେ ପୁଲିସ ପ୍ରତି ଘୃଣା ସୃଷ୍ଟି ହୋଇଛି। ଏସ୍‌ଡିପିଓଙ୍କୁ ଗିରଫ ପାଇଁ ବିଜେଡି ଓ କଂଗ୍ରେସ ପକ୍ଷରୁ ଦାବି କରାଯାଇଛି। ତାଙ୍କୁ ତୁରନ୍ତ ଗିରଫ କରା ନ ଗଲେ ଜୋରଦାର ଆନ୍ଦୋଳନ ହେବ ବୋଲି ଚେତାବନୀ ଦିଆଯାଇଛି।

# ଅଂଶୁଘାତରେ ବାବା ଆଖଣ୍ଡଳମଣି ସେବକଙ୍କ ମୃତ୍ୟୁ ଅଭିଯୋଗ

ଆରଡ଼ି, ୨୨।୪ (ସମିସ): ବୁଧବାର ଦିନତମାମ ଗ୍ରୀଷ୍ମ ପ୍ରବାହରେ ଅସହ୍ୟ ଗୁଳୁଗୁଳି ଲାଗି ରହିଥିବାବେଳେ ଆରଡ଼ି ପୀଠର ବାବା ଆଖଣ୍ଡଳମଣିଙ୍କ ମନ୍ଦିରର ସେବାୟତ ସରୋଜ ପାଢ଼ୀ(୫୬)ଙ୍କର ଅଂଶୁଘାତରେ ମୃତ୍ୟୁ ହୋଇଥିବା ପରିବାର ପକ୍ଷରୁ ଅଭିଯୋଗ ହୋଇଛି। ସରୋଜ ବୁଧବାର ପୂର୍ବାହ୍ଣ ୧୦ଟାରେ ବାବାଙ୍କ ପୂଜାର୍ଚ୍ଚନା ସାରି ନିଜର ଚାଷଜମିକୁ ଶ୍ରମିକଙ୍କ ପାଇଁ ଖାଦ୍ୟ ନେଇ ଯାଉଥିବା ସମୟରେ ଅସହ୍ୟ ଖରାରେ ହଠାତ୍ ଚେତାଶୂନ୍ୟ ହୋଇ ପଡ଼ିଯାଇଥିଲେ। ନିକଟରେ ଥିବା କିଛି ଲୋକ ତାଙ୍କ ପରିବାରକୁ ଖବର ଦେବା ସହ ନିକଟସ୍ଥ ଆରଡ଼ି ମେଡିକାଲକୁ ନେଇଥିଲେ। ସେଠାରେ ପ୍ରାଥମିକ ଚିକିତ୍ସା କରାଯାଇଥିଲେ ମଧ୍ୟ ସ୍ୱାସ୍ଥ୍ୟରେ କୌଣସି ଉନ୍ନତି ନ ହେବାରୁ ଭଦ୍ରକ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ତାଙ୍କ ବିୟୋଗରେ ଆରଡ଼ି ଅଞ୍ଚଳରେ ଶୋକ ପ୍ରକାଶ ପାଇଛି। ଏପରି ଖବର ପାଇବା ପରେ ପରିବାର ପକ୍ଷରୁ ଅଂଶୁଘାତଜନିତ ମୃତ୍ୟୁ ହୋଇଥିବା ଆରଡ଼ି ଫାଣ୍ଡିରେ ଅଭିଯୋଗ କରାଯାଇଛି।

## ୫ କୋଟି ଟଙ୍କାର ସୁନା ଋଣ ଠକେଇ

# ବନ୍ଧା ହେଲେ ଏସବିଆଇ କ୍ୟାସ୍ ଇନଚାର୍ଜ

ଭୁବନେଶ୍ୱର ୨୨।୪ (ସମିସ): କିଏ ନକଲି ସୁନା ଥୋଇ ଋଣ ନେଇଛି ତ ଆଉ କେହି ବିନା ସୁନାରେ ଋଣ ପାଇଛି। ପୁଣି କେହି ବିନା ବଣିଆ ରିପୋର୍ଟ ବିନା ଲକ୍ଷ ଲକ୍ଷ ଟଙ୍କା ସୁନା ଋଣ ହାତେଇଛି। ଆଉ ସବୁତକ ଋଣ ଟଙ୍କା ଯାଇଛି ବ୍ୟାଙ୍କର କ୍ୟାସ୍ ଇନଚାର୍ଜଙ୍କ ଆକାଉଣ୍ଟକୁ। ଜଗତସିଂହପୁର ଜିଲ୍ଲା ବାଲିଚନ୍ଦ୍ରପୁର ଏସବିଆଇ ଶାଖାରେ ଏଭଳି ଠକେଇ ସାମ୍ନାକୁ ଆସିଛି। ମୁଖ୍ୟ କାର୍ପଟଦାର କୁହାଯାଉଥିବା ବ୍ୟାଙ୍କର ସିନିଅର୍ ଆସୋସିଏଟ୍ ତଥା କ୍ୟାସ୍ ଇନଚାର୍ଜଙ୍କୁ ଗିରଫ କରିଛି କ୍ରାଇମବ୍ରାଞ୍ଚର ଅର୍ଥନୈତିକ ଅପରାଧ ଶାଖା (ଇଓଡବ୍ଲୁ)। ଗିରଫ ଅଭିଯୁକ୍ତ ହେଉଛି ପ୍ରଶାନ୍ତ କୁମାର ମଲ୍ଲିକ।



ସୂଚନା ଅନୁସାରେ, ପ୍ରଶାନ୍ତ ୨୦୨୨ ଜୁନ୍ ମାସରୁ ବାଲିଚନ୍ଦ୍ରପୁର ଏସବିଆଇ ଶାଖାରେ ସିନିଅର୍ ଆସୋସିଏଟ୍ ତଥା କ୍ୟାସ୍ ଇନଚାର୍ଜ ଭାବେ କାମ କରୁଥିଲେ। ସେ ବଣିଆ ସହ ମିଶି ସୁନା ଓ ଆବଶ୍ୟକୀୟ କାଗଜପତ୍ର ଯାଞ୍ଚ କରିବା, ସୁନା ମୂଲ୍ୟାଙ୍କନ କରି ଋଣ ସୁପାରିଶ କରିବା ଦାୟିତ୍ୱରେ ଥିଲେ। ଏଥିସହିତ ଋଣ କାଗଜପତ୍ର ଓ ବନ୍ଧକ ସୁନାଗହଣା ଗୁଡ଼ିକୁ ସର୍ଭିସ ମ୍ୟାନେଜରଙ୍କ ସହ ମିଶି ହେପାଜତରେ ରଖିବା ତାଙ୍କ ଦାୟିତ୍ୱ ଥିଲା। ବାଲେଶ୍ୱର ଏସବିଆଇ ଶାଖାର ମୁଖ୍ୟ ପରିଚାଳକ ମନୋରମା ରାଉତ ଗତବର୍ଷ ନିୟମିତ ପରିଦର୍ଶନରେ ଆସିଥିବା ବେଳେ ପ୍ରଶାନ୍ତ ସୁନା ଋଣ ଫାଇଲ୍ ଦେଖାଇ ପାରିନଥିଲେ। ଏମିତିକି କାହାରିକୁ କିଛି ନ ଜଣାଇ ହଠାତ୍ ବ୍ୟାଙ୍କରୁ ଫେରାର ହୋଇ ଯାଇଥିଲେ।

ପ୍ରଶାନ୍ତଙ୍କ ଏପରି କାର୍ଯ୍ୟକଳାପରେ ସନ୍ଦେହ ହେବାରୁ ବ୍ୟାଙ୍କ ପକ୍ଷରୁ ଆଭ୍ୟନ୍ତରୀଣ ଅନୁସନ୍ଧାନ କରାଯାଇ ସବିଶେଷ ତଥ୍ୟ ଏକାଠି କରାଯାଇଥିଲା। ପ୍ରଶାନ୍ତ ଡଞ୍ଚକତା କରି ୧୦୫ଟି ସୁନା ଋଣ ସୁପାରିଶ କରିଥିଲେ ବୋଲି ଅନୁସନ୍ଧାନରୁ ଜଣାପଡ଼ିଥିଲା। ୩୧ଟି ଆକାଉଣ୍ଟରେ ନକଲି ସୁନା ରଖି ଋଣ ଦିଆଯାଇଥିବା ବେଳେ ୭୪ଟି ଆକାଉଣ୍ଟଧାରୀ ବିନା କୌଣସି ସୁନାରେ ସୁନା ଋଣ ନେଇଥିବା କଥା ସାମ୍ନାକୁ ଆସିଥିଲା। ସେଥିରେ ଋଣ ସମ୍ବନ୍ଧୀୟ କାଗଜପତ୍ର ଓ ବଣିଆ ରିପୋର୍ଟ ମଧ୍ୟ ନଥିବାବେଳେ କେତେକ

- ଜାଲିଆତି କରି ୧୦୫ ଜଣଙ୍କୁ ଋଣ ଦେଇଥିଲେ
- ୩୧ ଆକାଉଣ୍ଟରେ ନକଲି ସୁନା; ୭୪ଟିରେ ସୁନା ହିଁ ନାହିଁ

କାଗଜପତ୍ରରେ ଋଣ ଗ୍ରହିତାଙ୍କର ଦସ୍ତଖତ ଜାଲିଆତି ହୋଇଥିବା କଥା ପଦାକୁ ଆସିଥିଲା। ଏମିତିକି ଋଣ ଟଙ୍କାକୁ ପ୍ରଶାନ୍ତ ପ୍ରତ୍ୟକ୍ଷ ଓ ପରୋକ୍ଷ ଭାବରେ ନିଜ ବ୍ୟାଙ୍କ୍ ଆକାଉଣ୍ଟକୁ ନେଇଥିବା ତଦନ୍ତ ବେଳେ ଜଣାପଡ଼ିଛି। ଏନେଇ ଏସବିଆଇ ପାରାଦୀପ ଆଞ୍ଚଳିକ ଶାଖାର ପରିଚାଳକ ପିୟୁଷ ରଞ୍ଜନ ସ୍ୱାଇଁ ଇଓଡବ୍ଲୁରେ ଅଭିଯୋଗ କରିଥିଲେ। ପ୍ରାୟ ୫ କୋଟି ୨୧ ଲକ୍ଷ ୪୨ ହଜାର ଟଙ୍କା ଋଣ ଠକେଇ ହୋଇଥିବା ସେ ଅଭିଯୋଗରେ ଦର୍ଶାଇଥିଲେ। ତାଙ୍କ ଅଭିଯୋଗ ଆଧାରରେ ଇଓଡବ୍ଲୁ ମାମଲା ରୁଜୁ କରିବା ସହ ଡିଏସପି ବର୍ଧୂଳିକା ବିଶ୍ୱାଳଙ୍କୁ ତଦନ୍ତ ଦାୟିତ୍ୱ ଦିଆଯାଇଥିଲା। ଶ୍ରୀମତୀ ବିଶ୍ୱାଳ ବୁଧବାର ପ୍ରଶାନ୍ତକୁ ଗିରଫ କରି ଓପିଆଇଡି କୋର୍ଟକୁ ଚାଲାଣ କରିଛନ୍ତି। ତା' ଠାରୁ ମୋବାଇଲ ଫୋନ, ବ୍ୟାଙ୍କ ପାସବୁକ୍, ଏଟିଏମ୍/କ୍ରେଡିଟ୍ କାର୍ଡ ଓ ଅନ୍ୟାନ୍ୟ ସାମଗ୍ରୀ ଜବତ ହୋଇଛି।

## ମେଗା ପାନୀୟ ଜଳ ପ୍ରକଳ୍ପ ନିର୍ମାଣର କଚ୍ଛପ ଗତି

# ୨୦୭ରୁ ମାତ୍ର ୩୦ଟିର ନିର୍ମାଣ ଶେଷ

ଭୁବନେଶ୍ୱର, ୨୨।୪ (ସମିସ): ଆଗାମୀ ୨୦୨୭ ମାର୍ଚ୍ଚ ମାସ ସୁଦ୍ଧା ସମସ୍ତ ମେଗା ପାନୀୟ ଜଳ ପ୍ରକଳ୍ପ ଶେଷ ହେବ। ଏହା ଦ୍ୱାରା ମୋଟ ୩୨,୨୩୩ ଟି ଗ୍ରାମକୁ ପାନୀୟ ଜଳ ସୁବିଧା ମିଳିବା ନେଇ ରାଜ୍ୟ ସରକାର ଲକ୍ଷ୍ୟ ଧାର୍ଯ୍ୟ କରିଛନ୍ତି। ମାତ୍ର ଅଦ୍ୟାବଧି ମୋଟ ୨୦୭ଟି ମେଗା ପାନୀୟ ଜଳ ପ୍ରକଳ୍ପ ମଧ୍ୟରୁ ମାତ୍ର ୩୦ଟିର ନିର୍ମାଣ ଶେଷ ହୋଇଛି। ସେହିପରି ୫୫ଟି ମେଗା ପ୍ରକଳ୍ପ ୯୦ ପ୍ରତିଶତରୁ ଅଧିକ ସରିଛି। ଏପରସ୍ଥିଳେ ମାତ୍ର ୧୧ ମାସ ମଧ୍ୟରେ ବଳକା ପ୍ରକଳ୍ପ ଯେ ନିର୍ମାଣ ସରିବ, ତାହାକୁ ନେଇ ସାଧାରଣରେ ସଂଶୟ ପ୍ରକାଶ ପାଇଲାଣି। ଏପରି କଚ୍ଛପ ଗତି ଯୋଗୁଁ ଧାର୍ଯ୍ୟ ସମୟ ମଧ୍ୟରେ ପ୍ରକଳ୍ପ କାର୍ଯ୍ୟ ଶେଷ ହେବା ପ୍ରାୟତଃ ଅସମ୍ଭବ ମନେ ହେଉଛି ବୋଲି ବିଶେଷଜ୍ଞ ମହଲରେ ମତପ୍ରକାଶ ପାଇଛି।

ବୁଧବାର ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ପକ୍ଷରୁ ଗ୍ରାମୀଣ ପାନୀୟ ଜଳ ଯୋଗାଣ ପ୍ରକଳ୍ପ ଅଗ୍ରଗତି ସମୀକ୍ଷା କରାଯାଇଥିଲା। ମୁଖ୍ୟ ଶାସନ ସଚିବ ଅନୁ ଗର୍ଗଙ୍କ ନିର୍ଦ୍ଦେଶ କ୍ରମେ ଲୋକସେବା ଭବନସ୍ଥିତ ସମ୍ମିଳନୀ କକ୍ଷରେ

**ଧାର୍ଯ୍ୟ ସମୟରେ ପ୍ରକଳ୍ପ ଶେଷ ହେବା ନେଇ ସାଧାରଣରେ ଆଶଙ୍କା**

**ସରକାରଙ୍କ ଦୃଢ଼ୋକ୍ତି, ଆସନ୍ତା ମାର୍ଚ୍ଚ ସୁଦ୍ଧା ସବୁ ପ୍ରକଳ୍ପ ଶେଷ ହେବ**

ବିଭାଗର କମିସନର ତଥା ଶାସନ ସଚିବ ଗିରୀଶ ଏସ୍. ଏନ୍. ରାଜ୍ୟରେ ଗ୍ରାମୀଣ ପାନୀୟ ଜଳ ଯୋଗାଣ ପ୍ରକଳ୍ପର ସ୍ଥିତି ଓ ଅଗ୍ରଗତି ସମୀକ୍ଷା କରିଥିଲେ। ମେଗା ପାଇପ ଜଳ ଯୋଗାଣ ପ୍ରକଳ୍ପ ସଂପୂର୍ଣ୍ଣ ପାଇଁ ରହୁଥିବା ବିଭିନ୍ନ ସମସ୍ୟାର ସମାଧାନ ପାଇଁ ନିୟମିତ ତଦାରଖ ଓ ଯୋଗାଯୋଗ ରଖିବାକୁ ସଂପୃକ୍ତ ବିଭାଗୀୟ ଯନ୍ତ୍ରୀମାନଙ୍କୁ ବୈଠକରେ ସଚିବ ନିର୍ଦ୍ଦେଶ ଦେଇଛନ୍ତି। ବୈଠକରେ ଗ୍ରାମାଞ୍ଚଳରେ ନିର୍ମାଣାଧୀନ ମେଗା ପାଇପ୍ ଜଳ ଯୋଗାଣ ପ୍ରକଳ୍ପ ଏବଂ ବିଭିନ୍ନ ଜଳ ଯୋଗାଣ ପ୍ରକଳ୍ପର ସାମ୍ପ୍ରତିକ ସ୍ଥିତି ଏବଂ ସେଗୁଡ଼ିକର କାର୍ଯ୍ୟକାରିତା ଉପରେ ବିସ୍ତୃତ ଆଲୋଚନା କରାଯାଇଥିଲା। ରାଜ୍ୟର ପ୍ରତିଟି ଗ୍ରାମୀଣ ପରିବାରକୁ ପାଇପ୍ ଯୋଗେ ଶୁଦ୍ଧ ପାନୀୟ ଜଳ ଯୋଗାଇ ଦେବା ପାଇଁ ସରକାରଙ୍କ ଲକ୍ଷ୍ୟ ରହିଛି ଏବଂ ଏ ଦିଗରେ ହୋଇଥିବା ଅଗ୍ରଗତିକୁ ବିଭାଗୀୟ ସଚିବ ଅନୁଧ୍ୟାନ କରିବା ସହ ବାକି ରହିଥିବା କାର୍ଯ୍ୟଗୁଡ଼ିକୁ ତ୍ୱରାନ୍ୱିତ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି।

ଅପରପକ୍ଷେ ତଥ୍ୟ ଅନୁଯାୟୀ ୧୯,୦୧୭ ଏକକ ଗ୍ରାମ ପାନୀୟ ଜଳ ପ୍ରକଳ୍ପ ମଧ୍ୟରୁ ୧୮୪୧୧ ପ୍ରକଳ୍ପ ଏବଂ ୮୫୯୯ ସୌର ଚାଳିତ ପାଇପ୍ ଯୋଗାଣ ପାନୀୟ ଜଳ ପ୍ରକଳ୍ପ ମଧ୍ୟରୁ ୬୧୪୬ଟି ପ୍ରକଳ୍ପ ସଂପୂର୍ଣ୍ଣ ହୋଇଛି। ଅବଶିଷ୍ଟ ପ୍ରକଳ୍ପ ଆଗାମୀ ଜୁନ୍ ୨୦୨୬ ସୁଦ୍ଧା ସରିବା ପାଇଁ ଲକ୍ଷ୍ୟ ରହିଛି। ଏସବୁର କାର୍ଯ୍ୟ ଶେଷ ପର୍ଯ୍ୟାୟରେ ପହଁଚିଛି ଏବଂ ଅଳ୍ପ କେତେକ ସମସ୍ୟାର ସମାଧାନ ହେବା ପରେ ପାନୀୟ ଜଳ ଯୋଗାଣ ସମ୍ଭବ ହେବ। ଗତ ୨ ବର୍ଷ ମଧ୍ୟରେ ୨୮,୭୫୦ଟି ନଳକୂପ ସ୍ଥାପନ କରାଯାଇଥିବା ନେଇ ବୈଠକରେ ସୂଚନା ଦିଆଯାଇଥିଲା। ଗ୍ରୀଷ୍ମ ମୁକାବିଲା ପାଇଁ ସମସ୍ତ ପାଇପ୍ ଯୋଗେ ପାନୀୟ ଜଳ ପ୍ରକଳ୍ପ, ସୌର ଚାଳିତ ପ୍ରକଳ୍ପ ଓ ନଳକୂପ ଗୁଡ଼ିକର ରକ୍ଷଣାବେକ୍ଷଣ କରାଯାଉଥିବା ସଂପର୍କରେ ବୈଠକରେ ଆଲୋଚନା କରାଯାଇଥିଲା। ଗ୍ରୀଷ୍ମ ଋତୁରେ ଲୋକମାନେ ଯେପରି ପାନୀୟ ଜଳର ସମସ୍ୟା ଭୋଗିବେ ନାହିଁ, ସେଥିପାଇଁ ବିଭାଗୀୟ ଅଧିକାରୀ ଓ ଯନ୍ତ୍ରୀମାନଙ୍କୁ ସ୍ୱତନ୍ତ୍ର ଦୃଷ୍ଟି ଦେବା ଏବଂ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବାକୁ ସଚିବ ପରାମର୍ଶ ଦେଇଛନ୍ତି।



ଏକାଠି ଖେଳିବେ ବାପ-ପୁଅ

▶ପୃଷ୍ଠା ୧୨ ଦେଖନ୍ତୁ...


◆ RNI REGD NO: 42041/83
◆ www.sakalaepaper.com
◆ /sakalanews
◆ /sakalanews
◆ www.thesakala.in

# ସକାଳ THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 43 ◆ISSUE-295 ◆THURSDAY ◆23 APRIL 2026 ◆PAGE-12 ◆₹ 7.00

◆ବର୍ଷ-୪୩ ◆ସଂଖ୍ୟା-୨୯୫ ◆ଗୁରୁବାର ◆୨୩ ଏପ୍ରିଲ୍ ୨୦୨୬ ◆ପୃଷ୍ଠା-୧୨ ◆ଟ.୭.୦୦


# ୬ ଘଣ୍ଟା ଭିଡ଼ରେ ଫସିଲା ୫୦ ହଜାର ଗାଡ଼ି

## ଜାତୀୟ ରାଜପଥରେ ଜଳିଗଲା ଟ୍ରକ୍; ପଦାରେ ପଡ଼ିଲା ପୁଲିସର ଅପାରଗତା

■ ଭୁବନେଶ୍ୱର, ୨୨।୪(ସମିସ): ଭୁବନେଶ୍ୱର-କଟକ ରାସ୍ତାର ପଳାଶୁଣି ନିକଟରେ ଆଜି ଅପରାହ୍ନ ପ୍ରାୟ ୩ଟା ବେଳେ ହୁତୁହୁତୁ କରି ଜଳିଗଲା ଗୋଟିଏ ଗାଡ଼ି। କଟକ ପଟୁ ଆସୁଥିବାବେଳେ ପଳାଶୁଣି ଗଙ୍ଗୁଆ ନାଳ ସେତୁ ନିକଟରେ ଏକ ଟ୍ରକରେ ନିଆଁ ଲାଗି ଯାଇଥିଲା। ଏହି ସମୟରେ ଗାଡ଼ିର ତେଲ ଟାଙ୍କି ଫାଟିଯିବାରୁ ତେଲ ରାସ୍ତା ଉପରେ ବୋହି ସେଥିରେ ବି ନିଆଁ ଧରିଥିଲା। ଟ୍ରକ୍ ସହ ରାସ୍ତା ଉପରେ ବୋହୁଥିବା ତେଲ ବି ହୁତୁହୁତୁ ଜଳିବାରେ ଲାଗିଲା। ଖବର ପାଇ କିଛି ସମୟ ପରେ ଅଗ୍ନିଶମ ବାହିନୀ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲା। ଏହି ଅଗ୍ନିକାଣ୍ଡରେ ଗାଡ଼ିର ଡ୍ରାଇଭର ଓ ହେଲ୍‌ପର ଅଳ୍ପକେ ବର୍ତ୍ତି ଯାଇଥିଲେ। ମାତ୍ର ଗାଡ଼ିରୁ ନିଆଁ ଲିଭାଇବା ପରେ ଆରମ୍ଭ ହୋଇଥିଲା ଅସଲ ସମସ୍ୟା। ରାସ୍ତା ଉପରୁ ପୋଡ଼ା ଗାଡ଼ିକୁ ହଟାଇବାରେ ପୁଲିସର ଅପାରଗତା ଯୋଗୁଁ କଟକ-ଭୁବନେଶ୍ୱର ରାସ୍ତା ସହ ଭୁବନେଶ୍ୱର-ପୁରୀ ରାସ୍ତାରେ ଆଜି ସୃଷ୍ଟି ହୋଇଥିଲା ଭୟଙ୍କର ଟ୍ରାଫିକ୍ ପରିସ୍ଥିତି। ଦୀର୍ଘ ୬ ଘଣ୍ଟା ଧରି ଜାତୀୟ ରାଜପଥ ଜାମ୍ ହୋଇ ଯାଇଥିଲା। ପଳାଶୁଣିରୁ ଆରମ୍ଭ ହୋଇଥିବା ଜାମ୍ ବଢ଼ିବଢ଼ି ଶେଷରେ କଟକ ପର୍ଯ୍ୟନ୍ତ ଲମ୍ବିଥିଲା ଓ କଟକ-ଭୁବନେଶ୍ୱର ରାସ୍ତାର ଗୋଟିଏ ପାଶ୍ୱର୍ ପୁରା ଅବରୋଧ ହୋଇ ଯାଇଥିଲା। ସ୍କୁଟର, ମୋଟରସାଇକେଲଠାରୁ ଆରମ୍ଭ କରି ବସ୍, ଟ୍ରକ୍, ଅଟୋ, ଏପରିକି ଦୁଇ ଡ଼ଜନ ଆମ୍ବୁଲାନ୍ସ ବି ଭିଡ଼ରେ ଫଶି ଯାଇଥିଲେ।



ରାଜରାସ୍ତା ଉପରେ ଜଳି ଯାଇଥିବା ଟ୍ରକ୍‌କୁ ଉଠାଇବା ପାଇଁ କମିଶନରେଟ୍ ପୁଲିସର ଅକଲ ଗୁଡୁମ୍ ହୋଇଗଲା। ଟ୍ରାଫିକ୍ କନଷ୍ଟେବଲଠାରୁ ଆରମ୍ଭ କରି ଟ୍ରାଫିକ୍‌ର ଆଇଆଇସି, ଏସିପି, ଡ଼ିସିପି ଏପରିକି ପୁଲିସ କମିଶନର ପର୍ଯ୍ୟନ୍ତ ରାସ୍ତା ଖୋଲିବା ପାଇଁ ମୁଣ୍ଡ ପୁରାଇଦେଲେ। ତଥାପି ରାସ୍ତା ଉପରୁ ଟ୍ରକ୍‌ଟିକୁ ହଟାଯାଇ ପାରିଲା ନାହିଁ। ଟ୍ରାଫିକ୍ ଅଧିକାରୀମାନେ ଭଡାରେ ଆଣିବାକୁ କ୍ରେନ୍ ଖୋଜିଲେ, ମାତ୍ର ୨ ଘଣ୍ଟା ଖୋଜାଖୋଜି ▶ପୃଷ୍ଠା-୭



୧୬ ଆମ୍ବୁଲାନ୍ସରେ ଫସିଲେ ରୋଗୀ; ଭିଡ଼ରେ ଆକ୍ତାମାକ୍ତା ଯାତ୍ରୀ

ଅଭାବ ସମୟରେ ଧୂଆଁ ହୋଇଗଲା ଲକ୍ଷାଧିକ ଲିଟର ତେଲ

# ବଢ଼ିଲା ଯୁଦ୍ଧବିରତି ଅବଧି

## ୩୬ରୁ ୭୨ ଘଣ୍ଟା ମଧ୍ୟରେ ଦ୍ୱିତୀୟ ପର୍ଯ୍ୟାୟ ଆଲୋଚନା: ଟ୍ରମ୍ପ

■ ୱାସିଂଟନ/ଇସଲାମାବାଦ, ୨୨।୪ (ଏଜେନ୍ସି): ଇରାନ ଓ ଆମେରିକା ମଧ୍ୟରେ ୧୫ ଦିନିଆ ଯୁଦ୍ଧ ବିରତି ଆଜି ଶେଷ ହୋଇଥିବା ବେଳେ ଏହାର ଅବଧିକୁ ଅନିର୍ଦ୍ଦିଷ୍ଟ କାଳ ପାଇଁ ବୃଦ୍ଧି କରିବାକୁ ଘୋଷଣା କରିଛନ୍ତି ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ। ଶାନ୍ତି ଆଲୋଚନା ଫଳପ୍ରଦ ନହେବା ପର୍ଯ୍ୟନ୍ତ ଯୁଦ୍ଧବିରତି ଜାରି ରହିବ। ଏହି ସମୟରେ ଦୁଇ ଦେଶ ମଧ୍ୟରେ ସାମରିକ ସଂଘର୍ଷ ହେବ ନାହିଁ, ତେବେ ହର୍ମୁଜରେ ଆମେରିକାର ନୌସେନା ଅବରୋଧ ଜାରି ରହିବ। ଆମେରିକାର ଏଭଳି ଆଭିମୁଖ୍ୟକୁ ନେଇ ଇରାନ ଭୀଷଣ ପ୍ରତିକ୍ରିୟା ପ୍ରକାଶ କରିବା ସହିତ ହର୍ମୁଜରେ କେତେକ ଜାହାଜ ଉପରେ ଗୁଳିମାଡ଼ କରିଥିବାର ଖବର ମିଳିଛି। ହର୍ମୁଜରେ ଇରାନ ଓ ଆମେରିକା ସାମରିକ ରୂପେ ମୁହାଁମୁହିଁ ଅବସ୍ଥାକୁ ଆସିଥିବା ବେଳେ ଆଜି ସନ୍ଧ୍ୟାରେ ରାଷ୍ଟ୍ରପତି ଟ୍ରମ୍ପ ଭଲ



ଆମେରିକା ସେନାର ହର୍ମୁଜ ଅବରୋଧ ଜାରି

ତୈଳ ଜାହାଜ ଉପରେ ଗୁଳିମାଡ଼ କରୁଛି ଇରାନ

ଖବର ଦେଇଛନ୍ତି। ଆସନ୍ତା ୩୬ରୁ ୭୨ ଘଣ୍ଟା ମଧ୍ୟରେ ଇରାନ ଓ ଆମେରିକା ମଧ୍ୟରେ ଦ୍ୱିତୀୟ ପର୍ଯ୍ୟାୟ ଶାନ୍ତି ଆଲୋଚନା ହେବ ଏବଂ ଏହି ବୈଠକ ପାକିସ୍ତାନ ରାଜଧାନୀ ଇସଲାମାବାଦରେ ହେବ। ଏହି ସୂଚନା ଦେଇ ଟ୍ରମ୍ପ କହିଛନ୍ତି ଯେ ଆଲୋଚନାକୁ ଫେରିବା ଲାଗି ଇରାନକୁ ମଧ୍ୟସ୍ଥି ରାଜି କରାଇଛନ୍ତି।

ଯୁଦ୍ଧବିରତି ଶେଷ ହେବାମାତ୍ରେ ଇରାନ ଉପରେ ଆକ୍ରମଣ ପାଇଁ ଧମକ ଦେଇଥିବା ଟ୍ରମ୍ପ ଶେଷ ମୁହୂର୍ତ୍ତରେ ନିଜ ନିଷ୍ପତ୍ତି ବଦଳାଇ ଶାନ୍ତି ଆଲୋଚନା ପାଇଁ ପଥ ପ୍ରଶସ୍ତ କରିଛନ୍ତି। ପାକିସ୍ତାନର ପ୍ରଧାନମନ୍ତ୍ରୀ ।।ଶେହବାଜ ସରିଫ ଏବଂ ସେନା ମୁଖ୍ୟ ଜେନେରାଲ ଆସିମ ମୁନୀରଙ୍କ ଅନୁରୋଧ କ୍ରମେ ଟ୍ରମ୍ପ ଏହି ନିଷ୍ପତ୍ତି ନେଇଥିବା ସୋସିଆଲ ମିଡିଆ ମାଧ୍ୟମରେ ଜଣାଇଛନ୍ତି। ଇରାନର ଶାସନ ବ୍ୟବସ୍ଥାରେ ଦେଖାଦେଇଥିବା ଅସ୍ଥିରତା ଯୋଗୁଁ ସେମାନଙ୍କୁ ଏକ ସର୍ବସମ୍ମତ ପ୍ରସ୍ତାବ ପ୍ରସ୍ତୁତ କରିବା ପାଇଁ ଅଧିକ ସମୟ ଦେବାକୁ ଟ୍ରମ୍ପ ଉଚିତ ମନେ କରିଛନ୍ତି। ଟ୍ରମ୍ପ କହିଛନ୍ତି, ଇରାନର ନେତୃତ୍ୱ ବର୍ତ୍ତମାନ ବିଭାଜିତ, ତେଣୁ ସେମାନେ ଏକ ସ୍ପଷ୍ଟ ପ୍ରସ୍ତାବ ନେଇ ଆସିବା ପର୍ଯ୍ୟନ୍ତ ଆମେରିକା ସେନା ସତର୍କ ରହିବ, କିନ୍ତୁ ଆକ୍ରମଣ କରିବ ନାହିଁ।

ଅନ୍ୟପକ୍ଷରେ ଯୁଦ୍ଧବିରତି ଘୋଷଣା ହୋଇଥିଲେ ହେଁ ସ୍ଥିତି ସମ୍ପୂର୍ଣ୍ଣ ଶାନ୍ତ ପଡ଼ିନାହିଁ। ଆମେରିକା ପକ୍ଷରୁ ଇରାନର ବନ୍ଦରଗୁଡ଼ିକୁ ଘେରାବନ୍ଦୀ କରି ରଖାଯାଇଥିବା ବେଳେ ଇରାନ ମଧ୍ୟ ହର୍ମୁଜ ପ୍ରଣାଳୀକୁ ବନ୍ଦ କରିଦେଇଛି। ଇତିମଧ୍ୟରେ ଆମେରିକା ନୌସେନା ଏକ ସନ୍ଦେହଜନକ ଜାହାଜକୁ ଜବତ କରିଥିବା ସୂଚନା ମିଳିଛି। ଅନ୍ୟପଟେ ଇରାନ ଚେତାବନୀ ଦେଇଛି ଯେ, ଯଦି ପଡୋଶୀ ଆରବ ଦେଶଗୁଡ଼ିକ ନିଜ ଭୂଖଣ୍ଡକୁ ଆମେରିକାର ଆକ୍ରମଣ ପାଇଁ ବ୍ୟବହାର କରିବାକୁ ଅନୁମତି ଦିଅନ୍ତି, ତେବେ ସମଗ୍ର ମଧ୍ୟପ୍ରାଚ୍ୟରେ ତୈଳ ଉତ୍ପାଦନ ବନ୍ଦ କରିଦିଆଯିବ।

ଟ୍ରମ୍ପଙ୍କ ଏହି ଶେଷ ମୁହୂର୍ତ୍ତର 'ୟୁ-ଟର୍ଣ୍ଣ' ବିଶ୍ୱକୁ ଏକ ସମ୍ଭାବ୍ୟ ବୃହତ ଯୁଦ୍ଧରୁ ସାମୟିକ ଭାବେ ରକ୍ଷା ▶ପୃଷ୍ଠା-୭

# ପଶ୍ଚିମ ବଙ୍ଗ, ତାମିଲନାଡୁ ବିଧାନସଭା ଭୋଟ ଆଜି

## ୮୬ ଆସନ, ୫୫୦୦ ପ୍ରାର୍ଥୀ, ୯.୪ କୋଟି ମତଦାତା

## ପଶ୍ଚିମ ବଙ୍ଗରେ ଅଭୂତପୂର୍ବ ସୁରକ୍ଷା ବ୍ୟବସ୍ଥା

■ କୋଲକାତା/ଚେନ୍ନାଇ, ୨୨।୪ (ଏଜେନ୍ସି): ଆସନ୍ତାକାଲି ୨୩ ତାରିଖରେ ତାମିଲନାଡୁ ବିଧାନସଭାର ସମସ୍ତ ୨୩୪ଟି ଆସନ ଏବଂ ପଶ୍ଚିମ ବଙ୍ଗରେ ପ୍ରଥମ ପର୍ଯ୍ୟାୟ।।ରେ ୧୫୨ଟି ବିଧାନସଭା ଆସନ।।ରେ ମତଦାନ ହେବାକୁ ଯାଉଛି। ଦୁଇ ରାଜ୍ୟରେ ମୋଟ୍ ୩୮୬ଟି ଆସନରେ ହେଉଥିବା କାଲିର ନିର୍ବାଚନରେ ୯ କୋଟି ୪୦ ଲକ୍ଷ ମତାଦାତା ୫ ହଜାର ୫୦୦ ପ୍ରାର୍ଥୀଙ୍କ ଭାଗ୍ୟ ନିର୍ଣ୍ଣୟ କରିବେ। ମତଦାନ ପାଇଁ ସବୁପ୍ରକାର ପ୍ରସ୍ତୁତି ଶେଷ ହୋଇଛି ଏବଂ ସୁରକ୍ଷା ବ୍ୟବସ୍ଥାକୁ ମଧ୍ୟ କଡ଼ାକଡ଼ି କରାଯାଇଛି। ପଶ୍ଚିମ ବଙ୍ଗରେ ଅଭୂତପୂର୍ବ ସୁରକ୍ଷା ବ୍ୟବସ୍ଥା କରାଯାଇଛି। ରାଜ୍ୟରେ ଅଢ଼େଇ ଲକ୍ଷ ।।କେନ୍ଦ୍ରୀୟ ସୁରକ୍ଷା ଯବାନଙ୍କୁ ମୁତୟନ କରାଯାଇଛି।

ପଶ୍ଚିମବଙ୍ଗ ବିଧାନସଭା ପାଇଁ ପ୍ରଥମ ପର୍ଯ୍ୟାୟରେ ଆସନ୍ତାକାଲି ୧୫୨ଟି ଆସନରେ ମତଦାନ ହେବାକୁ ଯାଉଥିବା ବେଳେ ତିନି କୋଟି ୬୦ ଲକ୍ଷ ଭୋଟର ସେମାନଙ୍କର ମତାଧିକାର ସାବ୍ୟସ୍ତ କରିବାକୁ ଯାଉଛନ୍ତି। ପ୍ରଥମ ପର୍ଯ୍ୟାୟରେ ବିଭିନ୍ନ ଦଳର ୧୪୭୮ ଜଣ ପ୍ରାର୍ଥୀ ପ୍ରତିଦ୍ୱନ୍ଦ୍ୱିତା କରୁଛନ୍ତି। ବିବାଦୀୟ ଏସ୍‌ଆଇଆର ମଧ୍ୟରେ ହେଉଥିବା ଏହି ନିର୍ବାଚନରେ ମୁଖ୍ୟ ମୁକାବିଲା ମମତା ବାନାର୍ଜୀଙ୍କ ତୃଣମୂଳ କଂଗ୍ରେସ ଏବଂ ବିଜେପି ମଧ୍ୟରେ ହେଉଛି। କ୍ରମାଗତ ଭାବେ ଚତୁର୍ଥ ଥର କ୍ଷମତାରେ ରହିବା ଲାଗି ମମତା ବାନାର୍ଜୀ ଉଦ୍ୟମ ଚଳାଇଥିବା ବେଳେ ତାଙ୍କୁ ହଟାଇବା ଲାଗି ବିଜେପି ନେତୃତ୍ୱ ସମସ୍ତ ଶକ୍ତି ଖଟାଇଦେଇଛି। ନିର୍ବାଚନକୁ ନେଇ ସାରା ରାଜ୍ୟରେ ପରିସ୍ଥିତି ସରଗରମ ରହିଥିବା ବେଳେ ଯେକୌଣସି ଅପ୍ରୀତିକର ପରିସ୍ଥିତିକୁ ଏଡ଼ାଇବା ଲାଗି ବ୍ୟାପକ ସଂଖ୍ୟାରେ କେନ୍ଦ୍ରୀୟ ନିରାପତ୍ତା ବାହିନୀର ଯବାନମାନଙ୍କୁ ମୁତୟନ କରାଯାଇଛି। ପ୍ରଥମ ପର୍ଯ୍ୟାୟ ଲାଗି କେନ୍ଦ୍ରୀୟ ସଶସ୍ତ୍ର ପୁଲିସ ଫୋର୍ସର ୨୪୦୦ କଂପାନୀ ଅର୍ଥାତ ଅଢ଼େଇ ଲକ୍ଷ ଯବାନଙ୍କୁ ମୁତୟନ କରାଯାଇଛି। ସ୍ୱାଧୀନ ଭାରତର ନିର୍ବାଚନ ▶ପୃଷ୍ଠା-୭

## ରାଜ୍ୟ କ୍ୟାବିନେଟରେ ୮ ପ୍ରସ୍ତାବକୁ ଅନୁମୋଦନ

# ଓଡ଼ିଶା ସିଟି ଗ୍ୟାସ୍ ବିତରଣ ନୀତିକୁ ମଞ୍ଜୁରୀ

- କାଠଯୋଡ଼ିରେ ୧୫୮.୮୮ କୋଟିର ଦ୍ୱିତୀୟ ସେତୁ ଟେଣ୍ଡରକୁ ମଞ୍ଜୁରୀ
- ଭାରତୀୟ ଷ୍ଟାମ୍ପ ଅଧିନିୟମ, ୧୮୯୯ରେ ସଂଶୋଧନ ପାଇଁ ଆସିବ ଅଧ୍ୟାଦେଶ
- ଲୋକସେବା ଅଧିକାର ନିୟମାବଳୀ, ୨୦୧୨ ସଂଶୋଧନ ପ୍ରସ୍ତାବକୁ ମୋହର

■ ଭୁବନେଶ୍ୱର, ୨୨।୪ (ସମିସ): ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ବୁଧବାର ଅନୁଷ୍ଠିତ ରାଜ୍ୟ କ୍ୟାବିନେଟ ବୈଠକରେ ୮ ବିଭାଗର ୮ଟି ପ୍ରସ୍ତାବ ଉପରେ ମୋହର ବାଜିଛି। ପ୍ରମୁଖ ପ୍ରସ୍ତାବ ମଧ୍ୟରେ ରାଜ୍ୟରେ ସ୍ୱଚ୍ଛ ଶକ୍ତି ଭିତ୍ତିଭୂମି ପ୍ରୋତ୍ସାହନ: ଓଡ଼ିଶା ସିଟି ଗ୍ୟାସ୍ ବିତରଣ ନୀତିକୁ କ୍ୟାବିନେଟ ମଞ୍ଜୁରୀ ପ୍ରଦାନ କରିଛି। ଏହି ନୀତି ଅନୁଯାୟୀ ସାରା ରାଜ୍ୟରେ ପାଇପ୍‌ଡ ନାଚୁରାଲ ଗ୍ୟାସ୍(ପିଏନ୍‌ଜି) ଏବଂ କମ୍ପ୍ରେସ୍‌ଡ ନାଚୁରାଲ୍ ଗ୍ୟାସ୍(ସିଏନ୍‌ଜି) ଭିତ୍ତିଭୂମିର ସମ୍ପ୍ରସାରଣ ତ୍ୱରାନ୍ୱିତ ହେବ।

ବୈଠକ ପରେ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ ଏନେଇ ବିସ୍ତୃତ ସୂଚନା ପ୍ରଦାନ କରିଛନ୍ତି। ଏହି ନୀତିର ପ୍ରମୁଖ ବୈଶିଷ୍ଟ ଅନୁଯାୟୀ ପିଏନଜି ଏବଂ ସିଏନଜି ଭିତ୍ତିଭୂମି ପାଇଁ ଏକ ସ୍ପଷ୍ଟ ତଥା ଦକ୍ଷ ▶ପୃଷ୍ଠା-୭

## ମାଆ-ପୁଅଙ୍କୁ ଦଳିଦେଲା ଦନ୍ତା

■ ନରସିଂହପୁର/ହିନ୍ଦୋଳ, ୨୨।୪ (ସମିସ): କଟକ ଜିଲ୍ଲା ନରସିଂହପୁର ବ୍ଲକ ଅଧୀନ ଦେବଭୂଇଁ ନୂଆଗାଁ ଗ୍ରାମରେ ଘଟିଛି ଏକ ହୃଦୟବିଦାରକ ଘଟଣା। ହାତୀ ଆକ୍ରମଣରେ ମାଆ ଓ ଶିଶୁପୁତ୍ରର ଜୀବନ ଯାଇଛି। ମିଳିଥିବା ସୂଚନା ଅନୁଯାୟୀ, ବୁଧବାର ନରସିଂହପୁର ବନାଞ୍ଚଳର ସେରମୁଣ୍ଡା ବିଟ ନୂଆଗାଁ ଅଞ୍ଚଳର ବଂଶୀଧର ନାଏକଙ୍କ ପତ୍ନୀ ସସ୍ମିତା ନାଏକ (୩୦) ଓ ପୁଅ ପ୍ରିୟାଂଶୁ (୬) ନିଜ ବାଡ଼ିପଟକୁ ଯାଇଥିଲେ। ଏତିକି ବେଳେ ଏକ ଜଙ୍ଗଲୀ ହାତୀ ସେମାନଙ୍କୁ ଆକ୍ରମଣ କରିଥିଲା। ସସ୍ମିତାଙ୍କ ତଣ୍ଟି ଏବଂ ପୁଅର ମୁଣ୍ଡରେ ଶକ୍ତ ଆଘାତ ଲାଗିଥିବା ବେଳେ ଉଭୟଙ୍କୁ ହାତୀଟି ଗୁରୁତୁର ▶ପୃଷ୍ଠା-୭


SIKSHA 'O' ANUSANDHAN

SAAT-2026

Empowering students for a brighter future

B.TECH PROGRAMMES IN EMERGING COMPUTING
- Computer Science and Engineering (AI and ML)
- Computer Science and Engineering (Cyber Security)
- Computer Science and Engineering (Data Science)
- Computer Science and Engineering (Internet of Things)

APPROVAL & RECOGNITIONS
- Approved by UGC and AICTE
- Re-accredited by NAAC with A++ Grade
- Granted with Category-1 Graded Autonomy by UGC
- NBA Accredited Programmes

NIRF INDIA RANKINGS 2025
- 15th Best in University Category
- 22nd Best in Engineering Category

INTERNATIONAL RANKINGS 2026
- Ranked in QS World Rankings 2026
- Ranked in Times World Rankings 2026

To apply for admission through SAAT, Please visit: www.soa.ac.in


# ଜଳୁଛି ଓଡ଼ିଶା

## ଝାରସୁଗୁଡ଼ା ଦେଶର ସବୁଠୁ ଉତ୍ତପ୍ତ ସହର

- ୨୫ ସହରରେ ତାପମାତ୍ରା ୪୦ ଡିଗ୍ରୀ ଉପରେ
- ତାତି ଛୁଇଁଲା ୪୪.୬ ଡିଗ୍ରୀ, ରାଜଧାନୀରେ ୪୦ ପାର୍
- ଆହୁରି ୪ ଦିନ କଲବଲ କରିବ ତାତି ଓ ଗୁଳୁଗୁଳି

■ ଭୁବନେଶ୍ୱର, ୨୨।୪ (ସମିସ): ରାଜ୍ୟରେ ତାପମାତ୍ରା ଦୃଷ୍ଟାନ୍ତମୂଳକ ଭାବେ ବଢ଼ି ଚାଲିଛି। ସାରା ରାଜ୍ୟରେ ତାତି ଓ ଗୁଳୁଗୁଳି ଅସ୍ତବ୍ୟସ୍ତ କରିଛି। ଗତ ଦୁଇ ଦିନ ତୁଳନାରେ ଆଜି ହଠାତ୍ ୨ରୁ ୩ ଡିଗ୍ରୀ ପର୍ଯ୍ୟନ୍ତ ତାପମାତ୍ରା ବୃଦ୍ଧି ପାଇବା ଫଳରେ ରାଜ୍ୟର ୨୫ଟି ସହରରେ ତାପମାତ୍ରା ୪୦ ଡିଗ୍ରୀ ପାର୍ କରିଛି। ଏହାସହିତ ୪୪.୬ ଡିଗ୍ରୀ ତାପମାତ୍ରା ସହ ଝାରସୁଗୁଡ଼ା ଦେଶର ସବୁଠୁ ଉତ୍ତପ୍ତ ସହର ପାଲଟିଛି। ଝାରସୁଗୁଡ଼ାକୁ ଲଗାଇ ମୋଟ୍ ୭ ଟି ସହରରେ ତାପମାତ୍ରା ୪୨ ଡିଗ୍ରୀ ଉପରେ ରହିଥିବା ବେଳେ ୫ ଟି ସହରରେ ତାପମାତ୍ରା ୪୩ ଡିଗ୍ରୀ ଉପରେ ରହିଛି। ଏହାସହିତ ଚଳିତ ବର୍ଷ ପ୍ରଥମ ଥର ପାଇଁ ରାଜଧାନୀ ଭୁବନେଶ୍ୱରରେ ମଧ୍ୟ ତାତି ୪୦ ଡିଗ୍ରୀ ଅତିକ୍ରମ କରିଛି। ପାଣିପାଗ କେନ୍ଦ୍ରର ସୂଚନା ଅନୁଯାୟୀ ବୁଧବାର ଦିନ ଅଢ଼େଇଟା ସୁଦ୍ଧା ରାଜ୍ୟର ଅଧିକାଂଶ ସ୍ଥାନରେ ତାପମାତ୍ରା ୪୦ ଡିଗ୍ରୀ ଅତିକ୍ରମ କରିଯାଇଥିଲା। ଆଭ୍ୟନ୍ତରୀଣ ଓଡ଼ିଶାରେ ଅଧିକ ତାତି ହେତୁ ଦେହ ହାତ ଜଳି ପୋଡ଼ି ଯିବା ଭଳି ଅନୁଭବ ହେବା ସହ ଉପକୂଳ ଓଡ଼ିଶାରେ କିଛି କିଛି ମାତ୍ରାରେ ଆର୍ଦ୍ରତା ଯୋଗୁଁ ପ୍ରବଳ ଗୁଳୁଗୁଳି ଜନଜୀବନକୁ ଅସ୍ତବ୍ୟସ୍ତ କରିଥିଲା। ଅତ୍ୟଧିକ ତାତି ଅନୁଭୂତ ହୋଇଥିବା ସହର ମଧ୍ୟ ରେ ତାଳଚେରରେ ତାପମାତ୍ରା ୪୩.୫ ଡିଗ୍ରୀ ରେକର୍ଡ ହୋଇଥିବା ବେଳେ ସମ୍ବଲପୁରରେ ୪୩.୩, ହୀରାକୁଦରେ ୪୩.୨ ଓ ଅନୁଗୋଳରେ ତାପମାତ୍ରା ୪୩.୧ ଡିଗ୍ରୀ ରେକର୍ଡ କରାଯାଇଛି। ଅନ୍ୟପଟେ ଆସନ୍ତା ୩ରୁ ୪ ଦିନ ଭିତରେ ତାପମାତ୍ରାରେ ଆହୁରି ବୃଦ୍ଧି ଆଶଙ୍କା ରହିଛି। ରାଜ୍ୟରେ ୨୦-୨୫ ତାରିଖ ମଧ୍ୟରେ ପ୍ରଖର ତାତି ▶ପୃଷ୍ଠା-୭

### ସଂସଦରେ ସୀମା ପୁନଃନିର୍ଦ୍ଧାରଣ ବିଲ୍ ଉପସ୍ଥାପନ ପ୍ରସଙ୍ଗ

# ଓଡ଼ିଶାର ସ୍ୱାର୍ଥ ବିରୋଧରେ ଭୋଟ ଦେଲେ ବିଜେପିର ୨୦ ସାଂସଦ: ସ୍ନେହାଙ୍ଗିନୀ

ଭୁବନେଶ୍ୱର,୨୨।୪(ସମିସ): ନିକଟରେ ଲୋକସଭାର ସ୍ୱତନ୍ତ୍ର ଅଧିବେଶନରେ କାଟ୍ ଖାଇଥିବା ବିଲ୍‌କୁ ନେଇ ବିଜେଡିକୁ ମହିଳା ବିରୋଧୀ କହି ବିଜେପି ଦୋଷାରୋପ କରିବା ଅତ୍ୟନ୍ତ ଦୁର୍ଭାଗ୍ୟଜନକ ଓ ରାଜନୈତିକ ଉଦ୍ଦେଶ୍ୟପ୍ରଣୋଦିତ ବୋଲି ମହିଳା ବିଜେଡି ସଭାପତି ସ୍ନେହାଙ୍ଗିନୀ ଛୁରିଆ କହିଛନ୍ତି। ଏହି ବିଧେୟକଗୁଡିକ ମହିଳା ସଂରକ୍ଷଣ ପାଇଁ ଉଦ୍ଦିଷ୍ଟ ନ ଥିଲା; ବରଂ ଏହା ସୀମା ପୁନଃ ନିର୍ଦ୍ଧାରଣ ସଂକ୍ରାନ୍ତ ସମ୍ବିଧାନ ସଂଶୋଧନ ବିଲ୍ ଥିଲା। ତେଣୁ ମହିଳା ସଂରକ୍ଷଣ ବିଲ୍‌କୁ ବିଜେଡି ବିରୋଧ କରୁଥିବା କଥା ସମ୍ପୂର୍ଣ ମିଛ ଓ ଭିତ୍ତିହୀନ ବୋଲି ଶ୍ରୀମତୀ ଛୁରିଆ କହିଛନ୍ତି। ଅପରପକ୍ଷେ ଓଡ଼ିଶାର ସ୍ୱାର୍ଥକୁ ହାନୀ କରୁଥିବା ବିଲ୍‌କୁ ନେଇ ଆମ ନେତା ନବୀନ ପଟ୍ଟନାୟକ ମୁଖ୍ୟମନ୍ତ୍ରୀ ଏବଂ ରାଜ୍ୟର ସମସ୍ତ ସାଂସଦଙ୍କୁ ଚିଠି ଲେଖିଥିଲେ। ଏହା ବିରୋଧରେ ସ୍ୱର ଉତ୍ତୋଳନ କରିବାକୁ ଆହ୍ୱାନ ଦେଇଥିଲେ। ଏହାସତ୍ତ୍ୱେ ଦୁର୍ଭାଗ୍ୟର ବିଷୟ ଓଡ଼ିଶାର ୨୦ ଜଣ ବିଜେପି ସାଂସଦ ନିରବଦ୍ରଷ୍ଟା ସାଜି ବିଲ୍ ସପକ୍ଷରେ ଭୋଟ ଦେଲେ। ଏହା ଅତ୍ୟନ୍ତ ନିନ୍ଦନୀୟ। ଓଡ଼ିଶା ବିରୋଧୀ ଷଡ଼ଯନ୍ତ୍ରରେ ଭାଗିଦାରୀ ଥିବା ବିଜେପି ସାଂସଦମାନଙ୍କୁ ଓଡ଼ିଶାବାସୀ କେବେ କ୍ଷମା ଦେବେନାହିଁ ବୋଲି ସେ କହିଛନ୍ତି।

ସାମାଜିକ ଗଣମାଧ୍ୟମରେ ଏନେଇ ଉଲ୍ଲେଖ କରି ଶ୍ରୀମତୀ ଛୁରିଆ କହିଛନ୍ତି ଯେ ନାରୀଶକ୍ତି ବନ୍ଦନ ଅଧିନିୟମ -୨୦୨୩' ବିଲ ସେପ୍ଟେମ୍ବର ୨୦ ତାରିଖ ୨୦୨୩ ମସିହାରେ ସଂସଦରେ ସର୍ବସମ୍ମତି କ୍ରମେ ଅନୁମୋଦନ ହୋଇ ଆଇନ ହୋଇସାରିଛି। ବିଜେଡିର ସମସ୍ତ ସାଂସଦ ନବୀନ ବାବୁଙ୍କ ନିର୍ଦ୍ଦେଶ ମୁତାବକ ନିଃସର୍ତ୍ତରେ ବିଲ୍‌କୁ ସମର୍ଥନ କରିଥିଲେ। କିନ୍ତୁ ସରକାର ଏହାକୁ ୨୦୨୪ ସାଧାରଣ ନିର୍ବାଚନରେ ବିଭିନ୍ନ ଆଳ ଦେଖାଇ ଲାଗୁ କଲେନାହିଁ। ତାହା ଲାଗୁ



■ ମହିଳା ସଂରକ୍ଷଣ ବିଲ୍‌କୁ ଢାଲ କରି ସୀମା ନିର୍ଦ୍ଧାରଣ ବିଲ୍ ପାରିତ କରିବାକୁ ଚାହୁଁଥିଲା ବିଜେପି
■ ବିଜେଡିକୁ ମହିଳା ବିରୋଧୀ କହିବା ଦୁର୍ଭାଗ୍ୟଜନକ ଓ ରାଜନୈତିକ ଉଦ୍ଦେଶ୍ୟପ୍ରଣୋଦିତ
■ ଲୁକ୍କାୟିତ ହୀନ ରାଜନୀତି ବିଜେପିର ଅସଲମୁଖାକୁ ପଦାରେ ପକାଇଛି
■ ବିଜେପିର କୁମ୍ଭୀରକାନ୍ଦଣା ଓ ମିଛ ପ୍ରହସନକୁ ମା', ଭଉଣୀ ଆଉ ବିଶ୍ୱାସ କରିବେନି

ହୋଇଥିଲେ ଆଜି ୫୪୩ ଆସନ ବିଶିଷ୍ଟ ଲୋକସଭାରେ ୧୮୧ଜଣ ମହିଳା ସାଂସଦ ରହିଥା'ନ୍ତେ। ଆସନ ସଂଖ୍ୟା ବଢ଼ି ୮୫୦ ହେଲେ ଯାଇଁ ମହିଳାଙ୍କୁ ସଂରକ୍ଷଣ ଦିଆଯିବ, ଯାହାକି ବିଜେପିର ମହିଳା ବିରୋଧୀ ମାନସିକତାକୁ ସୂଚିତ କରୁଛି। ଜାତି ଜନଗଣନା ବିନା ପୁନଃ ସୀମା ନିର୍ଦ୍ଧାରଣ ବା ଡିଲିମିଟେସନକୁ ବିଜେଡି ବିରୋଧ କରିଛି। ଯଦି ଏପରି ହୁଏ ତାହେଲେ ଆମର ଅନୁସୂଚିତ ଜାତି, ଜନଜାତି ଓ ଓବିସି ବର୍ଗର ଭଉଣୀମାନେ ତାଙ୍କର ପ୍ରତିନିଧିତ୍ୱ ହରାଇବେ। ଏହି ଭଉଣୀମାନଙ୍କୁ ସେମାନଙ୍କ ଅଧିକାର ଦେବା ବିଜେଡିର ଆଭିମୁଖ୍ୟ, ଯେଉଁଥିପାଇଁ ଜାତିଭିତ୍ତିକ ଜନଗଣନା କରିବାକୁ ବିଜେଡି ଆରମ୍ଭରୁ ଦାବି କରି ଆସୁଥିଲା। ଏହି ବିଲ୍ ଓଡ଼ିଶାର ସ୍ୱାର୍ଥ ବିରୋଧୀ ଥିଲା। ଏହା ପାରିତ ହୋଇଥିଲେ ଜାତୀୟ ସ୍ତରରେ ଓଡ଼ିଶାର ରାଜନୈତିକ ପ୍ରତିନିଧିତ୍ୱ ୧୫ ପ୍ରତିଶତ ହ୍ରାସ ପାଇଥା'ନ୍ତା। ସେହିପରି ଲୋକସଭାରେ ଆମ ଭାଗିଦାରୀ ୩.୯ ପ୍ରତିଶତରୁ କମିଯାଇ ୩.୪ ପ୍ରତିଶତକୁ ଖସି ଆସିଥାନ୍ତା ବୋଲି ସେ କହିଛନ୍ତି।

ସେ ଆହୁରି ମଧ୍ୟ କହିଛନ୍ତି ଯେ ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକ ଓ ତାଙ୍କ ସୁପୁତ୍ର ନବୀନ ବାବୁ ମହିଳା ସଶକ୍ତୀକରଣର ଅଗ୍ରଦୂତ ଅଟନ୍ତି। ଆଜିଠୁ ତିନି ଦଶନ୍ଧି ପୂର୍ବେ ବିଜୁବାବୁ ୧୯୯୨ ମସିହାରେ ତ୍ରିସ୍ତରୀୟ ପଞ୍ଚାୟତ ଓ ପୌର ସଂସ୍ଥାରେ ୩୩ ପ୍ରତିଶତ ସଂରକ୍ଷଣ ମହିଳାଙ୍କ ପାଇଁ ଲାଗୁକରି ଭାରତରେ ଉଦାହରଣ ସୃଷ୍ଟି କରିଥିଲେ। ତାଙ୍କ ସୁପୁତ୍ର ନବୀନ ବାବୁ ଏହାକୁ ୫୦ ପ୍ରତିଶତ ବୃଦ୍ଧି କରି ମହିଳା ସଶକ୍ତୀକରଣଙ୍କୁ ନୂତନ ଦିଗ ଦେଇଛନ୍ତି। ଲୋକସଭା ଓ ବିଧାନସଭାରେ ମଧ୍ୟ ୩୩ ପ୍ରତିଶତ ମହିଳାଙ୍କୁ ପ୍ରତିନିଧିତ୍ୱର ସୁଯୋଗ ଦେଇ ଭାରତବର୍ଷରେ ଇତିହାସ ସୃଷ୍ଟି କରିଛନ୍ତି। ଏପରିକି ଏହି ସଂରକ୍ଷଣକୁ ନିଶ୍ଚିତ କରିବାକୁ ନବୀନ ବାବୁ ଦେଶବ୍ୟାପି ଅଭିଯାନର ନେତୃତ୍ୱ ନେଇଥିଲେ। ଦେଶର ପ୍ରମୁଖ ୨୨ଟି ରାଜନୈତିକ ଦଳକୁ ବିଜେଡି ପ୍ରତିନିଧି ଦଳ ଭେଟିଥିବା ବେଳେ ଏହାକୁ କେହି ଅସ୍ୱୀକାର କରିପାରିବେ ନାହିଁ। କିନ୍ତୁ ୨୦୨୩ ରେ ପାସ୍ ହୋଇଥିବା ମହିଳା ସଂରକ୍ଷଣ ବିଲ୍‌କୁ ଢାଲ କରି ସୀମା ନିର୍ଧାରଣ ବିଲ୍‌କୁ ପାରିତ କରିବାର ଲୁକ୍କାୟିତ ହୀନ ରାଜନୀତି ଆଜି ବିଜେପିର ଅସଲମୁଖାକୁ ପଦାରେ ପକାଇଛି। ଏଥିରୁ ବର୍ତ୍ତିବା ପାଇଁ ମହିଳାଙ୍କ ସହାନୁଭୂତି ଗୋଟାଇ ସଂପ୍ରତି ଚାଲିଥିବା ରାଜ୍ୟ ବିଧାନସଭା ନିର୍ବାଚନରେ ଭୋଟ ହାତେଇବାକୁ ବିଜେପି ଏବେ ବିରୋଧୀଦଳଙ୍କ ଉପରେ ଦୋଷ ଲଦୁଛି। ମହିଳାଙ୍କ ସୁରକ୍ଷା, ସାମ୍ବିଧାନିକ ଅଧିକାର କଥା କହି ଭ୍ରମିତ କରୁଥିବା ବିଜେପିର କୁମ୍ଭୀରକାନ୍ଦଣା, ମିଛ ପ୍ରହସନକୁ ଆଉ ମା, ଭଉଣୀମାନେ ବିଶ୍ୱାସ କରିବେ ନାହିଁ ବୋଲି ସେ ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି।

---

■ କେସିସି ବ୍ୟାଙ୍କର କୋଟିଏରୁ ଊର୍ଦ୍ଧ୍ୱ ଟଙ୍କା ହଡ଼ପ

## ଶାଖା ପରିଚାଳକ ନିଲମ୍ବିତ

**ଥାନାରେ ମାମଲା**

ମାଲକାନଗିରି, ୨୨।୪(ସମିସ): ମାଲକାନଗିରି କେସିସି ବ୍ୟାଙ୍କ୍‌ର ପୂର୍ବତନ ବ୍ରାଞ୍ଚ ମ୍ୟାନେଜର ଶୁଭେନ୍ଦୁ ଖରା ବ୍ୟାଙ୍କର ୧ କୋଟି ୭ ଲକ୍ଷ ୭୫ ହଜାର ଟଙ୍କା ହଡ଼ପ କରିଥିବା ନେଇ ମାଲକାନଗିରି ଥାନାରେ ଅଭିଯୋଗ ହୋଇଛି। ଅଭିଯୋଗ ଅନୁଯାୟୀ, ପୋଟେରୁ ଓ ମାଲକାନଗିରି ଲ୍ୟାମ୍ପ୍‌ସରେ ହିତାଧିକାରୀ ମାନେ ଋଣ ଖାତା ଓ ସେଭିଙ୍ଗ ଏକାଉଣ୍ଟରେ ନିଜ ନିଜର ଟଙ୍କା ଜମା କରିଆସୁଥିଲେ। ଏହି ସବୁ ଟଙ୍କା ମୁଖ୍ୟ ଶାଖା କୋରାପୁଟ କେନ୍ଦ୍ରୀୟ ସମବାୟ ସମିତି ବା କେସିସି ବ୍ୟାଙ୍କ୍‌କୁ ଆସିଥିଲା। ହେଲେ ଏହି ଟଙ୍କାକୁ ଉପରିସ୍ଥ ବ୍ୟାଙ୍କରେ ଜମା ନ କରି ପୂର୍ବତନ ବ୍ରାଞ୍ଚ ମ୍ୟାନେଜର ଶୁଭେନ୍ଦୁ ଖରା ନିଜ ଆକାଉଣ୍ଟକୁ ନେଇ ଯାଇଥିଲେ। ଫଳରେ ହିତାଧିକାରୀ ମାନେ ବାରମ୍ବାର ନିଜ ଜମା ଅର୍ଥ ଫେରସ୍ତ ପାଇଁ ସମବାୟ ସମିତିର ମୁଖ୍ୟଙ୍କୁ ଏବାବଦରେ ଅଭିଯୋଗ କରି ଆସୁଥିଲେ। ଅଭିଯୋଗ ପାଇବା ପରେ ସମବାୟ ସମିତିର ମୁଖ୍ୟ ଏହାର ତଦନ୍ତ କରିବା ସହ ଅର୍ଥ ହେରଫେର ମାମଲାରେ ଶୁଭେନ୍ଦ୍ର ଖରାଙ୍କୁ ନିଲମ୍ବିତ କରିଛନ୍ତି। ବ୍ୟାଙ୍କ୍‌ର ଜମାରାଶି ହେରଫେରକୁ ନେଇ ସମବାୟ ସମିତି ପକ୍ଷରୁ ଆଜି ଶ୍ରୀ ଖରାଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଲାଗି ମାଲକାନଗିରି ଆଦର୍ଶ ଥାନାରେ ଏତଲା ଦିଆଯାଇଛି। ଏହାକୁ ନେଇ ପୁଲିସ ପକ୍ଷରୁ ତଦନ୍ତ ଆରମ୍ଭ ହୋଇଥିବା ଥାନା ଅଧିକାରୀ ରିଗାନ କିଣ୍ଡୋ ସୂଚନା ଦେଇଛନ୍ତି।

## ଭିଜିଲାନ୍ସ ଜାଲରେ ସିଡିଏମ୍‌ପିଏଚଓ କାର୍ଯ୍ୟାଳୟର ସେକ୍ସନ ଅଫିସର



**ଜିଏନ୍ଏମ୍ ଟ୍ରେନିଂ ସ୍କୁଲ ଶିକ୍ଷକଙ୍କଠାରୁ ନେଉଥିଲେ ଲାଞ୍ଚ**

ଝାରସୁଗୁଡା,୨୨।୪(ସମିସ): ଝାରସୁଗୁଡା ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ(ସିଡିଏମ୍‌ପିଏଚଓ)ଙ୍କ କାର୍ଯ୍ୟାଳୟର ଜଣେ ସେକ୍ସନ ଅଫିସର ଲାଞ୍ଚ ନେଉଥିବା ବେଳେ ଭିଜିଲାନ୍ସ ଜାଲରେ ପଡ଼ିଛନ୍ତି। ଅଭିଯୁକ୍ତ ସେକ୍ସନ ଅଫିସର ଜଣକ ହେଲେ ଅନୀତ କୁମାର ଗୁରୁ। ଜଣେ ଜିଏନଏମ୍ ଟ୍ରେନିଂ ସ୍କୁଲର ଶିକ୍ଷକଙ୍କଠାରୁ ୨,୫୦୦ ଟଙ୍କା ଲାଞ୍ଚ ନେଉଥିବା ବେଳେ ଭିଜିଲାନ୍ସ ଟିମ୍ ଚଢ଼ଉ କରିଥିଲା। ସୂଚନାନୁଯାୟୀ, ୨୦୨୬-୨୭ ଶିକ୍ଷାବର୍ଷ ପାଇଁ ଜିଏନଏମ୍ ଛାତ୍ରଛାତ୍ରୀଙ୍କୁ ପିଏଚସି ଓ ସିଏଚସିସ୍ତରରେ ପ୍ରାୟୋଗିକ ପ୍ରଶିକ୍ଷଣ ଦେବାକୁ ଅନୁମତି ପାଇଁ ଜିଏନଏମ୍ ଟ୍ରେନିଂ ସ୍କୁଲର ଶିକ୍ଷକ ଜଣକ ଆବେଦନ କରିଥିଲେ। ଏହି କାମ ପାଇଁ ଅଭିଯୁକ୍ତ ସେକ୍ସନ ଅଫିସର ଟଙ୍କା ଦାବି କରିଥିବା ଅଭିଯୋଗ ହୋଇଥିଲା। ଏହାକୁ ନେଇ ଶିକ୍ଷକ ଜଣକ ଭିଜିଲାନ୍ସ ବିଭାଗ ନିକଟରେ ଅଭିଯୋଗ କରିଥିଲେ। ପୂର୍ବ ଯୋଜନାମୁତାବକ ଭିଜିଲାନ୍ସ ଟିମ୍ ଆଜି ଚଢ଼ଉ କରି ଟଙ୍କା ଗ୍ରହଣ ସମୟରେ ଅଭିଯୁକ୍ତଙ୍କୁ ଧରିବା ସହ ଲାଞ୍ଚ ଟଙ୍କା ଜବତ କରିଥିଲା। ଏନେଇ ରାଉରକେଲା ଭିଜିଲାନ୍ସ ଏକ ମାମଲା ରୁଜୁ କରି ଦୁର୍ନୀତି ନିବାରଣ ଆଇନ ଅନୁଯାୟୀ ତଦନ୍ତ ଜାରି ରଖିଛି। ଅଭିଯୁକ୍ତଙ୍କ ଅନ୍ୟାନ୍ୟ ସ୍ଥାନରେ ସମ୍ପତ୍ତି ରହିଥିବା ନେଇ ତଦନ୍ତ ଜାରି ରହିଥିବା ଜଣାପଡ଼ିଛି।

## ବାଇକ ଦୁର୍ଘଟଣାରେ କେନ୍ଦୁଝର ପୌରାଧ୍ୟକ୍ଷାଙ୍କ ପୁଅ ମୃତ

କେନ୍ଦୁଝର, ୨୨।୪(ସମିସ): ବୁଧବାର ରାତି ୯.୧୫ଟା ସମୟରେ କେନ୍ଦୁଝର ପୌରାଧ୍ୟକ୍ଷା ତଥା ବିଜେପି ନେତ୍ରୀ ନିକୁ ସାହୁଙ୍କ ପୁଅଙ୍କର ସଡ଼କ ଦୁର୍ଘଟଣାରେ ମୃତ୍ୟୁ ହୋଇଛି। ଘଟଣାଟି ସାରା କେନ୍ଦୁଝରରେ ଶୋକାକୁଳ ପରିବେଶ ସୃଷ୍ଟି କରିଥିବାବେଳେ ମେଡିକାଲ ଏକପ୍ରକାର ଲୋକାରଣ୍ୟ ହୋଇ ଉଠିଛି। ସୂଚନା ଅନୁସାରେ, କେନ୍ଦୁଝର ସହର ସନ୍ନିକଟ ବାଂପାର ନିକଟରେ ଏକ ଘରୋଇ ସ୍କୁଲ୍ ବସ୍ ଧକ୍କାରେ ବାଇକ ଆରୋହୀ ଦୀପକ ସାହୁଙ୍କ ମୃତ୍ୟୁ ହୋଇଛି। ସେ ଭୁବନେଶ୍ୱର ସାଇ ଇଣ୍ଟର୍‌ନ୍ୟାସନାଲ କଲେଜରେ ଯୁକ୍ତ ୨ ଶ୍ରେଣୀରେ ଅଧ୍ୟୟନ କରୁଥିଲେ। ମୃତ ଦୀପକ ସାହୁ ଏକ ବୁଲେଟ୍‌ରେ ସହରକୁ ଆସୁଥିବାବେଳେ ଏହି ଦୁର୍ଘଟଣା ଫଳରେ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ହୋଇଛି। ମୃତକ କେନ୍ଦୁଝର ମୁନିସିପାଲିଟି ଅଧ୍ୟକ୍ଷା ନିକୁ ସାହୁ ଓ କେନ୍ଦୁଝରର ଜଣାଶୁଣା ବ୍ୟବସାୟୀ ଜିତୁ ସାହୁଙ୍କ ପୁତ୍ର।

---

### ଚୂଡ଼ାନ୍ତ ପର୍ଯ୍ୟାୟରେ ସ୍ଥାନଗୁଡ଼ିକର ଇଂରାଜୀ ବନାନ ସଂଶୋଧନ ପ୍ରକ୍ରିୟା

## ପ୍ରତିଭା ରାୟଙ୍କ କମିଟି ସୁପାରିସ ଆଧାରରେ ମତାମତ ଲୋଡ଼ିଲେ ସରକାର

ଭୁବନେଶ୍ୱର,୨୨।୪(ସମିସ): ରାଜ୍ୟର ବିଭିନ୍ନ ସ୍ଥାନର ଓଡ଼ିଆ ଉଚ୍ଚାରଣ ଅନୁଯାୟୀ ଇଂରାଜୀ ବନାନ ସଂଶୋଧନ ସମ୍ବନ୍ଧରେ ଜାରି ରହିଥିବା ପ୍ରକ୍ରିୟା ଚୂଡ଼ାନ୍ତ ପର୍ଯ୍ୟାୟରେ ପହଞ୍ଚିଛି। ରାଜସ୍ୱ ପକ୍ଷରୁ ଏନେଇ ସାର୍ବଜନୀନ ସୂଚନା ଜାରି କରାଯାଇଛି। ବିଭାଗ ପକ୍ଷରୁ ପକ୍ଷରୁ ପୂର୍ବ ପ୍ରକାଶିତ ସାର୍ବଜନୀନ ବିଜ୍ଞପ୍ତି ମାଧ୍ୟମରେ ରାଜ୍ୟର ବିଭିନ୍ନ ଜିଲ୍ଲା, ଜିଲ୍ଲା ସଦର ମହକୁମା, ଉପଖଣ୍ଡ, ତହସିଲ୍ ଏବଂ ବ୍ଲକଗୁଡ଼ିକର ସରକାରୀ ଭାବେ ବ୍ୟବହୃତ ଇଂରାଜୀ ନାମ ଯଦି ମୂଳ ଓଡ଼ିଆ ନାମର ଅପଭ୍ରଂଶ ହୋଇଥାଏ, ତେବେ ସେଗୁଡିକର ମୂଳ ଓଡ଼ିଆ ନାମର ପୁନରୁଦ୍ଧାର ପାଇଁ ସର୍ବସାଧାରଣ ଏବଂ ଜନପ୍ରତିନିଧିମାନଙ୍କଠାରୁ ପରାମର୍ଶ ତଥା ପ୍ରସ୍ତାବ ଆହ୍ୱାନ କରାଯାଇଥିଲା। ଏହି କ୍ରମରେ ରାଜ୍ୟର ଜନପ୍ରତିନିଧିଗଣ ଏବଂ ସାଧାରଣ ନାଗରିକମାନଙ୍କଠାରୁ ଅନେକ ପ୍ରସ୍ତାବ ଓ ପରାମର୍ଶ ସରକାରଙ୍କୁ ମିଳିଥିଲା। ଏହି ପ୍ରସ୍ତାବ ପ୍ରାପ୍ତ ପରେ ବିଶିଷ୍ଟ ଓଡ଼ିଆ ସାହିତ୍ୟିକା ପଦ୍ମଭୂଷଣ ଡଃ ପ୍ରତିଭା ରାୟଙ୍କ ଅଧ୍ୟକ୍ଷତାରେ ଗଠିତ ଏକ କମିଟି ଦ୍ୱାରା ସମୀକ୍ଷା କରାଯାଇଥିଲା। ଏହାପରେ କମିଟି ପକ୍ଷରୁ ସୁପାରିଶ୍ ହୋଇଥିବା ପ୍ରସ୍ତାବଗୁଡ଼ିକୁ ସର୍ବସାଧାରଣଙ୍କ ଅବଗତି ନିମନ୍ତେ ପୁଣିଥରେ ସରକାର ଜାରି କରିଛନ୍ତି। ଏଥିରେ ମୋଟ୍ ୨୩ ଟି ଜିଲ୍ଲାର ୫୮ ଟି ସ୍ଥାନର ନାମ ସଂଶୋଧନ ପାଇଁ ପ୍ରକାଶିତ ବିଜ୍ଞପ୍ତିରେ ଦର୍ଶାଯାଇଛି। ପ୍ରକାଶିତ ବିଜ୍ଞପ୍ତିକୁ ଆଧାର କରି ଆସନ୍ତା ୧ ମାସ ମଧ୍ୟରେ ମତାମତ ଓ ପରାମର୍ଶ ଆହ୍ୱାନ କରାଯାଇଛି। ଉକ୍ତ ପ୍ରସ୍ତାବଗୁଡ଼ିକ ଉପରେ ଜନପ୍ରତିନିଧିମାନେ ଏବଂ ଜନସାଧାରଣ ସେମାନଙ୍କର ମତାମତ ତଥା ସୁଚିନ୍ତିତ ପରାମର୍ଶ ଏପ୍ରିଲ୍ ୨୨ ତାରିଖଠାରୁ ଏକ ମାସ ମଧ୍ୟରେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ, ଲୋକସେବା ଭବନ, ଭୁବନେଶ୍ୱର - ୭୫୧୦୦୧ ଠିକଣାରେ ପତ୍ର କିମ୍ବା ଇ-ମେଲ୍ ମାଧ୍ୟମରେ ପ୍ରେରଣ କରିବାକୁ ବିଭାଗ ପକ୍ଷରୁ ଅନୁରୋଧ କରାଯାଇଛି। ଏହି ପରିପ୍ରେକ୍ଷୀରେ ରାଜ୍ୟସରକାରଙ୍କ ନିଷ୍ପତ୍ତି କ୍ରମେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଡଃ ଅରବିନ୍ଦ ପାଢ଼ୀ ରାଜ୍ୟର ସମସ୍ତ ସାଂସଦ, ବିଧାନସଭାର ସଚିବଙ୍କ ମାଧ୍ୟମରେ ବିଧାୟିକା/ବିଧାୟକ ଏବଂ ସମସ୍ତ ଜିଲ୍ଲାର ଜିଲ୍ଲାପାଳଙ୍କୁ ଚିଠି ଲେଖିଛନ୍ତି।

---

**ଲେବର କାର୍ଡ ସହାୟତାରେ ସରକାରୀ ଅର୍ଥଲୁଟ୍ ଉଦ୍ୟମ**

## ସନ୍ଦେହଘେରରେ ୩୩୪ ବିବାହ ପ୍ରମାଣପତ୍ର

ବାଲେଶ୍ୱର,୨୨।୪(ସମିସ): ବାଲେଶ୍ୱର ଜିଲ୍ଲା ଜଳେଶ୍ୱର ବ୍ଲକ୍‌ରେ ବିବାହ ପ୍ରମାଣପତ୍ର ପ୍ରଦାନ ନାମରେ ୧.୬୭ କୋଟି ସରକାରୀ ଧନ ଲୁଟିବାକୁ ସୁଚିନ୍ତିତ ଷଡ଼ଯନ୍ତ୍ର ହୋଇଛି। ବଦଳି ପରେ ଦାୟିତ୍ୱମୁକ୍ତ ହୋଇଥିବା ଜଣେ ଅଧିକାରୀ ୫ ଦିନରେ ୩୩୪ ଜଣଙ୍କୁ ବିବାହ ପ୍ରମାଣପତ୍ର ପ୍ରଦାନ କରିଥିବା ଅଭିଯୋଗ ହୋଇଛି।

ଅଭିଯୋଗ ଅନୁସାରେ, ଗତ ୧୦ ନଭେମ୍ବର ୨୦୨୫ରେ ଜଳେଶ୍ୱର ବ୍ଲକ୍ ସାମାଜିକ ସୁରକ୍ଷା ତଥା ବିବାହ ପଞ୍ଜୀକରଣ ଅଧିକାରୀ ସାଲିମା ରାଉତଙ୍କ ବଦଳି ହୋଇଥିଲା। ସେ ଜଳେଶ୍ୱର ବ୍ଲକ୍‌ରୁ ରିଲିଭ୍ ହୋଇଥିବା ସତ୍ତ୍ୱେ ୧୭ରୁ ୨୧ ତାରିଖ ମଧ୍ୟରେ ୩୩୪ଟି ବିବାହ ପଞ୍ଜୀକରଣ କରି ସାର୍ଟିଫିକେଟ ପ୍ରଦାନ କରିଥିଲେ। ବ୍ଲକ କାର୍ଯ୍ୟାଳୟରେ ବିବାହିତ ଦମ୍ପତିଙ୍କ ଆବଶ୍ୟକ ଦସ୍ତାବିଜ ନ ଥିବାବେଳେ କେବଳ ରେଜିଷ୍ଟରରେ ଦସ୍ତଖତ କରାଇ କିପରି ବିବାହ ପ୍ରମାଣପତ୍ର ଜାରି ହେଲା ବୋଲି ସାଧାରଣରେ ପ୍ରଶ୍ନ ଉଠିଛି। ନିୟମ ମୁତାବକ ବିବାହ ପ୍ରମାଣପତ୍ର ପାଇବାକୁ ହେଲେ ଦମ୍ପତିଙ୍କ ମଧ୍ୟରୁ ବର କିମ୍ବା କନ୍ୟାର ଘର ସମ୍ପୃକ୍ତ ବ୍ଲକ୍‌ର ବାସିନ୍ଦା ହୋଇଥିବା ଆବଶ୍ୟକ। ମାତ୍ର ବାଲେଶ୍ୱର ସଦର, ବସ୍ତା, ବାଲିଆପାଳ, ଭୋଗରାଇ ବ୍ଲକ୍ ସହ ଅନ୍ୟ ଜିଲ୍ଲା ଓ ପଶ୍ଚିମବଙ୍ଗର ବ୍ୟକ୍ତିମାନଙ୍କୁ ଜଳେଶ୍ୱର ବ୍ଲକରୁ ବିବାହ ପଞ୍ଜୀକରଣ ପ୍ରମାଣପତ୍ର ପ୍ରଦାନ କରାଯାଇଛି। ଲେବର କାର୍ଡ ହିତାଧିକାରୀ ଓ ସେମାନଙ୍କ କନ୍ୟା ବିବାହ ନିମନ୍ତେ ସରକାରୀ ଯୋଜନାରେ ପ୍ରଦାନ କରାଯାଉଥିବା ଅର୍ଥ ହଡ଼ପ ପାଇଁ ଏପରି ଷଡ଼ଯନ୍ତ୍ର ହୋଇଥିବା ଏବଂ ଏହା ପଛରେ ଏକ ସିଣ୍ଡିକେଟ୍ କାମ କରୁଥିବା ମଧ୍ୟ ଅଭିଯୋଗ ହୋଇଛି।

ସରକାରୀ ଯୋଜନା ଅନୁସାରେ ଲେବର କାର୍ଡ ହିତାଧିକାରୀ ବା ତାଙ୍କର ଝିଅର ବିବାହ ନିମନ୍ତେ ୫୦ ହଜାର ଟଙ୍କା ଆର୍ଥିକ ସହାୟତା ଦିଆଯାଇଥାଏ। ତେଣୁ ୩୩୪ ନକଲି ପ୍ରମାଣପତ୍ର ବଳରେ ପ୍ରାୟ ୧.୬୭ କୋଟି ଟଙ୍କା ହଡ଼ପ ପାଇଁ ବିଧିବଦ୍ଧ ଯୋଜନା କରାଯାଇଛି। ଦଲାଲ ମାଧ୍ୟମରେ ଅନ୍ୟ ବ୍ଲକ୍ ଓ ଅନ୍ୟ ଜିଲ୍ଲାର ଲୋକଙ୍କୁ ଏହି ଯୋଜନାରେ ଯୋଡ଼ି ଟଙ୍କା ହାତେଇବା ପ୍ରୟାସ କରାଯାଇଛି। ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ବିବାହ ପ୍ରମାଣପତ୍ର ପ୍ରଦାନ କରାଯାଇଥିବା ଅଧିକାଂଶ ଦମ୍ପତିଙ୍କ ଘର ଜଳେଶ୍ୱର ବ୍ଲକ୍‌ରେ ନୁହେଁ ବୋଲି ମଧ୍ୟ ଅଭିଯୋଗ ହୋଇଛି। ଏହାପରେ ଜଳେଶ୍ୱର ବିଡ଼ିଓ ଘଟଣା ସମ୍ପର୍କରେ ଜିଲ୍ଲାପାଳଙ୍କୁ ଅବଗତ କରିଛନ୍ତି ଓ ତତ୍‌କାଳୀନ ବିବାହ ପଞ୍ଜିକରଣ ଅଧିକାରୀ ସାଲିମା ରାଉତଙ୍କୁ କାରଣ ଦର୍ଶାଅ ନୋଟିସ ଜାରି କରାଯାଇଥିବା ସୂଚନା ମିଳିଛି । ଏ ସମ୍ପର୍କରେ ସମ୍ପୃକ୍ତ ଅଧିକାରୀ ସାଲିମା ରାଉତଙ୍କ ସହ ଯୋଗାଯୋଗ କରାଯାଇଥିଲା ଓ ସେ ଏହି ଘଟଣା ସହ ତାଙ୍କର କୌଣସି ସମ୍ପୃକ୍ତି ନାହିଁ ବୋଲି କହିଛନ୍ତି।

---

## ସାନଭାଇର ଟାଙ୍ଗିଆ ଚୋଟରେ ବଡ଼ ମୃତ

**ଅଭିଯୁକ୍ତ ଫେରାର**

ମୁନିଗୁଡା,୨୨।୪(ସମିସ): ମୁନିଗୁଡା ଥାନା ଅନ୍ତର୍ଗତ ନିୟମଗିରି ପାର୍ବତ୍ୟାଞ୍ଚଳର ଡଙ୍ଗରିଆ ଗାଁ ଗୋରଠାରେ ସାନଭାଇର ଟାଙ୍ଗିଆ ଚୋଟରେ ବଡ଼ଭାଇର ମୃତ୍ୟୁ ଘଟିଛି। ମୃତକ ଜଣକ ହେଲେ ଗୁଲଟା ଜାକାସିକା। ହତ୍ୟାକାଣ୍ଡ ପରେ ଅଭିଯୁକ୍ତ ସାନଭାଇ ଫେରାର୍ ହୋଇଯାଇଥିବା ଜଣାପଡ଼ିଛି।

ସୂଚନା ଅନୁଯାୟୀ, କୌଣସି କାରଣରୁ ସାନଭାଇ ଆଦୁ ଜାକାସିକା ସହ ତାଙ୍କର ଗଣ୍ଡଗୋଳ ହୋଇଥିଲା। ଏହି ଗଣ୍ଡଗୋଳ ଉତ୍ତେଜନାର ରୂପ ନେଇ ସାନଭାଇ ଟାଙ୍ଗିଆରେ ଆକ୍ରମଣ କରିଥିବା ଅଭିଯୋଗ ହୋଇଛି। ଟାଙ୍ଗିଆ ଚୋଟରେ ଘଟଣାସ୍ଥଳରେ ହିଁ ଗୁଲଟାଙ୍କ ମୃତ୍ୟୁ ଘଟିଛି। ଖବର ପାଇ ମୁନିଗୁଡା ପୁଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ପୁଲିସ ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ପାଇଁ ମୁନିଗୁଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଥିଲା। ବ୍ୟବଚ୍ଛେଦ ପରେ ମୃତଦେହକୁ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ହତ୍ୟାର ପ୍ରକୃତ କାରଣ ଅସ୍ପଷ୍ଟ ରହିଛି। ଫେରାର୍ ଅଭିଯୁକ୍ତଙ୍କୁ ଧରିବା ପାଇଁ ପୁଲିସ ପକ୍ଷରୁ ଚଢ଼ଉ ଜାରି ରହିଥିବା ମୁନିଗୁଡା ଥାନା ଅଧିକାରୀ କେଶବ ଷଡ଼ଙ୍ଗୀ ସୂଚନା ଦେଇଛନ୍ତି।

## ନନ୍ଦନକାନନରେ 'ଆଲବିନୋ' ରଣା ଦେଲା ୬ ଅଣ୍ଡା

ବାରଙ୍ଗ,୨୨।୪(ସମିସ): ନନ୍ଦନକାନନ ପ୍ରାଣୀ ଉଦ୍ୟାନରେ ଏକ ବିରଳ ଦୃଶ୍ୟ ଦେଖିବାକୁ ମିଳିଛି। ଗତ ଶନିବାର ଭଦ୍ରକରୁ ଉଦ୍ଧାର ହୋଇଆସିଥିବା ଏକ ବିରଳ "ଆଲବିନୋ' (ଧଳା) ରଣା ସାପ ମଙ୍ଗଳବାର ରାତିରେ ୬ଟି ଅଣ୍ଡା ଦେଇଛି। ଏହି ଖବର ପ୍ରଚାରିତ ହେବା ପରେ ନନ୍ଦନକାନନର କର୍ମଚାରୀ ଓ ପ୍ରାଣୀ ବିଜ୍ଞାନୀଙ୍କ ମହଲରେ ଖୁସିର ଲହରୀ ଖେଳିଯାଇଛି। ସୂଚନାଯୋଗ୍ୟ ଯେ ଭଦ୍ରକ ଜିଲ୍ଲା ବନ୍ତ ବ୍ଲକ୍‌ର ଛୁଆଳସିଂହ ଅଞ୍ଚଳରୁ ବନ ବିଭାଗ ପକ୍ଷରୁ ଏହି ସାପଟିକୁ ଉଦ୍ଧାର କରାଯାଇ ନନ୍ଦନକାନନକୁ ହସ୍ତାନ୍ତର କରାଯାଇଥିଲା। ସାପଟି ଏଠାକୁ ଆସିବା ପରେ ପ୍ରାଣୀ ଚିକିତ୍ସକମାନେ ତାର ସ୍ୱାସ୍ଥ୍ୟାବସ୍ଥା ଯାଞ୍ଚ କରିଥିଲେ। ଯାଞ୍ଚ ସମୟରେ ସାପ ପେଟରେ ୭ଟି ଅଣ୍ଡା ଥିବା ଡାକ୍ତରମାନେ ଜାଣିଥିଲେ। ମଙ୍ଗଳବାର ରାତିରେ ସାପଟି ୬ଟି ଅଣ୍ଡା ଦେଇଛି ଏବଂ ଅନ୍ୟ ଏକ ଅଣ୍ଡା ଦେବା ନେଇ ଆଶା କରାଯାଉଛି। ବର୍ତ୍ତମାନ ସାପଟିର ସ୍ୱାସ୍ଥ୍ୟବସ୍ଥା ଉପରେ ତୀକ୍ଷ୍ଣ ନଜର ରଖାଯାଇଛି। ସାପ ଓ ଅଣ୍ଡାଗୁଡ଼ିକୁ ଡାକ୍ତରମାନଙ୍କ ପ୍ରତ୍ୟକ୍ଷ ତତ୍ତ୍ୱବଧାନରେ ଏକ ନିରାପଦ ସ୍ଥାନରେ ରଖାଯାଇଛି। ସାଧାରଣ ରଣା ସାପଠାରୁ ଆଲବିନୋ ପ୍ରଜାତିର ସାପ ଖୁବ୍ କମ୍ ଦେଖିବାକୁ ମିଳୁଥିବାରୁ ଏହି ଅଣ୍ଡାଗୁଡ଼ିକରୁ ଛୁଆ ବାହାରିଲେ ଏହା ନନ୍ଦନକାନନ ପାଇଁ ଏକ ବଡ଼ ସଫଳତା ହେବ ବୋଲି କୁହାଯାଉଛି।

■ ରାଉରକେଲା ପୌର ନିଗମ ନିର୍ବାଚନ ପଥ ପରିଷ୍କାର

## ବିଜ୍ଞପ୍ତି ବିରୋଧରେ ଦାୟର ମାମଲା ହାଇକୋର୍ଟରେ ଖାରଜ

କଟକ,୨୨।୪(ସମିସ): ରାଉରକେଲା ପୌର ନିଗମ ନିର୍ବାଚନ ହେବ। ଏଥିପାଇଁ ଥିବା ଆଇନଗତ ବାଧା ଦୂର ହୋଇଛି। ରାଉରକେଲା ପୌର ନିଗମ ଗଠନ ସଂପର୍କିତ ବିଜ୍ଞପ୍ତିକୁ ଚାଲେଞ୍ଜ କରି ଦାୟର ଦୁଇ ମାମଲାକୁ ହାଇକୋର୍ଟ ଖାରଜ କରିଛନ୍ତି। ଏଥିସହିତ ଏ ସଂପର୍କିତ ୨୦୧୪, ନଭେମ୍ବର ୧୪ର ବିଜ୍ଞପ୍ତି ଉପରେ ରହିତାଦେଶ ଜାରି କରି ପୂର୍ବରୁ ପ୍ରଦାନ କରାଯାଇଥିବା ଅନ୍ତରୀଣ ନିର୍ଦ୍ଦେଶକୁ ହାଇକୋର୍ଟ ଉଠାଇ ଦେଇଛନ୍ତି। ୨୦୧୫ରୁ ବିଚାରାଧୀନ ଏ ସଂପର୍କିତ ଦୁଇ ମାମଲାକୁ ଜଷ୍ଟିସ ଆର.କେ.ପଟ୍ଟନାୟକଙ୍କୁ ନେଇ ଗଠିତ ଖଣ୍ଡପୀଠ ଖାରଜ କରିବା ସହିତ ପୂର୍ବର ଅନ୍ତରୀଣ ଆଦେଶ ଉଠାଇବାକୁ କହିଛନ୍ତି। ଏଥିସହିତ ରାଉରକେଲା ପୌର ନିଗମ ନିର୍ବାଚନ କରିବାକୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ମାମଲାର ବିବରଣୀରୁ ପ୍ରକାଶ ଯେ ରାଉରକେଲା ପୌର ପରିଷଦର ୩୩ଟି ୱାର୍ଡ ସହିତ କେତେକ ପଞ୍ଚାୟତକୁ ପୌର ନିଗମରେ ଅନ୍ତର୍ଭୁକ୍ତ କରି ୨୦୧୪, ନଭେମ୍ବର ୧୪ରେ ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ ବିଜ୍ଞପ୍ତି ପ୍ରକାଶ କରିଥିଲା। ନୂଆ କରି ସାମିଲ ହୋଇଥିବା କେତେକ ପଞ୍ଚାୟତର ବାସିନ୍ଦାଙ୍କ ତରଫରୁ ଏହି ବିଜ୍ଞପ୍ତିକୁ ବିରୋଧ କରି ୨୦୧୫ରେ ହାଇକୋର୍ଟରେ ଦୁଇଟି ମାମଲା ରୁଜୁ କରାଯାଇଥିଲା। ୨୦୧୫, ମାର୍ଚ୍ଚ ୨୬ରେ ହାଇକୋର୍ଟ ମାମଲାର ଶୁଣାଣି କରି ୨୦୧୪ର ବିଜ୍ଞପ୍ତି ଉପରେ ଅନ୍ତରୀଣ ରହିତାଦେଶ ଜାରି କରିଥିଲେ। ମାମଲା ବିଚାରାଧୀନ ଥିବା ବେଳେ ଅନ୍ତରୀଣ ରହିତାଦେଶ ପାଇଁ ରାଉରକେଲା ପୌର ନିଗମ ନିର୍ବାଚନ ହୋଇ ପାରୁ ନଥିଲା।

## ଜେଲ୍ ପାଚେରି ଡେଇଁ କଏଦୀ ଫେରାର

ଭବାନୀପାଟଣା,୨୨।୪(ସମିସ):କଳାହାଣ୍ଡି ଜିଲ୍ଲା ଭବାନୀପାଟଣାସ୍ଥିତ ଜିଲ୍ଲା କାରଗାର ପାଚେରି ଡେଇଁ ଜଣେ ବିଚାରଧୀନ କଏଦୀ ଫେରାର ହୋଇଯାଇଥିବା ଜଣାପଡିଛି। ଫେରାର କଏଦୀ ଜଣକ ଭବାନୀପାଟଣା ସଦର ଥାନା ଠେମେରା ଗ୍ରାମର ଜଗନ୍ନାଥ ଶବର। ମଙ୍ଗଳବାର ବିଳମ୍ବିତ ରାତିରେ ଘଟଣା ଘଟିଥିବା ସୂଚନା ମିଳିଛି ।ଅଭିଯୁକ୍ତ ଜଗନ୍ନାଥ ୩ଟି ଚୋରି ମାମଲାରେ ଗତ ୨ମାସ ତଳେ ଭବାନୀପାଟଣା ସଦର ଥାନା ପୁଲିସ ତାଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ତେବେ ଜାମିନ ମଞ୍ଜୁର ନ ହେବାରୁ ସେ ବିଚାର ଧୀନ କଏଦୀ ଭାବେ ଜେଲରେ ରହିଥିଲେ। କଏଦୀ ଫେରାର ହେବା ନେଇ ଜେଲ ଅଧୀକ୍ଷକ ସରୋଜ କୁମାର ବିଶ୍ୱାଳ ଭବାନୀପାଟଣା ଟାଉନ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଅଭିଯୋଗକୁ ଭିତ୍ତି କରି ପୁଲିସ କେସ ନଂ ୧୫୪/୨୬ରେ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଥିବା ଆଇଆଇସି ପ୍ରଦ୍ୟୁମ୍ନ ମହାପାତ୍ର ସୂଚନା ଦେଇଛନ୍ତି।

---

■ ଡେଣ୍ଟାଲ ସର୍ଜନ ନିଯୁକ୍ତି ଅନିୟମିତତାରେ ଅଦାଲତ ଆଦେଶ ଅବମାନନା

## ମୁଖ୍ୟ ସଚିବଙ୍କ ସମେତ ସମସ୍ତ ପ୍ରତିପକ୍ଷଙ୍କୁ ହାଇକୋର୍ଟଙ୍କ ନୋଟିସ

କଟକ,୨୨।୪(ସମିସ): ଓଡ଼ିଶା ଲୋକସେବା ଆୟୋଗ (ଓପିଏସ୍‌ସି) ପକ୍ଷରୁ ଗତ ୨୦୧୭-୨୮ ଡେଣ୍ଟାଲ୍ ସର୍ଜନ୍ ପଦ ପାଇଁ ଅନୁଷ୍ଠିତ ନିଯୁକ୍ତି ପ୍ରକ୍ରିୟାରେ ଅନିୟମିତତା ପ୍ରସଂଗରେ ଅଦାଲତଙ୍କ ପୂର୍ବ ନିର୍ଦ୍ଦେଶ ପାଳନ ହୋଇ ନଥିବା ଅଭିଯୋଗକୁ ହାଇକୋର୍ଟ ଗୁରୁତ୍ୱର ସହ ଗ୍ରହଣ କରିଛନ୍ତି। ଏହି ମାମଲାରେ ମୁଖ୍ୟ ଶାସନ ସଚିବଙ୍କ ସମେତ ସମସ୍ତ ପ୍ରତିପକ୍ଷଙ୍କୁ ପୁଲିସ ନୋଟିସ ଜାରି କରିଛନ୍ତି ହାଇକୋର୍ଟ। ଡା.ସଞ୍ଜୟ କୁମାର ପଣ୍ଡାଙ୍କ ରେଫରୁ ରୁଜୁ ଅଦାଲତ ଅବମାନନା ମାମଲାର ଶୁଣାଣି କରି ଜଷ୍ଟିସ ଦୀକ୍ଷିତ କ୍ରିଷ୍ଣା ଶ୍ରୀପଦ ଓ ଜଷ୍ଟିସ ଚିତ୍ତରଞ୍ଜନ ଦାଶଙ୍କୁ ନେଇ ଗଠିତ ଖଣ୍ଡପୀଠ ଏପରି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି। ପ୍ରତିପକ୍ଷଙ୍କୁ ଉକ୍ତ ନୋଟିସର ଜବାବ ଦୁଇ ସପ୍ତାହ ମଧ୍ୟରେ ଦାଖଲ କରିବାକୁ କହିଛନ୍ତି ଖଣ୍ଡପୀଠ। ସମ୍ପୃକ୍ତ ଜିଲ୍ଲା ଏସପି ବ୍ୟକ୍ତିଗତ ଭାବେ ଏହି ନୋଟିସ୍‌କୁ କାର୍ଯ୍ୟକାରୀ କରିବେ ଏବଂ ଏକ ସପ୍ତାହ ମଧ୍ୟରେ ହାଇକୋର୍ଟର ରେଜିଷ୍ଟ୍ରାର ଜେନେରାଲଙ୍କୁ ଇ-ମେଲ୍ ମାଧ୍ୟମରେ ଏହାର ଅନୁପାଳନ ରିପୋର୍ଟ ପ୍ରଦାନ କରିବେ। ଅଦାଲତ ନିଜ ନିର୍ଦ୍ଦେଶରେ ସତର୍କ କରାଇଛନ୍ତି ଯେ ଏଥିପାଇଁ ଅଦାଲତ ଅବମାନନା ଆଇନ, ୧୯୭୧ ଅନୁଯାୟୀ କାରାଦଣ୍ଡ ମଧ୍ୟ ଭୋଗିବାକୁ ପଡ଼ିପାରେ। ମାମଲାର ପରବର୍ତ୍ତୀ ଶୁଣାଣି ଆସନ୍ତା ମେ' ୧୨ ତାରିଖରେ ହେବା ପାଇଁ ଧାର୍ଯ୍ୟ କରାଯାଇଛି।

ପ୍ରକାଶଥାଉକି, ଆବେଦନକାରୀଙ୍କ ସପକ୍ଷରେ ଜଣିକିଆ ବିଚାରପତିଙ୍କ ୨୦୨୪, ଫେବୃଆରୀ ୨୩ର ରାୟ ବିରୋଧରେ ଓପିଏସସି ଦୁଇଜଣିଆ ଖଣ୍ଡପୀଠରେ ଏକ ରିଟ ଅପିଲ ଦାୟର କରିଥିଲା। ଦୁଇ ଜଣିଆ ଖଣ୍ଡପୀଠ ମଧ୍ୟ ସେହି ମାମଲାରେ ପ୍ରତିପକ୍ଷ ଥିବା ଡା. ସଂଜୟ ପଣ୍ଡା ଓ ଅନ୍ୟ ଜଣଙ୍କୁ ନିଯୁକ୍ତି ଦେବା ପାଇଁ କହିଥିଲେ। ଏପରିକି ଦୋଷୀ ଅଧିକାରୀଙ୍କଠାରୁ ୫ଲକ୍ଷ ଟଙ୍କା ଜରିମାନା ଭରଣା ସହ ଏହି ଅନିୟମିତତା ଘଟଣାର ତଦନ୍ତ କରିବା ପାଇଁ ମୁଖ୍ୟ ସଚିବଙ୍କୁ ହାଇକୋର୍ଟ ନିର୍ଦ୍ଦେଶ ଦେବା ସହ ଗତ ଫେବୃଆରୀ ୨୫ରେ ବିସ୍ତୃତ ରାୟ ପ୍ରକାଶ କରିଥିଲେ। ତେବେ ଅଦାଲତଙ୍କ ଆଦେଶନାମା ଅନୁପାଳନ ହୋଇ ନଥିବା ଦର୍ଶାଇ ଆବେଦନକାରୀ ହାଇକୋର୍ଟରେ ଏକ ଅଦାଲତ ଅବମାନନା ମାମଲା ଦାୟର କରିଛନ୍ତି। ଏଥିରେ ମୁଖ୍ୟ ସଚିବଙ୍କ ସମେତ ସ୍ୱାସ୍ଥ୍ୟ ସଚିବ, ଓପିଏସସି ଅଧ୍ୟକ୍ଷ ଓ ସଚିବଙ୍କୁ ପକ୍ଷଭୁକ୍ତ କରିଛନ୍ତି ଆବେଦନକାରୀ।

**୬ ବର୍ଷର ଶିଶୁକୁ ଦୁଷ୍କର୍ମ ଘଟଣା**

## ପୀଡ଼ିତା ବାପା-ମା'ଙ୍କୁ ଭେଟିଲେ ବିଜେଡି ପ୍ରତିନିଧି ଦଳ

ପୁରୀ/ବ୍ରହ୍ମଗିରି,୨୨।୪(ସମିସ): ପୁରୀ ଜିଲ୍ଲା ବ୍ରହ୍ମଗିରି ସାତପଡ଼ା ଅଞ୍ଚଳରେ ଜଣେ ୬ ବର୍ଷର ଶିଶୁକୁ ଦୁଷ୍କର୍ମ ଘଟଣା ଏବେ ରାଜ୍ୟବ୍ୟାପୀ ଚର୍ଚ୍ଚାର ବିଷୟ ପାଲଟିଛି। ବ୍ରହ୍ମଗିରି ଅଞ୍ଚଳରେ ଏହିଭଳି ଗୋଟିକ ପରେ ଗୋଟିଏ ଘଟଣା ଆଇନ ଶୃଙ୍ଖଳା ବ୍ୟବସ୍ଥାର ବାସ୍ତବ ଚିତ୍ରକୁ ପଦାରେ ପକାଇ ଦେଇଛି। ଏହି ଲଜ୍ଜାଜନକ ଘଟଣା ଲୋକଲୋଚନକୁ ଆସିବା ପରେ ରାଜ୍ୟରେ ମହିଳା ଓ ଶିଶୁଙ୍କ ସୁରକ୍ଷା ବିପର୍ଯ୍ୟସ୍ତ ହୋଇପଡ଼ିଛି ବୋଲି ଅଭିଯୋଗ ଆଣିଥିବା ବିଜୁ ଜନତା ଦଳର ଏକ ଉଚ୍ଚସ୍ତରୀୟ ପ୍ରତିନିଧି ଦଳ ବୁଧବାର ପୁରୀ ଆସି ପୀଡ଼ିତାଙ୍କ ବାପା-ମା'ଙ୍କୁ ଭେଟିଛନ୍ତି। ଏଥିସହ ପୀଡ଼ିତାଙ୍କ ଗାଁକୁ ଯାଇ ତାଙ୍କ ଜେଜେ ମା' ଏବଂ ଗ୍ରାମବାସୀଙ୍କ ସହ ଆଲୋଚନା କରିଛନ୍ତି। ଶେଷରେ ଏସ୍‌ପିଙ୍କୁ ସାକ୍ଷାତ୍ କରି ଏହି ସମ୍ବେଦନଶୀଳ ଘଟଣାକୁ ଗୁରୁତ୍ୱର ସହ ନେଇ ଅଭିଯୁକ୍ତ ବିରୋଧରେ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି।

ବିଜୁ ଜନତା ଦଳର ଉଚ୍ଚସ୍ତରୀୟ ପ୍ରତିନିଧି ମଣ୍ଡଳୀରେ ଥିବା ରାଜ୍ୟସଭା ସାଂସଦ ସୁଲତା ଦେଓ, କାକଟପୁର ବିଧାୟକ ତୁଷାରକାନ୍ତି ବେହେରା, ପୂର୍ବତନ ମନ୍ତ୍ରୀ ଟୁକୁନି ସାହୁ, ପୂର୍ବତନ ସାଂସଦ ଶର୍ମିଷ୍ଠା ସେଠୀ, ପୁରୀ ଜିଲ୍ଲା ପରିଷଦ ଅଧ୍ୟକ୍ଷା ସ୍ୱପ୍ନାରାଣୀ ସ୍ୱାଇଁ, ମହିଳା ନେତ୍ରୀ ପୁଷ୍ପାଞ୍ଜଳି ରଣା, ବ୍ରହ୍ମଗିରି ବ୍ଲକ୍ ଅଧ୍ୟକ୍ଷା ରତ୍ନବାଳା ବେହେରା, ଉପାଧ୍ୟକ୍ଷ ମାଳିନୀ ଦଳାଇ, ଜିଲ୍ଲା ମହିଳା ନେତ୍ରୀ ମାନସୀ ହରିଚନ୍ଦନ, ସସ୍ମିତା ସାହୁ ପ୍ରଥମେ ଜିଲ୍ଲା ଜଜ୍ କୋର୍ଟରେ ପୀଡ଼ିତାଙ୍କ ବାପା-ମା'ଙ୍କୁ ଭେଟି ଘଟଣା ସମ୍ପର୍କରେ ସେମାନଙ୍କଠାରୁ ବୁଝିଥିଲେ। ପରେ ବ୍ରହ୍ମଗିରି ନିର୍ବାଚନମଣ୍ଡଳୀ କୃଷ୍ଣପ୍ରସାଦ ବ୍ଲକ୍



ପୀଡ଼ିତାଙ୍କ ଗାଁକୁ ଯାଇଥିଲେ। ସେଠାରେ ପୀଡ଼ିତାଙ୍କ ଜେଜେ ମା' ଏବଂ ଗ୍ରାମବାସୀଙ୍କୁ ଭେଟି ଆଲୋଚନା କରିଥିଲେ। ଗାଁ ଲୋକେ ମଧ୍ୟ ସମ୍ପୂର୍ଣ୍ଣ ସମର୍ଥନ ଦେଇ ଅଭିଯୁକ୍ତଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ହେବା ଦରକାର ବୋଲି କହିଥିଲେ। ସେଠରୁ ଫେରିବା ପରେ ପୂର୍ବତନ ମନ୍ତ୍ରୀ ସଞ୍ଜୟ କୁମାର ଦାସବର୍ମାଙ୍କ ନେତୃତ୍ୱରେ ଏସ୍‌ପି ପ୍ରତୀକ୍ ସିଂଙ୍କ ସହିତ ସାକ୍ଷାତ୍ କରିଥିଲେ। ପୁରୀ ଜିଲ୍ଲା ବିଶେଷକରି ବ୍ରହ୍ମଗିରି ଅଞ୍ଚଳରେ କିପରି ଆଇନ ଶୃଙ୍ଖଳା ବିପର୍ଯ୍ୟସ୍ତ ହୋଇପଡ଼ିଛି ଏବଂ ୬ ବର୍ଷର ଶିଶୁକୁ ଦୁଷ୍କର୍ମ କରାଯିବା ଭଳି ଲଜ୍ଜାଜନକ ଘଟଣା ଜିଲ୍ଲାକୁ ବଦ୍‌ନାମ କରିଛି ବୋଲି କହିଥିଲେ। ଅଭିଯୁକ୍ତ ବିରୋଧରେ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ପାଇଁ ମଧ୍ୟ ଦାବି କରିଥିଲେ।

ଏହି ଅବସରରେ ଘଟଣାକୁ ନେଇ ବିଜେଡି ପ୍ରତିନିଧିମଣ୍ଡଳୀ ତୀବ୍ର ପ୍ରତିକ୍ରିୟା ପ୍ରକାଶ କରିଛନ୍ତି। ବ୍ରହ୍ମଗିରି ଏକ ପ୍ରମୁଖ ପର୍ଯ୍ୟଟନସ୍ଥଳୀ ହୋଇଥିବାବେଳେ ନିକଟରେ ବାଲିହରଚଣ୍ଡୀ ପୀଠରେ ଜଣେ ଯୁବତୀଙ୍କୁ ଗଣଦୁଷ୍କର୍ମ କରାଯାଇଥିଲା। ନିକଟରେ ଜଣେ ପଞ୍ଚମ ଶ୍ରେଣୀ ଛାତ୍ରୀଙ୍କୁ ସେହି ବିଦ୍ୟାଳୟର ଶିକ୍ଷକ ଦୁଷ୍କର୍ମ କରିଥିବା ଅଭିଯୋଗ ଉଠିଥିବାବେଳେ ଏବେ ଜଣେ ୬ ବର୍ଷର ଶିଶୁକୁ ଦୁଷ୍କର୍ମ କରାଯାଇଛି। ଏଭଳି ଲଜ୍ଜାଜନକ ଘଟଣା ସମୟରେ ବ୍ରହ୍ମଗିରି ବିଧାୟିକା ପୀଡ଼ିତାଙ୍କ ପରିବାରକୁ ଭେଟି ଆଶ୍ୱାସନା ଦେବା ପରିବର୍ତ୍ତେ ପଶ୍ଚିମବଙ୍ଗ ନିର୍ବାଚନ ପ୍ରଚାରରେ ବ୍ୟସ୍ତ ଅଛନ୍ତି। ତିନି ମାଙ୍କଡ଼ର ଉପାଖ୍ୟାନ ଦେଇଥିବା ବ୍ରହ୍ମଗିରି ବିଧାୟିକା ନିଜେ କେଉଁ ମାଙ୍କଡ଼ ବୋଲି ତାସ୍ଲ୍ୟ କରିଛନ୍ତି ବିଜେଡି ରାଜ୍ୟସଭା ସାଂସଦ ସୁଲତା ଦେଓ। ନା ସେ କିଛି ଦେଖିପାରୁଛନ୍ତି, ଶୁଣି ପାରୁଛନ୍ତି ନା କହିପାରୁଛନ୍ତି? ଡବଲ ଇଞ୍ଜିନ ସରକାରରେ ରାଜ୍ୟରେ ପ୍ରତିଦିନ ନାରୀ ନିର୍ଯାତନା, ଅତ୍ୟାଚାର, ଦୁଷ୍କର୍ମ ଘଟଣା ବଢ଼ି ବଢ଼ି ଚାଲିଛି। ନାରୀ ବନ୍ଦନର ସ୍ଲୋଗାନ ଦେଇଥିବା ଡବଲ ଇଞ୍ଜିନ ସରକାରରେ ନାରୀ ରୋଦନ କରୁଛି। ନାରୀ ଆଖିରୁ ଲୁହ ପୋଛିବାକୁ କେହି ନାହିଁ। ଓଡ଼ିଶାର ଅବସ୍ଥା ଏବେ କ'ଣ ଏହିଭଳି ଘଟଣା ହିଁ ସ୍ପଷ୍ଟ କରୁଛି ବୋଲି ଶ୍ରୀମତୀ ଦେଓ କହିଛନ୍ତି। ସେହିପରି ଶ୍ରୀ ଦାସବର୍ମା କହିଛନ୍ତି, ରାଜ୍ୟରେ ମହିଳା ଓ ଶିଶୁଙ୍କ ସୁରକ୍ଷା ଦିନକୁ ଦିନ ବିପର୍ଯ୍ୟସ୍ତ ହେବାରେ ଲାଗିଛି। ଏହାକୁ ନେଇ ବିଜେଡି ବାରମ୍ବାର ସ୍ୱର ଉତ୍ତୋଳନ କରିଆସୁଥିଲେ ମଧ୍ୟ ସରକାର ବିହିତ କାର୍ଯ୍ୟାନୁଷ୍ଠାନ ବଦଳରେ ନିଦାବିଷ୍ଟୁ ସାଜିଛନ୍ତି। ଅନ୍ୟପକ୍ଷରେ ଏସ୍‌ପି ପ୍ରତୀକ୍ ସିଂ କହିଛନ୍ତି, ଅଭିଯୁକ୍ତ ଶିବାଜୀ ବେହେରାକୁ ଗିରଫ କରାଯାଇଛି। ପୁରୀ କୋର୍ଟରେ ବିଏନ୍‌ଏସ୍‌ର ୧୮୩ ଧାରାରେ ନାବାଳିକାର ବୟାନ ରେକର୍ଡ ହୋଇଛି। ସମସ୍ତ ତଥ୍ୟ, ପ୍ରମାଣ ଆଧାରରେ ପୁଲିସ ଖୁବ୍‌ଶୀଘ୍ର ଚାର୍ଜସିଟ୍ ଦାଖଲ କରିବ।

■ ପୀଡ଼ିତାଙ୍କ ଗାଁକୁ ଗଲେ, ଏସ୍‌ପିଙ୍କ ସହ ଆଲୋଚନା କଲେ
■ ଅଭିଯୁକ୍ତ ବିରୋଧରେ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାଦ ଦାବି ରଖିଲେ
■ ଅଭିଯୁକ୍ତ ଧରାପଡ଼ିଛି, ଖୁବ୍‌ଶୀଘ୍ର ଚାର୍ଜସିଟ୍ ଦାଖଲ ହେବ: ଏସ୍‌ପି

# ଭୁବନେଶ୍ୱର ସିଟି



# ରାଜପଥରେ ନାକେଦମ୍ କଲା ରାସ୍ତା ଜାମ୍





ଭୁବନେଶ୍ୱର, ୨୨।୪(ସମିସ): ୧୬ ନମ୍ବର ଜାତୀୟ ରାଜପଥର ପଳାଶୁଣି ବ୍ରିଜ୍ ଉପରେ ଏକ ଟ୍ରକ ଜଳିଯିବାରୁ ଦୀର୍ଘ ସମୟ ଧରି ରାସ୍ତା ଜାମ୍ ହୋଇଯାଇଥିଲା। ଖବର ନେବାରୁ ଜଣାପଡ଼ିଛି ଯେ, ଟ୍ରକଟି ପାରାଦ୍ୱୀପରୁ ଆସୁଥିଲା। ଗାଡ଼ିରେ ଥିଲା ବିପୁଳ ସାବୁନ ଓ ରସାୟନିକ ସାମଗ୍ରୀ। ଟ୍ରକଟି ଗୁଜୁରାଟର ଅହମ୍ମଦାବାଦ ଯାଇଥାନ୍ତା। ଦିନ ବେଳେ ଜାତୀୟ ରାଜପଥରେ ଭାରୀଜାନ ଚଳାଚଳ ଉପରେ କଟକଣା ରହିଛି। ହେଲେ ଟ୍ରକ୍ଟି କିଭଳି ସହର ଭିତରକୁ ପ୍ରବେଶ କଲା। କିଏ ଏହାକୁ ଅନୁମତି ଦେଇଥିଲା। କେଉଁ ବାବୁମାନେ ଏହାକୁ ଅନୁମତି ଦେଇଥିଲେ। ତାହାକୁ ନେଇ ଏବେ ଆରମ୍ଭ ହୋଇଛି କଳ୍ପନା ଜଳ୍ପନା। ପୁଲିସ, ଆର୍‌ଟିଓଙ୍କ ଏଭିଳି କାରନାମା ଉପରେ ଲୋକଙ୍କ ଅସନ୍ତୋଷ ବଢ଼ିବାରେ ଲାଗିଛି।

ଅନ୍ୟପକ୍ଷରେ ଜାତୀୟ ରାଜପଥରେ ନିୟମିତ ଦୁର୍ଘଟଣା ଘଟୁଛି। କମିସନରେଟ୍ ପୁଲିସ ପାଖରେ ଦୁର୍ଘଟଣା ମୁକାବିଲା କରିବାକୁ ନା ଦକ୍ଷ କର୍ମଚାରୀ ରହିଛନ୍ତି, ନା ଅତ୍ୟାଧୁନିକ ଯନ୍ତ୍ରପାତି ରହିଛି। ଗୋଟିଏ ପଟେ ରାସ୍ତାରୁ ଗାଡି ହଟୁ ନଥିଲା ବେଳେ କମିସନରେଟ୍ ପୁଲିସ ଡାଇଭର୍ଜନ କରିବାରେ ଅହେତୁକ ବିଳମ୍ବ କରିଦେଲା। ଫଳରେ ଫୁଲନଖରାରୁ ଗାଡ଼ିଗୁଡ଼ିକ ଭୁବନେଶ୍ୱର ମୁହାଁ ହୋଇ ଜାତୀୟ ରାଜପଥରେ ଏକତ୍ରିତ ହୋଇଗଲେ। ବହୁ ବିଳମ୍ବରେ କଟକରୁ ଭୁବନେଶ୍ୱର ଆସୁଥିବା ଗାଡ଼ି ଗୁଡ଼ିକୁ ବାଲିକୁଦା ପାଖରୁ ଜଟଣୀ ଦେଇ ଯିବାକୁ ନିର୍ଦ୍ଦେଶ ଦିଆଗଲା। ହେଲେ ସେତେବେଳକୁ ଭିଡ଼ ଅଣାୟତ୍ତ ହୋଇପଡ଼ିଥିଲା। ୩ଟାରେ ଅଗ୍ନିକାଣ୍ଡ ଘଟିଥିଲା ବେଳେ ସନ୍ଧ୍ୟା ୫ଟା ପର୍ଯ୍ୟନ୍ତ ଡାଇଭର୍ଜନ କିମ୍ବା ଜାତୀୟ ରାଜପଥ ଭିଡ଼ ସମ୍ପର୍କରେ ସାଧାରଣ ଲୋକଙ୍କୁ କୌଣସି ସୂଚନା ଦିଆଯାଇ ନ ଥିଲା। ୫ଟା କିମ୍ବା ୫ଟା ୨୪ରେ ଲୋକେ ପଳାଶୁଣି ରାସ୍ତାରେ ନ ଯିବା ପାଇଁ ଟ୍ରାଫିକ୍ ପକ୍ଷରୁ ସୂଚନା ପାଇଲେ।

ସେହିପରି କମିସନରେଟ୍ ପୁଲିସର ଟ୍ରାଫିକ୍ ବିଭାଗ ପଖରେ ଗୋଟିଏ କ୍ରେନ୍ କିମ୍ବା ହାଇଡ୍ରା ନାହିଁ, ଯାହାକୁ ବ୍ୟବହାର କରି ରାସ୍ତାରୁ ଦୁର୍ଘଟଣାଗ୍ରସ୍ତ ଗାଡ଼ିକୁ ତୁରନ୍ତ ହଟାଯାଇ ପାରିବ। ବୁଧବାର ଟ୍ରକ୍ ଟିକୁ ରାଜରାସ୍ତାରୁ ହଟାଇବାକୁ ଟ୍ରାଫିକ୍ ଅଧିକାରୀମାନେ ଭଡାରେ କ୍ରେନ୍ ଯୋଗାଡ଼ କରିବାକୁ ଗଲେ। ୨ ଘଣ୍ଟା ଧରି ସେମାନଙ୍କୁ କ୍ରେନ୍ ମିଳିଲା ନାହିଁ। ୨ ଘଣ୍ଟା ପରେ ଯେଉଁ କ୍ରେନ୍ ଆସିଲା ତାହା ଟ୍ରକ୍ଟିକୁ ହଟାଇ ପାରିଲା ନାହିଁ। ଏହାପରେ ଜାତୀୟ ରାଜପଥର କର୍ତ୍ତୃପକ୍ଷ ଏକ କ୍ରେନ୍ ପଠାଇଲେ। ହେଲେ ସେମାନଙ୍କ ଦ୍ୱାରା ପଠାଯାଇଥିବା କ୍ରେନ୍ ଏତେ ଦଦରା ଥିଲା ଯେ ତାହାର ଚେନ୍ ତୁରନ୍ତ ଛିଣ୍ଡି ଯାଇଥିଲା। ଗୋଟିଏ ପରେ ଗୋଟିଏ ଉପାୟ ଫେଲ୍ ମାରିବା ଦେଖି ଯିଏ ଯାହା ପାରିଲା ଉପଦେଶ ଦେବାରେ ଲାଗିଲା। ଆଉ ଟ୍ରାଫିକ୍ ବିଭାଗ ମଧ୍ୟ ସେଭଳି କାମ କାରି ଚାଲିଲେ। ଅନ୍ୟ କିଛି ଉପାୟ ନ ପାଇ ଜେସିବି ଲଗାଇ ଟ୍ରକ୍ଟିକୁ ଭଙ୍ଗି ଦେବାକୁ ଉଦ୍ୟମ କଲେ। କିନ୍ତୁ କିଛି ଲାଭ ହେଲା ନାହିଁ। ଶେଷର ମଞ୍ଚେଶ୍ୱର ଶିଳ୍ପାଞ୍ଚଳରେ କିଛି ବ୍ୟକ୍ତିଙ୍କୁ ହାଇଡ୍ରା ପଠାଇବାକୁ ଟ୍ରାଫିକ୍ ବିଭାଗ ନେହୁରା ହେଲା। ସେମାନେ ୩ଟି ହାଇଡ୍ରା ପଠାଇ ଥିଲେ। ରାତି ପ୍ରାୟ ୯ଟା ୩୦ ମିନିଟ୍ ସମୟରେ ରାସ୍ତାରୁ ଟ୍ରକ୍ଟିକୁ ହଟାଇ ଦିଆଯାଇଥିଠଲା। ଗାଡ଼ି ହଟିବାର ୨ଘଣ୍ଟା ପର୍ଯ୍ୟନ୍ତ ଅଚଳାବସ୍ଥା ଜାରି ରହିଥିଲା। ରାତ୍ରି ପ୍ରାୟ ୧୨ଟା ସମୟରେ ପରିସ୍ଥିତି ସ୍ୱାଭାବିକ୍ ହୋଇଥିଲା।

# ମଦୁଆ ଡ୍ରାଇଭର୍‌ଙ୍କୁ ୬ ମାସ ଜେଲ୍

ଭୁବନେଶ୍ୱର, ୨୨।୪ (ସମିସ): ନିଶା ସେବନ କରି ଗାଡ଼ି ଚଳାଇବା ମହଙ୍ଗା ସାବ୍ୟସ୍ତ ହୋଇଛି। ଚନ୍ଦ୍ରଶେଖରପୁର ଥାନା ଅଞ୍ଚଳର ମଦ୍ୟପାନ କରି ଗାଡ଼ି ଚଳାଇବା ମାମଲାର ରାୟ ପ୍ରକାଶ ପାଇଛି। ଭୁବନେଶ୍ୱର ସ୍ଥିତ ଜେଏମଏଫସି - ୨ର ବିଚାରପତି ପ୍ରିୟଦର୍ଶିନୀ ତ୍ରିପାଠୀ ମଦ୍ୟପାନ କରି ଗାଡ଼ି ଚଳାଇଥିବା ଆସାମୀ ସ୍ମାରକୀ ରଞ୍ଜନ ପାତ୍ରଙ୍କୁ ଦୋଷୀ ସାବ୍ୟସ୍ତ କରିଛନ୍ତି।

ପୁଲିସ ସୂଚନାନୁସାରେ, ୨୦୨୩ ମସିହା ଡିସେମ୍ବର ୨୯ ତାରିଖ ରାତିରେ ଚନ୍ଦ୍ରଶେଖରପୁର ଥାନା ପକ୍ଷରୁ ଡମଣା ଛକ ନିକଟରେ ଏମଭି ଆକ୍ଟ ଅନୁଯାୟୀ ଯାନବାହାନ ଯାଞ୍ଚ ଚାଲିଥିଲା। ସ୍ମାରକୀ ଏକ ଧଳା ହୋଣ୍ଡା ସିଟି କାରରେ ଅତ୍ୟଧିକ ଦ୍ରୁତଗତିରେ ଓ ଅବହେଳାପୂର୍ଣ୍ଣ ଭାବରେ ଡମଣା ଛକ ଦିଗକୁ ଆସୁଥିଲେ। ସବ୍ ଇନ୍ସପେକ୍ଟର ସିଦ୍ଧାର୍ଥ ରଞ୍ଜନ ଜାଲି କାରଟିକୁ ଅଟକାଇଥିଲେ। ଯାଞ୍ଚ କରିବାରୁ, ଡ୍ରାଇଭର ସ୍ମାରକୀ ମଦ୍ୟପାନ କରିଥିବା ଓ ଯାନ ଉପରେ ସଠିକ୍ ନିୟନ୍ତ୍ରଣ ରଖିପାରୁନଥିବା ଜଣାପଡ଼ିଥିଲା। ଶ୍ୱାସ ବିଶ୍ଳେଷକ ପରୀକ୍ଷାରେ ୭୨/୧୦୦ ମିଲି ଆଲକୋହଲ୍ ଥିବା ସ୍ପଷ୍ଟ ହୋଇଥିଲା। ସାକ୍ଷୀମାନଙ୍କ ସମ୍ମୁଖରେ ଯାନଟିକୁ ଜବତ କରିବା ସହ ଏସ୍‌ଆଇ ସିଦ୍ଧାର୍ଥ ରଞ୍ଜନ ଜାଲି ଥାନାରେ ଏତଲା ଦେଇଥିଲେ। ଚନ୍ଦ୍ରଶେଖରପୁର ଥାନା କେସ୍ ନଂ-୬୭୩/୨୩ ରେ ମାମଲା ରୁଜୁ କରିଥିଲା। ଏଏସ୍‌ଆଇ ହେନା ବିଶ୍ୱାଳ ତଦନ୍ତ କରି ସ୍ମାରକୀଙ୍କୁ କୋର୍ଟ ଚାଲାଣ କରିବା ସହ ଚାର୍ଜସିଟ୍ ଦାଖଲ କରିଥିଲେ। ଅଦାଲତ ଘଟଣା ସହିତ ସମ୍ପୃକ୍ତ ସାକ୍ଷୀମାନଙ୍କ ଜମାନବନ୍ଦୀ ଓ ପ୍ରାସଙ୍ଗିକ ଦଲିଲପତ୍ର ଅଧ୍ୟୟନ କରି ବିଚାର କାର୍ଯ୍ୟ ସମାପ୍ତ କରିଥିଲେ। ତାଙ୍କ ରାୟରେ ଅଭିଯୁକ୍ତଙ୍କୁ ଆଇପିସି ଧାରା ୨୭୯ ଓ ମୋଟର ଯାନ ଆଇନର ଧାରା ୧୮୫ ଅନୁଯାୟୀ ୬ ମାସର ସରଳ କାରାଦଣ୍ଡ ସହିତ ୧୦ ହଜାର ଟଙ୍କା ଜରିମାନା ଆଦେଶ ଦେଇଛନ୍ତି। ଅତିରିକ୍ତ ପବ୍ଲିକ୍ ପ୍ରୋସିକ୍ୟୁଟର ବିଜନ ବିହାରୀ କର ଓ ପ୍ରଫୁଲ୍ଲ କୁମାର ଷଡ଼ଙ୍ଗୀ ସରକାରଙ୍କ ପକ୍ଷରୁ ଏହି ମାମଲାକୁ ପରିଚାଳନା କରୁଥିଲେ।

# ଦୁଇ ଚୋରଙ୍କୁ ଦଶ ମାସ ଜେଲ୍

ଭୁବନେଶ୍ୱର, ୨୨।୪ (ସମିସ): ମଞ୍ଚେଶ୍ୱର ଓ ନୂଆପଲ୍ଲୀ ଥାନା ଅଞ୍ଚଳରେ ଘଟିଥିବା ଦୁଇଟି ଚୋରି ମାମଲାର ରାୟ ପ୍ରକାଶ ପାଇଛି। ଅଦାଲତ ମାମଲାର ବିଚାରକରି ଦୁଇ ଅଭିଯୁକ୍ତ ଦୁର ବେହେରା ଓ ତୋଫାନ ଦାସଙ୍କୁ ଦୋଷୀ ସାବ୍ୟସ୍ତ କରିଛନ୍ତି।

ପୁଲିସ ସୂଚନାନୁସାରେ, ଗତବର୍ଷ ସେପ୍ଟେମ୍ବର ୩ ତାରିଖ ଦିନ ଧିରକୁଟ ବସ୍ତିର ରୀତା ଦାସ ଘରେ ଥିବାବେଳେ ଦୁର ତାଙ୍କ ଘର ପାଖକୁ ଆସି ତାଙ୍କୁ ଗାଳିଗୁଲଜ କରିଥିଲେ। ରୀତା ପ୍ରତିବାଦ କରିବାରୁ ସେ ଘଟଣାସ୍ଥଳ ଛାଡ଼ି ଯାଇଥିଲେ। ପରବର୍ତ୍ତୀ ସମୟରେ ରୀତା କାମ ପାଇଁ ଘର ବାହାରେ ଥିବାବେଳେ ଦୁର ସୁଯୋଗ ନେଇ ତାଙ୍କ ଘର ଭିତରୁ ପ୍ରାୟ ୧୦ ହଜାର ଟଙ୍କାର ସୁନା ଓ ରୁପାର ଅଳଙ୍କାର ସହ ଏକ କଟର ମେସିନ୍ ଚୋରି କରି ନେଇଥିଲା। ରୀତା ଏନେଇ ଲିଖିତ ଅଭିଯୋଗ କରିବା ପରେ ମଞ୍ଚେଶ୍ୱର ଥାନା କେସ୍ ନଂ-୫୫୦/୨୫ ରେ ମାମଲା ରୁଜୁ କରିଥିଲା। ଏଏସ୍‌ଆଇ ଜିତେନ୍ଦ୍ର ସେନାପତି ଘଟଣାର ତଦନ୍ତ କରି ଦୁରଙ୍କୁ ଗିରଫ କରିବା ସହ ଚାର୍ଜସିଟ୍ ଦାଖଲ କରିଥିଲେ।

ଭୁବନେଶ୍ୱର ସ୍ଥିତ ଜେଏମଏଫସି - ୨ର ବିଚାରପତି ପ୍ରିୟଦର୍ଶିନୀ ତ୍ରିପାଠୀ ଘଟଣା ସହିତ ସମ୍ପୃକ୍ତ ୬ ଜଣ ସାକ୍ଷୀଙ୍କ ଜବାନବନ୍ଦି ଓ ୧୩ଟି ପ୍ରାସଙ୍ଗିକ ଦସ୍ତାବିଜ ଆଧାରରେ ମାମଲାର ବିଚାର ସାରିଛନ୍ତି। ଆସାମୀ ଦୁରଙ୍କୁ ବିଏନଏସ୍ ଧାରା ୩୩୧(୧) ଅନୁଯାୟୀ ୬ ମାସ ଓ ଧାରା ୩୦୫ ଅନୁଯାୟୀ ୧୦ ମାସର ସରଳ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ଦୁଇଟି ଯାକ ଦଣ୍ଡ ସମବର୍ତ୍ତୀ ଭାବେ ଚାଲିବାକୁ ଆଦେଶ ଦିଆଯାଇଛି। ଅତିରିକ୍ତ ପବ୍ଲିକ୍ ପ୍ରୋସିକ୍ୟୁଟର ବିଜନ ବିହାରୀ କର ଓ ପ୍ରଫୁଲ୍ଲ କୁମାର ଷଡ଼ଙ୍ଗୀ ସରକାରଙ୍କ ପକ୍ଷରୁ ଏହି ମାମଲାକୁ ପରିଚାଳନା କରୁଥିଲେ।

ସେହିପରି ନୂଆପଲ୍ଲୀ ବେହେରା ସାହିରେ ରହୁଥିବା ରୁଦ୍ର କୁମାର ଲେଙ୍କା ଗତ ଫେବୃଆରୀ ୨ ତାରିଖ ରାତିରେ ସେ ଘରେ ଶୋଇଥିଲେ। ବିଳମ୍ବିତ ରାତିରେ ତୋଫାନ କୌଶଳପୂର୍ବକ ଘର ଭିତରୁ ତାଙ୍କ ମୋବାଇଲ ଫୋନ ଚୋରି କରି ନେଇଥିଲେ। ପର ଦିନ ଭୋରରୁ ଘରୁ ମୋବାଇଲ ଫୋନ ଚୋରି ହୋଇଥିବା ଜାଣିବାକୁ ପାଇଥିଲେ। ଏନେଇ ରୁଦ୍ର ଲିଖିତ ଏତଲା ଦେବାପରେ ନୂଆପଲ୍ଲୀ ଥାନା ପୁଲିସ କେସ୍ ନଂ - ୮୧/୨୬ ରେ ମାମଲା ରୁଜୁ କରିଥିଲା। ସବ୍ ଇନ୍ସପେକ୍ଟର ଶୁଭ୍ରାଂଶୁ ମହାପାତ୍ର ଘଟଣାର ତଦନ୍ତ କରି ତୋଫାନଙ୍କୁ ଗିରଫ କରିବା ସହ ଚାର୍ଜସିଟ୍ ଦାଖଲ କରିଥିଲେ। ଭୁବନେଶ୍ୱର ସ୍ଥିତ ଜେଏମଏଫସି - ୩ର ବିଚାରପତି କରୋଣିକା ଘୋଷ ସାକ୍ଷୀଙ୍କ ଜମାନବନ୍ଦୀ ଓ ପ୍ରାସଙ୍ଗିକ ଦଲିଲପତ୍ର ଆଧାରରେ ବିଚାର କାର୍ଯ୍ୟ ସମାପ୍ତ କରିଛନ୍ତି। ବିଏନଏସ୍ ଧାରା ୩୦୫(ଏ) ଅନୁଯାୟୀ ତୋଫାନଙ୍କୁ ୧୦ ମାସର ସରଳ କାରାଦଣ୍ଡ ସହିତ ଏକ ହଜାର ଟଙ୍କା ଜରିମାନା ଦେବାକୁ ଆଦେଶ ଦେଇଛନ୍ତି। ଜରିମାନା ଅନାଦେୟ କ୍ଷେତ୍ରରେ ଅତିରିକ୍ତ ୧ ମାସର ସରଳ କାରାଦଣ୍ଡ ଆଦେଶ ଦେଇଛନ୍ତି। ସରକାରଙ୍କ ପକ୍ଷରୁ ଅତିରିକ୍ତ ପବ୍ଲିକ୍ ପ୍ରୋସିକ୍ୟୁଟର ଚିରନ୍ତନୀ ବାଗ ଓ ବିଜୟ ବାରିକ ଏହି ମାମଲାକୁ ପରିଚାଳନା କରୁଥିଲେ।

# କେଭିଙ୍କୁ ଭେଟିଲେ ଆମେରିକୀୟ କନସୁଲ୍ ଜେନେରାଲ

ଭୁବନେଶ୍ୱର, ୨୨।୪(ସମିସ): ଆନ୍ତର୍ଜାତୀୟ ସହଯୋଗକୁ ସୁଦୃଢ଼ କରିବା ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ସ୍ୱରୂପ, ଆମେରିକାର କନସୁଲ୍ ଜେନେରାଲ୍ ମିସ୍ ଲୌରା ବୁଧବାର ଲୋକସେବା ଭବନଠାରେ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓଙ୍କୁ ସୌଜନ୍ୟମୂଳକ ସାକ୍ଷାତ କରିଛନ୍ତି। ଏହି ଅବସରରେ ଶକ୍ତି ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ବିଶାଳ କୁମାର ଦେବ ଏବଂ କୃଷି ଓ କୃଷକ ସଶକ୍ତିକରଣ ବିଭାଗର କମିଶନର-ତଥା-ଶାସନ ସଚିବ ସଚିନ ରାମଚନ୍ଦ୍ର ଯାଦବ ଉପସ୍ଥିତ ଥିଲେ।

● ବିକ୍ରି ଜମି ବିକିବାକୁ ଷଡ଼ଯନ୍ତ୍ର

# ଟଙ୍କା ମାଗିବାରୁ ବରିଷ୍ଠ ନାଗରିକଙ୍କୁ ଲୁହାଛଡ଼ରେ ଆକ୍ରମଣ

ଭୁବନେଶ୍ୱର, ୨୨।୪ (ସମିସ): ବିକ୍ରି ହୋଇଥିବା ଜମିକୁ ଆଉଥରେ ବିକିବାକୁ ଷଡ଼ଯନ୍ତ୍ର କରିଥିଲେ। କେବଳ ଷଡ଼ଯନ୍ତ୍ର କରିନଥିଲେ, ବରଂ ୫ ଲକ୍ଷରୁ ଅଧିକ ଟଙ୍କା ମଧ୍ୟ ନେଇଥିଲେ। ଠକାମୀର ଶିକାର ହୋଇ ଟଙ୍କା ଫେରସ୍ତ ମାଗିବାରୁ ବୟସ୍କ ବ୍ୟକ୍ତିଙ୍କୁ ଲୁହା ଛଡ଼ରେ ଆକ୍ରମଣ କଲେ। ଶ୍ୟାମପୁର ଛକରେ ଘଟିଥିବା ଏଭଳି ଘଟଣାରେ ଜଣଙ୍କୁ ଗିରଫ କରିଛି ଭରତପୁର ଥାନା ପୁଲିସ। ଗିରଫ ଅଭିଯୁକ୍ତ ହେଉଛି ମଳିପଡ଼ାର ଚଣ୍ଡିଆ ଓରଫ୍ ବିକାଶ ଦଳବେହେରା (୩୬)।



ପୁଲିସ ସୂଚନାନୁସାରେ, ବୃନ୍ଦାବନ ନାୟକ ଏକ ଜମି କିଣିବାକୁ ଯୋଜନା କରୁଥିବା ବେଳେ ଚଣ୍ଡିଆ ତାଙ୍କୁ ଏକ ଜମି କିଣା ଦେବ ବୋଲି ପ୍ରତିଶ୍ରୁତି ଦେଇଥିଲା। ଅଗ୍ରୀମ ବାବଦକୁ ୫ ଲକ୍ଷ ୫୦ ହଜାର ଟଙ୍କା ନେଇଥିଲା। ହେଲେ ସମ୍ପୃକ୍ତ ଜମି ପୂର୍ବରୁ ବିକ୍ରି ହୋଇଥିବା ଜାଣିବା ପରେ ବୃନ୍ଦାବନଙ୍କ ପାଦ ତଳୁ ମାଟି ଖସି ଯାଇଥିଲା। ବୃନ୍ଦାବନ ୨୦୨୪ ମସିହା ମାର୍ଚ୍ଚ ୨୦ ତାରିଖ ସନ୍ଧ୍ୟାରେ ଶ୍ୟାମପୁର ଛକରେ ଚଣ୍ଡିଆକୁ ଟଙ୍କା ଫେରସ୍ତ ମାଗିଥିଲେ। ହେଲେ ଚଣ୍ଡିଆ ଓ ତାର ସହଯୋଗୀମାନେ ଟଙ୍କା ଫେରେଇବାକୁ ମନା କରିବା ସହ ତାଙ୍କ ସହିତ ଝଗଡ଼ା କରିଥିଲେ। ଏହା ପରେ, ମଳିପଡ଼ା ରୋଡ୍?ର ଆଶାବାରୀ ଆପାର୍ଟମେଣ୍ଟ ନିକଟରେ ଅଭିଯୁକ୍ତମାନେ ମିଶି ବୃନ୍ଦାବନ ଓ ତାଙ୍କ ପରିବାର ସଦସ୍ୟଙ୍କୁ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିଥିଲେ। ଏଥିସହିତ ଲୁହା ଛଡ଼ରେ ଓ ପଥରରେ ଆକ୍ରମଣ କରି ହତ୍ୟା କରିବାକୁ ଉଦ୍ୟମ କରିଥିଲେ। ଫଳରେ ସେମାନେ ଗୁରୁତର ଆହତ ହୋଇଥିଲେ। ଏହା ସହିତ ବୃନ୍ଦାବନଙ୍କ ଠାରୁ ଏକ ସୁନା ଚେନ୍ ଓ ହାତ ଘଣ୍ଟା ମଧ୍ୟ ଛଡ଼ାଇ ନେଇଥିଲେ। ଏନେଇ ବୃନ୍ଦାବନ ଭରତପୁର ଥାନାରେ ଅଭିଯୋଗ କରିବା ପରେ ପୁଲିସ ମାମଲା ରୁଜୁ କରିଥିଲା। ସହଯୋଗୀ ସନ୍ତୋଷ କୁମାର ଦଳବେହେରା କୋର୍ଟରେ ଆତ୍ମସମର୍ପଣ କରିଥିବା ବେଳେ ଆଜି ଚଣ୍ଡିଆକୁ ଗିରଫ କରିଛି ପୁଲିସ।

● ସାମାନ୍ୟ ବଚସାରୁ ଛୁରାମାଡ଼

# ୭ ବର୍ଷ ପରେ ଅଭିଯୁକ୍ତ ଗିରଫ



ଭୁବନେଶ୍ୱର, ୨୨।୪ (ସମିସ): ସାମାନ୍ୟ ବଚସାରୁ ଛୁରାମାଡ଼ କରିଥିବା ଘଟଣାର ୭ ବର୍ଷ ପରେ ଅଭିଯୁକ୍ତକୁ ଗିରଫ କରିଛି ଖଣ୍ଡଗିରି ଥାନା ପୁଲିସ। ଗିରଫ ଅଭିଯୁକ୍ତ ହେଉଛି, ସାଲିଆ ସାହି ବାଜପେୟୀ ନଗରରେ ରହୁଥିବା କାଳିଆ ବେହେରା ଓରଫ୍ କାଲୁ (୪୦)। ପୁଲିସ ସୂଚନାନୁସାରେ, ୨୦୧୮ ମସିହା ଏପ୍ରିଲ ୧୯ ତାରିଖ ସନ୍ଧ୍ୟାରେ ଡି. କିଷାନ୍ ତାଳବଣିଆରେ ଏକ ଭୋଜିରେ ଯୋଗଦେବାକୁ ଯାଇଥିବା ବେଳେ କୌଣସି କଥାକୁ ନେଇ ସେଠାରେ କିଛି ବ୍ୟକ୍ତିଙ୍କ ସହ ତାଙ୍କର ଝଗଡ଼ା ହୋଇଥିଲା। ସେହି ଝଗଡ଼ା ସମୟରେ କାଳିଆ ଏକ ଛୁରିରେ କିଷାନଙ୍କୁ ବାରମ୍ବାର ଆକ୍ରମଣ କରିଥିଲା। ଫଳରେ ସେ ଗୁରୁତର ଆହତ ହୋଇଥିଲେ। ତାଙ୍କୁ ଚିକିତ୍ସା ପାଇଁ ଭୁବନେଶ୍ୱରର ଏମ୍ସ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଥିଲା। କିଷାନଙ୍କ ପରିବାର ଲୋକଙ୍କ ଅଭିଯୋଗ ଆଧାରରେ ଖଣ୍ଡଗିରି ଥାନା ପୁଲିସ ମାମଲା ରୁଜୁ କରିଥିଲା। ତଦନ୍ତ ସମୟରେ ଘଟଣାସ୍ଥଳରୁ ରକ୍ତ ଲାଗିଥିବା ସାର୍ଟ ଓ ଏକ ଭଙ୍ଗା ଛୁରି ଜବତ ହୋଇଥିଲା। ସାମାନ୍ୟ କଥା କଟାକଟିରୁ ଝଗଡ଼ା ଓ ଆକ୍ରମଣ ହୋଇଥିବା ତଦନ୍ତ ବେଳେ ଜଣାପଡ଼ିଥିଲା। ଘଟଣା ପରଠାରୁ ଫେରାର ଥିବା କାଳିଆକୁ ଆଜି ଗିରଫ କରି କୋର୍ଟ ଚାଲାଣ କରିଛି ପୁଲିସ।

# 'ରମାଦେବୀ'ରେ ଖୋଲିବ ଯୋଗ ସାର୍ଟିଫିକେଟ କୋର୍ସ

ଭୁବନେଶ୍ୱର, ୨୨।୪(ସମିସ): ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟରେ ଯୋଗ ପାଠ୍ୟକ୍ରମ ପାଇଁ ସାର୍ଟିଫିକେଟ୍ କୋର୍ସ ଖୋଲବ। ପ୍ରତି ସପ୍ତାହରେ ଅତିକମ୍‌ରେ ୩ ଦିନ ଛାତ୍ରୀନିବାସର ଅନ୍ତେବାସୀମାନେ ଯୋଗାଭ୍ୟାସ କରିବେ। ଶାରୀରିକ ଓ ମାନସିକ ଭାବେ ଛାତ୍ରୀଙ୍କୁ ସୁସ୍ଥ ରଖିବା ପାଇଁ ଏହି ପାଠ୍ୟକ୍ରମ ଖୋଲିବାକୁ ନିଷ୍ପତ୍ତି ହେଇଥିବା ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଜ୍ୟୋତ୍ସ୍ନା କେ.ବି. ରାଉତ ସୂଚନା ଦେଇଛନ୍ତି। ବିଶ୍ୱବିଦ୍ୟାଳୟ ପରିସରରେ ଆଜି ଛାତ୍ରୀଙ୍କ ପାଇଁ ଅନୁଷ୍ଠିତ ଏକ ଯୋଗ ଶିବିରକୁ ଉଦଘାଟନ କରି ସେ ଆହୁରି କହିଛନ୍ତି ଯେ ବିଶ୍ୱବିଦ୍ୟାଳୟରେ ଯୋଗର ଏକ ସାର୍ଟିଫିକେଟ କୋର୍ସ ଖୋଲିବା ଦ୍ୱାରା ଛାତ୍ରୀମାନେ ଯୋଗପ୍ରତି ଆକୃଷ୍ଟ ହେବେ। ଉଚିତ୍ ମାର୍ଗଦର୍ଶନ ପାଇବା ସହ ଶାରୀରିକ ଓ ମାନସିକ ଭାବେ ସୁସ୍ଥ ରହି ପାରିବେ। ଯାହା ସେମାନଙ୍କ ଭବିଷ୍ୟତ ଜୀବନକୁ ସରସ ଓ ସୁନିଦର କରିବାରେ ସହାୟକ ହେବ। କାର୍ଯ୍ୟକ୍ରମରେ ଯୋଗଗୁରୁ ଡ. ସୁଶୀଲ କୁମାର ପଟ୍ଟନାୟକ ଯୋଗଶିକ୍ଷା ପ୍ରଦାନ କରିଥିବାବେଳେ ସ୍ନାତକତ୍ତୋର ପରିଷଦର ଅଧକ୍ଷ ପ୍ରଫେସର ଚଣ୍ଡୀ ଚରଣ ରଥ, ପ୍ରାଧ୍ୟାପକ ଡ. ମାନସ ବେହେରା, ଡ. ସସ୍ମିତା କର, ଡ. ଶକ୍ତିକାନ୍ତ ରଥ, ଡ. କଲ୍ୟାଣୀ ଷଡ଼ଙ୍ଗୀ, ଡ. ରେବତୀକାନ୍ତ ମହାରଣା, କୁନୁମୁନ ବେହେରାଙ୍କ ସମେତ ବହୁ ଛାତ୍ରୀ ଅଂଶଗ୍ରହଣ କରିଥିଲେ।

# ଚୋରି କରିବାବେଳେ ମାଡ଼ି ବସିଲେ ଶ୍ରମିକ



ଭୁବନେଶ୍ୱର, ୨୨।୪ (ସମିସ): ଚୋରି କରିବାକୁ ଘରେ ପଶିଥିବା ବେଳେ ମାଡ଼ି ବସିଛନ୍ତି ଶ୍ରମିକ। ଦୁର୍ଗାମାଧବ ନଗର ଅଞ୍ଚଳରେ ଏଭଳି ଘଟଣା ଘଟିଛି। ଅଭିଯୋଗ ପାଇବା ପରେ ଅଭିଯୁକ୍ତକୁ ଗିରଫ କରିଛି ଭରତପୁର ଥାନା ପୁଲିସ। ଗିରଫ ଅଭିଯୁକ୍ତ ହେଉଛି ଭରତପୁର ଲେନ୍-୪ର ଦେବରାଜ ବେହେରା (୨୨)।

ପୁଲିସ ସୂଚନାନୁସାରେ, ମୋହନ ଦାସଙ୍କ ସମେତ ଅନ୍ୟ କିଛି ଶ୍ରମିକ ଦୁର୍ଗାମାଧବ ନଗରରେ ଏକ ଘରେ ଭଡ଼ାରେ ରହୁଛନ୍ତି। ମଙ୍ଗଳବାର ସନ୍ଧ୍ୟାରେ ସେମାନେ ବଜାରକୁ ଯାଇଥିବା ବେଳେ ଦେବରାଜ ତାଙ୍କ ଘରେ ପଶି ମୋବାଇଲ ଓ ଟଙ୍କା ଚୋରି କରି ନେଇଥିଲା। ସ୍ଥାନୀୟ ଲୋକଙ୍କ ଠାରୁ ଖବରପାଇ ଶ୍ରମିକମାନେ ଘଟଣାସ୍ଥଳକୁ ଫେରି ଆସିଥିଲେ। ଦେବରାଜ ପଳାଇବାକୁ ଚେଷ୍ଟା କରୁଥିବାବେଳେ ଶ୍ରମିକମାନେ କାବୁ କରିନେଇଥିଲେ। ତଲାସୀ କରିବା ପରେ ତା' ନିକଟରୁ ଦୁଇଟି ମୋବାଇଲ୍ ଫୋନ୍ ଓ ନଗଦ ୫ ହଜାର ଟଙ୍କା ଜବତ କରି ପୁଲିସକୁ ହସ୍ତାନ୍ତର କରିଥିଲେ। ମୋହନ ଏନେଇ ଅଭିଯୋଗ କରିବା ପରେ ଭରତପୁର ଥାନା ପୁଲିସ ଦେବରାଜକୁ ଗିରଫ କରି କୋର୍ଟ ଚାଲାଣ କରିଛି। ତା' ନାମରେ ପୂର୍ବରୁ ଖଣ୍ଡଗିରି ଓ ଭରତପୁର ଥାନାରେ ୩ଟି ଅପରାଧିକ ମାମଲା ରହିଥିବା ତଦନ୍ତ ବେଳେ ଜଣାପଡ଼ିଛି।

■ ଜାତିଗତ ଜନଗଣନା

# ୧୨ ନମ୍ବର ସ୍ତମ୍ଭରେ 'ଓବିସି' ସାମିଲ ଦାବି



ଭୁବନେଶ୍ୱର, ୨୨।୪(ସମିସ): ଚଳିତ ଜାତିଗତ ଜନଗଣନାର କେନ୍ଦ୍ର ସରକାରଙ୍କ ୧୨ ନମ୍ବର କଲମ ଏବଂ ରାଜ୍ୟସରକାରଙ୍କ ୧୩ ନମ୍ବର କଲମରେ ଅନ୍ୟାନ୍ୟ ପଛୁଆ ବର୍ଗ (ଓବିସି) କୁ ଯୋଡ଼ିବା ଦାବି ନେଇ ରାଜ୍ୟ ଓବିସି ମଞ୍ଚ ପକ୍ଷରୁ ରାଜଧାନୀ ଭୁବନେଶ୍ୱରରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଏହି ଧାରଣାରେ ରାଜ୍ୟର ସମସ୍ତ ଜିଲ୍ଲାରୁ ଶହଶହ ଓବିସି କର୍ମୀ, କର୍ମକର୍ତ୍ତା ଓ ନେତୃବର୍ଗ ସାମିଲ ହୋଇ କେନ୍ଦ୍ର ସରକାରଙ୍କ ଏହି ନୀତିକୁ ସମାଲୋଚନା କରିଛନ୍ତି। ରାଜ୍ୟ ସଭାପତି ଶଙ୍କର କୁମାର ପାତ୍ରଙ୍କ ନେତୃତ୍ୱରେ ଆୟୋଜିତ ଏହି ବିକ୍ଷୋଭ ସଭାରେ ସରକାରଙ୍କ ପକ୍ଷରୁ ଜନ ଗଣନା ପାଇଁ ଉଦ୍ଦିଷ୍ଟ ପ୍ରଥମ ପର୍ଯ୍ୟାୟ ଗୃହ ଗଣନା ଫର୍ମରେ ଓବିସି ବର୍ଗଙ୍କୁ ଜାତିଭିତ୍ତିକ ଗଣନାରେ ରଖି ନ ଥିବାରୁ ଦୃଢ ନିନ୍ଦା କରାଯିବା ସହ ଏହାର ସଂଶୋଧନ ଦାବି କରାଯାଇଥିଲା। ଏହି ବିକ୍ଷୋଭରେ ଶୁଭେନ୍ଦୁ ସାହୁ, ନରେନ ସାହୁ, ପ୍ରତାପ ବାରିକ, କୁଳମଣି ବାରିକ, ନିର୍ମଳ ଯତି, ଅନାଦି ସାହୁ, ରଞ୍ଜିତା ରାଣୀ ପ୍ରଧାନ, ସୁଧାଂଶୁ ଶେଖର ମହାରଣା ପ୍ରମୁଖ ବକ୍ତବ୍ୟ ପ୍ରଦାନ କରିଥିଲେ। ଏହାପରେ ସରୋଜ ସାହୁଙ୍କ ସଂଯୋଜନାରେ ଏକ ରାଲି ମାଷ୍ଟରକ୍ୟାଣ୍ଟିନ୍ ଛକରୁ ବାହାରି ବିକ୍ଷୋଭସ୍ଥଳୀରେ ପହଞ୍ଚିଥିଲେ। ଶେଷରେ ରାଜ୍ୟ ସାଧାରଣ ସମ୍ପାଦକ ହୀରାଲାଲ୍ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ। ଏହାପରେ ରାଜ୍ୟ ଓବିସି ମଞ୍ଚ ଏକ ପ୍ରତିନିଧି ଦଳ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ଦିଆଯାଇଥିବା ଦାବି ପତ୍ରକୁ ରାଜଭବନରେ ପ୍ରଦାନ କରିଥିଲେ।

**ପୁଲିସ ପଞ୍ଝାରେ ଜମତରା ଗ୍ୟାଙ୍ଗ୍**

# ପାଠରେ ଦଶମ ଫେଲ୍; ଠକେଇରେ ପିଏଚ୍‌ଡି

ଭୁବନେଶ୍ୱର ୨୨।୪ (ସମିସ): ଆଳୁ ଖୋଳୁ ଖୋଳୁ ମହାଦେବ ବାହାରିବା ଭଳି ୭ ଲକ୍ଷ ଟଙ୍କା ଠକେଇର ତଦନ୍ତ କରୁଥିବା ସାଇବର ଥାନା ପୁଲିସ ବଡ଼ ଧରଣର ସାଇବର ଠକେଇ ଗ୍ୟାଙ୍ଗର ପର୍ଦ୍ଦାଫାସ କରିଛି। ତେଲେଙ୍ଗାନାରେ ଚଢ଼ଉ କରି ଜମତରା ଗ୍ୟାଙ୍ଗକୁ କାବୁ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ଝାଡ଼ଖଣ୍ଡ ଜମତରାର ମୁକେଶ ତୁରି (୨୭), ହାଇଦ୍ରାବାଦ

■ ଘର ଝାଡ଼ଖଣ୍ଡ; ଚଳାଉଥିଲା ତେଲଙ୍ଗାନା ମଡ୍ୟୁଲ୍
■ ମୁଖ୍ୟ କାର୍ପଟଦାର ସମେତ ୪ ଗିରଫ
■ ବିମାନରେ ବୁଲି ଯୋଗସୂତ୍ର ରଖୁଥିଲା
■ ଏପିକେ ଫାଇଲ୍ ପଠାଇ ଲୋକଙ୍କୁ ଠକୁଥିଲେ
■ ମାସିକିଆ ଟଙ୍କା ନେଉଥିଲେ ମ୍ୟୁଲ୍ ଆକାଉଣ୍ଟଧାରୀ
■ ଏବେବି ଫେରାର ଆଉ ୪ ସହଯୋଗୀ



ଆଲିଗଡ଼ର ମହମ୍ମଦ ଆବାସ (୩୭), ଏମଡି ସଲମାନ (୨୯) ଓ ଏମଡି ଅମିର୍ (୩୧)। ସେମାନଙ୍କ ଠାରୁ ୫ଟି ମୋବାଇଲ ଫୋନ୍, ସିମ୍ କାର୍ଡ, ୧୧ଟି ଏଟିଏମ୍ କାର୍ଡ, ଗୋଟିଏ ସ୍ମାର୍ଟ ଫୋନ୍ ଓ ବିମାନ ଟିକେଟ ଜବତ ହୋଇଛି। ଦଶମ ଫେଲ୍ ମୁକେଶ ହିଁ ମୁଖ୍ୟ କାର୍ପଟଦାର ହୋଇଥିବା ବେଳେ ସେ ତେଲେଙ୍ଗାନା ମଡ୍ୟୁଲ୍ ଅପରେଟ୍ କରୁଥିଲା ବୋଲି ପ୍ରାଥମିକ ତଦନ୍ତରୁ ସ୍ପଷ୍ଟ ହୋଇଛି।

ପୁଲିସ ସୂଚନାନୁସାରେ, ଗତବର୍ଷ ସେପ୍ଟେମ୍ବର ମାସରେ ପାଣ୍ଡରା ଅଞ୍ଚଳର ଯଶୋବନ୍ତ ଜେନାଙ୍କ ପାଖକୁ ଏପିକେ ଫାଇଲ୍ ଆସିଥିଲା। ସେ ଫାଇଲ୍ ଖୋଲୁ ଖୋଲୁ ତାଙ୍କ ବ୍ୟାଙ୍କ୍ ଆକାଉଣ୍ଟରୁ ୭ ଲକ୍ଷ ଟଙ୍କା ଉଡ଼ି ଯାଇଥିଲା। ଏନେଇ ସେ ଭୁବନେଶ୍ୱର ସାଇବର ଥାନାରେ ଏତଲା ଦେବାପରେ ପୁଲିସ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ଆବାସ୍ ଆକାଉଣ୍ଟକୁ ୩ ଲକ୍ଷ ଟଙ୍କା ଯାଇଥିବାର ପ୍ରମାଣ ମିଳିବା ପରେ ପୁଲିସ ତା'କୁ ପାଖରେ ପହଞ୍ଚିଥିଲା। ଆବାସକୁ ପଚରାଉଚରା କରିବା ପରେ ସଲମାନ ଓ ଅମିର୍ କଥା ପଦାକୁ ଆସିଥିଲା।







ତେବେ ମୁକେଶ ହିଁ ମୁଖ୍ୟ କାର୍ପଟଦାର ବୋଲି ଅମିର୍ କହିବା ପରେ ପୁଲିସ ତା'କୁ ଉଠାଇ ଆଣିଥିଲା। ଆବାସ୍ ମ୍ୟୁଲ୍ ଆକାଉଣ୍ଟ ଯୋଗାଇବା ପାଇଁ ନିଜ ପରିବାର ଓ ସାଙ୍ଗମାନଙ୍କ ନାମରେ ବ୍ୟାଙ୍କ୍ ଆକାଉଣ୍ଟ ଖୋଲୁଥିଲା। ସଲମାନ ଏହି କାମରେ ଆବାସକୁ ସହଯୋଗ କରୁଥିଲା। ଆବାସ୍ ଓ ସଲମାନ ମିଶି ଅମିରକୁ ମ୍ୟୁଲ୍ ଆକାଉଣ୍ଟ ଯୋଗାଉଥିଲେ। ଗୋଟିଏ ମ୍ୟୁଲ୍ ଆକାଉଣ୍ଟ ପିଛା ୬ ହଜାର ଟଙ୍କା ଲେଖାଏଁ ପାଉଥିଲେ। ଅମିର୍ ମ୍ୟୁଲ୍ ଆକାଉଣ୍ଟ ଗୁଡ଼ିକୁ ମୁକେଶକୁ ଦେବା ସହ ବଦଳରେ ୮ ହଜାର ଟଙ୍କା ଆଣୁଥିଲା।

ଜମତରାର ମୁକେଶ, କିଙ୍ଗ୍ ଖାନ୍, ରେହାନ୍ ଖାନ୍, ଡଟ୍ ଶୁଭମ୍ ଓ ରାଜକୁମାର ମିଶି ସାଇବର ଠକେଇ ଗ୍ୟାଙ୍ଗ୍ ଗଢ଼ିଥିଲେ। ତେଲେଙ୍ଗାନା ମଡ୍ୟୁଲ୍ ଅପରେଟ୍ କରୁଥିବା ମୁକେଶ ଏପିକେ ଫାଇଲ୍ ଗୁଡ଼ିକ ବିଭିନ୍ନ ଲୋକଙ୍କୁ ପଠାଉଥିଲା। ସେମାନେ ଏପିକେ ଫାଇଲରେ କ୍ଲିକ୍ କରିବା ମାତ୍ରେ ବ୍ୟାଙ୍କ୍ ତଥ୍ୟ ଓ ଓଟିପି ମୁକେଶ ପାଖକୁ ପଳାଇ ଯାଉଥିଲା। ମୁକେଶ ଓଟିପି ପାଇବା ପରେ ସଂପୃକ୍ତ ବ୍ୟକ୍ତିଙ୍କ ଆକାଉଣ୍ଟରୁ ଆବାସ୍ ଆକାଉଣ୍ଟକୁ ଟଙ୍କା ଟ୍ରାନ୍ସଫର କରି ଦେଉଥିଲା। ଠକେଇ ଟଙ୍କାକୁ ଆବାସ୍ ଆକାଉଣ୍ଟରୁ ଉଠାଇବା ପରେ ବିଭିନ୍ନ ସଦସ୍ୟଙ୍କ ମଧ୍ୟରେ ବଣ୍ଟା ଯାଉଥିଲା। ମୁକେଶ ନିୟମିତ ବିମାନ ଯୋଗେ ଗୋଟିଏ ରାଜ୍ୟରୁ ଅନ୍ୟ ରାଜ୍ୟକୁ ଯାଉଥିଲା। ବିଭିନ୍ନ ରାଜ୍ୟକୁ ଯାଇ ମ୍ୟୁଲ୍ ଆକାଉଣ୍ଟଧାରୀ, ଏଜେଣ୍ଟ ଓ ଅନ୍ୟ କାର୍ପଟଦାରଙ୍କ ମଧ୍ୟରେ ଯୋଗସୂତ୍ର ରଖୁଥିଲା। ତେବେ ଅନ୍ୟତମ ମୁଖ୍ୟ ଅଭିଯୁକ୍ତ କିଙ୍ଗ୍ ଖାନ୍, ରେହାନ୍ ଖାନ୍, ଡଟ୍ ଶୁଭମ୍ ଓ ରାଜକୁମାର ଏବେ ଫେରାର ରହିଛନ୍ତି।

ସକାଳ
THE SAKALA

# ସମ୍ପାଦକୀୟ



ପ୍ରକୃତିର ସବୁ ଉପାଦାନ ପରସ୍ପର ସହିତ ଜଡ଼ିତ ଓ ନିର୍ଭରଶୀଳ। ତେଣୁ ସଂସାରରେ ସମ୍ପୂର୍ଣ୍ଣ ଏକୁଟିଆ ରହିବା ପ୍ରାୟତଃ ଅସମ୍ଭବ।
-ଜେ କ୍ରିଷ୍ଣମୂର୍ତ୍ତି

## ତାର୍କିକ ବିସଙ୍ଗତି!

ଭାରତର ମୁଖ୍ୟ ନିର୍ବାଚନ ଆୟୋଗଙ୍କ ଦ୍ୱାରା ପର୍ଯ୍ୟାୟକ୍ରମେ ଦେଶବ୍ୟାପୀ ଆରମ୍ଭ ହୋଇଥିବା ସଘନ ଭୋଟର ତାଲିକା ସଂଶୋଧନ(ଏସ୍‌ଆଇଆର) ପ୍ରକ୍ରିୟା ଯେତେ ତ୍ୱରାନ୍ୱିତ ହେଉଛି ବିଭ୍ରାଟ ଓ ନ୍ୟାୟିକ ଜଟିଳତା ସେତେ ବଢ଼ିବାରେ ଲାଗିଛି। ଗତବର୍ଷ ବିହାରରୁ ଏହି ପ୍ରକ୍ରିୟା ଆରମ୍ଭ ହେବା ପରେ ଆମେ ଏହି ସ୍ତମ୍ଭରେ ଏଭଳି ତରବରିଆ ବ୍ୟବସ୍ଥାର ଆବଶ୍ୟକତା, ଔଚିତ୍ୟ ଏବଂ ଏହାର ବିଷମ ପରିଣତି ସମ୍ପର୍କରେ ଦୃଷ୍ଟି ଆକର୍ଷଣ କରିବାକୁ ଉଦ୍ୟମ କରିଥିଲୁ। ଗୋଟିଏ ପରେ ଗୋଟିଏ ରାଜ୍ୟରେ 'ଏସ୍‌ଆଇଆର' ପ୍ରକ୍ରିୟା ଜାରି ରହିବା ସହିତ ଏହି ବିଭ୍ରାଟ ଓ ବିଚ୍ୟୁତିଗୁଡ଼ିକ ଅଧିକ ସଂଖ୍ୟାରେ ସାମ୍ନାକୁ ଆସୁଛି। ଓଡ଼ିଶାରେ ମଧ୍ୟ ପ୍ରାଥମିକ ପର୍ଯ୍ୟାୟରେ 'ଏସ୍‌ଆଇଆର'ରେ ପ୍ରାୟ ୯ ଲକ୍ଷ ୮୦ ହଜାର ଭୋଟର ବାଦ୍ ପଡ଼ିଥିବା ସୂଚନା ମିଳିଛି।

ଆମେ ପୁଣି ଥରେ ଉଲ୍ଲେଖ କରିବାକୁ ଉଚିତ ମନେ କରୁଛୁ ଯେ ଯଦି ଦେଶରେ ଅବୈଧ ଭାବେ ବସବାସ କରି ସରକାରୀ ସୁବିଧା ସୁଯୋଗ ହାତେଇ ନେଉଥିବା ଅନୁପ୍ରବେଶକାରୀଙ୍କୁ ଚିହ୍ନଟ କରିବା 'ଏସ୍‌ଆଇଆର'ର ଲକ୍ଷ୍ୟ ହୋଇଥାଏ ତେବେ ତାହା ସର୍ବାଦୌ ସ୍ୱାଗତଯୋଗ୍ୟ। କିନ୍ତୁ ଏହି ପ୍ରକ୍ରିୟାରେ ଦେଶର ବୈଧ ନାଗରିକମାନେ ସମସ୍ତ ସ୍ଥାୟୀ ପ୍ରମାଣପତ୍ର ଥାଇ ସୁଦ୍ଧା ଭୋଟର ତାଲିକାରୁ ବାଦ୍ ପଡ଼ୁଥିବା ଭଳି ବହୁଳ ଘଟଣା ଉଦ୍‌ବେଗଜନକ। ଭୋଟର ତାଲିକାରେ ନାମ ରହିବା ନ ରହିବା କେବଳ ନିର୍ବାଚନ ବା ଭୋଟଦାନର ଏକ ଅଂଶବିଶେଷ ନୁହେଁ; ଏହା ଭାରତୀୟ ନାଗରିକତ୍ୱ ଭଳି ସମ୍ବେଦନଶୀଳ ପ୍ରସଙ୍ଗ ସହିତ ଜଡ଼ିତ ରହିଛି। ତେଣୁ ଭୋଟର ତାଲିକାରୁ ନାମ ବାଦ୍ ପଡ଼ିବା ଅର୍ଥ ପରୋକ୍ଷରେ ସେହି ବ୍ୟକ୍ତିବିଶେଷଙ୍କ ଭାରତୀୟ ନାଗରିକତ୍ୱର ବୈଧତା ଉପରେ ପ୍ରଶ୍ନବାଚୀଟିଏ ଲାଗି ଯାଉଥିବାରୁ ଏବଂ ଭବିଷ୍ୟତରେ ଏହା ଅନ୍ୟାନ୍ୟ ନ୍ୟାୟିକ ଜଟିଳତା ସୃଷ୍ଟି କରିବାର ଆଶଙ୍କା ଥିବାରୁ ତାଲିକାରୁ ବାଦ୍ ପଡ଼ିଥିବା ପୀଡ଼ିତମାନେ ଆଇନ ଅଦାଲତକୁ ଦୌଡ଼ୁଥିବା ଦେଖାଯାଉଛି। 'ଏସ୍‌ଆଇଆର'ରେ ଭୋଟର ତାଲିକାରୁ କୌଣସି ବ୍ୟକ୍ତିଙ୍କ ନାମ ବାଦ୍ କରିବା ଯେତେ ସହଜ, ପୁନଃତାଲିକାଭୁକ୍ତ କରିବା ତା'ଠାରୁ ଅଧିକ କାଠିକର ପାଠ ହେଉଥିବାରୁ ନାଗରିକଙ୍କ ସମସ୍ୟା ଓ ଚିନ୍ତା ବଢ଼ିଛି।

ଭୋଟର ତାଲିକାରୁ ବୈଧ ନାଗରିକଙ୍କ ନାମ କେମିତି ଓ କାହିଁକି ବାଦ୍ ପଡ଼ୁଛି ସେ ସମ୍ପର୍କରେ କିଞ୍ଚିତ ଆଲୋଚନା କରାଯାଉ। ଭୋଟର ତାଲିକା ସଂଶୋଧନ ପାଇଁ ସମ୍ପ୍ରତି ନିର୍ବାଚନ ଆୟୋଗ 'ତାର୍କିକ ବିସଙ୍ଗତି'(ଲଜିକାଲ୍ ଡିସ୍‌କ୍ରିପାନ୍ସି) ଭଳି ଅସ୍ତ୍ରଟିଏ ଉପଯୋଗ କରୁଛନ୍ତି। ସମଗ୍ର ଦେଶରେ 'ଏସ୍‌ଆଇଆର' କାର୍ଯ୍ୟକାରୀ କରିବା ପାଇଁ ମୁଖ୍ୟ ନିର୍ବାଚନ ଆୟୋଗ ୨୦୨୫ ଅକ୍ଟୋବର ମାସରେ ଜାରି କରିଥିବା ଘୋଷଣାପତ୍ରରେ ଏହି 'ତାର୍କିକ ବିସଙ୍ଗତି' ବିଷୟଟି ଉଲ୍ଲେଖ ନଥିଲା, ପରବର୍ତ୍ତୀ ସମୟରେ ଏହାକୁ ଯୋଡ଼ାଯାଇଛି। ନିର୍ବାଚନ ଆୟୋଗଙ୍କ ଏହି ଅସ୍ତ୍ରଟି ଯେତିକି ବିଡ଼ମ୍ବିତ ସେତିକି ଆଶ୍ଚର୍ଯ୍ୟଚକିତ କରିଦେବା ଭଳି। ଆଜି(ଏପ୍ରିଲ୍ ୨୩) ଓ ଆସନ୍ତା ୨୭ ତାରିଖ ଦିନ ବିଧାନସଭା ନିର୍ବାଚନ ପାଇଁ ଭୋଟଦାନ ଅନୁଷ୍ଠିତ ହେବାକୁ ଯାଉଥିବା ପଶ୍ଚିମବଙ୍ଗରେ 'ତାର୍କିକ ବିସଙ୍ଗତି' ଅସ୍ତ୍ରଟି ଏଭଳି ଜଟିଳତା ସୃଷ୍ଟି କରିଛି ଯେ ବାଧ୍ୟ ହୋଇ ଦେଶର ସର୍ବୋଚ୍ଚ ନ୍ୟାୟାଳୟ ବାଦ୍ ପଡ଼ିଥିବା ୨୭.୧୦ ଲକ୍ଷ ଭୋଟରଙ୍କୁ ଏଥର ଭୋଟଦାନ ଅଧିକାର ଦେବାକୁ ନିର୍ବାଚନ ଆୟୋଗଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। 'ଏସ୍‌ଆଇଆର'ରେ ଅକାରଣ ବାଦ୍ ପଡ଼ିଥିବା ଲକ୍ଷ ଲକ୍ଷ ବୈଧ ଭୋଟରଙ୍କ ମଧ୍ୟରୁ ଯେଉଁ କେତୋଟି ମାମଲା ସାମ୍ନାକୁ ଆସିଛି ସେଥିମଧ୍ୟରୁ ଅଧିକାଂଶ ଏହି 'ତାର୍କିକ ବିସଙ୍ଗତି' ଅସ୍ତ୍ରର ଶିକାର ହୋଇଥିବା ଜଣାପଡ଼ିଛି। ସମାନ ସମସ୍ୟା ଓଡ଼ିଶାରେ ମଧ୍ୟ ଆଗାମୀ ଦିନରେ ସୃଷ୍ଟି ହେବାର ଆଶଙ୍କା ଥିବାରୁ ଏ ସମ୍ପର୍କରେ ଅଧିକ ଆଲୋଚନା ଆବଶ୍ୟକ ମନେହୁଏ।

ନିର୍ବାଚନ ଆୟୋଗଙ୍କ 'ତାର୍କିକ ବିସଙ୍ଗତି' ସର୍ତ୍ତଟିରେ ଉଲ୍ଲେଖ ଅଛି ଯେ ପୂର୍ବ ଭୋଟର ତାଲିକା ଏବଂ 'ଏସ୍‌ଆଇଆର' ପରବର୍ତ୍ତୀ ଭୋଟର ତାଲିକା ମଧ୍ୟରେ ନାମ ମେଳକ ନ ହେଲେ କିମ୍ବା ଭୋଟର ଓ ତାଙ୍କ ପିତାଙ୍କ ବୟସରେ ସର୍ବନିମ୍ନ ୧୫ ବର୍ଷ ଓ ସର୍ବାଧିକ ୫୦ ବର୍ଷରୁ ଅଧିକ ଭଳି ଅବାସ୍ତବ ତାରତମ୍ୟ ରହିଲେ କିମ୍ବା ଭୋଟର ଓ ତାଙ୍କ ଜେଜେବାପାଙ୍କ ବୟସ ଭିତରେ ୪୦ ବର୍ଷରୁ କମ୍ ବୟସ ବ୍ୟବଧାନ ରହିଲେ କିମ୍ବା ଜଣେ ବ୍ୟକ୍ତିଙ୍କ ୬ ଜଣରୁ ଅଧିକ ସନ୍ତାନସନ୍ତତି ଥିବା ଜଣାପଡ଼ିଲେ ସମ୍ପୃକ୍ତ ଭୋଟରଙ୍କ ନାମ ତାଲିକାରୁ ଆପେ ଆପେ ବାଦ୍ ପଡ଼ିଯିବ। ପଶ୍ଚିମବଙ୍ଗର ଗୋଟିଏ ଉଦାହରଣ ଦେଲେ ଏହା ବୁଝିବାକୁ ସହଜ ହେବ। ୨୦୦୨ ସଂଶୋଧିତ ଭୋଟର ତାଲିକାଭୁକ୍ତ ସୁକ୍ଳା ହାଜରା ନାମ୍ନୀ ଜଣେ ମହିଳା ବର୍ତ୍ତମାନ ୫୫ ବର୍ଷରେ ଉପନୀତ। ୨୦୦୭ରେ ତାଙ୍କୁ ମିଳିଥିବା ଭୋଟର କାର୍ଡରେ ତାଙ୍କ ନାମର ବନାନ ତ୍ରୁଟି ଥିବାରୁ ସୁଧାରିବା ପାଇଁ ସେ ଆବେଦନ କରିଥିଲେ। ଆବେଦନ ଆଧାରରେ ତାଙ୍କୁ ଯେଉଁ ସଂଶୋଧିତ ଭୋଟର କାର୍ଡ ମିଳିଲା ସେଥିରେ ବନାନ ସଂଶୋଧିତ ହୋଇଥିଲେ ମଧ୍ୟ ଜନ୍ମ ତାରିଖ ୧୯୭୧ ଜାନୁଆରୀ ୧ ବଦଳରେ ୧୯୯୪ ଜାନୁଆରୀ ୧ ତାରିଖ ଉଲ୍ଲେଖ ରହିଛି। ଏହି ଆଧାରରେ ଦେଖିବାକୁ ଗଲେ ତାଙ୍କଠାରୁ ତାଙ୍କ ପିତାଙ୍କ ବୟସ ୫୦ ବର୍ଷରୁ ଅଧିକ ହେଉଛି ଏବଂ 'ତାର୍କିକ ବିସଙ୍ଗତି' ଆଧାରରେ ତାଙ୍କ ନାମ ଭୋଟର ତାଲିକାରୁ ବାଦ୍ ପଡ଼ିଛି। ଏବେ ସେ ୨୦୨୮ ସୁଦ୍ଧା ତାଙ୍କ ନାମରେ ବୈଧ ଥିବା ପାସ୍‌ପୋର୍ଟ, ପୁରୁଣା ଭୋଟର କାର୍ଡ, ତାଙ୍କ ସ୍ୱାମୀଙ୍କ ପେନ୍‌ସନ୍ ପେମେଣ୍ଟ ଅର୍ଡର, ପାନ୍‌କାର୍ଡ, ୧୯୯୩ରେ ସମ୍ପନ୍ନ ହୋଇଥିବା ତାଙ୍କ ବିବାହ ନିମନ୍ତ୍ରଣ କାର୍ଡ ଆଦି ଧରି ଟ୍ରିବ୍ୟୁନାଲ୍‌ର ଦ୍ୱାରସ୍ଥ ହୋଇଛନ୍ତି। ତେବେ ଭୋଟର କାର୍ଡରେ କର୍ମଚାରୀଙ୍କ ତ୍ରୁଟି ପାଇଁ ଜଣେ ବ୍ୟକ୍ତି ବା ଭୋଟର ଅଯଥା ଏତେ ଜଞ୍ଜାଳ ଏବଂ ଆର୍ଥିକ, ଶାରୀରିକ ଓ ମାନସିକ ଯନ୍ତ୍ରଣା ସହିବ କାହିଁକି?

ବିଶେଷଜ୍ଞଙ୍କ ମତରେ ଭୋଟର ତାଲିକା ସଂଶୋଧନ ପାଇଁ ପୂର୍ବରୁ ନିର୍ବାଚନ ଆୟୋଗ ଡିଡୁପ୍ଲିକେସନ୍ ସଫ୍ଟୱେର ବ୍ୟବହାର କରୁଥିଲେ। କିନ୍ତୁ ତାହା ସମୟସାପେକ୍ଷ ଥିବାରୁ ଏବେ ଆଲ୍‌ଗୋରିଦିମ୍ ଦ୍ୱାରା ବିକଶିତ ସଫ୍ଟୱେର ବ୍ୟବହୃତ ହେଉଛି, ଯାହା ଆପେ ଆପେ 'ତାର୍କିକ ବିସଙ୍ଗତି'ଗୁଡ଼ିକୁ ଠାବ କରି ତାଲିକାରୁ ନାମ ବାଦ୍ ଦେଇଦେଉଛି। ପ୍ରକ୍ରିୟା ଓ ବ୍ୟବସ୍ଥାକୁ ସହଜ, ସତ୍ୱର ଓ ସୁଲଭ କରିବା ପାଇଁ ଅତ୍ୟାଧୁନିକ ବୈଷୟିକ ଜ୍ଞାନକୌଶଳର ଉପଯୋଗ ସ୍ୱାଗତଯୋଗ୍ୟ। କିନ୍ତୁ ଏହାଦ୍ୱାରା ଯଦି ଜଣେ ବୈଧ ନାଗରିକର ମୌଳିକ ଅଧିକାରର ହନନ ହୁଏ ତାହା ଗ୍ରହଣଯୋଗ୍ୟ ହେବ କିପରି? ପୁଣି 'ତାର୍କିକ ବିସଙ୍ଗତି'ର ଅଭାବ ଆଳରେ ଯଦି ଅବୈଧ ଅନୁପ୍ରବେଶକାରୀଙ୍କ ନାମ ଭୋଟର ତାଲିକାରେ ବଳବତ୍ତର ରହେ ତେବେ 'ଏସ୍‌ଆଇଆର'ର ପ୍ରକୃତ ଓ ମହତ୍ ଲକ୍ଷ୍ୟ ସାଧିତ ହେବ କିପରି? ଏହା ଅନସ୍ୱୀକାର୍ଯ୍ୟ ଯେ କୃତ୍ରିମ ବୁଦ୍ଧିମତ୍ତା(ଏଆଇ)ର ଦୁର୍ବଳତା ଓ ବିସଙ୍ଗତି ମଧ୍ୟ ଏହି ଅବସରରେ ସାମ୍ନାକୁ ଆସିଛି। ତେଣୁ ଏହି ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗଟି ଅନେକ କ୍ଷେତ୍ର ଓ ଦୃଷ୍ଟିକୋଣରୁ ସଘନ ବିଚାରବିମର୍ଶର ଅପେକ୍ଷା ରଖେ।

## ଲକ୍ଷ କୋଟିର ସ୍ୱପ୍ନ

ପ୍ରଫେସର ଶ୍ରୀନିବାସ ପାଠୀ

ସେ ସମୟରେ ବୈଦ୍ୟୁତିକ ଗଣମାଧ୍ୟମ ଏତେ ବିକଶିତ ନଥିଲା। ପ୍ରଚାର ପ୍ରସାରର ପ୍ରମୁଖ ମାଧ୍ୟମ ଥିଲା ଦୈନିକ ଖବର କାଗଜ। ଲୋକମାନେ ବିଶ୍ୱାସ ମଧ୍ୟ କରୁଥିଲେ। ଇଏ ସେଇ ସମୟର କଥା। ଅନେକ ଖବରକାଗଜରେ ଏକା ପ୍ରକାରର ବିଜ୍ଞାପନଟିଏ ପ୍ରକାଶିତ ହୋଇଥିଲା। ତା'ର ସାରମର୍ମ ଏହିଭଳି - 'ମାତ୍ର ଥରେ ଚାରିଶହ ଟଙ୍କା ଅମୁକ ଠିକଣାରେ ପଠାନ୍ତୁ। ଭାଗ୍ୟରେ ଥିଲେ ଦିନେ ଚାରିଲକ୍ଷ ଟଙ୍କା ପାଇବେ।' ଅନେକ ଦିନ ପରେ ମଧ୍ୟ କେହି ଜଣେ ହେଲେ ଜମାକାରୀ କିଛି ବି ଟଙ୍କା ନ ପାଇବାରୁ ହୋହଲ୍ଲା ଆରମ୍ଭ ହେଲା। ସମସ୍ତେ ଠକାମିର ଶିକାର ହୋଇଛନ୍ତି ବୋଲି ଜଣାପଡ଼ିଲା। ମାମଲା ନ୍ୟାୟାଳୟକୁ ଯିବା ପରେ ସେଇ ବିଜ୍ଞାପନଦାତା ନିର୍ଦ୍ଦୋଷ ପ୍ରମାଣିତ ହେଲେ। ସେ ଆଇନ କାନୁନ ଆଧାରରେ ଜଣାଇଦେଲେ ଯେ, ଟଙ୍କା ଦେବା ପାଇଁ ସେ କାହାରିକୁ ବାଧ୍ୟ କରି ନାହାନ୍ତି। କିଛି ଫେରାଇବା କଥା ମଧ୍ୟ କହିନାହାନ୍ତି। ଲୋକମାନେ ସ୍ୱଇଚ୍ଛାରେ ଦେଇଛନ୍ତି। ଆଉ ଭାଗ୍ୟରେ ଥିଲେ ବହୁତ ଟଙ୍କା ପାଇବେ ବୋଲି ସ୍ପଷ୍ଟ ଭାବରେ କହିଛନ୍ତି।

ଇଏ ତ ଗୋଟିଏ ଛୋଟିଆ ଉଦାହରଣ। ଏହାଠାରୁ ବହୁ ଅଧିକ ଗୁଣରେ ବଡ଼ କଥା ଏଠାରେ ଆଲୋଚନା କରିବା। ତା' ପୁଣି ପ୍ରତ୍ୟକ୍ଷ, ଢାଞ୍ଚାଗତ ଓ ଆନୁଷ୍ଠାନିକ। ଅବଶ୍ୟ କଥାଟି ବିଲେଇ ବେକରେ ଘଣ୍ଟି ବାନ୍ଧିବା ଭଳି ତଥା ମହୁମାଛି ଫେଣାରେ ହାତ ମାରିବା ସହିତ ସମାନ। କଥାଟି ହେଉଛି ଷ୍ଟକ୍ ମାର୍କେଟ୍ ବା ସେୟାର ବଜାର ବା ଅଂଶଧନ ବଜାର। ଏହାର ସବିଶେଷ ଆଲୋଚନା ଏକ ରହସ୍ୟମୟ କାହାଣୀଠାରୁ କୌଣସି ଗୁଣରେ କମ୍ ନୁହେଁ।

ଆମ ଦେଶରେ ଯଦି ଏକଶହ ପଇଁଚାଳିଶି କୋଟିରୁ ଅଧିକ ଲୋକ ଅଛନ୍ତି, ତେବେ ଆଜି ତାରିଖରେ କିଛି ଲକ୍ଷ ବା ଅତିବେଶିରେ କିଛି କୋଟି ଲୋକ ଏହି ବଜାରର ପ୍ରତ୍ୟକ୍ଷ ଅବା ପରୋକ୍ଷ ଖେଳାଳି। ଏହି ବଜାରରେ ପ୍ରକୃତରେ କ'ଣ ହୁଏ, ସେକଥା ସ୍ପଷ୍ଟ ଭାବରେ ଓ ସିଧା କଥାରେ କେହି ଆଲୋଚନା କରନ୍ତି ନାହିଁ ବା ନିର୍ଦ୍ଦିଷ୍ଟ ଭାବରେ କିଛି ଜାଣିଥିବା ଲୋକେ ଜାଣି ମଧ୍ୟ ଚୁପ୍ ରହନ୍ତି। କିମ୍ବା ଭେଲିକି ଦେଖାଇ ଭୁଆଁ ବୁଲାଇ ଅବା ସରଳ କଥାକୁ ଜଟିଳ କରି ଉପସ୍ଥାପନା କରନ୍ତି। ପୁଣି ଆଉ କିଛି ଅତି ଚତୁରଲୋକ ବର୍ତ୍ତମାନ ଜନଜୀବନରେ ବହୁଳ ପ୍ରଚାରିତ ଓ ପ୍ରସାରିତ ବାକ୍ୟଟିଏ ଯଥା - 'ଆପଣ ବୁଝିପାରୁନାହାନ୍ତି' (ଯାହା ପ୍ରାୟ ସବୁ କ୍ଷେତ୍ର ପାଇଁ ଏକ ଗତାନୁଗତିକ ଉତ୍ତର) କହି କଥାର ଗୁରୁତ୍ୱ କମାଇ ଦିଅନ୍ତି।

ଖଜୁରୀ ଗଛର କି ଗୁଣ ଗାଇବି ମୂଳରୁ ପାହାଚ ପାହାଚ। ଇଏ ଏମିତି ଏକ ବଜାର ଯେଉଁଠାରେ ସମସ୍ତେ ଯଥା ଧନୀ, ମଧ୍ୟବିତ୍ତ, ଅଳ୍ପବିତ୍ତ, ମଧ୍ୟସ୍ଥି, କମ୍ପାନୀ, ଅନୁଷ୍ଠାନ, ଗଣମାଧ୍ୟମ, ଅର୍ଥନୀତି ବିଶାରଦ, ଗବେଷକ ତଥା କିଛି ବୁଝି ପାରୁ ନ ଥିବା ସାଧାରଣ ମଣିଷ ଗୋଟିଏ ନଉକାର ଯାତ୍ରୀ। ଯେଉଁ ସମୟରେ କମ୍ପ୍ୟୁଟର ଓ ଇଣ୍ଟରନେଟ୍‌ର ଏତେଟା ପ୍ରଚଳନ ନ ଥିଲା କିଛି କାଗଜପତ୍ର, ନଥିପତ୍ର, ଦଲିଲ ଓ କିଛି ହୋହଲ୍ଲା ଦେଇ କାରବାର କି ନେଣଦେଣ ହେଉଥିଲା। ଏବେ କିନ୍ତୁ ଅବସ୍ଥା ସମ୍ପୂର୍ଣ୍ଣ ବଦଳି ଯାଇଛି। ଏବେ ସବୁକିଛି କମ୍ପ୍ୟୁଟର, ଇଣ୍ଟରନେଟ୍ ଓ ମୋବାଇଲ୍ ମଧ୍ୟରେ ସୀମିତ। ଲୋକେ ପ୍ରତ୍ୟକ୍ଷ ଭାବରେ କିମ୍ବା ଆଉ କେହି ମଧ୍ୟସ୍ଥ ମଣିଷ କି ସଂସ୍ଥା ମାଧ୍ୟମରେ ଏହି ବଜାରରେ ଟଙ୍କା, ପୁଞ୍ଜି, ବଳକା ଧନ ଆଦି ବିନିଯୋଗ କରନ୍ତି।

ଇଏ ଏକ ଅଜବ ବଜାର। ଏଠାରେ ଜିନିଷପତ୍ର କିଣାବିକା ହୁଏନି। ଏଠି ସ୍ୱପ୍ନ, ଭେଲିକି, ଛଳନା, ମାନସିକତା, ଭାବନା ଆଉ କପଟତାର ବେପାର ହୁଏ। ନିଜର ଅର୍ଥ ବିନିଯୋଗ କରିବା ପରେ ବଜାରର ମନୋସ୍ଥିତି, ଆଶା ଓ ଆଶଙ୍କା ଉପରେ ନିର୍ଭର କରିବାକୁ ହୁଏ। ଯଦି କିଛି ଲାଭ ମିଳିଗଲା ତ ଭଲ କଥା। ତା' ବଦଳରେ ବଜାର ନାମକ ସତ୍ତାର ମନ ଖରାପ ହୋଇଗଲେ ସବୁ ସତ୍ୟାନାଶ। କାହାକୁ କହିବା, କପାଳରେ ସିନା କର ମାରିବା! ବଜାରର ମନ କାହିଁକି ଖରାପ ହୁଏ, ତା'ର କେତେକ କାରଣ ଏହିଭଳି। ବିଶ୍ୱ ବଜାରର ମନୋସ୍ଥିତି, ଖରା-ବର୍ଷା-ଶୀତ, ବନ୍ୟା-ବାତ୍ୟା-ଭୂମିକମ୍ପ, ମହାମାରୀ, କୋଉ ଅଞ୍ଚଳରେ ମରୁଡ଼ି, ଶସ୍ୟହାନି, ଯୁଦ୍ଧ (ଏଠି, ସେଠି ନହେଲେ ଆଉ କେଉଁଠି) ଗୋଟେ ଦି'ଟା କମ୍ପାନୀରେ ଜାଲିଆତି ଓ ଶଠତା, ରାଜନୈତିକ ଅସ୍ଥିରତା, ପ୍ରାକ୍-ବଜେଟ୍ ଓ ବଜେଟ୍ ପରବର୍ତ୍ତୀ ମୁହୂର୍ତ୍ତମାନଙ୍କରେ ବଜାରର ମାନସିକତା ପୁଣି ଆଉ କିଛି କାରଣ ଖୋଜି ନ ପାରିଲେ 'କେଉଁ ଏକ ବା କିଛି ଅଜଣା କାରଣ।'

ତେବେ କଥା ହେଉଛି, ଏମିତି ଏକ ବଜାରରେ ବର୍ଷକୁ କେତେ କ'ଣ କ୍ଷତି ହେଉଛି ଓ କେଉଁମାନେ ଏହାଦ୍ୱାରା ବିଶେଷ ଭାବରେ କ୍ଷତିଗ୍ରସ୍ତ ହେଉଛନ୍ତି ସେ ସମ୍ପର୍କରେ ମଧ୍ୟ ଆଇମା' କାହାଣୀ ଭଳି ଉଦାହରଣ ରହିଛି। ଯଦି ଆମେ ଗୋଟିଏ ଆର୍ଥିକ ବର୍ଷ (ଏପ୍ରିଲ୍ ଏକ ତାରିଖରୁ ପରବର୍ତ୍ତୀ ମାର୍ଚ୍ଚ ଏକ ତିରିଶ ତାରିଖ)ର ପ୍ରକାଶିତ ଓ ପ୍ରସାରିତ ହିସାବ ନେବା ତେବେ ଅତି ସହଜରେ ଜାଣିପାରିବା ଯେ ଏହି ସମୟ ମଧ୍ୟରେ କେବଳ ଆମ ଦେଶରେ ଏକଶହ ଲକ୍ଷ କୋଟି (ଏକରେ ଚଉଦଟି ଶୂନ)ରୁ ତିନିଶହ ଲକ୍ଷ କୋଟି (ତିନିରେ ଚଉଦଟି ଶୂନ) ମଧ୍ୟରେ ଟଙ୍କା ଏହି ବଜାରରେ ନିବେଶକମାନେ ହରାଇଛନ୍ତି। ପୁଣି ପ୍ରଶ୍ନ ଉଠିବା ସ୍ୱାଭାବିକ ଯେ ସେମାନଙ୍କ ମଧ୍ୟରେ ସାଧାରଣ, ଆନୁଷ୍ଠାନିକ ଓ ଧନିକ ଶ୍ରେଣୀର ନିବେଶକଙ୍କ ଆନୁପାତିକ ଭାଗ କେତେ? କୌତୂହଳର ବିଷୟ ହେଉଛି ଯେ, ଟଙ୍କା ହରାଇଥିବା ସାଧାରଣ ଲୋକଟିଏ ଏଥିପାଇଁ ବିଶେଷ ଦୁଃଖିତ ନୁହେଁ। କାରଣ ସେ ବୁଝିଯାଇଛି ଯେ କେତେ ଲୋକଙ୍କର କେତେ ଲକ୍ଷ କୋଟି ଉଡ଼ିଗଲା; ମୋର ବା କ୍ଷତି କି ନଗଣ୍ୟ!

ସ୍ୱାଧୀନତା ପରବର୍ତ୍ତୀ ସମୟରେ ଆମ ଦେଶରେ ଆର୍ଥିକ ଦୁର୍ଗତି, ଦୁର୍ନୀତି ଓ ବିଭ୍ରାଟ ସମ୍ପର୍କରେ ଅନେକ ଆଲୋଚନା ସମାଲୋଚନା ହୋଇଛି। ବହି ଲେଖା ଯାଇଛି। ଗବେଷଣା ହୋଇଛି। ନିରାକରଣ ପାଇଁ ପ୍ରସ୍ତାବ ମଧ୍ୟ ମିଳିଛି। କେଜାଣି କାହିଁକି ଏଇ ସେୟାର୍ ବଜାର ଏତେ ସବୁ ଅସଙ୍ଗତି ବିସଙ୍ଗତିର କେନ୍ଦ୍ରରେ ଥାଇ ମଧ୍ୟ ତିଷ୍ଠି ରହିଛି। ଟଙ୍କା ଦେଉଛି କିଏ? ଲାଭ ନେଉଛି କିଏ? କ୍ଷତି ସହୁଛି କିଏ? ବିଭିନ୍ନ ଆଳ ଦେଖାଇ ସର୍ବସମ୍ମୁଖରେ ଏ ଯେଉଁ ଲକ୍ଷଲକ୍ଷ କୋଟି ଟଙ୍କା ଉଡ଼ିଯାଉଛି ବା ହଜିଯାଉଛି, ତା' ଆଗରେ ଅନ୍ୟ କୌଣସି ଦୁର୍ନୀତିକୁ ତୁଳନା ମଧ୍ୟ କରିହେବନି। ଟଙ୍କା ନିବେଶ କରିବା ସତ। କେହି ଅଦୃଶ୍ୟ ଶକ୍ତି ବା ସତ୍ତା ଲାଭ କରୁଥିବା ସତ। ସାଧାରଣ ନିବେଶକ କ୍ଷତି ସହୁଥିବା ସତ। ହେଲେ ଏହି କିମିଆ ବଜାରର କୁହୁକ ପେଡ଼ି ଖୋଲି ପ୍ରକୃତ ସତ ବାହାର କରାଯାଇପାରୁନାହିଁ କାହିଁକି? ଏହା ମଧ୍ୟ ଏକ ନିଛକ ସତ।

ଆମ ଦେଶର ସର୍ବାଙ୍ଗୀନ ବିକାଶ ତଥା ସ୍ୱାଧୀନତା ପ୍ରାପ୍ତିର ଶତବାର୍ଷିକୀ ପାଳନ ପାଇଁ ପ୍ରସ୍ତୁତ ହେଉଥିବା ସମୟରେ ସଂପୃକ୍ତ ସମସ୍ତେ ଏହି ଅତ୍ୟନ୍ତ ସମ୍ବେଦନଶୀଳ ପ୍ରସଙ୍ଗରେ ସୁଚିନ୍ତିତ ମତାମତ ଓ ଗଠନମୂଳକ ପ୍ରସ୍ତାବ ଦେବା ଆବଶ୍ୟକ। କିଛି ନହେଲେ ହଠାତ୍ ଉଡ଼ି ଯାଉଥିବା କି ଶୂନ୍ୟରେ ମିଳାଇ ଯାଉଥିବା ଲକ୍ଷ ଲକ୍ଷ କୋଟିର କିଛି ଅଂଶ ବିନିଯୋଗ କରିବା ପାଇଁ ବାଟ ବାହାର କରିପାରିଲେ କୋଟିକୋଟି ଲୋକଙ୍କର ଅନ୍ନସଂସ୍ଥାନର ସମୁଚିତ ବ୍ୟବସ୍ଥା କରାଯାଇପାରିବ। ଅନ୍ୟଥା ଧୂର୍ତ୍ତ ଓ ଉଦାସୀନ ସଭିଙ୍କ ଜାଣତରେ ଏହି ଧାରା ଏମିତି ଚାଲିଥିବ।

ଭୁବନେଶ୍ୱର
ମୋ: ୯୪୩୭୧୫୧୧୩୧

## ଶିକ୍ଷକ କ'ଣ ମଣିଷ ନୁହନ୍ତି !

ସୁବ୍ରତ କୁମାର ଦାସ

ରାଜ୍ୟରେ ଗ୍ରୀଷ୍ମପ୍ରବାହ ଜାରି ରହିଥିବା ବେଳେ ସରକାରଙ୍କ ଜନଗଣନା ନିଷ୍ପତ୍ତି ଏବେ ଶିକ୍ଷକ ସମାଜ ପାଇଁ ଅଭିଶାପ ସଦୃଶ ହୋଇଛି। ପ୍ରଚଣ୍ଡ ଖରା ଯୋଗୁଁ ପିଲାମାନଙ୍କ ସ୍ୱାସ୍ଥ୍ୟାବସ୍ଥାକୁ ଦୃଷ୍ଟିରେ ରଖି ରାଜ୍ୟର ଅଧିକାଂଶ ଜିଲ୍ଲାରେ ସମସ୍ତ ଶିକ୍ଷାନୁଷ୍ଠାନକୁ ୪/୫ଦିନ ପର୍ଯ୍ୟନ୍ତ ଛୁଟି ଘୋଷଣା କରାଯାଇଛି। ଏ ନିଷ୍ପତ୍ତି ନେବା ପାଇଁ ଜିଲ୍ଲାପାଳଙ୍କୁ ସରକାର ମୁକ୍ତ ଦାୟିତ୍ୱ ଦେଇଛନ୍ତି। କିନ୍ତୁ ବିଡ଼ମ୍ବନାର ବିଷୟ ହେଉଛି, ଏହି ନିଆଁବର୍ଷା ଖରାରେ ଜନଗଣନା କାର୍ଯ୍ୟ କରିବାକୁ ଶିକ୍ଷକମାନଙ୍କୁ ରାସ୍ତା ଉପରକୁ ଠେଲି ଦିଆଯାଇଛି। ସରକାରଙ୍କ ଅମାନବୀୟ ଜିଦ୍ ଏବଂ ଖରାରେ ଜନଗଣନା କରିବାର ବାଧକତା ଜଣେ କର୍ତ୍ତବ୍ୟରତ ଶିକ୍ଷକଙ୍କ ଜୀବନ ନେଇସାରିଲାଣି। ସୁବର୍ଣ୍ଣପୁର ଜିଲ୍ଲାରେ ଗୃହଗଣନା ସାରି ଫେରିବା ପରେ ଶିକ୍ଷକ ବଂଶୀଧର ଭୋଇଙ୍କ ମୃତ୍ୟୁ ଏବେ ସମଗ୍ର ରାଜ୍ୟରେ ଆଲୋଡ଼ନ ସୃଷ୍ଟି କରିଛି। ଏହି ଘଟଣା ପରେ ସ୍ୱାଭାବିକ ଭାବେ ପ୍ରଶ୍ନ ଉଠୁଛି, ଖରା କ'ଣ କେବଳ ପିଲାଙ୍କୁ କାଟେ? ଶିକ୍ଷକମାନେ କ'ଣ ମଣିଷ ନୁହନ୍ତି? ସେମାନେ କ'ଣ ମେସିନ୍? ତାଙ୍କ ଶରୀରକୁ କ'ଣ ଖରା କାଟେନି? ସରକାର ଏବେ ଏହି ମୃତ୍ୟୁ ପାଇଁ ନିଜକୁ ଦାୟୀ କରିବେ କି?

ଶିକ୍ଷକ ଓ ଜନଗଣନା ମଧ୍ୟରେ ଥିବା ସମ୍ପର୍କ ଓଡ଼ିଶା ସମେତ ସମଗ୍ର ଭାରତରେ ଏକ ଚର୍ଚ୍ଚାର ବିଷୟ। ଜଣେ ଶିକ୍ଷକଙ୍କ ମୂଳଦାୟିତ୍ୱ ଶିକ୍ଷାଦାନ ହୋଇଥିଲେ ମଧ୍ୟ ସରକାରୀ ବ୍ୟବସ୍ଥାରେ ସେମାନେ ଜନଗଣନା କାର୍ଯ୍ୟର ମୁଖ୍ୟ ସ୍ତମ୍ଭ ସାଜିଥା'ନ୍ତି। ଭାରତରେ 'ଜନଗଣନା ଆଇନ, ୧୯୪୮' ଅନୁଯାୟୀ, ଜନଗଣନା ଏକ ଜାତୀୟ ଦାୟିତ୍ୱ। ସରକାର ଶିକ୍ଷକମାନଙ୍କୁ ସେମାନଙ୍କର ଶିକ୍ଷାଗତ ଯୋଗ୍ୟତା,



ଧୈର୍ଯ୍ୟ ଓ ସ୍ଥାନୀୟ ଅଞ୍ଚଳ ସହିତ ଥିବା ସୁ-ସମ୍ପର୍କ ପାଇଁ ଏହି କାର୍ଯ୍ୟରେ ନିୟୋଜିତ କରିଥା'ନ୍ତି। ଶିକ୍ଷା ଅଧିକାର ଆଇନ ଅନୁଯାୟୀ ଶିକ୍ଷକମାନଙ୍କୁ ଅଣ-ଶୈକ୍ଷିକ କାର୍ଯ୍ୟରେ ଲଗାଇବା ନିଷେଧ। କିନ୍ତୁ ଜନଗଣନା, ନିର୍ବାଚନ ଓ ବିପର୍ଯ୍ୟୟ ପରିଚାଳନାକୁ ଏଥିରୁ ବାଦ୍ ଦିଆଯାଇଛି। ଶିକ୍ଷକମାନେ ତଥ୍ୟ ସଂଗ୍ରହ ଏବଂ ତା'କୁ ସଠିକ୍ ଭାବେ ଲିପିବଦ୍ଧ କରିବାରେ ଅଧିକ ପାରଙ୍ଗମ ହୋଇଥା'ନ୍ତି। ଗାଁ ଗହଳିରେ ଶିକ୍ଷକମାନଙ୍କୁ ଲୋକେ ସମ୍ମାନ କରନ୍ତି, ତେଣୁ ସେମାନେ ପଚାରିଲେ ଲୋକେ ସଠିକ୍ ତଥ୍ୟ ଦେଇଥା'ନ୍ତି। ଏହାସହ ସରକାରଙ୍କ ପାଖରେ ଶିକ୍ଷକମାନେ ହିଁ ଏକମାତ୍ର ବଡ଼ ଗୋଷ୍ଠୀ, ଯେଉଁମାନେ ରାଜ୍ୟର କୋଣ ଅନୁକୋଣରେ (ଦୁର୍ଗମ ଅଞ୍ଚଳରେ ମଧ୍ୟ) ଉପଲବ୍ଧ ହୋଇଥା'ନ୍ତି। କିନ୍ତୁ ଶିକ୍ଷକ ଓ ଜନଗଣନା ମଧ୍ୟରେ ସମ୍ପର୍କ ଏବେ 'ତିକ୍ତତା' ଆଡ଼କୁ ଗତି କରୁଛି।

ସରକାରଙ୍କ ନୀତି ଅନୁଯାୟୀ, ଶିକ୍ଷକମାନେ ବିଦ୍ୟାଳୟରେ ଗୁଣାତ୍ମକ ଶିକ୍ଷା ପ୍ରଦାନ କରିବା କଥା। କିନ୍ତୁ ବାସ୍ତବତା ହେଉଛି, ଶିକ୍ଷକମାନଙ୍କୁ ସରକାରଙ୍କର ସବୁ ପ୍ରକାର ଅଣ-ଶୈକ୍ଷିକ କାର୍ଯ୍ୟର 'ଠିକାଦାର' ସଜାଇ ଦିଆଯାଇଛି। ଭୋଟ୍ ତାଲିକା ସଂଶୋଧନଠାରୁ ଆରମ୍ଭ କରି ଜନଗଣନା ପର୍ଯ୍ୟନ୍ତ-ସବୁଠି ଶିକ୍ଷକ ହିଁ ବଳି ପଡ଼ୁଛନ୍ତି। ଜଣେ ଶିକ୍ଷକ ଶ୍ରେଣୀଗୃହରେ ପଢ଼ାଇବେ ନା ଖରାରେ ଘର ଘର ବୁଲି ତଥ୍ୟ ସଂଗ୍ରହ କରିବେ? ସରକାର ପିଲାଙ୍କଠାରୁ ଶତପ୍ରତିଶତ ପରୀକ୍ଷା ଫଳ ଆଶା କରୁଛନ୍ତି, କିନ୍ତୁ ଶିକ୍ଷକଙ୍କୁ ମାନସିକ ଓ ଶାରୀରିକ ଭାବେ ନିଶ୍ଚିହ୍ନ କରିବାରେ କୌଣସି ସୁଯୋଗ ଛାଡୁନାହାନ୍ତି।

ବର୍ତ୍ତମାନର ସ୍ଥିତିରେ ସରକାର ଜନଗଣନା କାର୍ଯ୍ୟକୁ ତରବରିଆ ଭାବେ ଶେଷ କରିବାକୁ ଶିକ୍ଷକମାନଙ୍କ ଉପରେ ମାନସିକ ଚାପ ପ୍ରୟୋଗ କରୁଛନ୍ତି। ଯଦି ଏହି କାର୍ଯ୍ୟ ଶୀତଦିନରେ କରାଯାଇଥା'ନ୍ତା, ଶିକ୍ଷକମାନେ ସୁବିଧାରେ କାମ କରିପାରିଥା'ନ୍ତେ। କିନ୍ତୁ ଏହି ନିଆଁବର୍ଷା ଖରାରେ ସେମାନଙ୍କୁ ପଦାକୁ ଠେଲି ଦେବା କେତେଦୂର ଯୁକ୍ତିଯୁକ୍ତ? ଯଦି କୌଣସି ଶିକ୍ଷକଙ୍କର ଅଂଶୁଘାତରେ ମୃତ୍ୟୁ ହୁଏ, ସରକାର ସେମାନଙ୍କ ପରିବାରକୁ ମୁହଁ ଦେଖାଇ ପାରିବେ ତ? କୋଟିଏ ଟଙ୍କାର ଅନୁକମ୍ପା ରାଶି କ'ଣ ଗୋଟିଏ ଜୀବନର ବିକଳ୍ପ ହୋଇପାରିବ? ସବୁଠାରୁ ଆଶ୍ଚର୍ଯ୍ୟର କଥା ଯେ ଜିଲ୍ଲାପାଳ, ଏସଡିଓ କିମ୍ବା ବିଡିଓଙ୍କ ଭଳି ଉଚ୍ଚପଦସ୍ଥ ଅଧିକାରୀମାନେ ନିଜେ ଖରାରେ ଜନଗଣନା କରିବାକୁ ଯାଉନାହାନ୍ତି, ମାତ୍ର ଏସି ରୁମ୍‌ରେ ବସି ଶିକ୍ଷକଙ୍କ ଉପରେ ନିର୍ଦ୍ଦେଶ ଲଦି ଦେଉଛନ୍ତି।

ଜଣେ ଶିକ୍ଷକଙ୍କ ମୂଳ କାମ ହେଉଛି ଶିକ୍ଷାଦାନ। ସରକାର ପିଲାଙ୍କ ଭଲ ପରୀକ୍ଷା ଫଳ ଆଶା କରୁଛନ୍ତି, କିନ୍ତୁ ଶିକ୍ଷକମାନଙ୍କୁ କ୍ରୀତଦାସ ଭଳି ସବୁ ସରକାରୀ କାମରେ ନିୟୋଜିତ କରୁଛନ୍ତି। ଗୋଟିଏପଟେ ଶିକ୍ଷାଦାନର ଗୁରୁ ଦାୟିତ୍ୱ ଏବଂ ଅନ୍ୟପଟେ ସରକାରଙ୍କ ଅଣ-ଶୈକ୍ଷିକ ବେଠି ଖଟଣି- ଏହି ଦୁଇ ଚକ ମଧ୍ୟରେ ପେଶି ହୋଇଯାଉଛନ୍ତି ଶିକ୍ଷକ। ଯେତେବେଳେ ପ୍ରଶାସନ ସ୍ୱୀକାର କରୁଛି ଯେ ଖରା ଅସହ୍ୟ ଏବଂ ସ୍କୁଲ ବନ୍ଦ କରିବା ଆବଶ୍ୟକ, ସେତେବେଳେ ଶିକ୍ଷକମାନଙ୍କୁ ସକାଳୁ ସନ୍ଧ୍ୟା ଯାଏଁ ଘର ଘର ବୁଲି ଜନଗଣନା କରିବାକୁ ବାଧ୍ୟ କରିବା ସରକାରଙ୍କ 'ଅମାନବୀୟ' ମନୋଭାବକୁ ସ୍ପଷ୍ଟ କରୁଛି।

ଜନଗଣନା ସମୟକୁ ପରିବର୍ତ୍ତନ କରାଯାଇ ସକାଳ ୬ରୁ ୯ କିମ୍ବା ସନ୍ଧ୍ୟା ୫ ରୁ ୮ କରାଯାଉ। ନିର୍ଦ୍ଦିଷ୍ଟ ସମୟ ସୀମାକୁ କୋହଳ କରାଯାଇ ମାନସିକ ଚାପ ଦିଆନଯାଉ। ଯେଉଁମାନେ ସ୍ୱେଚ୍ଛାକୃତ ଭାବେ ଏହି କାମ କରିବାକୁ ଚାହୁଁଛନ୍ତି ସେମାନଙ୍କୁ ଅନୁମତି ମିଳୁ, କିନ୍ତୁ କାହାକୁ ବାଧ୍ୟ କରାନଯାଉ। ସରକାର ନିଜର ଜିଦ୍ ଛାଡ଼ି ଶିକ୍ଷକମାନଙ୍କୁ ସହାନୁଭୂତିର ସହ ଦେଖିବା ଦରକାର। ସରକାର ନିଜର ଆଖି ଖୋଲିବା ଦରକାର। ଶିକ୍ଷକମାନେ ହେଉଛନ୍ତି ସମାଜର ମେରୁଦଣ୍ଡ। ତାଙ୍କୁ କ୍ରୀତଦାସ ଭଳି ଖଟାଇବା ବନ୍ଦ ହେଉ। ଯଦି ସରକାର ଏହି ଅମାନବୀୟ ଜିଦ୍‌ରେ ଅଟଳ ରହନ୍ତି, ତେବେ ଆଗାମୀ ଦିନରେ ଏହାର ଭୟଙ୍କର ପରିଣାମ ଦେଖିବାକୁ ମିଳିପାରେ। ଶିକ୍ଷକମାନେ ଯଦି ନିଜ ଜୀବନରକ୍ଷା ପାଇଁ କାମ ବନ୍ଦ କରିଦିଅନ୍ତି, ଜନଗଣନା କ'ଣ ସରକାରଙ୍କ ଉଚ୍ଚପଦସ୍ଥ ଅଧିକାରୀମାନେ ରାସ୍ତାକୁ ଓହ୍ଲାଇ କରିବେ କି? ସରକାର ନିଜର ଦାୟିତ୍ୱ ବୁଝିବା ଦରକାର। ଶିକ୍ଷକମାନେ ସମାଜର ନିର୍ମାତା, ସେମାନେ କୌଣସି ରାଜନୈତିକ ବା ପ୍ରଶାସନିକ କଳର ଯନ୍ତ୍ର ନୁହନ୍ତି।

ବାରିପଦା(ମୋ: ୯୬୫୮୭୮୭୯୭୭)

## କଲ୍ୟାଣମୟ ଚେତନାର ଦ୍ୟୁତି: କୁଞ୍ଜବିହାରୀ ତ୍ରିପାଠୀ

ସାହିତ୍ୟ ସରିତ୍

ପ୍ରଫେସର ମଣୀନ୍ଦ୍ର କୁମାର ମେହେର

ଉଚ୍ଚକୋଟୀର ପୁସ୍ତକଟିଏ ରଚନା କରିପାରିବା କେଡ଼େ ସୌଭାଗ୍ୟସୂଚକ! ପୁସ୍ତକଠାରୁ ଅଧିକ ମହତ୍ତର ଜୀବନଟିଏ ବଞ୍ଚିପାରିବାର ପବିତ୍ର ପ୍ରେରଣାପ୍ଳୁତ ଯାହାଙ୍କ ଅନ୍ତର -ସିଏ ସାଧୁ-ସନ୍ଥଙ୍କ ଠାରୁ ବି ହୋଇ ପାରନ୍ତି କି ସରଳ, ନିର୍ମଳ ଓ ନିରଭିମାନ, ତାହାର ଏକ ଶ୍ରେଷ୍ଠ ଦୃଷ୍ଟାନ୍ତ ଡକ୍ଟର କୁଞ୍ଜବିହାରୀ ତ୍ରିପାଠୀ। ସେ ସଂସ୍କୃତ ଓ ଓଡ଼ିଆ ଉଭୟ ବିଭାଗରେ ଶିକ୍ଷାଦାନ କରିଛନ୍ତି। ତାଙ୍କ ସଜଳ ସ୍ମୃତିଚାରଣ କରିଛନ୍ତି ଛାତ୍ରସମାଜ। ଓଡ଼ିଆ ଭାଷା ସମ୍ପର୍କରେ ତାଙ୍କ ମୌଳିକ ଚିନ୍ତନ ଓ ଅନ୍ୱେଷଣ କାହାକୁ ଅବିଦିତ ନୁହେଁ।

ଓଡ଼ିଆ ଭାଷା ଓ ଲିପିର କ୍ରମବିକାଶ ସମ୍ପର୍କରେ ଇଂରାଜୀରେ ସେ ଥେସିସ ପ୍ରସ୍ତୁତ କରି ଲଣ୍ଡନ ବିଶ୍ୱବିଦ୍ୟାଳୟରୁ ଲାଭ କରିଥିଲେ ପିଏଚଡି ଡିଗ୍ରୀ। ଜ୍ଞାନଦୀପ୍ତ ଭାଷାତତ୍ତ୍ୱବିତ ଭାବରେ ଅର୍ଜନ କରିଥିଲେ ବିଦ୍ୱାନ ସଜ୍ଜନ ବୃନ୍ଦଙ୍କ ଆନ୍ତରିକ ସ୍ୱୀକୃତି ଓ ସୁଖ୍ୟାତି। ଓଡ଼ିଆ ଭାଷାର ପ୍ରାଚୀନତା ଯେପରି ପ୍ରାମାଣିକ ଭାବରେ ସେ ପ୍ରତିପାଦନ କରିଛନ୍ତି ତାହା ଜାତୀୟସ୍ତରରେ ଆଲୋଡ଼ନ ସୃଷ୍ଟି କରିପାରିଥିଲା। ଓଡ଼ିଆ ଭାଷା ସମ୍ପର୍କରେ ହିନ୍ଦୀରେ ମଧ୍ୟ ଲେଖିଥିଲେ ଏକ ପୁସ୍ତକ। ଭାଷାତତ୍ତ୍ୱରେ କି ଗଭୀର ଜ୍ଞାନ! ଅଥଚ ପାଣ୍ଡିତ୍ୟ ପ୍ରଦର୍ଶନର ଅଭିମାନରୁ ସର୍ବଦା ମୁକ୍ତ ଥିଲେ ଚିରଦିନ। ମୃଦୁମଧୁର କଣ୍ଠସ୍ୱରର ସଦାଳାପରେ ଧନ୍ୟ କରିଦିଅନ୍ତି ଛାତ୍ର ଓ ଶିକ୍ଷକଙ୍କ ଜୀବନ। ଜ୍ଞାନ ପରିପକ୍ୱ ହୋଇଗଲେ ଅନୁରାଗର ଭାଷା କିପରି ହୋଇଯାଇପାରେ ହୃଦୟସ୍ପର୍ଶୀ, ଦୈନନ୍ଦିନ ଜୀବନଧାରା କିପରି ହୋଇଯାଇପାରେ ନିରାଡ଼ମ୍ବର, ବେଶପୋଷାକ ହୋଇଯାଏ ସାଧାରଣ ସୌନ୍ଦର୍ଯ୍ୟରେ ଅସାମାନ୍ୟ ଆଭାମୟ - ତାହାର ଏକ କିମ୍ବଦନ୍ତୀରେ ପରିଣତ ହୋଇଯାଇଛନ୍ତି କୁଞ୍ଜବିହାରୀ ତ୍ରିପାଠୀ।

ଓଡ଼ିଶାର ବିଭିନ୍ନ ଅଞ୍ଚଳର କଥିତ ଭାଷା ପ୍ରତି ଗଭୀର ଶ୍ରଦ୍ଧା ଓ ଆକର୍ଷଣ ଅନୁଭବ କରି ତାହାର ବିଶେଷତ୍ୱ ଉପରେ ଆଲୋକପାତ କରିଛନ୍ତି ନିଜସ୍ୱ ଅଭିଜ୍ଞତା ଭିତ୍ତିରେ। ସଂସ୍କୃତ ସାହିତ୍ୟ କି ନିବିଷ୍ଟ ଚିତ୍ତରେ ସେ ଅଧ୍ୟୟନ କରିଛନ୍ତି ତାହା ପ୍ରମାଣିତ ହୋଇଯାଏ ସଂସ୍କୃତ ସାହିତ୍ୟର ଐତିହାସିକ କ୍ରମବିକାଶ ସମ୍ପର୍କିତ ତାଙ୍କ ଦୁଇଖଣ୍ଡ ଗ୍ରନ୍ଥରେ। ସେହିପରି ଓଡ଼ିଆ ଅଭିଲେଖ ସମ୍ପର୍କରେ ତାଙ୍କ ଗଭୀର ପ୍ରବେଶ ରହିଥିଲା। ବୁଦ୍ଧଦେବଙ୍କ ନୀତି ଉପଦେଶ-ସମୃଦ୍ଧ 'ଧମ୍ମପଦ'ର ଅନୁବାଦ କରିଛନ୍ତି ସେ ମର୍ମସ୍ପର୍ଶୀ ଭାଷାରେ। ସେ ସମସ୍ତ ନୀତିବାଣୀ ଆତ୍ମିକ ସ୍ତରରେ ଗ୍ରହଣ କରି ପାରିଛନ୍ତି, ଯାହାଫଳରେ ତା'ର ଅନ୍ତର୍ଗତ ପରିଶୁଦ୍ଧତା ତାଙ୍କ ଦୈନନ୍ଦିନ ଜୀବନଯାପନ ଧାରାରେ ଅଭିବ୍ୟକ୍ତି ଲାଭ କରିଛି ସାର୍ଥକ ଭାବରେ। ସେହିପରି ଭାଗବତରୁ ପ୍ରେରଣାପୂର୍ଣ୍ଣ ପଦ ନିର୍ବାଚନ କରି ସେ ସଂକଳନ କରିଛନ୍ତି 'ଭାଗବତ ମୁକ୍ତି ସୂକ୍ତାବଳୀ'।

ମୂଳରୁ ତ ସେ ପ୍ରକୃତରେ କବି। ଦୁଇଟି କବିତା ସଂକଳନ ତାଙ୍କର ପ୍ରକାଶିତ 'ପୁଷ୍ପାଞ୍ଜଳି' ଓ 'ବନ୍ଦନିକା'। ଭାବର ସୌକୁମାର୍ଯ୍ୟ ଓ ଭାଷାର ଲାଳିତ୍ୟରେ ପ୍ରସ୍ଫୁଟିତ ହୋଇଯାଇଛି ହୃଦୟ ଅଭ୍ୟନ୍ତରର କେତେ ଅବ୍ୟକ୍ତ ଅନୁଭୂତି। କବିର ସୃଜନଶୀଳ ଦୃଷ୍ଟି ଓ ଗବେଷକର ବୈଜ୍ଞାନିକ ବିଚାର ନେଇ ସେ ଭାଷାତତ୍ତ୍ୱର ଜଗତରେ ଯେତେବେଳେ ପ୍ରବେଶ କରନ୍ତି ଅନ୍ତରାତ୍ମାରେ ଶୁଣି ପାରନ୍ତି ଭାଷାଭାରତୀଙ୍କ ବୀଣାନିକ୍ୱଣ। ଏହାଦ୍ୱାରା ସେ ସମ୍ମୋହିତ ହୋଇପାରିଥିଲେ ବୋଲି ଗଭୀରରୁ ଗଭୀରତର ସ୍ତର ପର୍ଯ୍ୟନ୍ତ ଯାତ୍ରା କରି ପାରିଛନ୍ତି। ଗଣିତଜ୍ଞମାନେ ଅଙ୍କ ରହସ୍ୟ ମଧ୍ୟରେ, ବୈଜ୍ଞାନିକମାନେ ବିଜ୍ଞାନର ଅସୀମ ଜଗତ ମଧ୍ୟରେ ଶୁଣିପାରନ୍ତି ଯେପରି ଏକ ଅନାହତ ଧ୍ୱନି ଏ କ୍ଷେତ୍ରରେ ମଧ୍ୟ ଭାଷାବିତବୃନ୍ଦ ସମାନ ସାଙ୍ଗୀତିକ ମୂର୍ଚ୍ଛନାରେ ଭାବମଗ୍ନ ହୋଇଯାଇ ପାରନ୍ତି, ଯାହା ଏପର୍ଯ୍ୟନ୍ତ ଏକ ଅନାଲୋଚିତ ପ୍ରସଙ୍ଗ ହୋଇ ରହିଛି। ଭାଷାତତ୍ତ୍ୱ ବିଷୟରେ କୁଞ୍ଜବିହାରୀ ତ୍ରିପାଠୀଙ୍କ ଅଧ୍ୟୟନ ଓ ଅନୁଶୀଳନ ଅବ୍ୟାହତ ରହିଛି ଯେ ଏକ କାବ୍ୟିକ ଭିତ୍ତି ଉପରେ, ଏଥିରେ ସନ୍ଦେହ ନାହିଁ। 'ଧମ୍ମପଦ'ର ଭୂମିକାରେ ସେ ଅନୁବାଦକ ଭାବରେ ଯାହା ଲେଖିଛନ୍ତି, ସେଥିରୁ ପ୍ରତିଭାତ ହୁଏ ସେ ଉକ୍ତ ଶାଶ୍ୱତବାଣୀ ଦ୍ୱାରା କିପରି ଉଦବୁଦ୍ଧ!

ବୁଦ୍ଧଦେବଙ୍କ ଠାରୁ ଗାନ୍ଧିଜୀଙ୍କ ପର୍ଯ୍ୟନ୍ତ ପ୍ରତ୍ୟେକ ମହାପୁରୁଷଙ୍କ ଦିଗଦର୍ଶନ ଦ୍ୱାରା ସେ ଗଭୀର ଭାବରେ ଅନୁପ୍ରାଣିତ। ଆଜି ତାଙ୍କ ଭଳି ନିରାଭିମାନୀ ପ୍ରାଜ୍ଞ ଗବେଷକ ଅତ୍ୟନ୍ତ ବିରଳ। ତାଙ୍କ ଅନାବିଳ ବ୍ୟକ୍ତିତ୍ୱ ଓ କୃତିତ୍ୱ ବିଷୟରେ ସାମ୍ପ୍ରତିକ ତରୁଣ ଗବେଷକମାନେ ଆଗ୍ରହ ପ୍ରକଟ କଲେ, ନୂତନ ଜୀବନାୟନ ଓ ସାହିତ୍ୟାୟନର ପଥ ପୁଷ୍ପିତ ହୋଇ ଉଠିବ ନିଶ୍ଚୟ।

ଭୁବନେଶ୍ୱର, ମୋ: ୭୦୭୭୫୫୩୭୦୭

## ଲେଖକ/ଲେଖିକାଙ୍କ ନିମନ୍ତେ ସୂଚନା

୧. 'ସକାଳ'ର ସମ୍ପାଦକୀୟ ପୃଷ୍ଠା ପାଇଁ ପ୍ରଥମ ଲେଖା ସର୍ବାଧିକ ୯୦୦ ଶବ୍ଦ ଏବଂ ଦ୍ୱିତୀୟ ଲେଖା ସର୍ବାଧିକ ୫୦୦ ଶବ୍ଦ ମଧ୍ୟରେ ସୀମିତ ରଖିବା ବାଞ୍ଛନୀୟ।
୨. ଲେଖା ପ୍ରକାଶନ ସମ୍ପର୍କରେ ସମ୍ପାଦନା ମଣ୍ଡଳିର ନିଷ୍ପତ୍ତି ଚୂଡ଼ାନ୍ତ। ଲେଖାର କେବଳ ସମ୍ପାଦିତ ଅଂଶ ହିଁ ପ୍ରକାଶିତ ହେବ।
୩. 'ସକାଳ'କୁ ପଠାଇଥିବା ସମାନ ଲେଖା ଏକାଧିକ ଖବରକାଗଜ/ପତ୍ରପତ୍ରିକାରେ ପ୍ରକାଶିତ ହେଲେ ଏବଂ ଅତୀତରେ ପ୍ରକାଶିତ ଲେଖାକୁ ପୁଣି ଥରେ ପଠାଇବା ଜଣାପଡ଼ିଲେ ଭବିଷ୍ୟତରେ ସମ୍ପୃକ୍ତ ଲେଖକ/ଲେଖିକାଙ୍କ ଲେଖା ଆଉ ବିଚାରକୁ ନିଆଯିବ ନାହିଁ।
୪. ଲେଖା ପଠାଇବାର ୭ ଦିନ ମଧ୍ୟରେ ପ୍ରକାଶିତ ନ ହେଲେ ଲେଖକ/ଲେଖିକା ତାହାକୁ ଅନ୍ୟ ଖବରକାଗଜ/ପତ୍ରପତ୍ରିକାକୁ ପଠାଇ ପାରିବେ।
୫. ସାମ୍ପ୍ରଦାୟିକ ଉତ୍ତେଜନା ସୃଷ୍ଟିକାରୀ, ବ୍ୟକ୍ତିଗତ ଆକ୍ରୋଶମୂଳକ ଓ ପ୍ରଶଂସାସୂଚକ ଲେଖା ପ୍ରକାଶିତ ହେବ ନାହିଁ। ପ୍ରସଙ୍ଗଭିତ୍ତିକ, ସୁସ୍ଥ ଓ ବୌଦ୍ଧିକ ସମାଲୋଚନାମୂଳକ ଲେଖାକୁ ଅଗ୍ରାଧିକାର ଦିଆଯିବ।
୬. ଲେଖା ପ୍ରକାଶନର ଅନ୍ତର ଅନ୍ୟୂନ ୧୫ ଦିନ ରହିବ।
୭. 'ସକାଳ' ଓଡ଼ିଶାର ବୃହତ୍ ପାଠକବର୍ଗଙ୍କର। ସେମାନଙ୍କ ରୁଚି, ଆଗ୍ରହ ଓ ଚାହିଦାକୁ ସମ୍ମାନ ଜଣାଇବା ଆମ ସମସ୍ତଙ୍କର କର୍ତ୍ତବ୍ୟ। ଏହାକୁ ହୃଦୟଙ୍ଗମ କରି ଉପରୋକ୍ତ ମାର୍ଗଦର୍ଶିକାକୁ ସଯତ୍ନ ଅନୁପାଳନ ପାଇଁ ଲେଖକ/ଲେଖିକାଙ୍କୁ ପୁଣି ଥରେ ବିନମ୍ର ଓ ସଶ୍ରଦ୍ଧ ଅନୁରୋଧ କରୁଛୁ।

କାର୍ଯ୍ୟନିର୍ବାହୀ ସମ୍ପାଦକ



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

# ଜନଗଣନା କର୍ମଚାରୀଙ୍କୁ ମରଣାନ୍ତକ ଆକ୍ରମଣ



କାମାକ୍ଷାନଗର,୨୨।୪(ସମିସ): ସାରା ରାଜ୍ୟରେ ଜନଗଣନା କାର୍ଯ୍ୟ ଚାଲୁରହିଥିବା ବେଳେ କାମାକ୍ଷାନଗରରେ ଜନଗଣନା କରିବାକୁ ଯାଇଥିବା କର୍ମଚାରୀଙ୍କୁ ମରଣାନ୍ତକ ଆକ୍ରମଣ ହୋଇଛି। ଆକ୍ରମଣରେ ୪ଜଣ ଜନଗଣନା କର୍ମଚାରୀ ଆହତ ହୋଇଥିବା ବେଳେ ସେମାନଙ୍କ ମଧ୍ୟରେ ୨ଜଣ ମହିଳା ଅଛନ୍ତି। ଆହତ ଅଧିକାରୀମାନେ ହେଲେ ରଘୁନାଥ ଦୀକ୍ଷିତ, ମଧୁସ୍ମିତା ବେହେରା, ସ୍ୱର୍ଣ୍ଣଲତା ସାହୁ ଓ ସତୀନ ବୀରେନ ବେହେରା। ବୁଧବାର ସକାଳେ କାମାକ୍ଷାନଗର ଏନଏସି ୩ ନମ୍ବର ୱାର୍ଡ ମହିମାନଗର ସାହିରେ ଘଟିଛି ଘଟଣା। ଜନଗଣନା କର୍ମଚାରୀଙ୍କୁ ମାଡ଼ ମାରିବା ସହ ଜଣେ ମହିଳା କର୍ମଚାରୀଙ୍କ ସ୍କୁଟି ମଧ୍ୟ ଭାଙ୍ଗିଦେଇଛନ୍ତି ଦୁର୍ବୃତ୍ତ। କର୍ମଚାରୀଙ୍କୁ ଅଶ୍ରାବ୍ୟ ଭାଷାରେ ଗାଳିଗୁଲଜ କରିବା ସହ ଜନଗଣନା କରେଇ ଦେଲେନି ନିକୁଞ୍ଜ ଶତପଥୀ ଓ ତାଙ୍କ ଦୁଇ ପୁଅ। ଆକ୍ରମଣରରେ ମହିଳା କର୍ମଚାରଙ୍କ ମୁହଁରେ ଆଘାତ ଲାଗିବା ସହ ପଥର ଧରି ମାରିବାକୁ ଗୋଡ଼ାଇଥିବା ଅଭିଯୋଗ ହୋଇଛି। ଖବର ପାଇ ଘଟଣାସ୍ଥଳରେ କାମାକ୍ଷାନଗର ଉପଜିଲ୍ଲାପାଳ ଦୀନମଣି ନାଏକ, ତହସିଲଦାର ଶୁଭଙ୍କର ମହାନ୍ତି, ଏସଡିପିଓ ରଜନୀକାନ୍ତ ସାମଲ, ଥାନା ଅଧିକାରୀ ଜିତେନ୍ଦ୍ର ମଲ୍ଲିକ, ଏନଏସି ନିର୍ବାହୀ ଅଧିକାରୀ ପ୍ରଦତ୍ତ ସାହୁ ପ୍ରମୁଖ ପହଞ୍ଚିଥିବା ବେଳେ ତାଙ୍କୁ ମଧ୍ୟ ଅସଭ୍ୟ ଭାଷାରେ ଗାଳିଗୁଲଜ କରିଥିଲେ ନିକୁଞ୍ଜ ଓ ତାଙ୍କ ପରିବାର ଲୋକେ। ତେବେ ପୁଲିସ ଆକ୍ରମଣକାରୀଙ୍କୁ ଅଟକ ରଖି ତଦନ୍ତ ଆରମ୍ଭ କରିଛି।

# ବରଯାତ୍ରୀ ଶୋଭାଯାତ୍ରାରେ ଫୁଟିଲା ଗୁଳି; ୨ ଆହତ

ଆଠମଲ୍ଲିକ, ୨୨।୪ (ସମିସ): ଅନୁଗୋଳ ଜିଲ୍ଲା ଆଠମଲ୍ଲିକ ବ୍ଲକ କମ୍ପଲା ପଞ୍ଚାୟତ ବେଲପୁଞ୍ଜି ଗ୍ରାମରେ ମଙ୍ଗଳବାର ରାତିରେ ଏକ ବରଯାତ୍ରୀ ଯାଉଥିବା ବେଳେ ହଠାତ ଗୁଳିକାଣ୍ଡ ଘଟିଛି। ଗୁଳିମାଡ଼ରେ ୨ ଜଣ ବରଯାତ୍ରୀ ଆହତ ହୋଇଛନ୍ତି। ସେମାନେ ହେଲେ ବୌଦ୍ଧ ଜିଲ୍ଲା ବୌଦ୍ଧ ଥାନା କିରାସିଆ ଦହିଆ ଗ୍ରାମର ସଞ୍ଜୀବ ଭୋଇ (୨୫) ଓ ରାକେଶ କଅଁର (୧୯)। ଉଭୟଙ୍କୁ ବୌଦ୍ଧ ଜିଲ୍ଲା ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ଅନ୍ୟପଟେ ଗୁଳିମାଡ଼ କରିଥିବା ବୌଦ୍ଧ ଥାନା ଖଲିଆବଗିଚାର ଅରୁଣ କୁମାର ସ୍ୱାଇଁଙ୍କୁ ବରଯାତ୍ରୀ ଦଳ କାବୁ କରି ନିର୍ଘୁମ ମାଡ଼ ମାରିଛନ୍ତି। ମିଳିଥିବା ସୂଚନା ଅନୁଯାୟୀ, ମଙ୍ଗଳବାର ରାତିରେ ବୌଦ୍ଧ ଅଞ୍ଚଳରୁ ଏକ ବରଯାତ୍ରୀ ଦଳ ବେଲପୁଞ୍ଜି ହରିଜନ ବସ୍ତିକୁ ଆସୁଥିଲେ। ବରଯାତ୍ରୀ ଶୋଭାଯାତ୍ରା ଚାଲିଥିବା ବେଳେ ହଠାତ ଏକ ବନ୍ଧୁକରୁ ଗୁଳି ଫୁଟିଥିଲା। ଗଞ୍ଜେଇ ବେପାରକୁ ନେଇ ଲାଗି ରହିଥିବା ଶତ୍ରୁତାର ଗୁଳିମାଡ଼ କରାଯାଇଥିବା କୁହାଯାଉଥିବା ବେଳେ ପୁଲିସ ତଦନ୍ତ ପରେ ସତ୍ୟାସତ୍ୟ ଜଣାପଡ଼ିବ ବୋଲି କୁହାଯାଇଛି।

## ସଂସଦରେ ବିଲ୍ କାଟ୍ ଖାଇବା ପ୍ରସଙ୍ଗ

# ବିଜେପିର ଜନଆକ୍ରୋଶ ମହିଳା ସମାବେଶ



ଭୁବନେଶ୍ୱର,୨୨।୪(ସମିସ): ବିଧାନସଭା ଓ ଲୋକସଭାରେ ମହିଳାଙ୍କୁ ୩୩ ପ୍ରତିଶତ ସଂରକ୍ଷଣ ଦେଇ ସେମାନଙ୍କୁ ନୀତି ନିର୍ଦ୍ଧାରଣ ପ୍ରକ୍ରିୟାରେ ସାମିଲ କରିବାକୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଚାହୁଁଥିବା ବେଳେ ବିରୋଧୀ ଦଳଗୁଡିକ ନିଜର ସଂକୀର୍ଣ୍ଣ ରାଜନୈତିକ ସ୍ୱାର୍ଥ ପାଇଁ ଏହାକୁ ବିଫଳ କରିଛନ୍ତି ବୋଲି କହିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ। ସଂସଦରେ ମହିଳା ସଂରକ୍ଷଣ ବିଲ୍ କାଟ୍ ଖାଇବା ପ୍ରସଙ୍ଗରେ ବିଜେପିର ଜନଆକ୍ରୋଶ ମହିଳା ସମାବେଶରେ ଯୋଗଦେଇ ମୁଖ୍ୟମନ୍ତ୍ରୀ କଂଗ୍ରେସ ସମେତ ଅନ୍ୟ ବିରୋଧୀଙ୍କୁ କଡ଼ା ସମାଲୋଚନା କରିବା ସହ ଏହା ମୋଦୀଙ୍କ ପରାଜୟ ନୁହେଁ; ବରଂ ଦେଶର ସମଗ୍ର ମହିଳାଙ୍କ ପାଇଁ ଶକ୍ତ ଧକ୍କା ବୋଲି ମତବ୍ୟକ୍ତ କରିଥିଲେ। ମହିଳାମାନେ ଚୁପ୍ ନ ରହି ନିଜ ଅଧିକାର ପାଇଁ ସ୍ୱର ଉତ୍ତୋଳନ କରିବାକୁ ମୁଖ୍ୟମନ୍ତ୍ରୀ ଆହ୍ୱାନ ଦେଇଥିଲେ। ସମାବେଶରେ ଯୋଗଦେଇ ରାଜ୍ୟ ବିଜେପି ସଭାପତି ମନମୋହନ ସାମଲ କହିଥିଲେ, ମହିଳାମାନଙ୍କୁ ସାମ୍ବିଧାନିକ ସମ୍ମାନ ଦେବା ପାଇଁ ଶେଷ ପର୍ଯ୍ୟନ୍ତ ଲଢ଼େଇ ଜାରି ରହିବ। ବିରୋଧୀମାନେ ବିଲ୍‌କୁ ପୁଣି ସମର୍ଥନ କରିବାକୁ ବାଧ୍ୟ ହେବେ।

କାର୍ଯ୍ୟକ୍ରମରେ ବକ୍ତବ୍ୟ ରଖି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଓଡ଼ିଶାର ମହିଳାମାନେ ବିରୋଧୀ ଦଳଙ୍କ ଏହି ହୀନ କାର୍ଯ୍ୟକୁ କେବେବି କ୍ଷମା ଦେବେ ନାହିଁ ବୋଲି କହିଥିଲେ। ବିଜେପି ପକ୍ଷରୁ ରାଜଧାନୀ ଭୁବନେଶ୍ୱରରେ ପ୍ରଦର୍ଶନୀ ପଡ଼ିଆରୁ ଲୋୟର ପିଏମ୍‌ଜି ପର୍ଯ୍ୟନ୍ତ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମରେ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ, ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ, ରବି ନାଏକ, ନିତ୍ୟାନନ୍ଦ ଗଣ୍ଡ, ଗୋକୁଳାନନ୍ଦ ମଲ୍ଲିକ ସାଂସଦ, ବିଧାୟକ ଏବଂ ଦଳର ବହୁ ନେତା ଯୋଗ ଦେଇଥିଲେ।

## ତୃତୀୟ ପୃଷ୍ଠାର ଅବଶିଷ୍ଟାଂଶ...

### ୬ ଘଣ୍ଟା ଭିଡ଼ରେ...

କରିବା ପରେ ଅଣାଯାଇଥିବା କ୍ରେନ୍‌ଟି ଟ୍ରକ୍‌କୁ ରାସ୍ତାରୁ ଉଠାଇ ପାରିଲା ନାହିଁ। ସେପଟେ ଗାଡ଼ି ଉଠାଇବା ପାଇଁ କ୍ରେନ ଲଗାଯିବା ପରେ ଅପର ପାଶ୍ୱର୍ ରାସ୍ତା ବି ଜାମ୍ ହୋଇଗଲା। ଏହାପରେ ଜାତୀୟ ରାଜପଥର କର୍ତ୍ତୃପକ୍ଷ ଏକ କ୍ରେନ୍ ପଠାଇଲେ, ମାତ୍ର କ୍ରେନ୍ ଗାଡ଼ି ଉଠାଇବ କ'ଣ, ଏହାର ଚେନ୍ ଛିଡ଼ିଗଲା। ଅନ୍ୟ ଉପାୟ ନପାଇ ଶେଷରେ ଏକ ଜେସିବି ଲଗାଇ ଟ୍ରକ୍‌ଟିକୁ ଭଙ୍ଗ ଦେବାକୁ ଉଦ୍ୟମ କଲେ। ମାତ୍ର ଗାଡ଼ିଟି ଭାଙ୍ଗି ପାରିଲା ନାହିଁ। ପରିଶେଷରେ ମଞ୍ଚେଶ୍ୱର ଶିଳ୍ପାଞ୍ଚଳରେ କିଛି ବ୍ୟକ୍ତିଙ୍କୁ ହାଇଡ୍ରା ପଠାଇବାକୁ ଟ୍ରାଫିକ୍ ବିଭାଗ ନେହୁରା ହେଲା। ସେମାନେ ୩ଟି ହାଇଡ୍ରା ପଠାଇ ଥିଲେ। ରାତି ପ୍ରାୟ ୯ଟା ୩୦ ମିନିଟ୍ ସମୟରେ ରାସ୍ତାରୁ ଟ୍ରକ୍‌ଟିକୁ ହଟାଇ ଦିଆଯାଇଥିଲା। ଗାଡ଼ି ହଟିବାର ୨ଘଣ୍ଟା ପର୍ଯ୍ୟନ୍ତ ଅଚଳାବସ୍ଥା ଜାରି ରହିଥିଲା। ରାତ୍ରି ପ୍ରାୟ ୧୨ଟା ସମୟରେ ପରିସ୍ଥିତି ସ୍ୱାଭାବିକ୍ ହୋଇଥିଲା। କେବଳ ହଜାର ହଜାର ଗାଡ଼ି ଓ ଏହାର ଯାତ୍ରୀ ନୁହଁନ୍ତି; ୧୬ରୁ ଉର୍ଦ୍ଧ୍ୱ ଆମ୍ବୁଲାନ୍ସ ଏହି ଭିଡ଼ରେ ଫସିଗଲା। ରୋଗୀ ସମୟ ମଧ୍ୟରେ ଡାକ୍ତରୀ ସୁବିଧା ପାଇ ପାରିଲେ ନାହିଁ। ରୋଗୀଙ୍କ ସାଙ୍ଗରେ ଆସିଥିବା ପ୍ରୀୟପରିଜନ ମାନେ ଭଗବାନଙ୍କ ନିକଟରେ ନେହୁରା ହେଉ ଥାନ୍ତି। କେଉଁଠି ଫସାଇଦେଲ ବୋଲି ମୁଣ୍ଡ ବାଡ଼ଉଥାନ୍ତି। ଆମ୍ବୁଲାନ୍ସ ସାଇରନ୍ ବାଜୁଥିଲେ ବି ଭିଡ଼ ଯୋଗୁଁ ଗାଡ଼ି ନା ଆଗକୁ ଗଡ଼ୁଥିଲା, ନା ପଛକୁ ଚାଲୁଥିଲା। ଆମ୍ବୁଲାନ୍ସ ଚଳାଇବା ଇତିହାସର ଏଭଳି ଅବ୍ୟବସ୍ଥା ରାଜଧାନୀରେ କେବେ ଦେଖି ନଥିଲୁ ବୋଲି ଜଣେ ଆମ୍ବୁଲାନ୍ସ କର୍ମଚାରୀ କହିଛନ୍ତି। ଦେଶରେ ଏବେ ପେଟ୍ରୋଲ, ଡ଼ିଜେଲର ସମସ୍ୟା ଉତ୍କଟ। ହର୍ମୁଜ ସମସ୍ୟା ଯୋଗୁଁ ଦେଶକୁ ତେଲ ଆମଦାନୀ ହୋଇ ପାରୁନାହିଁ। ଗଚ୍ଛିତ ତେଲ ସରି ସରି ଯାଉଛି। ମାତ୍ର ଟ୍ରାଫିକ୍ ଓ ପୁଲିସର ଅପାରଗତା ଯୋଗୁଁ ୮ ଘଣ୍ଟାରେ ରାଜପଥରେ ଲକ୍ଷଲକ୍ଷ ଲିଟର ତେଲ ଧୂଆଁ ହୋଇଗଲା। କୋଟି କୋଟି ଟଙ୍କାର ତେଲ ଅକାରଣେ ପୋଡ଼ିଗଲା ଓ ୬ ଘଣ୍ଟା ହିସାବରେ ଲକ୍ଷଲକ୍ଷ ଲୋକଙ୍କର ୬ ଲକ୍ଷ ଘଣ୍ଟା ସମୟ ବି ନଷ୍ଟ ହେଲା। କମିଶନରେଟ ପୁଲିସ ନିକଟରେ ଏପରି ସମସ୍ୟାର ସମାଧାନ ପାଇଁ ନା ଅଛି ସାଧନ ନା ଅଛି ଚିନ୍ତା। କେବଳ ବଡ଼ବଡ଼ିଆଙ୍କ ଗାଡ଼ି ଆଗରେ ନାଲିବତୀ ଲଗାଇ ଧାଇଁବା, ସେମାନଙ୍କୁ ସୁରକ୍ଷା ଦେବା ଛଡ଼ା ପୁଲିସ ଅନ୍ୟ ସବୁଥିରେ ଅଯୋଗ୍ୟ ବୋଲି ଏହି ଘଟଣାକୁ ଅଙ୍ଗେ ନିଭେଇଥିବା ଲୋକମାନେ ସମାଲୋଚନା କରୁଥିବା ଦେଖାଯାଇଛି।

### ବଢ଼ିଲା ଯୁଦ୍ଧବିରତି...

କରିଛି। ମାତ୍ର ଇରାନ ଉପରେ ଜାରି ରହିଥିବା ନୌସେନା ଅବରୋଧ ଏବଂ ଉଭୟ ପକ୍ଷର ଅବିଶ୍ୱାସ ଆଗାମୀ ଦିନରେ ଶାନ୍ତି ପ୍ରକ୍ରିୟାକୁ କେତେଦୂର ସଫଳ କରିବ, ତାହା ଦେଖିବାକୁ ବାକି ରହିଲା। ଜାତିସଂଘ ପକ୍ଷରୁ ଏହି ପଦକ୍ଷେପକୁ ସ୍ୱାଗତ କରାଯାଇଥିବା ବେଳେ ସମଗ୍ର ବିଶ୍ୱ ଏବେ ଇରାନର ପ୍ରତିକ୍ରିୟା ଓ ସେମାନଙ୍କ ଶାନ୍ତି ପ୍ରସ୍ତାବକୁ ଅପେକ୍ଷା କରିଛି। ଟ୍ରମ୍ପ ନିଜ ସୋସିଆଲ ମିଡିଆ ପ୍ଲାଟଫର୍ମ 'ଟ୍ରୁଥ୍ ସୋସିଆଲ'ରେ ଲେଖିଛନ୍ତି ଯେ, ପାକିସ୍ତାନର ଫିଲ୍ଡ ମାର୍ଶଲ ଅସିମ ମୁନିର ଏବଂ ପ୍ରଧାନମନ୍ତ୍ରୀ ଶେହବାଜ ଶରିଫଙ୍କ ସିଧାସଳଖ ଅନୁରୋଧ ପରେ ସେ ଆକ୍ରମଣକୁ ସ୍ଥଗିତ ରଖିବାକୁ ନିଷ୍ପତ୍ତି ନେଇଛନ୍ତି।

### ପଶ୍ଚିମ ବଙ୍ଗ, ତାମିଲନାଡୁ...

ଇତିହାସରେ କୌଣସି ରାଜ୍ୟରେ କେବେହେଲେ ଏତେ ସଂଖ୍ୟକ କେନ୍ଦ୍ରୀୟଯବାନ ମୁତୟନ ହୋଇନାହାନ୍ତି। ଏଥିରେ ସିଆରପିଏଫ୍, ବିଏସ୍ଏଫ୍, ସିଆଇଏସ୍ଏଫ୍, ଆଇଟିବିପି ଏବଂ ଏସଏସବି ଭଳି କେନ୍ଦ୍ରୀୟ ସଶସ୍ତ୍ର ବାହିନର ଯବାନ ରହିଛନ୍ତି। ଏତେ ସଂଖ୍ୟକ ଯବାନଙ୍କୁ ମୁତୟନ କରାଯାଇଥିବାରୁ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ନିର୍ବାଚନ କମିସନଙ୍କର ସମାଲୋଚନା କରିଛନ୍ତି।

ସେହିଭଳି ତାମିଲନାଡୁ ବିଧାନସଭା ନିର୍ବାଚନ ପାଇଁ ମଧ୍ୟ ଆସନ୍ତାକାଲି ମତଦାନ ହେବ। ରାଜ୍ୟ ବିଧାନସଭାର ସମସ୍ତ ୨୩୪ ଆସନରେ ଗୋଟିଏ ପର୍ଯ୍ୟାୟରେ ମତଦାନ କରାଯାଉଛି।

### ଓଡ଼ିଶା ସିଟି ଗ୍ୟାସ୍...

କାର୍ଯ୍ୟଖସଡ଼ା ପ୍ରସ୍ତୁତ କରାଯିବ। ସେହିପରି ସିଟି ଗ୍ୟାସ ଡିଷ୍ଟ୍ରିବ୍ୟୁସନ ପ୍ରକଳ୍ପଗୁଡ଼ିକୁ ସମୟ ମଧ୍ୟରେ ଶେଷ, ପ୍ରକଳ୍ପ ସମ୍ପତ୍ତିର ସଠିକ୍ ପରିଚାଳନା ମାଧ୍ୟମରେ ନିରାପଦ ଏବଂ ନିରନ୍ତର ଗ୍ୟାସ୍ ଯୋଗାଣ ନିଶ୍ଚିତ କରିବା ସାମିଲ ରହିଛି। ରାଜ୍ୟ ଗୃହ ଓ ନଗର ଉନ୍ନୟନ ବିଭାଗ ଏଥିପାଇଁ ନୋଡାଲ ଏଜେନ୍ସି ଭାବରେ କାର୍ଯ୍ୟ କରିବ। ଏହାର ସଫଳ ରୂପାୟନ ପାଇଁ ଏକ ରାଜ୍ୟ ସ୍ତରୀୟ ଉଚ୍ଚାଧିକାରୀ କମିଟି ଏବଂ ଜିଲ୍ଲା ସ୍ତରୀୟ ମନିଟରିଂ କମିଟି ଗଠନ କରାଯିବ। ଏହି ନୀତି ଦ୍ୱାରା ରାଜ୍ୟ ସରକାରଙ୍କ ଉପରେ କୌଣସି ଆର୍ଥିକ ବୋଝ ପଡ଼ିବ ନାହିଁ। ବରଂ ଏହା ଘରୋଇ ପୁଞ୍ଜିନିବେଶକୁ ଆକୃଷ୍ଟ କରିବ ବୋଲି ସରକାର ଯୁକ୍ତି ବାଢ଼ିଛନ୍ତି। ଆସନ୍ତା ୨୦୨୭ ମାର୍ଚ୍ଚ ମାସ ପର୍ଯ୍ୟନ୍ତ ଅନୁମୋଦିତ ଶୁଳ୍କ ଉପରେ ରିଆତି ପ୍ରଦାନ କରିବାକୁ ନୀତିରେ ପ୍ରସ୍ତାବ ଦିଆଯାଇଛି।

କଟକରେ କାଠଯୋଡ଼ି ନଦୀ ଉପରେ ବର୍ତ୍ତମାନର ସେତୁ ସହ ସମାନ୍ତର ଭାବରେ ଆଉ ଏକ ସେତୁ ନିର୍ମାଣ କରାଯିବ। ତ୍ରିଶୁଳିଆ ଛକରୁ ଜୁଡିସିଆଲ ଏକାଡେମୀ ଛକ ସହିତ ସଂଯୋଗ କରିବାକୁ ଥିବା ଏହି ସେତୁ ପ୍ରକଳ୍ପ ପାଇଁ ୧୫୮ କୋଟି ୮୮ ଲକ୍ଷ ୯୦୩୦୫ କୋଟି ଟଙ୍କାର ଟେଣ୍ଡରକୁ କ୍ୟାବିନେଟ ଅନୁମୋଦନ ମିଳିଛି। ମେସର୍ସ ଏସପିଏସ କନଷ୍ଟ୍ରକ୍ସନ ଇଣ୍ଡିଆ ପ୍ରା.ଲି ଏହି ପ୍ରକଳ୍ପ କାର୍ଯ୍ୟକାରୀ କରିବାକୁ ଥିବାବେଳେ ୩୬ ମାସ ମଧ୍ୟରେ ଏହାର ନିର୍ମାଣ କାର୍ଯ୍ୟ ସରିବ। ସେହିପରି କ୍ୟାବିନେଟରେ ବଲାଙ୍ଗିର ମେସର୍ସ ଅମ୍ବିକା କଟସ୍ପିନ୍‌ର ସ୍ପିନିଂ ୟୁନିଟ ସ୍ଥାପନ ପ୍ରସ୍ତାବକୁ ମଧ୍ୟ ମଞ୍ଜୁରୀ ମିଳିଛି। ଏହି ପ୍ରକଳ୍ପରେ ମୋଟ ୧୨୪ କୋଟି ନିବେଶ ହେବାକୁ ଥିବାବେଳେ ଏହି ୟୁନିଟରେ ପ୍ରତ୍ୟକ୍ଷ ଭାବେ ୩୦୦ ଜଣଙ୍କ ପାଇଁ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ। ସେହିପରି ଭାରତୀୟ ଷ୍ଟାମ୍ପ ଅଧିନିୟମ, ୧୮୯୯ରେ ଆବଶ୍ୟକ ସଂଶୋଧନ ପାଇଁ ଅଧ୍ୟାଦେଶ ଜାରି କରିବାକୁ କ୍ୟାବିନେଟ ନିଷ୍ପତ୍ତି ନେଇଛି। ଏହି ସଂଶୋଧନ ବଳରେ ଓଡ଼ିଶା ଆପାର୍ଟମେଣ୍ଟ(ମାଲିକାନା ଓ ପରିଚାଳନା) ଅଧିନିୟମ, ୨୦୦୩ ଅନୁଯାୟୀ ଆପାର୍ଟମେଣ୍ଟ ଥିବା ସାଧାରଣ କ୍ଷେତ୍ର ଓ ସୁବିଧାଗୁଡ଼ିକର ପଞ୍ଜୀକରଣ ପାଇଁ ଆସୋସିଏସନ ଅଫ୍ ଆଲଟିଜ୍‌ଙ୍କୁ ଦଲିଲ ପଞ୍ଜୀକରଣ ପାଇଁ ମାତ୍ର ୫୦ ହଜାର ଟଙ୍କାର ଷ୍ଟାମ୍ପ ଦେୟ ଦେବାକୁ ପଡ଼ିବ। ପରବର୍ତ୍ତୀ ସମୟରେ ବ୍ୟକ୍ତିଗତ ଆପାର୍ଟମେଣ୍ଟ ୟୁନିଟ ବିକ୍ରୟ ସମୟରେ ଆପାର୍ଟମେଣ୍ଟ ୟୁନିଟ ସହ ସାଧାରଣ କ୍ଷେତ୍ର ଓ ସୁବିଧାଗୁଡ଼ିକର ଅବିଭକ୍ତ ଅଂଶ ଉପରେ ୫ ପ୍ରତିଶତ ଷ୍ଟାମ୍ପ ଡ୍ୟୁଟି ଆନୁପାତିକ ଭାବେ ଆଦାୟ ହେବ। ଏହା ସହିତ ଅଧିନିୟମରେ ଥିବା ଆପାର୍ଟମେଣ୍ଟର ମୂଲ୍ୟ ଅନୁଯାୟୀ ୩ଟି ସ୍ଲାବ୍ ଯଥା ୩ ପ୍ରତିଶତ, ୪ ପ୍ରତିଶତ ଓ ୫ ପ୍ରତିଶତ ପରିବର୍ତ୍ତେ କେବଳ ୫ ପ୍ରତିଶତ ଷ୍ଟାମ୍ପ ଦେୟ ଦେବାକୁ ପଡ଼ିବ।

କ୍ୟାବିନେଟରେ ଓଡ଼ିଶା ରାଜ୍ୟ ତଥ୍ୟ ନୀତି-୨କୁ ମଞ୍ଜୁରୀ ମିଳିଛି। ଏହାଦ୍ୱାରା ଓଡ଼ିଶା ରାଜ୍ୟ ତଥ୍ୟ ନୀତି-୨ ପ୍ରଶାସନିକ ଦକ୍ଷତାକୁ ଉଲ୍ଲେଖନୀୟ ଭାବେ ବୃଦ୍ଧି କରିବା ସହ ସାର୍ବଜନୀନ ଯୋଜନା ଏବଂ କଲ୍ୟାଣମୂଳକ କାର୍ଯ୍ୟକ୍ରମରେ ବ୍ୟବହୃତ ତଥ୍ୟର ସଠିକତା ଏବଂ ବିଶ୍ୱସନୀୟତାରେ ଉନ୍ନତି ଆଣିବ ବୋଲି ଆଶା କରାଯାଉଛି। ସେହିପରି ନ୍ୟାସନାଲ କମିଶନ ଫର୍ ଆଲାଇଡ ଆଣ୍ଡ ହେଲଥକେୟାର ପ୍ରଫେସନ୍ସ ଅଧିନିୟମ, ୨୦୨୧ର ଧାରା ୬୮ (୧) ଅନୁଯାୟୀ ଓଡ଼ିଶା ରାଜ୍ୟ ଆଲାଇଡ ଆଣ୍ଡ ହେଲଥକେୟାର କାଉନସିଲ ନିୟମାବଳୀ, ୨୦୨୬ ପ୍ରଣୟନ, ଓଡ଼ିଶା ଟ୍ରାନ୍ସପୋର୍ଟ ଟ୍ରାଫିକ୍ ଏବଂ ଏନଫୋର୍ସମେଣ୍ଟ(ନିଯୁକ୍ତି ପ୍ରଣାଳୀ ଏବଂ ସେବା ସର୍ତ୍ତାବଳୀ) ନିୟମ, ୨୦୨୬ କ୍ୟାଡର ନିୟମ ଗଠନ, ଓଡ଼ିଶା ଲୋକସେବା ଅଧିକାର ନିୟମାବଳୀ, ୨୦୧୨ ସଂଶୋଧନ ପ୍ରସ୍ତାବକୁ ମଧ୍ୟ କ୍ୟାବିନେଟରେ ଅନୁମୋଦନ ମିଳିଛି।

### ମାଆ-ପୁଅଙ୍କୁ...

ଭାବେ କ୍ଷତାକ୍ତ କରିଦେଇଥିଲା। ଫଳରେ ସସ୍ମିତା ଓ ପ୍ରିୟାଂଶୁ ରକ୍ତାକ୍ତ ଅବସ୍ଥାରେ ଅଚେତ ହୋଇ ପଡ଼ିଥିଲେ। ଗ୍ରାମଠାରୁ ଢେଙ୍କାନାଳ ଜିଲ୍ଲା ହିନ୍ଦୋଳ ଡାକ୍ତରଖାନା ପାଖ ହୋଇଥିବାରୁ ଉଭୟଙ୍କୁ ଗ୍ରାମବାସୀ ଉଦ୍ଧାର କରି ସେହି ଡାକ୍ତରଖାନାକୁ ନେଇ ଚିକିତ୍ସା ପାଇଁ ଭର୍ତ୍ତି କରିଥିଲେ। ସେଠାରେ ଉଭୟଙ୍କୁ ଡାକ୍ତର ମୃତ ଘୋଷଣା କରିଛନ୍ତି। ନରସିଂହପୁର ଥାନା ପୁଲିସ, ବନବିଭାଗ ଅଧିକାରୀ ଶବ ଦୁଇଟିକୁ ଜବତ କରି ବ୍ୟବଚ୍ଛେଦ କରାଇଲା ପରେ ତଦନ୍ତ ଜାରି ରହିଛି। ନରସିଂହପୁର ବନବିଭାଗ ପକ୍ଷରୁ ଉଭୟଙ୍କ ପାଇଁ ୧ଲକ୍ଷ ଲେଖାଏଁ ସହାୟତା ପ୍ରତିଶ୍ରୁତି ଦେବାସହ ବାକି ୯ ଲକ୍ଷ ଲେଖାଏଁ ଶବ ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ଉଭୟ ମୃତକଙ୍କ ପରିବାରକୁ ପ୍ରଦାନ କରାଯିବ ବୋଲି ପ୍ରତିଶ୍ରୁତି ଦିଆଯାଇଛି। ଏପଟେ, ଏକସଙ୍ଗେ ମା' ଓ ଶିଶୁପୁତ୍ର ଦୁହିଁଙ୍କ ମୃତ୍ୟୁ ଘଟଣା ଅଞ୍ଚଳରେ ଶୋକାକୁଳ ପରିସ୍ଥିତି ସୃଷ୍ଟି କରିଛି। ଏହାପରେ ସ୍ଥାନୀୟ ଲୋକମାନେ କ୍ଷତିପୂରଣ ସହାୟତା ଦାବିରେ ନରସିଂହପୁର-ହିନ୍ଦୋଳ ମୁଖ୍ୟରାସ୍ତାକୁ ଅବରୋଧ କରିଥିଲେ। ବହୁ ସମୟ ପରେ ଘଟଣାସ୍ଥଳରେ ନରସିଂହପୁର ବନ ବିଭାଗ ଅଧିକାରୀ କୁଳେସ ସାହୁ ପହଞ୍ଚି ରାସ୍ତା ଅବରୋଧ କରିଥିବା ଗ୍ରାମବାସୀଙ୍କୁ ବୁଝାସୁଝା କରିବା ପରେ ପରିସ୍ଥିତି ସ୍ୱାଭାବିକ ହୋଇଥିଲା।

### ଜଳୁଛି ଓଡ଼ିଶା...

ଅନୁଭୂତ ହେବା ନେଇ ପୂର୍ବରୁ ଆଶଙ୍କା କରାଯାଇଥିଲା। ଏବେ ଓଡ଼ିଶା ଉପରେ ଏକ ଗୁରୁଚାପ ବଳୟ ସକ୍ରିୟ ରହିଥିବା ହେତୁ ଉତ୍ତର ଉତ୍ତର-ପଶ୍ଚିମ ଦିଗରୁ ପ୍ରବଳ ଗରମ ଓ ଶୁଷ୍କ ବାୟୁ ରାଜ୍ୟକୁ ପ୍ରବାହିତ ହେଉଛି। ଏହାସହିତ ଅପରାହ୍ଣ ପରେ ସମୁଦ୍ର ପଟୁ ଆସୁଥିବା ଜଳୀୟବାଷ୍ପପୂର୍ଣ୍ଣ ବାୟୁ ଓ ଏହା ପ୍ରଭାବରେ ସୃଷ୍ଟି ହେଉଥିବା କାଁ ଭାଁ କାଳବୈଶାଖୀ ମଧ୍ୟ ବନ୍ଦ ହୋଇଯାଇଛି। ଫଳରେ ତତଲା ମାଟି ସାଙ୍ଗ ଅଧିକ ସମୟ ଉତ୍ତାପ ଭିଡ଼ି ରଖୁଛି। ୨୩ କିମ୍ବା ୨୪ ବେଳକୁ ରାଜ୍ୟର ଆଭ୍ୟନ୍ତରୀଣ ଓଡ଼ିଶାର ଅନେକ ସ୍ଥାନରେ ତାପମାତ୍ରା ୪୫ ଡିଗ୍ରୀ ଛୁଇଁବାର ଆଶଙ୍କା କରାଯାଉଥିବା ବେଳେ ଉପକୂଳ ଓଡ଼ିଶାରେ ମଧ୍ୟ ତାପମାତ୍ରା ୪୦ ଡିଗ୍ରୀ ପାର୍ କରିବାର ଆଶଙ୍କା ରହିଛି।

ଅନ୍ୟପଟେ ଦିନରେ ତାତି ଅନୁଭୂତ ହେଉଥିଲେ ମଧ୍ୟ ରାତିରେ ବି ସ୍ୱାଭାବିକ ତୁଳନାରେ ତାପମାତ୍ରା ଅଧିକ ରହିବାର ସମ୍ଭାବନା ରହୁଛି। ଦିନ ତମାମ ପ୍ରଖର ସୂର୍ଯ୍ୟ କିରଣ ଓ ବାୟୁମଣ୍ଡଳରେ ରହୁଥିବା ଆର୍ଦ୍ରତା ପରିମାଣ ରାତିର ତାପମାତ୍ରା ବଢ଼ାଉଥିବା ହେତୁ ଆସନ୍ତା ୪ ଦିନ ପର୍ଯ୍ୟନ୍ତ ରାଜ୍ୟର ବିଭିନ୍ନ ଜିଲ୍ଲାରେ ଉଷ୍ଣ ରାତ୍ରି ଅନୁଭୂତ ହେବା ନେଇ ପାଣିପାଗ କେନ୍ଦ୍ର ପକ୍ଷରୁ ସୂଚନା ଦିଆଯାଇଛି। ଗୁରୁବାର ବଲାଙ୍ଗିର, ଝାରସୁଗୁଡ଼ା ଓ ସମ୍ବଲପୁରରେ ତାପମାତ୍ରା ସବୁଠୁ ଅଧିକ ରହିବା ସହ ଏଠାରେ ଗ୍ରୀଷ୍ମ ଲହରୀ ଆଶଙ୍କା କରି ପାଣିପାଗ କେନ୍ଦ୍ର ଏହି ଜିଲ୍ଲାଗୁଡ଼ିକୁ ହିଟ୍ ୱେଭ୍ ଆଲର୍ଟ ଜାରି କରିଛି। ସେହିପରି ବଲାଙ୍ଗିର, ସୁନ୍ଦରଗଡ଼, ବୌଦ୍ଧ, ସୋନପୁର, ସମ୍ବଲପୁର, ଅନୁଗୁଳ, ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, କଟକ, ଜଗତସିଂହପୁର, ପୁରୀ, ଖୋର୍ଦ୍ଧା, ନୟାଗଡ଼, ଗଞ୍ଜାମ ଓ ଗଜପତିରେ ଭୀଷଣ ଗୁଳୁଗୁଳି ଆଶଙ୍କା କରାଯାଇଛି। ପାଣିପାଗ କେନ୍ଦ୍ର ପକ୍ଷରୁ କୁହାଯାଇଛି, ଆସନ୍ତା ୪ ଦିନ ମଧ୍ୟରେ ତାପମାତ୍ରାରେ ବିଶେଷ ପରିବର୍ତ୍ତନ ହେବ ନାହିଁ। ଏହାପରେ କାଳବୈଶାଖୀର ପ୍ରଭାବ ବଢ଼ିବା ଯୋଗୁଁ ତାପମାତ୍ରାରେ ଧୀରେ ଧୀରେ ହ୍ରାସ ହେବ।


**OFFICE OF THE TAHASILDAR, KASHIPUR, RAYAGADA**

**TENDER CALL NOTICE**

Sealed tenders under two-bid system (Technical & Financial) are invited from registered firms/agencies/dealers for supply of 11 (Eleven) laptops for RI Circles under Kashipur Tahasil.

Important Dates:
1) Last date for receipt of tender papers: 13.05.2026 (05.00 PM)
2) Opening of Technical Bid: 14.05.2026 (09:00 AM)
3) Opening of Financial Bid: 14.05.2026 (11:00 AM)

For detailed terms & conditions, specifications and tender documents, visit: www.rayagada.odisha.gov.in.

4) Bids to be submitted through Speed Post only.

The undersigned reserves the right to accept/reject any or all tenders without assigning any reason and can issue corrigendum/addendum which will be published in district website.

Sd/- Tahasildar, Kashipur

NOTICE INVITING TENDER — 13001/274/2627
OFFICE OF THE MUNICIPAL COUNCIL, NAYAGARH
NAYAGARH (ODISHA), PIN-752069
e-Mail: nacnayagarh@yahoo.co.in
Tender Call Notice No. 907 / Dt. 17.04.2026
E-Procurement Notice No. MUNLNGR-11/2025-26

| | | |
|---|---|---|
| 1 | Name of the Work | Preparation of Plan, Estimate, Design of 1st floor Building at District Library Nayagarh in Pre-Engineered Structure (PEB) of Nayagarh Municipality |
| 2 | Financial Bid | Percentage basis to be entered by the Bidder (excluding GST) |
| 3 | Class of Bidder | Engineering Consultants / Architect having experience in similar nature of work |
| 4 | Date of Publication | Dt. 22.04.2026 |
| 5 | Date and Time of availability of document in the portal | From Dt. 22.04.2026 at 10.00 AM to Dt. 05.05.2026 upto 5.00 PM |
| 6 | Last date of Submission of filled-up bid documents in this Office | On or before 1.30 P.M. on Dt. 08.05.2026 by Registered Post / Speed Post / Courier only |
| 8 | Date and Time of opening Bid | Dt. 11.05.2026 at 11.00 AM at Municipality Office, Nayagarh |
| 9 | Name and address of the officer inviting bid | Sd/- Executive officer, Nayagarh Municipality |

Further details can be seen from e-Procurement portal: https://tendersodisha.gov.in

Sd/- Executive Officer, Nayagarh Municipality
OIPR-13001/13134/1/26-27/0008

**ZILLA SWASTHYA SAMITI, RAYAGADA** — 10001/81/2627
(UNDER NATIONAL HEALTH MISSION)
Adv. No.05/2026 — Date 21.04.2026

**Request for Proposal (RFP) for Selection of Agency to undertake Paramedics, Nursing & other Techno Managerial Services at Govt. Health Institutions**

ZSS Rayagada invites the request for proposals (RFP) from interested eligible bidders for Selection of Agency to undertake Paramedics, Nursing & other Techno Managerial Services at Govt. Health Institutions in Rayagada District. Interested Bidders are requested to log on to district official website www.rayagada.odisha.gov.in for downloading the detail RFP with eligibility criteria etc.

The interested bidder fulfilling the eligibility criteria may submit their proposals with Documents as set forth in this RFP to the office of CDM&PHO, Rayagada at Barijhola, PO-Rayagada, District-Rayagada, PIN-765002 through speed post / Registered Post / Courier only on or before 12.05.2026 till 11.00 AM positively and the envelope containing the proposal should be superscripted clearly for "Selection of Agency to undertake Paramedics, Nursing & other Techno Managerial Services at Govt. Health Institutions in Rayagada District".

The technical proposal shall be opened on 14.05.2026 at 11.00 AM in the O/o CDM&PHO, Rayagada. The undersigned reserves the right to reject any or all the proposals without assigning any reason thereof.

Sd/- Chief District Medical & Public Health Officer, Rayagada
OIPR-10001/10035/1/26-27/0001

NOTICE INVITING TENDER — 13001/267/2627
OFFICE OF THE MUNICIPAL COUNCIL, NAYAGARH
NAYAGARH (ODISHA), PIN-752069
e-Mail: nacnayagarh@yahoo.co.in
Tender Call Notice No. 975 / Dt. 17.04.2026
E-Procurement Notice No. MUNLNGR-/2025-26

| | | |
|---|---|---|
| 1 | Name of the Work | Supplying and installation of Programmable Dome with Centre Jet Fountain in FRP Pool and FRP SIGNAGE of (I LOVE SIGN NAYAGARH) in English letters at New Bus Stand of Nayagarh Municipality |
| 2 | Financial Bid | Item rate basis to be entered by the Bidder (excluding GST) |
| 3 | Class of Bidder | Registered Agency / Supplier |
| 4 | Date of Publication | Dt. 22.04.2026 |
| 5 | Date and Time of availability of document in the portal | From Dt. 22.04.2026 at 10.00 AM to Dt. 05.05.2026 upto 5.00 PM |
| 6 | Last date of Submission of filled-up bid documents in this Office | On or before 1.30 P.M. on Dt. 08.05.2026 by Registered Post / Speed Post / Courier only |
| 8 | Date and Time of opening Bid | Dt. 11.05.2026 at 11.00 AM at Municipality Office, Nayagarh |
| 9 | Name and address of the officer inviting bid | Sd/- Executive officer, Nayagarh Municipality |

Further details can be seen from e-Procurement portal: https://tendersodisha.gov.in

Sd/- Executive Officer, Nayagarh Municipality
OIPR-13001/13134/1/26-27/0004

NOTICE INVITING TENDER — 13001/272/2627
OFFICE OF THE MUNICIPAL COUNCIL, NAYAGARH
NAYAGARH (ODISHA), PIN-752069
e-Mail: nacnayagarh@yahoo.co.in
Tender Call Notice No. 917 / Dt. 17.04.2026
E-Procurement Notice No. MUNLNGR-/2025-26

| | | |
|---|---|---|
| 1 | Name of the Work | Supplying and installation of Conference Hall systems (Projector, Screen, Microphone, Mixer, Amplifier, Speaker, sign board etc. with accessories) for New Office Building of Nayagarh Municipality & O&M for a period of 03 year |
| 2 | Financial Bid | Item rate basis to be entered by the Bidder (excluding GST) |
| 3 | Class of Bidder | Registered Agency / Supplier / Contractor having experience in similar nature of work |
| 4 | Date of Publication | Dt. 22.04.2026 |
| 5 | Date and Time of availability of document in the portal | From Dt. 22.04.2026 at 10.00 AM to Dt. 05.05.2026 upto 5.00 PM |
| 6 | Last date of Submission of filled-up bid documents in this Office | On or before 1.30 P.M. on Dt. 08.05.2026 by Registered Post / Speed Post / Courier only |
| 8 | Date and Time of opening Bid | Dt. 11.05.2026 at 11.00 AM at Municipality Office, Nayagarh |
| 9 | Name and address of the officer inviting bid | Sd/- Executive officer, Nayagarh Municipality |

Further details can be seen from e-Procurement portal: https://tendersodisha.gov.in

Sd/- Executive Officer, Nayagarh Municipality
OIPR-13001/13134/1/26-27/0006

**AFFIDAVIT**

By virtue of an affidavit sworn before Executive Magistrate / Notary Public) Udala, Mayurbhanj, Odisha dated 22.04.2026, I, LAMBA KHANDUAL, AT/PO-Labanyadeipur, P.S - Sarat, Dist - Mayurbhanj - 757079 declare that I have changed my name from LAMBA KHANDUAL to SANJAY KHANDUAL. Henceforth, I shall be known as **SANJAY KHANDUAL** for all purposes.

**AFFIDAVIT**

By Virtue of an affidavit sworn before B.B Dutta (O.R.S) in the Court of Executive Magistrate, Balasore, I, Jayanti Bishi, Age-52, W/o- Ajit Kumar Das Adhikari, of Resident At/Po-Rela, PS-Jaleswar, Dist-Balasore, Odisha, Declared by Affidavit Sl No :- 2894, Date-18/04/2026, That, I have a Policy LIC of India vide policy No :- 598xxx816 my name as recorded as ARPITA DAS ADHIKARI, which is called by my In-Law family. Hence this affidavit **JAYANTI BISHI and ARPITA DAS ADHIKARI** same and one person for all future purpose.
Jayanti Bishi

**AFFIDAVIT**

By virtue of an affidavit No- 1504, sworn before the Executive Magistrate, Kendujhar on dtd-21/09/2025. I, **Ranjan Kumar Naik,** S/o- Prasanna Naik, resident of At-Gobindapur, Po-Birikala, PS- Joda, Dist-Kendujhar, Odisha, I have changed my name from **Ranjan Naik** (old name) to **Ranjan Kumar Naik** (New name). Henceforth both name **Ranjan Naik** and **Ranjan Kumar Naik** is one & same person & I will be known as **Ranjan Kumar Naik** for all future purposes.
**(Ranjan Kumar Naik)**

**ପୂର୍ବ ତଟ ରେଳପଥ**

ଟେଣ୍ଡର ବିଜ୍ଞପ୍ତି ସଂ.ST-OT-PM-VC-KUR-558, ତା.17.04.2026ରିଖ

କାର୍ଯ୍ୟର ନାମ : ମୁଖ୍ୟାଳୟ/ଭୁବନେଶ୍ୱର ସହିତ ଖୋର୍ଦ୍ଧା ରୋଡ୍ ମଣ୍ଡଳରେ ପ୍ରଧାନମନ୍ତ୍ରୀ ଭିଡିଓ କନ୍‌ଫରେନ୍ସ (VC), ରେଳ ମନ୍ତ୍ରୀ ଭିଡିଓ କନ୍‌ଫରେନ୍ସ (VC), ଲୋକସଭା ମେଳା ଇତ୍ୟାଦି ଭଳି VIP ସମାରୋହ।

ଟେଣ୍ଡର ମୂଲ୍ୟ(ଟଙ୍କାରେ): 20,42,526.44, EMD (ଟଙ୍କାରେ) : 40,900/-।

ବିଡ୍ ଆରମ୍ଭ ହେବା ତାରିଖ: ତା.27.04.2026ରିଖ, ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ: ତା.11.05.2026 ରିଖ 1100 ଘଣ୍ଟାରେ।

[illegible]

ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନୋଟିସ୍ ସହିତ ୱେବ୍‌ସାଇଟ୍ www.ireps.gov.in ରେ ଉପଲବ୍ଧ ଅଛି।

[illegible] 15(ପନ୍ଦର) [illegible]

ମଣ୍ଡଳ ରେଳ ପ୍ରବନ୍ଧକ(ସଂକେତ ଏବଂ ଦୂରସଂଚାର)/ ଖୋର୍ଦ୍ଧା ରୋଡ୍
PR-69/R/26-27

Court Notice Under Order 5, Rule 20 CPC
**IN THE COURT OF CIVIL JUDGE (SENIOR DIVISION), UDALA**
**Execution Case No.-15/2025**

Sagarika Panda ............... Applicant
Versus
Satyaban Panda .......... Respondent

**Satyaban Panda,** S/o- Late Bijay Kumar Panda, At- Debendrapur, P.O.- Palbani, PS- Baripada, Dist.- Mayurbhanj.

Whereas it has been proved to the satisfaction of the Court that the notice in the above noted case cannot be served in the ordinary way of service since you are keeping out of the way for purpose of avoiding service of summon. Hence, this proclamation Under Order 5, Rule 20 C.P.C. is hereby issued against you, the Respondent should appear personally or through counsel on dtd. **27.04.26 at 10.00 A.M. / 7.30 A.M.** before this Court.

Take notice that in default of your appearance on the day mentioned above, the case will be heard and determined in your absence according to law.

Given my hand and seal of the Court on this 16th day of April, 2026.

Civil Judge
Senior Division, Udala
Dist.- Mayurbhanj

**AFFIDAVIT**

I, Md. Ekbal Khan, S/o- Muktar Khan, resident of Moni Tower Lane, Barbil, P.S./P.O.- Barbil, Dist- Keonjhar, Pin – 758035, Odisha, declare by this affidavit No. 4804, Dated 06.09.2025 that now onwards I shall be known as **EKBAL KHAN** for all future purposes.

**AFFIDAVIT**

I, Annanya Mohanty, D/o- Pradosh Mohanty, resident of Plot No-1802, Near Badagada Canal Colony, BJB Nagar, Ps- Laxmisagar, Bhubaneswar, Dist- Khordha, Pin-751014, Odisha declare by this affidavit No-1320, date- 22/04/2026, that now onwards I shall be known as **ANANYA MOHANTY** for all future purposes.

**AFFIDAVIT**

I, Saikh Abdul Matin S/o Saikh Abdul Ahad, resident of At Plot No- 4461/7534, Badagada Brit Colony, Po- Badagada Brit Colony, Ps- Badagada, Bhubaneswar, Pin- 751018, Odisha declare by this affidavit No- 13667, date- 21/04/2026 that now onwards I shall be known as **SK ABDUL MATIN** for all future purposes.

**AFFIDAVIT**

I, Shaikh Niyaz, S/o- Shaikh Hedatulla, resident of At- Anjira, Po- Balikuda, Ps- Balikuda, Dist- Jagatsinghpur, Pin- 754108, Odisha declare by this affidavit No. 7015, date- 21/04/2026 that now onwards I shall be known as **SK NIYAZ** for all future purposes.

**AFFIDAVIT**

I, Israr Ahmad, aged about 71 years, S/o- Mohammad Hanif, resident of Jilan Complex, 2nd Floor, Main Road, PO: Rourkela-1, PS: Plantsite, Dist: Sundargarh, Odisha declared by this affidavit No. A/13, dtd- 20/04/2026 that now onwards I shall be known as **ISRAR AHMED** for all future purposes.

**AFFIDAVIT**

I, Nazma Khatun, aged about 38 years, W/o- Md. Fahim Akhtar, resident of Village: Mistry Daffai, Birmitrapur, PO/PS: Birmitrapur, Dist: Sundargarh, Odisha declared by this affidavit No. A/84, dtd- 15/04/2026 that now onwards I shall be known as **NAZMA KHATOON** for all future purposes.



# ଭୁବନେଶ୍ୱର ସିଟି

# ଡିଜିଟାଲ୍ ଯୁଗରେ ବି କମିନି ବହିର ଚାହିଦା

## ବହୁ ଗୁଣିତ ହୋଇଛି ପୁସ୍ତକ ପ୍ରକାଶନ

**ଆଜି ବିଶ୍ୱ ପୁସ୍ତକ ଦିବସ**

ଭୁବନେଶ୍ୱର, ୨୨।୪(ସମିସ): କୁହାଯାଏ ଭଲ ବହିଟିଏ ଥିଲେ ବନ୍ଧୁ ଲୋଡ଼ା ନାହିଁ। ମଣିଷ ଯେକୌଣସି ପରିସ୍ଥିତିରେ ଥିଲେ ମଧ୍ୟ ବଡି ପଢ଼ିବା ପରେ ମାନସିକ ପରିବର୍ତ୍ତନ ହୋଇଥାଏ। କାରଣ ପୁସ୍ତକରୁ ମାନସିକ, ଶାରିରୀକ ଓ ସାମାଜିକ ଶିକ୍ଷା ମିଳିଥାଏ। ବହି ବିଶ୍ୱର ଏପରି ଏକ ଅମୂଲ୍ୟ ସୃଷ୍ଟି, ଯାହା ମଣିଷ ପାଇଁ ଏକାଧାରରେ ସଙ୍କଟମୋଚକ, ପ୍ରେରଣାଦାୟକ ଓ ସଫଳତାର ସୂତ୍ରଧର ଭାବରେ କାର୍ଯ୍ୟକରେ। ପୂର୍ବରୁ ଆମେ ଗୁମ୍ଫା କାନ୍ଥରେ ପଢୁଥିଲେ, ପରେ ଶିଳାଲିପି, ତମ୍ବାପାତିଆ, ତାଳପତ୍ର, କାଗଜ ଉପରେ ହାତଲେଖା ଓ ପରେ କାଗଜ ଉପରେ ଛପା ଅକ୍ଷର ପଢ଼ିଲେ। ବର୍ତ୍ତମାନ କମ୍ପ୍ୟୁଟର ବା ମୋବାଇଲ ପରଦାରେ ପଢ଼ିବା ଆରମ୍ଭ କରିଛେ। ପଢ଼ିବାର ମାଧ୍ୟମ ବଦଳୁଥିଲେ ମଧ୍ୟ ପୁସ୍ତକର ଚାହିଦା ଏବେବି ରହିଛି।

ଜଗତିକରଣ ସହ ତାଳ ଦେଇ ବଦଳିଛି ପୁସ୍ତକର ପରିଭାଷା। ତାଳପତ୍ର ଲେଖନୀରୁ ଡିଜିଟାଇଜେସନ୍‌ରେ ପହଁଞ୍ଚିଛି ପୁସ୍ତକ। ଯେତେବେଳେ କାଗଜ ନ ଥିଲା କି କଲମ ନ ଥିଲା ସେତେବେଳେ ତାଳପତ୍ରରୁ ଆରମ୍ଭ ହୋଇଥିଲା ଲେଖନୀ। ପୂର୍ବରୁ ଆମେ କାନ୍ଥ ଲେଖା, ମାଟି ପଟ୍ଟା, ତମ୍ବାପାତିଆ, ଶିଳାଲିପି, ତାଳପତ୍ର ଛାଡ଼ି ଯେମିତି ଧୀରେଧୀରେ ବହିକୁ ଆପଣେଇଲେ। ତେଣୁ ପଢ଼ିବାର ବିକଳ୍ପ କିଛି ବି ହୋଇପାରିବନାହିଁ ବୋଲି ପ୍ରକାଶକମାନେ ମତବ୍ୟକ୍ତ କରିଛନ୍ତି। ଆଦିକବି ସାରଳା ଦାସ, ଜଗନ୍ନାଥ ଦାସ, ବଳରାମ ଦାସଙ୍କ ପରି କବିମାନେ ଗ୍ରନ୍ଥ ସବୁକୁ ତାଳପତ୍ରରେ ଲିଖନ କରୁଥିଲେ। ଲେଖନୀର ପରିବର୍ତ୍ତନ ହୋଇ କାଗଜ କଲମ ସୃଷ୍ଟି ହେବା ପରେ ପୁସ୍ତକ ଲେଖା ଆରମ୍ଭ ହେଲା। କିନ୍ତୁ ଏବେ ସମୟର ପରିବର୍ତ୍ତନ ସହ ବଦଳିଛି ପୁସ୍ତକର ପରିଭାଷା, ମାତ୍ର ପୁସ୍ତକ ପଢ଼ାରୁ ଦୂରେଇ ପାରିନାହାଁନ୍ତି ପାଠକ। କାରଣ ଦିନକୁ ଦିନ ଇଣ୍ଟରନେଟ୍ ଓ ଡିଜିଟାଲ ଯୁଗରେ ସମସ୍ତଙ୍କ ହାତରେ ସ୍ମାର୍ଟ ଫୋନ୍। ଯେଉଁଥିରେ ପୃଥିବୀର ଯେକୌଣସି ଲେଖକଙ୍କ ବହି ଖୋଜିଲେ ମିଳି ପାରୁଛି। ଗୀତା ଭାଗବତ ଓ ପୁରାଣଶାସ୍ତ୍ର ମଧ୍ୟ ଅନଲାଇନ୍ ମାଧ୍ୟମରେ ଉପଲବ୍ଧ ହେଉଛି। ଯାହା ପାଠକମାନଙ୍କ ମାନଙ୍କ ପାଇଁ ଅତ୍ୟନ୍ତ ସହଜ ହେଉଛି। କିନ୍ତୁ ଏହାରି ମଧ୍ୟରେ ପୁସ୍ତକ ପଢ଼ିବାର ଆକାଂକ୍ଷା ବଢ଼ି ଚାଲିଛି। ଇଣ୍ଟରନେଟ୍ ଯୁଗରେ ମଧ୍ୟ କମିନି ବହି ପଢ଼ିବାର ଉତ୍ସାହ ଓ ପ୍ରକାଶନର ସଂଖ୍ୟା। ଯଦି ଆମେ ପୂର୍ବକୁ ଫେରିଯିବା ତେବେ କଟକ ଓ ଭୁବନେଶ୍ୱରରେ ମାତ୍ର ହାତ ଗଣତି ପ୍ରକାଶନୀ ସଂସ୍ଥା ରହିଥିଲା। ହେଲେ ବର୍ତ୍ତମାନ କେବଳ ରାଜଧାନୀରେ ୩୦ରୁ ଊର୍ଦ୍ଧ୍ୱ ପ୍ରକାଶନୀ ସଂସ୍ଥା ରହିଛି। ପୁସ୍ତକ ପ୍ରକାଶନକୁ ଅନେକ ପ୍ରକାଶକ ନିଜର ବୃତ୍ତି ଭାବେ ଗ୍ରହଣ କରିଛନ୍ତି। ତେବେ ବର୍ତ୍ତମାନ ଲେଖକଙ୍କ ସଂଖ୍ୟା



ବୃଦ୍ଧି ପାଇବା ସହ ପ୍ରକାଶକଙ୍କ ସଂଖ୍ୟା ଓ ପୁସ୍ତକ ସଂଖ୍ୟା ବି ବୃଦ୍ଧି ପାଉଛି। ବର୍ଷକୁ ୧୦୦ରୁ ୧୨୦୦ ପୁସ୍ତକ ପ୍ରକାଶ ପାଉଥିବା ବେଳେ ଓଡ଼ିଶାର ବିଭିନ୍ନ ସହରରେ ପ୍ରତି ବର୍ଷ ସଫଳତାର ସହ ପୁସ୍ତକ ମେଳା ଆୟୋଜନ କରାଯାଉଛି। କେବଳ ରାଜଧାନୀର ବର୍ଷକୁ ୩ରୁ ୪ଟି ପୁସ୍ତକମେଳା ଆୟୋଜନ ସହ ନୂତନ ପୁସ୍ତକ ପ୍ରକାଶନ ଏହାର ପ୍ରକାଶ ବୋଲି କୁହାଯାଇପାରେ। ଏହାସହ ବର୍ତ୍ତମାନ ଡିଜିଟାଲ ପ୍ଲାଟଫର୍ମରେ ମଧ୍ୟ ପୁସ୍ତକ ଉପଲବ୍ଧ ହୋଇଛି। ପାଠକମାନେ ପାଠ୍ୟପୁସ୍ତକ ଠାରୁ ଆରମ୍ଭ କରି ଉପନ୍ୟାସ, ଗଳ୍ପ ପୁସ୍ତକ ଆଦି ବହୁଳ ଭାବେ କିଣୁଛନ୍ତି। ଏନେଇ ପେନ୍ ଇନ୍ ପ୍ରକାଶନୀର ମୁଖ୍ୟ ଶୁଭ୍ରାଂଶୁ ପଣ୍ଡା କହିଛନ୍ତି ଯେ, ପୁସ୍ତକର ବିକଳ୍ପ ହୋଇପାରିବ ନାହିଁ। ପୁସ୍ତକକୁ ନେଇ ଓଡ଼ିଆ ବୁଦ୍ଧିଜୀବୀ ମହଲରେ ଗୋଟିଏ ଭ୍ରମଧାରଣା ଅଛି ଯେ, ଡିଜିଟାଲ ମନୋରଞ୍ଜନର ମାଧ୍ୟମ ଏହାକୁ ମାରି ଦେଉଛି, ଦିନକୁ ଦିନ ପାଠକ କମି ଯାଉଛନ୍ତି, ବହିପ୍ରତି ଲୋକଙ୍କ ଆଦର କମୁଛି ଏବଂ ବହି ବିକ୍ରି ହେଉନାହିଁ। ଏ ଚାରୋଟି ଯାକ ସଂଶୟ ଅମୂଳକ। ପାଠକ ପୂର୍ବାପେକ୍ଷା ବହୁଗୁଣିତ ହୋଇଛନ୍ତି, ଅନୁରୂପ ଭାବେ ବହି ବିକ୍ରି ମଧ୍ୟ ବଢ଼ିଛି। କିନ୍ତୁ ସମସ୍ୟା ହେଉଛି ଅନ୍ୟ ପ୍ରସିଦ୍ଧ ଶିଳ୍ପ ଓ ବଜାର ଭଳି ବହି ଶିଳ୍ପ ସଂଗଠିତ ନୁହେଁ ଓ ବହିର ବଜାର ନିୟନ୍ତ୍ରିତ ନୁହେଁ। ଓଡ଼ିଶାରେ ଭଲ ବହି ଦୋକାନ ନାହିଁ। ପ୍ରକାଶକ, ଲେଖକ ଓ ପାଠକଙ୍କ ସଂଖ୍ୟା ବଢୁଥିବାବେଳେ ଏହାକୁ ଏକାଠି କରିବା ପାଇଁ ପ୍ରୋତ୍ସାହନର ଅଭାବ ରହିଛି। ଡିଜିଟାଲ ଦୁନିଆ ବା ସାମାଜିକ ଗଣମାଧ୍ୟମରେ ଟିପ ଅଗରେ ମିଳୁଥିବା ମନୋରଞ୍ଜନ କେବେ ବି ବହିର ବିକଳ୍ପ ହୋଇପାରିବନାହିଁ। ଗୋଟିଏ ବହିର ସବୁଠୁ ବଡ଼ ଶକ୍ତିହେଲା ଏହା ଆମର କଳ୍ପନା ଶକ୍ତିକୁ ବିସ୍ତାର କରେ ଓ ଡେଣାଦିଏ। ବହିର ଚାହିଦା ଏତେ ସହଜରେ ଲୋପ ପାଇବନାହିଁ।

## ଜାନକୀବଲ୍ଲଭ ସ୍ମୃତି ପ୍ରତିଯୋଗିତାର କୃତି ଛାତ୍ରଛାତ୍ରୀ ପୁରସ୍କୃତ



ଭୁବନେଶ୍ୱର, ୨୨।୪(ସମିସ): ରାଜ୍ୟସ୍ତରୀୟ ଜାନକୀ ବଲ୍ଲଭ ପଟ୍ଟନାୟକ ସ୍ମୃତି କମିଟି ପକ୍ଷରୁ ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ପୂର୍ବତନ ରାଜ୍ୟପାଳ ପ୍ରଜ୍ଞାପୁରୁଷ ଜାନକୀ ବଲ୍ଲଭଙ୍କ ଉପରେ ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତାରେ କୃତି ଛାତ୍ରଛାତ୍ରୀଙ୍କୁ ପୁରସ୍କାର ପ୍ରଦାନ କରାଯାଇଛି। ହେଲ୍ପମେଟର ସାଧାରଣ ସମ୍ପାଦିକା, ସମାଜସେବୀ ନିବେଦିତା ଭଞ୍ଜଙ୍କ ସଂଯୋଜନାରେ ଛାତ୍ରଛାତ୍ରୀଙ୍କ ମଧ୍ୟରେ ୩ଟି ପର୍ଯ୍ୟାୟରେ ବକ୍ତୃତା, ଚିତ୍ରାଙ୍କନ ଓ ସାଧାରଣ ଜ୍ଞାନପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମରେ ପୂଜ୍ୟ ପରମହଂସ ସ୍ୱାମୀ ବ୍ରହ୍ମାନନ୍ଦ ସରସ୍ୱତୀ କହିଲେ ଯେ ନୂତନ ପିଢି ଓଡ଼ିଶାର ମହାପୁରୁଷ ମାନଙ୍କୁ ଭଲ ପାଉଥିବା ବେଳେ, ଜାନକୀ ବାବୁ ଦେଶଭକ୍ତି ଓ ଶ୍ରୀଜଗନ୍ନାଥଙ୍କ ପ୍ରତି ସମର୍ପଣ ଭାବ, ଓଡ଼ିଆ ଭାଷା, ସାହିତ୍ୟ, ସଂସ୍କୃତିକୁ ସୁଦୃଢ କରିବାରେ ତାଙ୍କ ସଂକଳ୍ପ ବିଷୟରେ ଆଲୋଚନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସ୍ମୃତି କମିଟିର ସାଧାରଣ ସମ୍ପାଦକ ଡ. ଆର୍ଯ୍ୟକୁମାର ଜ୍ଞାନେନ୍ଦ୍ର, ହିନ୍ଦୁସ୍ତାନୀ ସେବା ଦଳର ଅଧ୍ୟକ୍ଷ ବଳରାମ ସିଂ ଭାଦୁରିଆ, ପ୍ରଗତିବାଦୀର କାର୍ଯ୍ୟନିର୍ବାହୀ ସମ୍ପାଦକ ବିରୁପାକ୍ଷ ତ୍ରିପାଠୀ, ପୂର୍ବତନ ମନ୍ତ୍ରୀ ପଞ୍ଚାନନ କାନୁନ୍‌ଗୋ, ଶିକ୍ଷାବିତ୍ ଡ. ବଦ୍ରୀନାଥ ପଟ୍ଟନାୟକ, ପଦ୍ମଶ୍ରୀ ଦେବୀ ପ୍ରସନ୍ନ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମକୁ ସାମ୍ବାଦିକ ଅରବିନ୍ଦ ତ୍ରିପାଠୀ, ଯୋଗୀନାଥ ବାହୁବଳେନ୍ଦ୍ର ଓ ରଜନୀ କୁମାର ମହାନ୍ତି ପ୍ରମୁଖ ପରିଚାଳନା କରିଥିଲେ।

## ‘ସାଂସ୍ରିଷ୍ଟି’ର ପ୍ରତିଷ୍ଠା ଦିବସ




ଭୁବନେଶ୍ୱର, ୨୨।୪(ସମିସ): ଜେଣ୍ଡର ରିସୋର୍ସ ସେଣ୍ଟର ଏବଂ ନାଗରିକ ସଂଗଠନ ‘ସାଂସ୍ରିଷ୍ଟି’ର ୨୧ତମ ପ୍ରତିଷ୍ଠା ଦିବସ ବୁଦ୍ଧମନ୍ଦିରରେ ଅନୁଷ୍ଠିତ ହୋଇଯାଇଛି। ଏହାର ପ୍ରତିଷ୍ଠାତା ସଦସ୍ୟ ଡ. ଅମ୍ରିତା ପଟେଲଙ୍କ ସ୍ମୃତିରେ ଅମ୍ରିତା ସ୍ମାରକୀ ବକ୍ତୃତା ପ୍ରଖ୍ୟାତ ସମାଜବିଜ୍ଞାନୀ କଳ୍ପନା କନ୍ନବୀରନ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମକୁ ସାମାଜିକ କର୍ମୀ, ନ୍ୟାସନାଲ ଆଲାଏନ୍ସ ଅଫ୍ ଓମେନ୍ସ ଅର୍ଗାନାଇଜେସନ୍ ସଚିବ ପ୍ରମିଳା ସ୍ୱାଇଁ ଉଦ୍‌ଘାଟନ କରିଥିଲେ। ମୁଖ୍ୟବକ୍ତା ଭାବେ ପ୍ରଫେସର କଳ୍ପନା କନ୍ନବୀରନ୍ ଯୋଗଦେଇ ସମ୍ବିଧାନ ଅନୁଯାୟୀ ମହିଳା ସମାନତା ବିଷୟରେ ବିତର୍କ କିପରି ବିକଶିତ ହୋଇଛି ସେ ବିଷୟରେ ବକ୍ତବ୍ୟ ପ୍ରଦାନ କରିଥିଲେ। ସଭାପତି ପ୍ରଫେସର ସ୍ୱର୍ଣ୍ଣମୟୀ ତ୍ରିପାଠୀଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମ ପ୍ରାରମ୍ଭରେ ଅନୁଷ୍ଠାନର ସଚିବ ଡ. ଲେନିନ୍ ମହାନ୍ତି ସ୍ୱାଗତ ଭାଷଣ ଦେଇଥିଲେ ଏବଂ ସଦସ୍ୟ ବୈଭବ ପଟେଲ ଅନୁଷ୍ଠାନର କାର୍ଯ୍ୟକଳାପ ବିଷୟରେ ଅବଗତ କରିଥିଲେ। ଶେଷରେ ସ୍ୱପ୍ନା ବିଶ୍ୱାଳ ଧନ୍ୟବାଦ ଅର୍ପଣ କରିଥିଲେ। ଏଥିରେ ଅନ୍ୟମାନଙ୍କ ମଧ୍ୟରେ ଆଶା ହଂସ, ବିଶାଖା ଭଞ୍ଜ, ମଧୁମିତା ଦାସ ପ୍ରମୁଖ ଉପସ୍ଥିତ ଥିଲେ।

## ଲୋକଭବନରେ ଚାରାରୋପଣ କଲେ ରାଜ୍ୟପାଳ



ଭୁବନେଶ୍ୱର, ୨୨।୪(ସମିସ): ପୃଥିବୀ ଦିବସ ପାଳନ ଅବସରରେ ଲୋକଭବନରେ ମାନ୍ୟବର ରାଜ୍ୟପାଳ ଡ. ହରିବାବୁ କମ୍ଭମପାଟି ଚାରା ରୋପଣ କରିଛନ୍ତି। ଏହି ଅବସରରେ ରାଜ୍ୟପାଳ ବାର୍ତ୍ତା ଦେଇ କହିଛନ୍ତି ଯେ, ଏପରି ଅର୍ଥପୂର୍ଣ୍ଣ କାର୍ଯ୍ୟ ପ୍ରକୃତିର ପୋଷଣ ଏବଂ ସୁରକ୍ଷା ପାଇଁ ସମ୍ମିଳିତ ଦାୟିତ୍ୱକୁ ପ୍ରତିଫଳିତ କରେ। ପ୍ରତ୍ୟେକ ଚାରା ଏକ ସବୁଜ ଏବଂ ସୁସ୍ଥ ଭବିଷ୍ୟତର ପ୍ରତିଶ୍ରୁତି ବହନ କରେ। ପରିବେଶ ସୁରକ୍ଷା ଏବଂ ଆଗାମୀ ପିଢ଼ି ପାଇଁ ସ୍ଥାୟୀ ଅଭିବୃଦ୍ଧି ସୁନିଶ୍ଚିତ କରିବା ପାଇଁ ସାମୂହିକ ପ୍ରୟାସର ଆବଶ୍ୟକତା ରହିଛି ବୋଲି ରାଜ୍ୟପାଳ କହିଛନ୍ତି। ପୃଥିବୀ ଦିବସ ପାଳନ ଅବସରରେ ରାଜ୍ୟପାଳଙ୍କ କମିଶନର ତଥା ଶାସନ ସଚିବ ଡ଼ ରୂପା ରୋଶନ ସାହୁଙ୍କ ସମେତ ଲୋକଭବନର ଅଧିକାରୀ ଓ କର୍ମଚାରୀମାନେ ମଧ୍ୟ ଚାରା ରୋପଣ କରିଥିଲେ।

## ଇପିଏଫ୍ ପେନସନର୍ସ ସଙ୍ଘର କୋର କମିଟି ବୈଠକ

### ପେନସନ୍ ବୃଦ୍ଧି ପାଇଁ ପ୍ରଧାନମନ୍ତ୍ରୀଙ୍କୁ ଦାବିପତ୍ର ନିଷ୍ପତ୍ତି

ଭୁବନେଶ୍ୱର, ୨୨।୪(ସମିସ): ଅଲ୍ ଓଡ଼ିଶା ଇପିଏଫ୍ ପେନସନର୍ସ ଆସୋସିଏସନ୍‌ର କୋର କମିଟି ବୈଠକ ମଙ୍ଗଳବାର ଅନୁଷ୍ଠିତ ହୋଇଛି। ସର୍ବନିମ୍ନ ଇପିଏଫ୍ ପେନସନ ୯ ହଜାରକୁ ବୃଦ୍ଧି କରିବା ସହ ମହଙ୍ଗା ଭତ୍ତା ପ୍ରଦାନ ଓ ନିଃଶୁଳ୍କ ଚିକିତ୍ସା ସୁବିଧା ପ୍ରଦାନ କରିବାରେ କେନ୍ଦ୍ର ସରକାର ଟାଳଟୁଳ ନୀତି ଅବଲମ୍ବନ କରୁଛନ୍ତି। ଏପରିକି ସର୍ବୋଚ୍ଚ ନ୍ୟାୟାଳୟଙ୍କ ଆଦେଶ ମୁତାବକ ବର୍ଦ୍ଧିତ ପେନସନ ପ୍ରଦାନରେ ବିଭିନ୍ନ ଆଳ ଦେଖାଇ ଇପିଏଫ୍ ଅଧିକାରୀମାନେ ଅନେକ ହିତାଧିକାରୀଙ୍କୁ ବଞ୍ଚିତ କରୁଛନ୍ତି। ଏହାକୁ ବୈଠକରେ ନିନ୍ଦା କରିବା ସହ ତ୍ୱରିତ ସମସ୍ତ ଦାବି ପୂରଣ ସହ ସ୍ୱଚ୍ଛତାର ସହ ପେନସନ୍ ପ୍ରଦାନ କରିବାକୁ ଦାବି କରିଛନ୍ତି। ଇଂ ବିଜୟ କୁମାର ଜେନାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ବୈଠକରେ କୁହାଯାଇଛି ଯେ, ଦୀର୍ଘ ୧୨ ବର୍ଷ ଧରି ସର୍ବନିମ୍ନ ପେନସନ ବୃଦ୍ଧି କରାନଯିବା ବିଡମ୍ବନାର ବିଷୟ। ଏହାକୁ ଅନ୍ୟାୟ ଭାବେ ଦର୍ଶାଇବା ସହ ସଂଘର ରାଜ୍ୟ ଓ ଜିଲ୍ଲା କମିଟି ପକ୍ଷରୁ ପ୍ରଧାନମନ୍ତ୍ରୀଙ୍କୁ ଦାବିପତ୍ର ପ୍ରଦାନ କରିବାକୁ ନିଷ୍ପତ୍ତି ନିଆଯାଇଛି। ହିତାଧିକାରୀଙ୍କ ବିଭିନ୍ନ ସମସ୍ୟାର ସମାଧାନ ପାଇଁ ଭବିଷ୍ୟନିଧି ସଂଗଠନର ରାଜ୍ୟ ମୁଖ୍ୟଙ୍କ ସହ ଏକ ପ୍ରତିନିଧିମଣ୍ଡଳୀ ଆଲୋଚନା ପାଇଁ ମଧ୍ୟ ନିଷ୍ପତି ହୋଇଛି। ଦାବି ପୂରଣ ନ ହେଲେ ବ୍ୟାପକ ଆନ୍ଦୋଳନ କରାଯିବ ବୋଲି ମଧ୍ୟ ଆଲୋଚନା ହୋଇଛି। ଏହି ବୈଠକରେ କେନ୍ଦ୍ରୀୟ



ଉପସଭାପତି ତଥା ରାଜ୍ୟ ସାଧାରଣ ସମ୍ପାଦକ ଭାଗ୍ୟଧର ବ୍ରହ୍ମା, ଉପଦେଷ୍ଟା ନଟବର ଆଚାର୍ଯ୍ୟ, କାର୍ଯ୍ୟକାରୀ ସଭାପତି ପ୍ରଫୁଲ୍ଲ କୁମାର ଦାସ, ବିକ୍ରମ ଛୋଟରାୟ, ସରୋଜକାନ୍ତ ମଲ୍ଲିକ, କୃଷ୍ଣଚନ୍ଦ୍ର ସାହୁ, ଧୀରେନ୍ଦ୍ର ପ୍ରତାପ, ପ୍ରକାଶ କୁମାର ପଟ୍ଟନାୟକ, ଗୀତାଞ୍ଜଳି ପାତ୍ର ଓ ଉର୍ବଶୀ ମିଶ୍ର, ଅଲେଖ ଚରଣ ରାଉତ, ଲୋକନାଥ ସାମନ୍ତରାୟ ଓ ବେଣୁଧର ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

## କିମ୍ସରେ ବିରଳ ମେରୁଦଣ୍ଡ ଅସ୍ତ୍ରୋପଚାର

ଭୁବନେଶ୍ୱର, ୨୨।୪(ସମିସ): କିମ୍ସ ହସ୍ପିଟାଲର ଡାକ୍ତରଙ୍କ ଅକ୍ଳାନ୍ତ ପରିଶ୍ରମ ପାଇଁ ନୂଆ ଜୀବନ ପାଇଛନ୍ତି ତ୍ରିଶୁଳିଆ ଅଞ୍ଚଳର ସୁଜିତ ନାୟକ। ସୁଜିତଙ୍କଠାରେ ହୋଇଥିବା ବିରଳ ଓ ଜଟିଳ ମେରୁଦଣ୍ଡ ଅସ୍ତ୍ରୋପଚାର ସଫଳ ହୋଇଛି। ସୂଚନାଅନୁସାରେ, କଟକ ଜିଲ୍ଲା ତ୍ରିଶୁଳିଆ ଅଞ୍ଚଳର ସୁଜିତ ନାୟକ ପୂର୍ବରୁ ଆଙ୍କିଲୋଜିଂ ସ୍ପଣ୍ଡିଲାଇଟିସ୍ ନାମକ ଜଟିଳ ରୋଗରେ ପୀଡ଼ିତ ଥିଲେ। ପରେ ଏକ ଦୁର୍ଘଟଣାରେ ତାଙ୍କର ବେକ ଓ ପିଠି ହାଡ ମଧ୍ୟରେ ଗୁରୁତର ଆଘାତ ଲାଗିଥିଲା। ଫଳରେ ତାଙ୍କ ମୁଣ୍ଡ ସବୁବେଳେ ନଇଁଲା ଭଳି ଅବସ୍ଥାରେ



ରହୁଥିଲା। କିମ୍ସ ହସ୍ପିଟାଲରେ ବରିଷ୍ଠ ସ୍ପାଇନ୍ ସର୍ଜନ ଡ. ଜିତେନ୍ଦ୍ର କୁମାର ରାଉତ ପରୀକ୍ଷା ନିରୀକ୍ଷା ପରେ ଅସ୍ତ୍ରୋପଚାର କରିଥିଲେ। ଅସ୍ତ୍ରୋପଚାର ପରେ ସୁଜିତ ନାୟକ ଏବେ ସମ୍ପୂର୍ଣ୍ଣ ସୁସ୍ଥ ଅଛନ୍ତି। ଏହି ସଫଳତାରେ କିଟ୍, କିସ୍ ଓ କିମ୍ସ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ଡାକ୍ତରୀ ଦଳକୁ ଧନ୍ୟବାଦ ଜଣାଇଛନ୍ତି।

## ସ୍ୱସ୍ତିକା ସମନ୍ୱିତାଙ୍କୁ ସିସିଆର୍‌ଟି କନିଷ୍ଠ ଜାତୀୟ ପ୍ରତିଭା ବୃତ୍ତି



ଭୁବନେଶ୍ୱର, ୨୨।୪(ସମିସ): ପଦ୍ମଶ୍ରୀ ଗୁରୁ ଦୁର୍ଗା ଚରଣ ରଣବୀରଙ୍କ ପ୍ରତିଷ୍ଠିତ ଶାସ୍ତ୍ରୀୟ ନୃତ୍ୟାନୁଷ୍ଠାନ ‘ନୃତ୍ୟାୟନ’ ର ଛାତ୍ରୀ ସ୍ୱସ୍ତିକା ସମନ୍ୱିତା ଓଡ଼ିଶୀ ନୃତ୍ୟରେ କେନ୍ଦ୍ର ସରକାରଙ୍କ ମର୍ଯ୍ୟାଦାଜନକ ସିସିଆର୍‌ଟି କନିଷ୍ଠ ଜାତୀୟ ପ୍ରତିଭା ବୃତ୍ତି ଲାଭ କରିଛନ୍ତି। ଭୁବନେଶ୍ୱରରେ ରହୁଥିବା ଶ୍ୱେତଲିନା ପ୍ରଧାନ ଏବଂ ଖଗେଶ୍ୱର ଜୟପୁରିଆଙ୍କ ଏକମାତ୍ର କନ୍ୟା ସ୍ୱସ୍ତିକା ପିଲାଦିନରୁ ଓଡିଶୀ ନୃତ୍ୟ ଶିକ୍ଷାଲାଭ କରି ଆସୁଛନ୍ତି। ସ୍ୱସ୍ତିକା ନୃତ୍ୟାୟନର ଓଡିଶୀ ନୃତ୍ୟ ଶିକ୍ଷକ ମନୋଜ କୁମାର ପ୍ରଧାନଙ୍କ ନିଟକରୁ ଶିକ୍ଷାଦାନ କରିଛନ୍ତି।

## ଓଡ଼ିଶା ନାଭାଲ ଟାଟା ହକି ଏଚ୍‌ପିସି ଖେଳାଳିଙ୍କ ଚମକ

ଭୁବନେଶ୍ୱର, ୨୨।୪ (ସମିସ): ମଧ୍ୟପ୍ରଦେଶର ଗ୍ୱାଲିୟରରେ ଶେଷ ହୋଇଥିବା ୫ମ ଅସ୍ମିତା ଜୁନିଅର ମହିଳା ହକି ଲିଗ୍‌ରେ ଓଡ଼ିଶା ଚାମ୍ପିଅନ ହୋଇଛନ୍ତି। ଉତ୍କଣ୍ଠାପୂର୍ଣ୍ଣ ଫାଇନାଲରେ ଓଡ଼ିଶା ଦଳ ସୁଟ୍ ଆଉଟ୍‌ରେ ୨-୧ (୧-୧) ଗୋଲରେ ଘରୋଇ ମଧ୍ୟପ୍ରଦେଶକୁ




ହରାଇ ଟାଇଟଲ୍ ଜିତିଥିଲା। ରାଜ୍ୟ ଜୁନିଅର ମହିଳା ଦଳର ଏହି ସଫଳତାରେ ଓଡ଼ିଶା ନାଭାଲ ଟାଟା ହକି ହାଇପରଫମାନ୍ସ ସେଣ୍ଟର (ଏଚ୍‌ପିସି) ର ଖେଳାଳି ଉଲ୍ଲେଖନୀୟ ପ୍ରଦର୍ଶନ କରିଥିଲେ। ନାଭାଲା ଟାଟା ହକି ଏଚ୍‌ପିସିର ପବିତ୍ରା ହୋଡମ ଚମତ୍କାର ଗୋଲ୍‌ରକ୍ଷଣ କରି ସୁଟଆଉଟରେ ୪ଟି ଗୋଲ୍ ଅଟକାଇ ଦେଇଥିଲେ। ପବିତ୍ରାଙ୍କ ବ୍ୟତୀତ ଏଚ୍‌ପିସିର ଜାହ୍ନବୀ ବଡ଼ା, ଅମିଷା ଏକ୍କା, ଡଲି ବୋଇ ଓ ଅହଲ୍ୟା ଲାକ୍ରା ଚାମ୍ପିଅନ ଦଳର ସଦସ୍ୟା ରହିଥିଲେ। ସେହିଭଳି ଏହି ସଫଳତାରେ ବିଏସଏଫ୍‌ରୁ ପ୍ରତିନିଧିତ୍ୱ କରୁଥିବା ଟାଟା ହକି ଏଚ୍‌ପିସିର ଦୁଇ ପୁରାତନ ପ୍ରଶିକ୍ଷାର୍ଥୀ ପ୍ରେମଶିଳା ବାଗେ ଓ ଅମିଶା କୁଲ୍ଲୁ ମଧ୍ୟ ଗୁରୁତ୍ୱପୂର୍ଣ୍ଣ ଭୂମିକା ତୁଲାଇଥିଲେ। ଏହି ବିଜୟ ପୁଣିଥରେ ପ୍ରତିପାଦିତ କରିଛି ଯେ ଓଡ଼ିଶା ନାଭାଲ ଟାଟା ହକି ଏଚ୍‌ପିସି ଶ୍ରେଷ୍ଠ ହକି ପ୍ରତିଭା ଗଢ଼ିବାରେ ଏବଂ ରାଜ୍ୟରେ ମହିଳା ହକିର ଭବିଷ୍ୟତକୁ ସୁଦୃଢ଼ କରିବାରେ ପ୍ରମୁଖ ଭୂମିକା ଗ୍ରହଣ କରିଛି।

## ସିପିଆଇ (ଏମଏଲ୍)ର ପ୍ରତିଷ୍ଠା ଦିବସ

ଭୁବନେଶ୍ୱର, ୨୨।୪(ସମିସ): ସିପିଆଇ (ଏମଏଲ୍) ଲିବରେସନ ରାଜ୍ୟ କମିଟି ତରଫରୁ ୫୮ ତମ ପାର୍ଟି ପ୍ରତିଷ୍ଠା ଦିବସ ଅଶୋକ ନଗର ସ୍ଥିତ ନାଗଭୂଷଣଭବନରେ ଅନୁଷ୍ଠିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ କମ୍ରେଡ ଚାରୁମଜୁମଦାର ଓ କ. ଲେଲିନ୍‌ଙ୍କ ତୈଳ ଫଟୋଚିତ୍ରରେ ପୁଷ୍ପମାଲ୍ୟାର୍ପଣ ପୂର୍ବକ ସ୍ମୃତିଚାରଣ କରାଯାଇଥିଲା। ସିପିଆଇ (ଏମଏଲ) ଲିବରେସନ ରାଜ୍ୟ କମିଟି ସଦସ୍ୟ ମହେନ୍ଦ୍ର ପରିଡ଼ାଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ରାଜ୍ୟ ସମ୍ପାଦକ ଯୁଧିଷ୍ଠିର ମହାପାତ୍ର, କେନ୍ଦ୍ରୀୟ କମିଟି ସଦସ୍ୟ ଓ ପ୍ରାକ୍ତନ ବିଧାୟକ ରାଧାକାନ୍ତ ସେଠୀ, ରାଜ୍ୟକମିଟି ସଦସ୍ୟ ବଂଶୀଧର ପରିଡ଼ା, ସଞ୍ଜୀବ



ସ୍ୱାଇଁ, କିଶାନ ପଟ୍ଟନାୟକ ପ୍ରମୁଖ ଯୋଗ ଦେଇଥିଲେ। ସରକାର ଆଦିବାସୀଙ୍କ ଦୁଃଖ ଓ ଦୁର୍ଦ୍ଦଶା ଭୁଲି ବଡ଼ ବଡ଼ କମ୍ପାନୀ ମାନଙ୍କୁ ଜମି ଅଧିକାର ଦେବା ସହ ଆଦିବାସୀ, ଦଳିତ ଓ ଗରିବ ଲୋକ ମାନଙ୍କ ଦଖଲ ଥିବା ଘର ଉପରେ ବୁଲଡଜର ଚଳାଇ ଘର ଭାଙ୍ଗୁଛନ୍ତି, ଯାହା ଏକ ନିନ୍ଦନୀୟ ଓ ଦୁଃଖଦ ଘଟଣା ବୋଲି ସଭାରେ ମତପ୍ରକାଶ ପାଇଛି।

### ଓଇଏସ୍ ଏବଂ ଓୟୁଟିଆର୍ ଦ୍ୱାରା ଧରିତ୍ରୀ ଦିବସ

## ନବୀକରଣୀୟ ଶକ୍ତି ହେଉଛି ପ୍ରମୁଖ ଜଳବାୟୁ ସମାଧାନ

ଭୁବନେଶ୍ୱର, ୨୨।୪(ସମିସ): ବର୍ତ୍ତମାନ ମାନବଜାତି ବିଶ୍ୱ ଉଷ୍ମତା ଏବଂ ଜଳବାୟୁ ପରିବର୍ତ୍ତନ, ସମସ୍ତ ପ୍ରକାରର ପ୍ରଦୂଷଣ ଏବଂ ବର୍ଜ୍ୟବସ୍ତୁ ନିଷ୍କାସନ, ଏବଂ ପ୍ରାକୃତିକ ପରିସଂସ୍ଥାର ଅବନତି ଏବଂ ଜୈବବିବିଧତାର ଅବକ୍ଷୟ ଗ୍ରହଗତ ଆହ୍ୱାନର ସମ୍ମୁଖୀନ ହେଉଛି। ‘ଆମର ଶକ୍ତି, ଆମ ଗ୍ରହ’ ବିଷୟବସ୍ତୁ ଉପରେ ବୁଧବାର ଓଡ଼ିଶା ପରିବେଶ ସମିତି ଏବଂ ଓଡ଼ିଶା ପ୍ରଯୁକ୍ତିବିଦ୍ୟା ଏବଂ ଗବେଷଣା ବିଶ୍ୱବିଦ୍ୟାଳୟର ମିଳିତ ଆନୁକୂଲ୍ୟରେ ଓୟୁଟିଆର୍ ସମ୍ମିଳନୀ କକ୍ଷରେ ଆୟୋଜିତ ଧରିତ୍ରୀ ଏବଂ କାର୍ଯ୍ୟକ୍ରମର ସଂଯୋଜକ ଇଂ ଅଶୋକ କୁମାର ବେହେରା ମଧ୍ୟ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ। ଏହି ଅବସରରେ ଅତିଥିମାନେ ଓଇଏସ୍‌ର ପଡ଼କାଷ୍ଟକୁ ଉନ୍ମୋଚିତ କରିଥିଲେ। ସମ୍ପାଦକ ଇଂ ମନୋରଞ୍ଜନ ମିଶ୍ର ପରିଚାଳନା କରିଥିଲେ। ପୂର୍ବତନ ଓଇଆର୍‌ସି ସଦସ୍ୟ ଇଂ ବିମଳ ମିଶ୍ରଙ୍କ ଅଧ୍ୟକ୍ଷତାରେ ‘ଓଡ଼ିଶାରେ ଶକ୍ତି ପରିସ୍ଥିତି’ ବିଷୟବସ୍ତୁ ଉପରେ ଆଲୋଚନା କାର୍ଯ୍ୟକ୍ରମରେ ଆଲୋଚକମାନେ ଥିଲେ ଜିଓଷ୍ଟ୍ରାଟା କନ୍ସଲଟାଣ୍ଟର ନିର୍ଦ୍ଦେଶକ ଇଂ ବଟକେଶ୍ୱର ପଣ୍ଡା,




ଦିବସ ପାଳନ ଅବସରରେ ଅତିଥିମାନେ ଏପରି ମତ ପ୍ରକାଶ କରିଥିଲେ। ଓୟୁଟିଆର୍ କୁଳପତି ପ୍ରଫେସର ବିଭୁତି ଭୂଷଣ ବିଶ୍ୱାଳଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଏସାର୍ ମିନିମେଟ୍‌ର ସିଇଓ ତଥା ଏମଡି ଇଂ ଶଶୀ ଶେଖର ମହାନ୍ତି ଏବଂ ସମ୍ମାନିତ ଅତିଥି ରୂପେ ଜିନ୍ଦଲ ପାୱାର୍‌ର ଏମଡି ଇଂ ପ୍ରଦୀପ କୁମାର ମିଶ୍ର ଯୋଗଦାନ କରିଥିଲେ। କାର୍ଯ୍ୟକ୍ରମର ମୁଖ୍ୟବକ୍ତା ଭାବେ ଆଇଆଇଟି ଭୁବନେଶ୍ୱରର ବିଦ୍ୟୁତ୍ ଇଂଜିନିୟରିଂ ବିଭାଗର ପ୍ରଫେସର ଶୁଭ୍ରାଂଶୁ ରଞ୍ଜନ ସାମନ୍ତରାୟ। ଓଇଏସ୍ କାର୍ଯ୍ୟକାରୀ ସଭାପତି ଡ. ଜୟକୃଷ୍ଣ ପାଣିଗ୍ରାହୀ ପାୱାରଟେକ୍‌ର ସିନିୟର କନସଲଟାଣ୍ଟ ଇଂ ବିଭୁ ସ୍ୱାଇଁ, ଏବଂ ହିଣ୍ଡାଲକୋ ପାୱାର ପ୍ରୋଜେକ୍ଟସ୍‌ର ଇଂ ସୁଶାନ୍ତ କୁମାର ଗୁରୁ। ‘ଜଳବାୟୁ ବ୍ୟତିରେକ ନବୀକରଣୀୟ’ ବିଷୟବସ୍ତୁ ଉପରେ ଅନୁଷ୍ଠିତ ଆଲୋଚନା କାର୍ଯ୍ୟକ୍ରମକୁ ବରିଷ୍ଠ ସାମ୍ବାଦିକ ଅକ୍ଷୟ କୁମାର ସାହୁ ପରିଚାଳନା କରିଥିଲେ। ଏହି ଆଲୋଚନାରେ ସମ୍ ହସ୍ପିଟାଲର ପ୍ରଫେସର ଡା. ଇ. ଭେଙ୍କଟ ରାଓ, ଜିଅନ ଶକ୍ତି ନିୟନ୍ତ୍ରଣର ପ୍ରତିଷ୍ଠାତା ଇଂ ପ୍ରଦିପ୍ତ କୁମାର ପାଣିଗ୍ରାହୀ, ଏନ୍‌ପିସିର ଆଞ୍ଚଳିକ ନିର୍ଦ୍ଦେଶକ ଅଭିଜିତ ନାୟକ, ଓୟୁଟିଆର୍‌ର ପ୍ରଫେସର ସୁଧାଂସୁ ଶେଖର ସାହୁ ଏବଂ ପ୍ରଫେସର ମୀରା ବିଶ୍ୱବନ୍ଧ୍ୟ ଆଲୋଚକ ଭାବରେ ଯୋଗଦାନ କରିଥିଲେ। ଉଦ୍‌ଯାପନୀ ଅଧିବେଶନର ମୁଖ୍ୟ ଅତିଥି ଭାବେ ମେସର୍ସ ଟିପି ମହାନ୍ତିର ଏମ୍‌ଡ଼ି ତାରିଣୀ ପ୍ରସାଦ ମହାନ୍ତି ଉପସ୍ଥିତ ରହିଥିଲେ। ପ୍ରଫେସର ରଞ୍ଜନ କୁମାର ଜେନା ଧନ୍ୟବାଦ ଅର୍ପଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ, ଡ. ବିଶ୍ୱଜିତ ସାମନ୍ତରାୟ ଏବଂ ଡ. ସୁରଭି ଜୈନ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସଭାସ୍ଥଳୀରେ ଇଭି କାର୍ ଏବଂ ବାଇକ୍ ତଥା ସୌର ଉପକରଣର ଏକ ପ୍ରଦର୍ଶନୀ ମଧ୍ୟ ଆୟୋଜନ କରାଯାଇଥିଲା।

## ଇନ୍ଦିରା ଗାନ୍ଧୀ ପାର୍କରେ ବିଶ୍ୱ ଧରିତ୍ରୀ ଦିବସ




ବିଶ୍ୱ ଧରିତ୍ରୀ ଦିବସ ଅବସରରେ ‘ଗାନ୍ଧୀବାଦୀ ଚିନ୍ତାଧାରା’ ସଂଗଠନ ପକ୍ଷରୁ ଇନ୍ଦିରା ଗାନ୍ଧୀ ପାର୍କରେ ଏକ ନିଆରା କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। ପ୍ରାଧ୍ୟାପିକା ଡ଼ ନମିତା ପଟ୍ଟନାୟକଙ୍କ ସଂଯୋଜନାରେ ଚଳିତ ବର୍ଷର ବିଷୟବସ୍ତୁ ‘ଆମର ଶକ୍ତି, ଆମର ପୃଥିବୀ’ ଉପରେ ଆଧାରିତ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ପରିବେଶବିତ୍ ଜୟନ୍ତ କୁମାର ଜେନା ଯୋଗଦେଇ ଗାନ୍ଧୀଜୀଙ୍କ ସରଳ ଜୀବନଶୈଳୀ ଓ ପ୍ରକୃତି ସହ ସମନ୍ୱୟ ରଖିବାର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଥିଲେ। ସମ୍ମାନିତ ଅତିଥିଭାବେ ଉଚ୍ଚଶିକ୍ଷା ବିଭାଗର ଯୁଗ୍ମ ସଚିବ ଅଶୋକ କୁମାର ଗୌଡ଼ଙ୍କ ସମେତ ସତ୍ୟବ୍ରତ ଧୂପାଳ, ଏଜି ଆମ୍ବୁଲାନ୍ସ ଡିଭିଜନର ସହକାରୀ ଆୟୁକ୍ତ ପୁରୁଷୋତ୍ତମ ବଳ, ଯୋଗଗୁରୁ ପ୍ରଦ୍ୟୋତ ନାୟକ, ସ୍ଥପତି ଜିତୁ କର, ସାମାଜିକ କର୍ମୀ ରଣା ପ୍ରତାପ ପାତ୍ର ପ୍ରମୁଖ ଉପସ୍ଥିତ ରହି ନିଜର ମତ ରଖିଥିଲେ। ଇଂ. ସ୍ମୃତିରଞ୍ଜନ ବଳ ଆସନ୍ତା ଜୁନ ୫ ତାରିଖ ପରିବେଶ ଦିବସରେ ନିଜ ବିଦ୍ୟାଳୟରେ ସଚେତନତା ଅଭିଯାନ ଆୟୋଜନ କରିବାକୁ ପ୍ରସ୍ତାବ ଦେଇଥିଲେ। ମୀନକେତନ ଜେନା, ଶ୍ରୀମତୀ ମିନତୀ, ସୂର୍ଯ୍ୟକାନ୍ତ ବେହେରା ପ୍ରମୁଖ ସାମିଲ ହୋଇଥିବା ବେଳେ ସିନି ମହାନ୍ତି ଧନ୍ୟବାଦ ଦେଇଥିଲେ।

**ମୁଦ୍ରା ବିନିମୟ ମୂଲ୍ୟ**



ମୁଦ୍ରା ବିନିମୟ ମୂଲ୍ୟ (ଟଙ୍କାରେ)

- ଡଲାର ୯୨.୯୩ • ପାଉଣ୍ଡ ୧୨୬.୫୮
- ୟୁରୋ ୧୧୦.୦୫ • ୟେନ୍ ୦.୫୮

**ସୁନା, ରୁପା ଦର (ଟଙ୍କାରେ)**



୧୦ ଗ୍ରାମ ପିଛା (୨୨ କ୍ୟାରେଟ୍)

- ସୁନା: ୧,୫୧,୮୫୦ (ଭୁବନେଶ୍ୱର)
- ରୁପା : ୨,୭୫,୦୦୦ (କେଜି)



**ଷ୍ଟକ୍ ମାର୍କେଟ୍**

ବଜାର କାରବାର (ପଏଣ୍ଟରେ)

- ସେନ୍‌ସେକ୍ସ ୭୮,୫୧୬.୦୦
- ନିଫ୍ଟି ୨୪,୩୭୮.୦୦



**ପେଟ୍ରୋଲ-ଡିଜେଲ୍**

ଲିଟର ପିଛା (ଟଙ୍କାରେ)

- ପେଟ୍ରୋଲ୍- ୧୦୧.୨୯ (ଭୁବନେଶ୍ୱର)
- ଡିଜେଲ୍ - ୯୨.୮୦



### ଭାରତ ଉପରେ ତେଲ ସଙ୍କଟର କଳା ବାଦଲ

# ବ୍ୟାକ୍ ଅପ୍ ଶେଷ, ଇରାନରୁ ଯୋଗାଣ ବନ୍ଦ

ନୂଆଦିଲ୍ଲୀ,୨୨।୪(ଏଜେନ୍ସି): ପଶ୍ଚିମ ଏସୀୟ ଯୁଦ୍ଧ ଖୁବ୍ ଶୀଘ୍ର ଭାରତରେ ଏକ ବଡ଼ ତୈଳ ସଙ୍କଟ ଭାବେ ଉଭା ହେବାକୁ ଯାଉଛି। ହରମୁଜ୍ ପ୍ରଣାଳୀ ଦେଇ ତେଲ ଏବଂ ଗ୍ୟାସ ଟ୍ୟାଙ୍କର ଚଳାଚଳ ଗୁରୁତର ଭାବରେ ପ୍ରଭାବିତ ହେବା ପରେ ଭାରତ ଏବଂ ଚୀନ୍ ଭଳି ପ୍ରମୁଖ ତୈଳ ଆମଦାନୀକାରୀମାନେ ଏବେ ଦ୍ରୁତ ଗତିରେ ବିକଳ୍ପ ବ୍ୟବସ୍ଥାରୁ ବଞ୍ଚିତ ହେଉଛନ୍ତି। ଭାରତ ଏବଂ ଚୀନ୍ ପ୍ରାରମ୍ଭରେ ସମୁଦ୍ର ପଥରେ କାର୍ଗୋ, ରୁଷରୁ ଅତିରିକ୍ତ କ୍ରୟ ଏବଂ କିଛି ଅସ୍ଥାୟୀ ବ୍ୟବସ୍ଥା ମାଧ୍ୟମରେ ସଙ୍କଟର ପ୍ରଭାବକୁ ହ୍ରାସ କରିଥିଲେ, କିନ୍ତୁ ଏହି ଆଶ୍ୱସ୍ତି ଏବେ ଶେଷ ହେବାକୁ ଯାଉଛି। ଏହାର ଅର୍ଥ ହେଉଛି ହରମୁଜ୍ ପ୍ରଣାଳୀରେ ସଙ୍କଟ ଯୋଗୁଁ ବଫର ଷ୍ଟକ୍ ମଧ୍ୟ ହ୍ରାସ ପାଇବାକୁ ଯାଉଥିବା ବ୍ଲୁମବର୍ଗର ଏକ ରିପୋର୍ଟରେ କୁହାଯାଇଛି।



ତେବେ ହରମୁଜ୍‌ରେ ଜାହାଜ ଉପରେ ଗୁଳିଚାଳନା ଏହି ସଙ୍କଟକୁ ଆହୁରି ତୀବ୍ର କରିପାରେ। କାରଣ ଏହି ଉପସାଗରକୁ ଖାଲି ଟ୍ୟାଙ୍କର ପଠାଇବା ଏବେ ଭାରତ ବନ୍ଦ କରିଦେଇଛି। ପ୍ରାରମ୍ଭରେ ବିଶୋଧନାଗାରଗୁଡ଼ିକ ସମୁଦ୍ରରେ ପୂର୍ବରୁ ଥିବା ତୈଳ ଜାହାଜ ବ୍ୟବହାର କରୁଥିଲେ, କିନ୍ତୁ ବର୍ତ୍ତମାନ ବିକଳ୍ପଗୁଡ଼ିକ ହ୍ରାସ ପାଇବାରେ ଲାଗିଛି। ଅଏଲ୍ ବ୍ରୋକେଜ୍ ଲିମିଟେଡ୍ ଅନୁଯାୟୀ, ରିଫାଇନାରୀଗୁଡ଼ିକ ପାଖରେ ବର୍ତ୍ତମାନ ତୁରନ୍ତ ତୈଳ କ୍ରୟ ପାଇଁ ସୀମିତ ବିକଳ୍ପ ରହିଛି, ଯାହା ସେମାନଙ୍କର ଦକ୍ଷତାକୁ ପ୍ରଭାବିତ କରୁଛି। ଅପରପକ୍ଷେ, ଭାରତୀୟ ବିଶୋଧନାଗାରଗୁଡ଼ିକ ନିକଟରେ ଇରାନୀ ତେଲର ବିକଳ୍ପ ମଧ୍ୟ ପ୍ରାୟ ଶେଷ ହୋଇଯାଇଛି। ଆମେରିକା ଦ୍ୱାରା ପ୍ରଦାନ କରାଯାଇଥିବା ଅସ୍ଥାୟୀ ଅନୁମୋଦନର ଅବଧି ସରିଯାଇଛି, ଯାହା ଫଳରେ ପ୍ରତିବନ୍ଧକ ଯୋଗୁଁ ଇରାନ ତେଲ ଯୋଗାଣ ଏବେ ବନ୍ଦ। ଚୀନ୍‌ର ସ୍ଥିତି ଭାରତ ତୁଳନାରେ ଟିକିଏ ଭଲ। କାରଣ ଚୀନ୍ ପାଖରେ ୧ ବିଲିୟନ ବ୍ୟାରେଲରୁ ଅଧିକ ରିଜର୍ଭ ତୈଳ ମହଜୁଦ ଅଛି। ବର୍ତ୍ତମାନ, ଯେଉଁ ରୁଷ ତେଲ ପୂର୍ବରୁ ରିହାତିରେ ଉପଲବ୍ଧ ଥିଲା ତାହା ମଧ୍ୟ ପ୍ରିମିୟମ୍ ମୂଲ୍ୟରେ ବିକ୍ରି ହେଉଛି। ବିଶେଷଜ୍ଞଙ୍କ ମତରେ ଯଦି ହର୍ମୁଜ୍ ସଙ୍କଟ ଦୀର୍ଘ ସମୟ ଧରି ଜାରି ରହେ, ତେବେ ଘରୋଇ ଉପଲବ୍ଧତା ସୁନିଶ୍ଚିତ କରିବା ପାଇଁ ଭାରତକୁ ଅତିରିକ୍ତ ରପ୍ତାନି କଟକଣା ଲାଗୁ କରିବାକୁ ପଡ଼ିପାରେ। ଭାରତକୁ ମଧ୍ୟ ଆମେରିକାରୁ ତେଲ ଆମଦାନୀ ବୃଦ୍ଧି କରିବାକୁ ପଡ଼ିପାରେ।

### ଏଲ୍‌ପିଜି ସିଲିଣ୍ଡରର ଅଭାବ

## କଣ୍ଟ୍ରୋଲ ଦୋକାନରେ ବିକ୍ରିହେବ କୋଇଲା

ନୂଆଦିଲ୍ଲୀ, ୨୨।୪ (ଏଜେନ୍ସି): ମଧ୍ୟ ପ୍ରାଚ୍ୟ ଉତ୍ତେଜନାର ପ୍ରଭାବ ଲୋକଙ୍କ ହାଣ୍ଡିଶାଳରେ ପହଞ୍ଚିଲାଣି। ଚାରିଆଡେ ଏଲ୍‌ପିଜି ସିଲିଣ୍ଡର ସଙ୍କଟ। ବିହାରରେ ସମ୍ଭାବ୍ୟ ଏଲପିଜି ଗ୍ୟାସ୍ ଅଭାବକୁ ଦୃଷ୍ଟିରେ ରଖି ରାଜ୍ୟ ସରକାର ସାଧାରଣ ବଣ୍ଟନ ବ୍ୟବସ୍ଥା (ପିଡିଏସ୍) ବା କଣ୍ଟ୍ରୋଲ ଦୋକାନରେ କୋଇଲା ବିକ୍ରି କରିବାକୁ ନିଷ୍ପତ୍ତି ନେଇଛନ୍ତି।

ବିହାର ସରକାରଙ୍କ ଖାଦ୍ୟ ଏବଂ ଗ୍ରାହକ ସୁରକ୍ଷା ବିଭାଗ ପକ୍ଷରୁ ଜାରି କରାଯାଇଥିବା ଏକ ନିର୍ଦ୍ଦେଶନାମା ଅନୁଯାୟୀ, କୋକିଂ କୋଇଲା ଏବେ ବିହାରର ସାଧାରଣ ବଣ୍ଟନ ବ୍ୟବସ୍ଥା (ପିଡିଏସ୍) ଦୋକାନ ମାଧ୍ୟମରେ ଯୋଗାଣ ଏବଂ ବିକ୍ରି କରାଯିବ। ଅର୍ଥାତ୍ ପିଡିଏସ୍ ଦୋକାନ ମାଧ୍ୟମରେ ରୋଷେଇ ପାଇଁ ଏବେ ଲୋକଙ୍କୁ କୋକିଂ କୋଇଲା ଯୋଗାଇ ଦିଆଯିବ। ଏ ସମ୍ପର୍କରେ ରାଜ୍ୟ ସରକାରଙ୍କ ପକ୍ଷରୁ ଏକ ବିଜ୍ଞପ୍ତି ମଧ୍ୟ ଜାରି କରାଯାଇଛି। ଏହି ପଦକ୍ଷେପ ଗ୍ୟାସ୍ ଅଭାବ ସମୟରେ ଲୋକଙ୍କୁ ଆଶ୍ୱସ୍ତି ପ୍ରଦାନ କରିବ ବୋଲି ବିହାର ସରକାର କହିଛନ୍ତି। ସରକାରଙ୍କ ଅନୁଯାୟୀ, ଦକ୍ଷିଣ-ପଶ୍ଚିମ ଏସିଆରେ ଚାଲିଥିବା ଯୁଦ୍ଧ ଶକ୍ତି ଯୋଗାଣ ଶୃଙ୍ଖଳାକୁ ବିପର୍ଯ୍ୟସ୍ତ କରିଦେଇଛି। ଏହା ରୋଷେଇ ଗ୍ୟାସର ଉପଲବ୍ଧତାକୁ ପ୍ରଭାବିତ କରିଛି, ଯାହା ସାଧାରଣ ଲୋକଙ୍କ ପାଇଁ ଅସୁବିଧା ସୃଷ୍ଟି କରିବାର ସମ୍ଭାବନା ରହିଛି। ଏହାକୁ ଧ୍ୟାନରେ ରଖି, ରୋଷେଇ ପାଇଁ ବିକଳ୍ପ ଶକ୍ତି ଉତ୍ସ ଭାବରେ କୋଇଲା ଉପଲବ୍ଧ କରାଇବାକୁ



ନିଷ୍ପତ୍ତି ନିଆଯାଇଛି। ନିର୍ଦ୍ଦେଶାବଳୀ ଅନୁଯାୟୀ, ଜାତୀୟ ଖାଦ୍ୟ ସୁରକ୍ଷା ଆଇନ (ଏନ୍‌ଏଫ୍‌ଏସ୍‌ଏ) ଅଧୀନରେ ଥିବା ହିତାଧିକାରୀମାନଙ୍କୁ ରାସନ ଦୋକାନ ମାଧ୍ୟମରେ କୋକିଂ କୋଇଲା ଉପଲବ୍ଧ କରାଯିବ। ଆବଶ୍ୟକ ସମୟରେ ଲୋକଙ୍କୁ ଅତ୍ୟାବଶ୍ୟକୀୟ ସାମଗ୍ରୀ ଯୋଗାଇବା ପାଇଁ ବିପର୍ଯ୍ୟୟ ପରିଚାଳନା ଆଇନ, ୨୦୦୫ ଅନୁଯାୟୀ ଏହି ବ୍ୟବସ୍ଥା କାର୍ଯ୍ୟକାରୀ କରାଯାଉଛି।

## ମେ' ପହିଲାକୁ ଡିମର୍ଜର ପାଇଁ ରେକର୍ଡ ତାରିଖ ଭାବେ ବେଦାନ୍ତର ଘୋଷଣା

ମୁମ୍ବଇ, ୨୨।୪: ବେଦାନ୍ତ ଲିମିଟେଡ୍ ଆଜି ଘୋଷଣା କରିଛି ଯେ ଏହାର ନିର୍ଦ୍ଦେଶକ ବୋର୍ଡ ଏହାର ପୂର୍ବରୁ ଘୋଷିତ କମ୍ପୋଜିଟ୍ ବ୍ୟବସ୍ଥା ଯୋଜନାକୁ କାର୍ଯ୍ୟକାରୀ କରିବା ପାଇଁ ପ୍ରମୁଖ ପଦକ୍ଷେପଗୁଡ଼ିକୁ ଅନୁମୋଦନ ଦେଇଛି, ଯାହା କମ୍ପାନୀର ଚାଲୁଥିବା ରଣନୈତିକ ପୁନର୍ଗଠନରେ ଏକ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଣ୍ଟ। ଡିମର୍ଜର ଅଧୀନରେ ପରିଣାମସ୍ୱରୂପ ସଂସ୍ଥାଗୁଡ଼ିକରେ ସେୟାର ପାଇବା ପାଇଁ ଯୋଗ୍ୟ ଅଂଶୀଦାରମାନଙ୍କୁ ନିର୍ଣ୍ଣୟ କରିବା ପାଇଁ ବୋର୍ଡ ମେ ୧, ୨୦୨୬କୁ ଡିମର୍ଜର ପାଇଁ ପ୍ରଭାବୀ ତାରିଖ ଏବଂ ରେକର୍ଡ ତାରିଖ ଭାବରେ ସ୍ଥିର କରିଛି। ଏହି ଡିମର୍ଜର କ୍ଷେତ୍ର କେନ୍ଦ୍ରିତ ସ୍ୱାଧୀନ ବ୍ୟବସାୟ ସହିତ ବେଦାନ୍ତର କର୍ପୋରେଟ୍ ଗଠନକୁ ସରଳ କରିବାରେ ସାହାଯ୍ୟ କରିବ ଏବଂ ସାର୍ବଭୌମ ସମ୍ପତି ପାଣ୍ଠି, ଖୁଚୁରା ନିବେଶକ ଏବଂ ରଣନୈତିକ ନିବେଶକଙ୍କ ସମେତ ବିଶ୍ୱ ନିବେଶକମାନଙ୍କୁ ସୁଯୋଗ ପ୍ରଦାନ କରିବ, ବେଦାନ୍ତର ବିଶ୍ୱସ୍ତରୀୟ ସମ୍ପତି ମାଧ୍ୟମରେ ଭାରତର ଉଲ୍ଲେଖନୀୟ ଅଭିବୃଦ୍ଧି କାହାଣୀ ସହିତ ଜଡିତ ଉତ୍ସର୍ଗୀକୃତ ପ୍ୟୁର-ପ୍ଲେ କମ୍ପାନୀଗୁଡ଼ିକରେ ସିଧାସଳଖ ନିବେଶ ସୁଯୋଗ ପ୍ରଦାନ କରିବ।

### ବିଲ୍ ଗେଟ୍ସ ଦାନ କରି ନ ଥିଲେ ହୋଇଥାନ୍ତେ ବିଶ୍ୱର ଦ୍ୱିତୀୟ ଧନୀ

## ଦାନ ଧର୍ମରେ ସବୁଠୁ ପଛରେ ଏଲନ୍ ମସ୍କ

ନୂଆଦିଲ୍ଲୀ,୨୨।୪(ଏଜେନ୍ସି): ବିଜ୍‌ନେସ ମାଗାଜିନ ଫୋର୍ବ୍ସ ଏଥର ଏକ ଭିନ୍ନ ଦୃଷ୍ଟି କୋଣ ନେଇ ବିଶ୍ୱର ଧନୀମାନଙ୍କର ତାଲିକା ଜାରି କରିଛି। ଯେଉଁଥିରେ ଅରବପତିଙ୍କ ସମ୍ପତ୍ତିକୁ ଆଉଥରେ ଗଣନା କରାଯାଇଛି, ହେଲେ ଏଥର ଅରବପତିମାନେ ଦାନ କରିଥିବା ସମ୍ପତ୍ତିକୁ ମଧ୍ୟ ଏଥିରେ ଯୋଡ଼ାଯାଇଛି। ଯଦି ଉଦାର ଅରବପତିମାନେ ଅର୍ଥ ଦାନ କରି ନ ଥାନ୍ତେ, ତେବେ ଧନୀ ତାଲିକାରେ ସେମାନେ କେଉଁ ସ୍ଥାନରେ ଥାନ୍ତେ, ତାହା ଜାଣିବା ଏହି ନୂଆ ତାଲିକାର ମୂଳ ଉଦ୍ଦେଶ୍ୟ। ତେବେ ଏହି ତାଲିକା ଅନୁସାରେ, ବିଶ୍ୱର ଏକ ନମ୍ବର ଧନୀ ଏଲନ୍ ମସ୍କ ଫୋର୍ବ୍ସର ଉଭୟ ତାଲିକାରେ ଶୀର୍ଷରେ ରହିଛନ୍ତି। ହେଲେ ଦାନ କ୍ଷେତ୍ରରେ ସେ ସବୁଠୁ ପଛରେ ରହିଛନ୍ତି। ମସ୍କ ତାଙ୍କ ସମ୍ପତ୍ତିର ମାତ୍ର ୦.୦୬% ବାସ୍ତବରେ ଦାନ କରିଛନ୍ତି। ଅନ୍ୟପଟେ ବିଲଗେଟ୍ସ ମାଇକ୍ରୋସଫ୍ଟର ପାଖାପାଖି ୭୩.୧ କୋଟି ଶେୟାର ଦାନ କରିଛନ୍ତି। ଯଦି ସେ ଏହି ସବୁତକ ଶେୟାର ପାଖରେ ରଖିଥାନ୍ତେ, ତେବେ ତାଙ୍କ ସମ୍ପତ୍ତି ପାଖାପାଖି ୪ ଗୁଣା ଅଧିକ ହୋଇଥାନ୍ତା। ଫଳରେ ସେ ବର୍ତ୍ତମାନ ବିଶ୍ୱ ଧନୀ ତାଲିକାରେ ୧୯ ତମ ସ୍ଥାନ ପରିବର୍ତ୍ତେ ଦ୍ୱିତୀୟ ସର୍ବାଧିକ ଧନୀ ବ୍ୟକ୍ତି ହୋଇଥାନ୍ତେ।

ସେହିଭଳି ବିଶ୍ୱର ନାମୀ ନିବେଶକ ୱାରେନ ବଫେ ମଧ୍ୟ ଯଦି ସମ୍ପତ୍ତି ଦାନ କରି ନଥାନ୍ତେ, ତେବେ



ସେ ବର୍ତ୍ତମାନର ୯ ମ ସ୍ଥାନ ପରିବର୍ତ୍ତେ ବିଶ୍ୱର ତୃତୀୟ ସବୁଠାରୁ ଧନୀ ବ୍ୟକ୍ତି ହୋଇଥାନ୍ତେ। ୨୦୦୬ରେ ବଫେଙ୍କ ଦ୍ୱାରା ଦାନ କରିଥିବା ଶେୟାରର ମୂଲ୍ୟ ପାଖାପାଖି ୭୦୦% ବଢିଛି। ସେହିପରି ନୋଭେଲିଷ୍ଟ ଓ ଜେଫ୍ ବେଜୋସଙ୍କ ପୂର୍ବତନ ପତ୍ନୀ ମ୍ୟାକେଞ୍ଜି ସ୍କଟ୍ ମଧ୍ୟ ଯଦି ସମ୍ପତ୍ତି ଦାନ କରି ନ ଥାନ୍ତେ ତେବେ ବର୍ତ୍ତମାନ ସେ ୫୮ ସ୍ଥାନ ପରିବର୍ତ୍ତେ ୨୬ ନମ୍ବର ସ୍ଥାନରେ ଥାନ୍ତେ।

## ଅର୍ଥନୀତିଜ୍ଞ ଶିବଦତ୍ତ ଦାସ ଆଇସିସିସିଡିର ଗ୍ଲୋବାଲ୍ ପ୍ରେସିଡେଣ୍ଟ

ଭୁବନେଶ୍ୱର,୨୨।୪(ସମିସ): ଇଣ୍ଡୋ କ୍ୟାରିବିଆନ୍ ଚାମ୍ବର ଅଫ କମର୍ସ ଆଣ୍ଡ ଡେଭେଲପମେଣ୍ଟ (ଆଇସିସିସିଡି) ବିଶିଷ୍ଟ ଅର୍ଥନୀତିଜ୍ଞ ଶିବଦତ୍ତ ଦାସଙ୍କୁ ଏହାର ନୂତନ ଗ୍ଲୋବାଲ୍ ପ୍ରେସିଡେଣ୍ଟ ଭାବରେ ନିଯୁକ୍ତ କରିଛି। ଏହି ରଣକୌଶଳାତ୍ମକ ନେତୃତ୍ୱଗତ ପ୍ରୟାସ ଇଣ୍ଡୋ- କ୍ୟାରିବିଆନ୍ ସମୁଦାୟ ଏବଂ ବୈଶ୍ୱିକ ବଜାର ମଧ୍ୟରେ ଅର୍ଥନୈତିକ ସମ୍ପର୍କକୁ ସୁଦୃଢ଼ କରିବା, ବାଣିଜ୍ୟ,ପୁଞ୍ଜିନିବେଶ ଏବଂ ଦୀର୍ଘସ୍ଥାୟୀ ବିକାଶକୁ ଆଗେଇନେବାକୁ ଲକ୍ଷ୍ୟ ରଖିଛି।




ଶ୍ରୀ ଦାସଙ୍କର ଅର୍ଥନୈତିକ, ଭିତ୍ତିଭୂମି ଅର୍ଥ ଲଗାଣ ଏବଂ ଆନ୍ତର୍ଜାତିକ ବ୍ୟବସାୟ କ୍ଷେତ୍ରରେ ବ୍ୟାପକ ବିଶେଷ ଜ୍ଞାନ ରହିଛି। ତାଙ୍କର କ୍ୟାରିୟର ଭାରତ, ଜାପାନ, ଏମ୍ଇଏ, କଚ୍ଛାର ଏବଂ ସମୁଦାୟ କ୍ୟାରିବିଆନ୍ ଅଞ୍ଚଳରେ ପରିବ୍ୟାପ୍ତ। ଆଇସିସିସିଡିକୁ ସହଯୋଗିତା ଏବଂ ଅଭିବୃଦ୍ଧିର ଏକ ସମୃଦ୍ଧ ଯୁଗକୁ ଆଗେଇନେବା ନିମନ୍ତେ ଶିବଦତ୍ତ ଦାସଙ୍କୁ ନେଇ ଆମେ ଉଲ୍ଲସିତ ବୋଲି ଆଇସିସିସିଡିର ଜଣେ ମୁଖପାତ୍ର କହିଛନ୍ତି।

## ସେଣ୍ଟ୍ରାଲ୍ ବ୍ୟାଙ୍କ ଭୁବନେଶ୍ୱର କ୍ଷେତ୍ରର ନୂତନ କ୍ଷେତ୍ରୀୟ ମୁଖ୍ୟ

ଭୁବନେଶ୍ୱର, ୨୨।୪ (ସମିସ): ସେଣ୍ଟ୍ରାଲ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ ଭୁବନେଶ୍ୱର କ୍ଷେତ୍ରର ନୂତନ କ୍ଷେତ୍ରୀୟ ମୁଖ୍ୟ ଭାବେ ରାକେଶ କୁମାର ସିଂ କାର୍ଯ୍ୟଭାର ଗ୍ରହଣ କରିଛନ୍ତି। ସେ ଏହା ପୂର୍ବରୁ ବ୍ୟାଙ୍କର ଗୋରଖପୁର କ୍ଷେତ୍ରୀୟ କାର୍ଯ୍ୟାଳୟରେ କ୍ଷେତ୍ରୀୟ ମୁଖ୍ୟ ଭାବେ କାର୍ଯ୍ୟ କରୁଥିଲେ। ଶ୍ରୀ ସିଂ ୧୯୯୫ରେ ଛତିଶଗଡରେ ଜଣେ କର୍ମଚାରୀ ଭାବେ ନିଜର ବ୍ୟାଙ୍କିଙ୍ଗ୍ କ୍ୟାରିୟର୍ ଆରମ୍ଭ କରିଥିଲେ। ତାଙ୍କର ମଧ୍ୟପ୍ରଦେଶ, ତେଲେଙ୍ଗାନା, ମହାରାଷ୍ଟ୍ର ଏବଂ ଉତ୍ତର ପ୍ରଦେଶ ଆଦି ବିଭିନ୍ନ ସ୍ଥାନରେ ବିଭିନ୍ନ ପଦପଦବୀରେ କାର୍ଯ୍ୟ କରିବାର ୩୧ ବର୍ଷରୁ ଅଧିକ ଅଭିଜ୍ଞତା ରହିଛି। ସେ ୨୪ ବର୍ଷ ଶାଖା ସ୍ତରରେ ଓ ୭ ବର୍ଷ ପ୍ରଶାସନିକ କାର୍ଯ୍ୟାଳୟରେ କାର୍ଯ୍ୟ କରି ପରିଚାଳନାଗତ କ୍ଷେତ୍ରରେ ବ୍ୟାପକ ଅଭିଜ୍ଞତା ହାସଲ କରିଛନ୍ତି। ଭୁବନେଶ୍ୱର କ୍ଷେତ୍ରରେ କ୍ଷେତ୍ରୀୟ ମୁଖ୍ୟ ଭାବେ ସେ ଏମ୍‌ଏସ୍‌ଏମ୍‌ଇ, ରିଟେଲ୍ ବ୍ୟାଙ୍କିଙ୍ଗ୍ ଏବଂ କୃଷି କ୍ଷେତ୍ର ପରି ବ୍ୟାଙ୍କର ପ୍ରାଥମିକତା କ୍ଷେତ୍ରଗୁଡିକୁ ସୁଦୃଢ଼ କରିବା ଉପରେ ଗୁରୁତ୍ୱାରୋପ କରିଛନ୍ତି।




## 'ସିଆଇଆଇ ଆଇଡବ୍ଲ୍ୟୁଏନ୍ ନୂଆ ଓଡ଼ିଶା' କାର୍ଯ୍ୟକ୍ରମ

ଭୁବନେଶ୍ୱର,୨୨।୪(ସମିସ): କନଫେଡେରେସନ୍ ଅଫ୍ ଇଣ୍ଡିଆନ୍ ଇଣ୍ଡଷ୍ଟ୍ରି (ସିଆଇଆଇ) ଇଣ୍ଡିଆନ୍ ୱିମେନ୍ ନେଟୱର୍କ (ଆଇଡବ୍ଲ୍ୟୁଏନ), ଓଡ଼ିଶା ଚାପ୍ଟର ପକ୍ଷରୁ ଭୁବନେଶ୍ୱରରେ 'ସିଆଇଆଇ ଆଇଡବ୍ଲ୍ୟୁଏନ୍ ନୂଆ ଓଡ଼ିଶା' ଶୀର୍ଷକ କାର୍ଯ୍ୟକ୍ରମ ସଫଳତାର ସହ ଆୟୋଜିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ରାଜ୍ୟର ବିଭିନ୍ନ ପ୍ରାନ୍ତରୁ ମହିଳା ନେତୃତ୍ୱ, ମହିଳା ଉଦ୍ୟୋଗୀ ଓ ତୃଣମୂଳ ସ୍ତରର ପରିବର୍ତ୍ତନକାରୀମାନେ ଏକତ୍ରିତ ହୋଇଥିଲେ। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ ଯୋଗଦେଇ ରାଜ୍ୟର ଅଭିବୃଦ୍ଧି ପଥରେ ମହିଳାମାନଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ଉପରେ ଆଲୋକପାତ କରିଥିଲେ। ଏଥିରେ ଅନ୍ୟତମ ବିଶିଷ୍ଟ ବକ୍ତାମାନଙ୍କ ମଧ୍ୟରେ ସିଆଇଆଇ ଓଡ଼ିଶା ରାଜ୍ୟ ପରିଷଦର ଉପାଧ୍ୟକ୍ଷ ତଥା ଟାଟା ଷ୍ଟିଲ୍ ଏସଇଜେଡ୍ ଲିମିଟେଡର ଏମ୍‌ଡି ମଣିକାନ୍ତ ନାୟକ, ସିଆଇଆଇ ଆଇଡବ୍ଲ୍ୟୁଏନ୍ ଓଡ଼ିଶା ଚାପ୍ଟରର ଅଧ୍ୟକ୍ଷା, ଜୁବିନା ଅଲ୍ଲୀ ଓ ସହ- ଅଧ୍ୟକ୍ଷା, ସ୍ନେହପ୍ରଭା ଦାସ ମହିଳା ସଶକ୍ତିକରଣ ଉପରେ ନିଜ ନିଜର ଦୃଷ୍ଟିକୋଣ ବ୍ୟକ୍ତ କରିଥିଲେ। ବିଭିନ୍ନ କ୍ଷେତ୍ରରେ ମହିଳାମାନଙ୍କ ଅଂଶଗ୍ରହଣ ବୃଦ୍ଧି କରିବା ପାଇଁ ସହଯୋଗ, ନୀତିଗତ ସହାୟତା ଓ ଦକ୍ଷତା ବିକାଶର ଗୁରୁତ୍ୱ ଉପରେ ସେମାନେ ଆଲୋକପାତ କରିଥିଲେ।




## କେଏଫ୍‌ସିର ନୂଆ କ୍ରିସ୍ପି ସାୱର୍ମା ରାପ୍‌ର

ମୁମ୍ବଇ,୨୨।୪: ଭୁବନେଶ୍ୱର କେଏଫସି ଇଣ୍ଡିଆ ପକ୍ଷରୁ ନୂଆ କ୍ରିସ୍ପି ସାୱର୍ମା ରାପ୍‌ର ଶୁଭାରମ୍ଭ କରାଯାଇଛି। ନୂଆ ମେନ୍ୟୁ ଆଇଟମ ହେଉଛି ପରିଚିତ ସ୍ୱାଦ ଉପରେ କେଏଫସିର ଏକ ଟ୍ୱିଷ୍ଟ। କେଏଫସି କ୍ରିସ୍ପି ସାୱର୍ମା ରାପ୍ ଏକ ସ୍ୱାଦିଷ୍ଟ ଟୋଷ୍ଟେଡ ଟର୍ଟିଲା ରାପ ସହ ଆସୁଛି, ଯାହା କେଏଫସିର ଆଇକୋନିକ୍ କ୍ରିସ୍ପି ପେରି-ପେରି ଚିକେନ ଷ୍ଟ୍ରିପ୍‌ସ, କ୍ରିମି ସାୱର୍‌ମା ମାୟୋ, ଫ୍ରେଶ ଲେଟସ ଓ ଟ୍ୟାଙ୍ଗି ପିକିଲ୍‌ଡ ମେଡିଟେରାନିଅନ ଭେଜିସ୍ ସହ ଲୋଡେଡ ରହିଛି। ମାତ୍ର ୧୬୯ ଟଙ୍କା ମୂଲ୍ୟରୁ ଆରମ୍ଭ ହେଉଥିବା ନୂଆ କ୍ରିସ୍ପି ସାୱର୍ମା ରାପ୍ ଡାଇନ-ଇନ ଓ ଟେକଆୱେ ପାଇଁ ଭାରତବ୍ୟାପୀ ସମସ୍ତ ୧୩୦୦+ କେଏଫସି ରେଷ୍ଟୋରାଁ ଉପଲବ୍ଧ ହେବା ସହିତ କେଏଫସି ଆପ୍, ୱେବସାଇଟ୍ କିମ୍ବା ଅଗ୍ରଣୀ ଫୁଡ୍ ଡେଲିଭରି ଆପ୍ ମାଧ୍ୟମରେ ଉପଲବ୍ଧ।

## ୟୁନିୟନ୍ ବ୍ୟାଙ୍କ ଭୁବନେଶ୍ୱର କ୍ଷେତ୍ରର ନୂତନ କ୍ଷେତ୍ରୀୟ ମୁଖ୍ୟ

ଭୁବନେଶ୍ୱର,୨୨।୪(ସମିସ) : ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ ଭୁବନେଶ୍ୱର କ୍ଷେତ୍ରର ନୂତନ କ୍ଷେତ୍ରୀୟ ମୁଖ୍ୟ ଭାବେ ତୁଷାର କାନ୍ତ କର କାର୍ଯ୍ୟଭାର ଗ୍ରହଣ କରିଛନ୍ତି। ଏହା ପୂର୍ବରୁ ଶ୍ରୀ କର ଉପ ମହାପ୍ରବନ୍ଧକ ଭାବେ ଗାନ୍ଧୀନଗର ଅଞ୍ଚଳରେ କାର୍ଯ୍ୟ କରୁଥିଲେ। ସେ ୨୦୦୯ରେ ୟୁନିୟନ୍ ବ୍ୟାଙ୍କର ତାମିଲନାଡୁସ୍ଥିତ ସାଲେମ୍‌ଠାରେ ବରିଷ୍ଠ ପ୍ରବନ୍ଧକ ରୂପେ କାର୍ଯ୍ୟ କରୁଥିଲେ। ଶ୍ରୀ କରଙ୍କର ବିଶାଖାପାଟଣା, ହାଇଦ୍ରାବାଦ, ଚେନ୍ନାଇ, ରାୟପୁର, ମୁମ୍ବାଇ, ଅହମଦାବାଦ ଏବଂ ଗାନ୍ଧୀନଗର ଆଦି ବିଭିନ୍ନ ସ୍ଥାନରେ କାର୍ଯ୍ୟ କରିବାର ୨୨ ବର୍ଷରୁ ଅଧିକ ବ୍ୟାଙ୍କିଙ୍ଗ୍ ଅଭିଜ୍ଞତା ରହିଛି। ଶ୍ରୀ କର ବ୍ୟାଙ୍କିଙ୍ଗ୍ ସେବା କ୍ଷେତ୍ରରେ ଡିଜିଟାଲ ବ୍ୟାଙ୍କିଙ୍ଗ୍, କାସା, ଖୁଚୁରା, ଏମ୍‌ଏସ୍‌ଏମ୍‌ଇ, ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ଋଣ ପ୍ରଦାନ ଆଦି କ୍ଷେତ୍ରକୁ ଅଗ୍ରାଧିକାର ଦେବା ସହ ଡିଜିଟାଲ ପ୍ଲାଟଫର୍ମ ସେବା କ୍ଷେତ୍ରରେ ଉନ୍ନତି ଆଣିବେ ବୋଲି ଲକ୍ଷ୍ୟ ରଖିଛନ୍ତି।



## ପିଆର୍‌ଏସଆଇ ଭୁବନେଶ୍ୱର ଶାଖା ପକ୍ଷରୁ ଆଲୋଚନାଚକ୍ର




ଭୁବନେଶ୍ୱର, ୨୨।୪(ସମିସ): ପବ୍ଲିକ ରିଲେସନ୍ସ ସୋସାଇଟି ଅଫ ଇଣ୍ଡିଆ (ପିଆରଏସଆଇ) ର ଭୁବନେଶ୍ୱର ଶାଖା ପକ୍ଷରୁ ଏକ ସ୍ୱତନ୍ତ୍ର ଆଲୋଚନାଚକ୍ର ସହିତ ଜାତୀୟ ଜନସମ୍ପର୍କ ଦିବସ ୨୦୨୬ ପାଳନ କରାଯାଇଛି। ସ୍ଥାନୀୟ ପ୍ରେସ୍ କ୍ଲବ୍ ଅଫ୍ ଓଡ଼ିଶା ପରିସରରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଯୋଗାଯୋଗ ଏବଂ ଜନସମ୍ପର୍କ ପ୍ରଫେସନାଲ, ଶିକ୍ଷାବିତ୍, ଛାତ୍ରଛାତ୍ରୀ, ସାମ୍ବାଦିକ ତଥା ଏହି କ୍ଷେତ୍ରର ଅନେକ ବରିଷ୍ଠ ବ୍ୟକ୍ତିବିଶେଷ ଯୋଗ ଦେଇଥିଲେ। ଏଥିରେ ଉଦବୋଧନ ଦେଇ ଜିନ୍ଦଲ ଷ୍ଟିଲର ସଭାପତି ତଥା ଓଡିଶା କର୍ପୋରେଟ୍ କମ୍ୟୁନିକେସନ ମୁଖ୍ୟ ପ୍ରଶାନ୍ତ ହୋତା କହିଥିଲେ ଯେ, ଜନସମ୍ପର୍କ କେବଳ କମ୍ପାନୀଗୁଡ଼ିକର ଛବିକୁ ସୁଦୃଢ଼ ରଖିବା ବିଷୟରେ ନୁହେଁ, ଏହା ଲୋକମାନଙ୍କ ସହିତ ସମ୍ପର୍କର ସୁପରିଚାଳନା ତଥା ଦୃଢ଼ ସମ୍ପର୍କ ନିର୍ମାଣ କରିବାର ବିଷୟ। ଏଥିରେ ଆଇଆଇଏମସି ଢେଙ୍କାନାଳର ଆଞ୍ଚଳିକ ନିର୍ଦ୍ଦେଶକ ପ୍ରଫେସର (ଡକ୍ଟର) ଆନନ୍ଦ ପ୍ରଧାନ, ପିଆରଏସଆଇ ଭୁବନେଶ୍ୱର ଶାଖାର ଅଧ୍ୟକ୍ଷ ଶ୍ରୀ ସୁଧି ରଞ୍ଜନ ମିଶ୍ର ଏବଂ ପିଆରଏସଆଇ ଭୁବନେଶ୍ୱର ଶାଖାର ସଚିବ କୃଷ୍ଣଚନ୍ଦ୍ର ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

### ଦ୍ରୁତ ଗତିରେ ନିଯୁକ୍ତି କ୍ଷେତ୍ର ବଦଳାଉଛନ୍ତି ଯୁବପିଢ଼ି

# ଚାକିରିରେ ୨ ବର୍ଷ ରହିପାରୁନାହାନ୍ତି 'ଜେନ୍ ଜେଡ୍'

ନୂଆଦିଲ୍ଲୀ, ୨୨।୪ (ଏଜେନ୍ସି): ଭାରତରେ ବିଶ୍ୱସ୍ତରୀୟ କମ୍ପାନୀଗୁଡ଼ିକର ଗ୍ଲୋବାଲ୍ କାପାବିଲିଟି ସେଣ୍ଟର କାର୍ଯ୍ୟାଳୟଗୁଡିକରେ ଏକ ଅଜବ ପରିସ୍ଥିତି ଦେଖିବାକୁ ମିଳୁଛି। ରିପୋର୍ଟ ଅନୁଯାୟୀ, ନୂତନ ନିଯୁକ୍ତି ବୃଦ୍ଧି ପାଇଥିବାବେଳେ, ଜେନ୍ ଜେଡ୍ କର୍ମଚାରୀମାନେ ବାରମ୍ବାର ଚାକିରି ଛାଡିବା ଯୋଗୁଁ କମ୍ପନୀଗୁଡିକୁ ଏବେ ସେହି ପଦବୀ ପୂରଣ କରିବାକୁ ପଡୁଛି। କାରଣ ବର୍ତ୍ତମାନ ସମୟରେ ଦେଶର ଯୁବପିଢ଼ି ଖୁବ୍ ଦ୍ରୁତ ଗତିରେ ନିଯୁକ୍ତି କ୍ଷେତ୍ର ବଦଳାଉଛନ୍ତି। ଏମିତିକି ଜେନ୍ ଜେଡ୍ ବର୍ଗ ନିଯୁକ୍ତି କ୍ଷେତ୍ରରେ ଗୋଟିଏ ଚାକିରୀରେ ୨ ବର୍ଷ ବି ରହିପାରୁନାହାଁନ୍ତି। ଏକ କମ୍ପାନୀରେ ଜେନ ଜେଡ କର୍ମଚାରୀଙ୍କ ଚାକିରୀ କରିବାର ହାରାହାରି ଅବଧି ୨୪ ମାସ କିମ୍ବା ଦୁଇ ବର୍ଷରୁ କମ୍ ହୋଇଯାଇଛି।

ପରିସ୍ଥିତି ଏପରି ହୋଇଛି ଯେ କମ୍ପାନୀଗୁଡ଼ିକରେ ହେଉଥିବା ସମସ୍ତ ନିଯୁକ୍ତିର ୪୦% ହେଉଛି , କେବଳ ବଦଳ। ଏହାର ଅର୍ଥ ହେଉଛି ପ୍ରତି ୫ଟି ନିଯୁକ୍ତି ମଧ୍ୟରୁ ୨ଟି ନୂତନ ନୁହେଁ, ବରଂ କର୍ମଚାରୀ ଛାଡିଥିବା ପଦ ପଦବୀ ପୂରଣ କରିବାକୁ ପ୍ରୟାସ କରାଯାଉଛି। ବିଶେଷକରି ଟେକ୍ନୋଲୋଜି କ୍ଷେତ୍ରରେ, ଯୁବ ବୃତ୍ତିଗତମାନେ ଭଲ ଦରମା, ଦ୍ରୁତ ପଦୋନ୍ନତି ଏବଂ ଏଆଇ ଭଳି ଅତ୍ୟାଧୁନିକ ପ୍ରଯୁକ୍ତିବିଦ୍ୟାରେ କାମ କରିବାର ସୁଯୋଗ ଦ୍ୱାରା ଦ୍ରୁତ ଗତିରେ ଚାକିରି ପରିବର୍ତ୍ତନ କରୁଛନ୍ତି। ଏହା କମ୍ପାନୀଗୁଡିକ ପାଇଁ ନିଯୁକ୍ତି, ତାଲିମ ଏବଂ ତାପରେ ପୁଣି ନିଯୁକ୍ତିର ଏକ କେବେ ଶେଷ ନ ହେଉଥିବା ଚକ୍ରକୁ ନେଇଯାଉଛି।



ରିପୋର୍ଟ ଅନୁଯାୟୀ, ଜିସିସିରେ ନିଯୁକ୍ତି ୨୦୨୬ ଆର୍ଥିକବର୍ଷର ମାର୍ଚ୍ଚ ତ୍ରୈମାସିକରେ ଏକ ଗୁରୁତ୍ୱପୂର୍ଣ୍ଣ ଉନ୍ନତି ଦେଖାଇଛି। ପୂର୍ବ ତ୍ରୈମାସିକ ତୁଳନାରେ, କର୍ମଚାରୀଙ୍କ ସଂଖ୍ୟା ୧୨-୧୪% ବୃଦ୍ଧି ପାଇଛି, ଯାହା ପୂର୍ବରୁ କେବଳ ୪.୬% ଥିଲା।

ଭାରତରେ ବର୍ତ୍ତମାନ ପ୍ରାୟ ୨୧୫୦ରୁ ୨୨୦୦ ସକ୍ରିୟ ଜିସିସି କାର୍ଯ୍ୟ କରୁଛି। ଆକଳନ କରାଯାଇଛି ଯେ ୨୦୩୦ ସୁଦ୍ଧା, ଏହି କେନ୍ଦ୍ରଗୁଡ଼ିକରେ କର୍ମଚାରୀଙ୍କ ସଂଖ୍ୟା ୨.୫ ରୁ 2.7 ନିୟୁତରେ ପହଞ୍ଚିବ। ନିଯୁକ୍ତିରେ ଏହି ବୃଦ୍ଧି ଏଆଇ, ଡାଟା ଏବଂ ପ୍ଲାଟଫର୍ମ ଇଞ୍ଜିନିୟରିଂ ଦ୍ୱାରା ପରିଚାଳିତ ହେଉଛି। ଏହି ଦକ୍ଷତା ମୋଟ ଚାହିଦାର ପ୍ରାୟ ୬୦%।






## ଖାଡ଼ଗେଙ୍କୁ ନିର୍ବାଚନ କମିସନଙ୍କ ନୋଟିସ୍

ନୂଆଦିଲ୍ଲୀ, ୨୨।୪(ଏଜେନ୍ସି): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ବିରୋଧରେ 'ଆତଙ୍କବାଦୀ' ଶବ୍ଦ ପ୍ରୟୋଗ କରି ଏବେ ଅଡୁଆରେ ପଡ଼ିଛନ୍ତି କଂଗ୍ରେସ ସଭାପତି ମଲ୍ଲିକାର୍ଜୁନ ଖାଡ଼ଗେ। ଏହି ମାମଲାରେ ଭାରତୀୟ ନିର୍ବାଚନ କମିଶନ ବୁଧବାର ଖାଡ଼ଗେଙ୍କୁ ଏକ କାରଣ ଦର୍ଶାଅ ନୋଟିସ୍ ଜାରି କରିଛନ୍ତି। ଏହାର ଜବାବ ୨୪ ଘଣ୍ଟା ମଧ୍ୟରେ ଦେବାକୁ ନିର୍ଦ୍ଦେଶ ଦିଆଯାଇଛି। ତାମିଲନାଡୁରେ ଏକ ସାମ୍ବାଦିକ ସମ୍ମିଳନୀରେ ଖାଡ଼ଗେ ବିଜେପି-ଏଆଇଏଡିଏମ୍‌କେ ମେଣ୍ଟକୁ ସମାଲୋଚନା କରିବା ଅବସରରେ ପ୍ରଧାନମନ୍ତ୍ରୀଙ୍କୁ 'ଆତଙ୍କବାଦୀ' ବୋଲି ସମ୍ବୋଧନ କରିଥିଲେ। ସେ କହିଥିଲେ ଯେ, ଯେଉଁମାନେ ଆନ୍ନାଦୁରାଇଙ୍କ ଆଦର୍ଶରେ ବିଶ୍ୱାସ କରନ୍ତି, ସେମାନେ ମୋଦୀଙ୍କ ସହ କିଭଳି ହାତ ମିଳାଇ ପାରୁଛନ୍ତି? ଏହି ମନ୍ତବ୍ୟ ପରେ କେନ୍ଦ୍ରମନ୍ତ୍ରୀ ନିର୍ମଳା ସୀତାରମଣ, କିରେନ୍ ରିଜିଜୁ ଏବଂ ଅର୍ଜୁନ ରାମ ମେଘୱାଲଙ୍କୁ ନେଇ ଗଠିତ ବିଜେପିର ଏକ ପ୍ରତିନିଧି ଦଳ ନିର୍ବାଚନ କମିଶନଙ୍କୁ ଭେଟି ଏକ ଲିଖିତ ଅଭିଯୋଗ କରିଥିଲେ। ବିଜେପି ଏହାକୁ ନିର୍ବାଚନ ଆଚରଣ ବିଧିର ଉଲ୍ଲଂଘନ ବୋଲି ଦର୍ଶାଇଛି। ବିବାଦ ବଢ଼ିବା ପରେ ଖାଡ଼ଗେ ନିଜ ମନ୍ତବ୍ୟ ଉପରେ ସ୍ପଷ୍ଟୀକରଣ ଦେଇ କହିଛନ୍ତି ଯେ, ସେ ପ୍ରଧାନମନ୍ତ୍ରୀଙ୍କୁ ବ୍ୟକ୍ତିଗତ ଭାବେ ଆତଙ୍କବାଦୀ କହିନାହାନ୍ତି। ତାଙ୍କ କହିବା କଥା ଥିଲା ଯେ, ପ୍ରଧାନମନ୍ତ୍ରୀ ଇଡ଼ି, ସିବିଆଇ ଆୟକର ବିଭାଗ ମାଧ୍ୟମରେ ବିରୋଧୀ ଦଳର ନେତାମାନଙ୍କୁ ଭୟଭୀତ କରୁଛନ୍ତି।

## ଆଇଆରଏସ୍ ଅଧିକାରୀଙ୍କ ଝିଅଙ୍କୁ ଦୁଷ୍କର୍ମ ପରେ ହତ୍ୟା

ନୂଆଦିଲ୍ଲୀ, ୨୨।୪(ଏଜେନ୍ସି): ରାଜଧାନୀ ଦିଲ୍ଲୀର କୈଳାସ ହିଲ୍ସ ଅଞ୍ଚଳରେ ଜଣେ ବରିଷ୍ଠ ଆଇଆରଏସ ଅଧିକାରୀଙ୍କ ୨୨ ବର୍ଷୀୟା ଝିଅଙ୍କୁ ନିର୍ମମ ଭାବେ ହତ୍ୟା କରାଯାଇଛି। ପ୍ରାଥମିକ ତଦନ୍ତରୁ ମହିଳାଙ୍କୁ ଦୁଷ୍କର୍ମ କରାଯାଇଥିବା ସନ୍ଦେହ କରାଯାଉଛି। ଏହି ଘଟଣା ସମଗ୍ର ଅଞ୍ଚଳରେ ଚାଞ୍ଚଲ୍ୟ ଖେଳାଇ ଦେଇଛି। ବୁଧବାର ସକାଳ ପ୍ରାୟ ୬ଟା ସମୟରେ ଏହି ଜଘନ୍ୟ କାଣ୍ଡ ଘଟିଛି। ଘଟଣା ସମୟରେ ଆଇଆରଏସ ଅଧିକାରୀ ଏବଂ ତାଙ୍କ ପତ୍ନୀ ଜିମ୍ ଯାଇଥିଲେ। ସେହି ସମୟରେ ତାଙ୍କ ଝିଅ ଘରେ ଏକାକୀ ଥିଲେ। ସେ ୟୁପିଏସ୍‌ସି ପରୀକ୍ଷା ପାଇଁ ପ୍ରସ୍ତୁତି କରୁଥିଲେ। ଅଧିକାରୀଙ୍କ ଦମ୍ପତି ଜିମ୍‌ରୁ ଫେରିବା ପରେ ଝିଅଙ୍କ ମୃତଦେହ ତାଙ୍କ ରୁମ୍‌ରୁ ଉଦ୍ଧାର କରିଥିଲେ। ଅଭିଯୁକ୍ତ ଜଣକ ପ୍ରଥମେ ଦୁଷ୍କର୍ମ କରିବା ପରେ ମୋବାଇଲ୍ ଚାର୍ଜିଂ କେବୁଲ୍ ସାହାଯ୍ୟରେ ଗଳା ଚିପି ହତ୍ୟା କରିଥିବା ଜଣାପଡ଼ିଛି। ପୋଲିସ ଏହି ମାମଲାରେ ରାହୁଲ ମୀନା (୧୯) ନାମକ ଜଣେ ଯୁବକଙ୍କୁ ମୁଖ୍ୟ ସନ୍ଦିଗ୍ଧ ଭାବେ ଚିହ୍ନଟ କରିଛି। ସେ ପ୍ରାୟ ୮ ମାସ ଧରି ସେହି ଘରେ ଚାକର ଭାବେ କାମ କରୁଥିଲା। ମାତ୍ର ଏକ ମାସ ତଳେ ଟଙ୍କା ପଇସା ହେରଫେର ଅଭିଯୋଗରେ ତାକୁ ଚାକିରିରୁ ବାହାର କରିଦିଆଯାଇଥିଲା। ଅଭିଯୁକ୍ତକୁ ଧରିବା ପାଇଁ ପୋଲିସ ଏକାଧିକ ଟିମ୍ ଗଠନ କରିଛି।

## ନେପାଳରେ ବାଲେନ ଶାହଙ୍କ ବିରୋଧରେ ଆନ୍ଦୋଳନ ତେଜିଲା

**ଟିକସ ବୃଦ୍ଧି ଓ ଛାତ୍ର ସଂଘ ଉପରେ କଟକଣା**

କାଠମାଣ୍ଡୁ, ୨୨।୪(ଏଜେନ୍ସି): ନେପାଳରେ ନୂତନ ସରକାର ଗଠନ ହେବାର ମାତ୍ର କିଛି ସପ୍ତାହ ମଧ୍ୟରେ ପ୍ରଧାନମନ୍ତ୍ରୀ ବାଲେନ ଶାହଙ୍କ ନେତୃତ୍ୱାଧୀନ ସରକାର ବିରୋଧରେ ବିରାଟ ଜନ ଆନ୍ଦୋଳନ ମୁଣ୍ଡ ଟେକିଛି। କାଠମାଣ୍ଡୁ ସମେତ ବିଭିନ୍ନ ସହରରେ ଛାତ୍ର, ରାଜନୈତିକ ଦଳ ଏବଂ ସାଧାରଣ ଜନତା ରାସ୍ତାକୁ ଓହ୍ଲାଇଥିବା ଦେଖିବାକୁ ମିଳିଛି। ନେପାଳ ସରକାରଙ୍କ ଏକ ନୂତନ ନିଷ୍ପତ୍ତି ଅନୁଯାୟୀ, ଭାରତରୁ ଆସୁଥିବା ୧୦୦ ଟଙ୍କାରୁ ଅଧିକ ମୂଲ୍ୟର ସାମଗ୍ରୀ ଉପରେ ବାଧ୍ୟତାମୂଳକ କଷ୍ଟମ ଡ୍ୟୁଟି ଲାଗୁ କରାଯାଇଛି। ସୀମାବର୍ତ୍ତୀ ଅଞ୍ଚଳରେ ରହୁଥିବା ଲୋକମାନେ ନିଜର ଦୈନନ୍ଦିନ ଆବଶ୍ୟକତା ପାଇଁ ଭାରତୀୟ ବଜାର ଉପରେ ନିର୍ଭର କରୁଥିବାରୁ, ଏହି ନିଷ୍ପତ୍ତି ସେମାନଙ୍କ ପାଇଁ ଆର୍ଥିକ ବୋଝ ସଦୃଶ ହୋଇଛି। ପ୍ରଦର୍ଶନକାରୀମାନେ ଏହାକୁ ତୁରନ୍ତ ପ୍ରତ୍ୟାହାର କରିବାକୁ ଦାବି କରୁଛନ୍ତି। ସରକାର ଛାତ୍ର ସଂଘ ଏବଂ ସେମାନଙ୍କ କାର୍ଯ୍ୟକଳାପ ଉପରେ କଠୋର ଆଭିମୁଖ୍ୟ ଗ୍ରହଣ କରିଥିବାରୁ ଦେଶବ୍ୟାପୀ ହଜାର ହଜାର ଛାତ୍ର ପ୍ରତିବାଦ କରୁଛନ୍ତି। ସ୍କୁଲ ୟୁନିଫର୍ମ ପିନ୍ଧି ଛାତ୍ରଛାତ୍ରୀମାନେ ରାସ୍ତାକୁ ଓହ୍ଲାଇବା ସରକାରଙ୍କ ପାଇଁ ଏକ ବଡ଼ ଚ୍ୟାଲେଞ୍ଜ ସୃଷ୍ଟି କରିଛି। ସରକାରଙ୍କ ଅସୁବିଧା ଏତିକିରେ ଶେଷ ହୋଇନାହିଁ। ନେପାଳର ଗୃହମନ୍ତ୍ରୀ ସୁଦନ ଗୁରଙ୍ଗଙ୍କ ବିରୋଧରେ ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଏବଂ ସନ୍ଦେହଜନକ ଆର୍ଥିକ କାରବାରର ଅଭିଯୋଗ ଆସିଛି। ବିରୋଧୀ ଦଳ ଏବଂ ସାଧାରଣ ଜନତା ଗୃହମନ୍ତ୍ରୀଙ୍କ ଇସ୍ତଫା ଦାବ ପରେ ସୁଦାନ ପଦରୁ ଇସ୍ତଫା ଦେଇଛନ୍ତି।

## କର୍ଣ୍ଣାଟକରେ ଆମେରିକୀୟ ମହିଳାଙ୍କୁ ଦୁଷ୍କର୍ମ ଅଭିଯୋଗ

କୁଡାଗୁ, ୨୨।୪(ଏଜେନ୍ସି): କର୍ଣ୍ଣାଟକର କୁଡାଗୁ ଜିଲ୍ଲାରୁ ଏକ ଅମାନବୀୟ ଘଟଣା ସାମ୍ନାକୁ ଆସିଛି। ଜଣେ ଆମେରିକୀୟ ମହିଳା ପର୍ଯ୍ୟଟକଙ୍କୁ ଏକ ହୋମ୍‌ଷ୍ଟେରେ ଦୁଷ୍କର୍ମ କରାଯାଇଥିବା ଅଭିଯୋଗ ହୋଇଛି। ଏହି ମାମଲାରେ ପୋଲିସ ହୋମ୍‌ଷ୍ଟେର ଜଣେ କର୍ମଚାରୀ ଏବଂ ମାଲିକଙ୍କୁ ଗିରଫ କରିଛି। କୁଡାଗୁ ଜିଲ୍ଲାର କୁଟ୍ଟା ଗ୍ରାମରେ ଥିବା ଏକ ହୋମ୍‌ଷ୍ଟେରେ ଏହି ଘଟଣା ଘଟିଛି। ଝାଡ଼ଖଣ୍ଡର ମୂଳ ନିବାସୀ ବୃଜେଶ କୁମାର, ଯିଏ କି ସେଠାରେ କର୍ମଚାରୀ ଭାବେ କାର୍ଯ୍ୟ କରୁଥିଲେ, ସେ ମହିଳାଙ୍କୁ ଦୁଷ୍କର୍ମ କରିଥିବା ଅଭିଯୋଗ ହୋଇଛି। ଘଟଣାକୁ ଚପାଇ ଦେବା ପାଇଁ ହୋମ୍‌ଷ୍ଟେ ମାଲିକ ଅଭିଯୁକ୍ତଙ୍କୁ ସହଯୋଗ କରିଥିବା ଜଣାପଡ଼ିଛି। ପୀଡ଼ିତା ଯେପରି କାହାରି ସହ ଯୋଗାଯୋଗ କରିପାରିବେ ନାହିଁ, ସେଥିପାଇଁ ସେ ୩ ଦିନ ପାଇଁ ୱାଇ-ଫାଇ ସେବା ବନ୍ଦ କରିଦେଇଥିଲେ। ୩ ଦିନ ପରେ ଇଣ୍ଟରନେଟ୍ ସେବା ପାଇବା ପରେ, ମହିଳା ଜଣକ ଚତୁରତାର ସହ ସେଠାରୁ ବାହାରି ମୈସୁର ଯିବା ବାହାନାରେ ଆମେରିକା ଦୂତାବାସ ସହ ଯୋଗାଯୋଗ କରିଥିଲେ। ଆମେରିକା ଦୂତାବାସ ପକ୍ଷରୁ ମୈସୁର ପୋଲିସକୁ ଇମେଲ୍ କରାଯିବା ପରେ ମାମଲା ରୁଜୁ ହୋଇଥିଲା। କୁଟ୍ଟା ପୋଲିସ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ଦୁଇ ଅଭିଯୁକ୍ତଙ୍କୁ ଗିରଫ କରିଛି।

# ଇରାନ ବିରୋଧରେ ଟ୍ରମ୍ପଙ୍କ ନୂଆ ଚାଲ୍

## ସାମରିକ ଆକ୍ରମଣ ନୁହେଁ, ହର୍ମୁଜ ଅବରୋଧ

ୱାସିଂଟନ/ତେହେରାନ, ୨୨।୪(ଏଜେନ୍ସି): ଇରାନ ସହିତ ସଂଘର୍ଷ ବିରତି ଅବଧି ବୃଦ୍ଧି କରିବା ପଛରେ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଏକ ବଡ଼ ରଣନୀତି ଲୁଚି ରହିଛି। ଏହା କୌଣସି ନରମ ଆଭିମୁଖ୍ୟ ନୁହେଁ, ବରଂ ଇରାନର ଅର୍ଥନୀତିର ମେରୁଦଣ୍ଡ କୁହାଯାଉଥିବା ତୈଳ ଶିଳ୍ପକୁ ସ୍ଥାୟୀ ଭାବେ ନଷ୍ଟ କରିବା ପାଇଁ ଏହା ଏକ 'ଅର୍ଥନୈତିକ ଅସ୍ତ୍ର' (ଇକୋନୋମିକ୍ ୱିପନ)। ଟ୍ରମ୍ପ ସଂଘର୍ଷ ବିରତି ଘୋଷଣା କରିଥିଲେ ହେଁ ନୌସେନା ଅବରୋଧ ଜାରି ରଖିଛନ୍ତି। ଏହାର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ଇରାନକୁ ତୈଳ ରପ୍ତାନିରୁ ସମ୍ପୂର୍ଣ୍ଣ ରୂପେ ବଞ୍ଚିତ କରିବା।

ଇରାନର ପ୍ରମୁଖ ତୈଳ ହବ୍ ହେଉଛି ଖାର୍ଗ ଦ୍ୱୀପ। ରପ୍ତାନି ବନ୍ଦ ହେବା ଫଳରେ ଏଠାରେ ଥିବା ତୈଳ ସଂରକ୍ଷଣାଗାରଗୁଡ଼ିକ ଅତି ଶୀଘ୍ର ଭର୍ତ୍ତି ହୋଇଯିବ। ସଂରକ୍ଷଣ ସ୍ଥାନ ନଥିବାରୁ ଇରାନ ନିଜର ତୈଳ କୂଅଗୁଡ଼ିକୁ ବନ୍ଦ କରିବାକୁ ବାଧ୍ୟ ହେବ। ବିଶ୍ଳେଷକଙ୍କ ମତରେ, ଆସନ୍ତା ଏପ୍ରିଲ ୨୬ ସୁଦ୍ଧା ଇରାନର ସମସ୍ତ ସଂରକ୍ଷଣାଗାର ଭର୍ତ୍ତି ହୋଇଯିବାର ସମ୍ଭାବନା ରହିଛି। ତୈଳ ଉତ୍ପାଦନ ବନ୍ଦ କରିବା ଇରାନ ପାଇଁ ସାଧାରଣ କଥା ନୁହେଁ। ଏହାଦ୍ୱାରା ଅପୂରଣୀୟ କ୍ଷତି ହୋଇପାରେ। ଇରାନରୁ ବାହାରୁଥିବା ଗାଢ଼ ଅଶୋଧିତ ତୈଳ ଯଦି ପାଇପ୍ ଭିତରେ ରହିଯାଏ, ତେବେ ତାହା ଜମାଟ ବାନ୍ଧି କୂଅକୁ ସବୁଦିନ ପାଇଁ ଅଚଳ କରିଦେଇପାରେ। ପୁରୁଣା ତୈଳ କ୍ଷେତ୍ରଗୁଡ଼ିକରେ ଚାପ କମିଗଲେ ସେଥିରେ ପାଣି ପଶିଯିବାର ଭୟ ଥାଏ, ଯାହାଫଳରେ ଭବିଷ୍ୟତରେ ଏହାକୁ ପୁଣି ଥରେ କାର୍ଯ୍ୟକ୍ଷମ କରିବା ଅତ୍ୟନ୍ତ କଷ୍ଟକର ହେବ। ଆମେରିକାର ଟ୍ରେଜେରୀ ସଚିବ ସ୍କଟ୍ ବେସେଣ୍ଟଙ୍କ ସୂଚନା ଅନୁଯାୟୀ, ଇରାନ ଦୈନିକ ପ୍ରାୟ ୩ ରୁ ୫ ଲକ୍ଷ ବ୍ୟାରେଲ୍ ତୈଳ ଉତ୍ପାଦନ କ୍ଷମତା ହରାଇବ। ଏହାଦ୍ୱାରା ଇରାନ ବାର୍ଷିକ ପ୍ରାୟ ୯ ରୁ ୧୫ ବିଲିୟନ ଡଲାର (୭୫, ୦୦୦ କୋଟିରୁ ୧.୨୫ ଲକ୍ଷ କୋଟି ଟଙ୍କା) ର ରାଜସ୍ୱ ହରାଇବ। ବୋମା ପକାଇ ଇରାନକୁ ଦମନ କରିବା ଅପେକ୍ଷା ଟ୍ରମ୍ପ ଏବେ ଇରାନକୁ ଭିତରୁ ଦୁର୍ବଳ କରିବାକୁ ଚାହୁଁଛନ୍ତି। ଯଦି ଇରାନର ତୈଳ କୂଅଗୁଡ଼ିକ ସବୁଦିନ ପାଇଁ ନଷ୍ଟ ହୋଇଯାଏ, ତେବେ ଇରାନର ଅର୍ଥନୀତି ସମ୍ପୂର୍ଣ୍ଣ ରୂପେ ଭୁଶୁଡ଼ି ପଡ଼ିବ। ଏହି ରଣନୀତି ଇରାନକୁ ଆମେରିକାର ସର୍ତ୍ତ ମାନିବାକୁ ବାଧ୍ୟ କରିବ ବୋଲି ହ୍ୱାଇଟ୍ ହାଉସ୍ ଆଶା ରଖିଛି।



## ଇରାନର ଅଦୃଶ୍ୟ ପରମାଣୁ ବୋମା

ୱାସିଂଟନ/ତେହେରାନ, ୨୨।୪(ଏଜେନ୍ସି): ଦଶନ୍ଧି ଦଶନ୍ଧି ଧରି ଆମେରିକା ଏବଂ ଇସ୍ରାଏଲ୍, ଇରାନର ପରମାଣୁ କାର୍ଯ୍ୟକ୍ରମକୁ ରୋକିବା ପାଇଁ ରଣନୀତି ପ୍ରସ୍ତୁତ କରିଆସୁଛନ୍ତି। ମାତ୍ର ବର୍ତ୍ତମାନର ଯୁଦ୍ଧ ସ୍ଥିତି ଏହା ପ୍ରମାଣ କରିଛି ଯେ ଇରାନ ପାଖରେ ପରମାଣୁ ବୋମା ଅପେକ୍ଷା ଅଧିକ ଶକ୍ତିଶାଳୀ ଏକ ଅସ୍ତ୍ର ରହିଛି, ତାହା ହେଉଛି ହର୍ମୁଜ ପ୍ରଣାଳୀ। ବିଶେଷଜ୍ଞମାନେ ଏହାକୁ ଇରାନର ପରମାଣୁ ଅସ୍ତ୍ର ବୋଲି ଅଭିହିତ କରୁଛନ୍ତି, ଯାହା ବିନା ରକ୍ତପାତରେ ବିଶ୍ୱକୁ ଆଣ୍ଠେଇ ଦେବାର କ୍ଷମତା ରଖେ। ପରମାଣୁ ବୋମା କେବଳ ଧନଜୀବନ ନଷ୍ଟ କରେ, ମାତ୍ର ହର୍ମୁଜ ପ୍ରଣାଳୀ ବିଶ୍ୱର ବାଣିଜ୍ୟିକ ସ୍ପନ୍ଦନକୁ ରୋକିଦିଏ। ବିଶ୍ୱର ପ୍ରାୟ ୨୦ ପ୍ରତିଶତ ଅଶୋଧିତ ତୈଳ ଏହି ମାର୍ଗ ଦେଇ ପରିବହନ ହୋଇଥାଏ। ଇରାନ ଏହି ମାର୍ଗକୁ ଅବରୋଧ କରିବା ଫଳରେ ଆନ୍ତର୍ଜାତୀୟ ବଜାରରେ ତୈଳ ଦର ପ୍ରତି ବ୍ୟାରେଲ୍ ୧୧୦ ଡଲାର ଅତିକ୍ରମ କରିଛି। ମାତ୍ର କିଛି ଜାହାଜ ଉପରେ ଗୁଳିଚାଳନା କରି ଇରାନ ସମଗ୍ର ସାମୁଦ୍ରିକ ପରିବହନ ବ୍ୟବସ୍ଥାକୁ ଭୟଭୀତ କରିଦେଇଛି। ଜାହାଜଗୁଡ଼ିକର ବୀମା ପ୍ରିମିୟମ୍ ବୃଦ୍ଧି ପାଇବା ସହ ସାମୁଦ୍ରିକ ବାଣିଜ୍ୟ ପ୍ରଭାବିତ ହୋଇଛି। ପୂର୍ବରୁ ଆମେରିକା ଇରାନର ପରମାଣୁ କେନ୍ଦ୍ରଗୁଡ଼ିକ (ନାତାଞ୍ଜ ଏବଂ ଫୋର୍ଡ) ଉପରେ ବୋମାମାଡ଼ କରି ୟୁରାନିୟମ୍ ସଂରକ୍ଷଣକୁ ନଷ୍ଟ କରିବାରେ ସଫଳ ହୋଇଥିଲା। କିନ୍ତୁ ଏହା ଇରାନକୁ ଦମନ କରିବା ପାଇଁ ଯଥେଷ୍ଟ ନଥିଲା। ରାଷ୍ଟ୍ରପତି ଟ୍ରମ୍ପ ଏବେ ହର୍ମୁଜ ପ୍ରଣାଳୀରେ ନିଜର ଆଧିପତ୍ୟ ବିସ୍ତାର କରିବାକୁ ଚାହୁଁଛନ୍ତି। ଆମେରିକା ନୌସେନା ଏହି ଅଞ୍ଚଳରେ ନୌସେନା ଅବରୋଧ ଜାରି ରଖିଛି। ଟ୍ରମ୍ପ ଏପରିକି ଏହି ମାର୍ଗ ଦେଇ ଯାଉଥିବା ଜାହାଜଗୁଡ଼ିକ ଠାରୁ 'ଟୋଲ୍' ଆଦାୟ କରିବାକୁ ମଧ୍ୟ ସୂଚନା ଦେଇଛନ୍ତି। ଏହି ପରିସ୍ଥିତିର ମୁକାବିଲା ପାଇଁ ଆମେରିକାକୁ ଏକ ଦୀର୍ଘକାଳୀନ ଯୋଜନା ପ୍ରସ୍ତୁତ କରିବାକୁ ହେବ। ପଶ୍ଚିମ ଏସିଆରେ ଆମେରିକାର ସେନା ଏବଂ ବିମାନବାହୀ ଜାହାଜଗୁଡ଼ିକୁ ସ୍ଥାୟୀ ଭାବେ ମୁତୟନ କରିବାକୁ ପଡ଼ିବ। ତୈଳ ପରିବହନ ପାଇଁ ନୂତନ ପାଇପଲାଇନ ନିର୍ମାଣ କରିବାକୁ ହେବ, ଯାହା ଅତ୍ୟନ୍ତ ବ୍ୟୟବହୁଳ ଏବଂ ସମୟସାପେକ୍ଷ। ଭାରତ ଏବଂ ଚୀନ୍ ଭଳି ପ୍ରମୁଖ ତୈଳ ବ୍ୟବହାରକାରୀ ଦେଶଗୁଡ଼ିକ ସହ ମିଶି ଶକ୍ତିର ବିକଳ୍ପ ଉତ୍ସ ଖୋଜିବାକୁ ହେବ। ଇରାନର ଏହି 'ହର୍ମୁଜ-ଅସ୍ତ୍ର' ବିଶ୍ୱ ଯୋଗାଣ ଶୃଙ୍ଖଳାକୁ ଯେକୌଣସି ମୁହୂର୍ତ୍ତରେ ବିପର୍ଯ୍ୟସ୍ତ କରିପାରେ।

## ଜାହାଜ ଉପରେ ଇରାନର ଗୁଳିବର୍ଷା

**■ ହର୍ମୁଜରେ ବଢ଼ିଲା ଉତ୍ତେଜନା, ଗୁଜରାଟ ଆସୁଥିବା ଟାଙ୍କରକୁ ଜବତ କଲା ଇରାନ**

ମସ୍କାଟ/ୱାସିଂଟନ, ୨୨।୪(ଏଜେନ୍ସି): ମଧ୍ୟପ୍ରାଚ୍ୟରେ ଜାରି ରହିଥିବା ଉତ୍ତେଜନା ମଧ୍ୟରେ ବୁଧବାର ସକାଳେ ଏକ ବଡ଼ ଧରଣର ସାମରିକ ସଂଘର୍ଷ ଦେଖିବାକୁ ମିଳିଛି। ସାମରିକ ଦୃଷ୍ଟିକୋଣରୁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ହର୍ମୁଜ ପ୍ରଣାଳୀ ନିକଟରେ ଇରାନର ପାରାମିଲିଟାରୀ ବାହିନୀ ଏକ ବାଣିଜ୍ୟିକ ମାଲବାହୀ ଜାହାଜ ଉପରେ ଗୁଳିବର୍ଷଣ କରିଥିବା ଖବର ମିଳିଛି। ଏହି ଘଟଣା ଆମେରିକା ଏବଂ ଇରାନ ମଧ୍ୟରେ ଚାଲିଥିବା କୂଟନୈତିକ ସମ୍ପର୍କକୁ ପୁଣି ଥରେ ସଙ୍କଟ ମଧ୍ୟକୁ ଠେଲି ଦେଇଛି। ବୁଧବାର ସକାଳ ପ୍ରାୟ ୭:୫୫ ମିନିଟରେ ଏହି ଆକ୍ରମଣ ହୋଇଥିଲା। ଇରାନର 'ରିଭୋଲ୍ୟୁସନାରୀ ଗାର୍ଡ କର୍ପସ' (ଆଇଆରଜିସି)ର ଏକ ଗନ୍‌ବୋଟ୍ ଓମାନ ଉପକୂଳରୁ ୧୫ ନଟିକାଲ ମାଇଲ ଦୂରରେ ଏକ କଣ୍ଟେନର ଜାହାଜକୁ ପିଛା କରି ଗୁଳି ଚଳାଇଥିଲା। ଗୁଳିମାଡ଼ ଯୋଗୁଁ ଜାହାଜର 'ବ୍ରିଜ୍' (କ୍ୟାବିନ) ଅଂଶ ଗୁରୁତର ଭାବେ କ୍ଷତିଗ୍ରସ୍ତ ହୋଇଛି। ତେବେ ସୌଭାଗ୍ୟବଶତଃ ଏଥିରେ କୌଣସି ପ୍ରାଣହାନି ହୋଇନାହିଁ କିମ୍ବା ସାମୁଦ୍ରିକ ପରିବେଶ ପ୍ରଦୂଷଣର ଖବର ମିଳିନାହିଁ। ଏହି ଆକ୍ରମଣ ପଛରେ ଆମେରିକାର ପୂର୍ବ ପଦକ୍ଷେପକୁ ଦାୟୀ କରାଯାଉଛି। କିଛି ସମୟ ପୂର୍ବରୁ ଆମେରିକା ନୌସେନା ଇରାନର ଏକ କଣ୍ଟେନର ଜାହାଜ 'ତୁସ୍କା'କୁ ଜବତ କରିଥିଲା। ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ସୂଚନା ଅନୁଯାୟୀ, ଆମେରିକା ପ୍ରଥମେ ସେହି ଜାହାଜର ଇଞ୍ଜିନ ରୁମ୍‌କୁ ଆକ୍ରମଣ କରି ଅଚଳ କରିଦେଇଥିଲା ଏବଂ ପରେ ମେରାଇନ୍ ସେନା ଜରିଆରେ ତାକୁ ନିଜ ନିୟନ୍ତ୍ରଣକୁ ନେଇଥିଲା। ଏହାର ପ୍ରତିଶୋଧ ସ୍ୱରୂପ ଇରାନ ଏହି ଗୁଳିକାଣ୍ଡ ଘଟାଇଥିବା ଅନୁମାନ କରାଯାଉଛି। ଏହି ଘଟଣା ପରେ ଆମେରିକା ଓ ଇରାନ ମଧ୍ୟରେ ହୋଇଥିବା ସାମୟିକ ସଂଘର୍ଷ ବିରତି ଏବେ ବିପଦରେ। ଆମେରିକା ସଂଘର୍ଷ ବିରତି ଅବଧି ବଢ଼ାଇଥିଲେ ମଧ୍ୟ ସାମୁଦ୍ରିକ ଅବରୋଧ ହଟାଇନାହିଁ। ଅନ୍ୟପଟେ ଇରାନ ସ୍ପଷ୍ଟ କରିଛି ଯେ, ଯେପର୍ଯ୍ୟନ୍ତ ନୌସେନା ଅବରୋଧ ହଟାଯାଇ ନାହିଁ, ସେପର୍ଯ୍ୟନ୍ତ ଶାନ୍ତି ଆଲୋଚନା ଆଗକୁ ବଢ଼ିପାରିବ ନାହିଁ।

ହର୍ମୁଜ ପ୍ରଣାଳୀରେ ଉତ୍ତେଜନା ଚରମ ସୀମାରେ ପହଞ୍ଚିଛି। ବୁଧବାର ଇରାନ ସେନା ଦୁଇଟି ବାଣିଜ୍ୟିକ ଜାହାଜକୁ ଜବତ କରିଛି, ଯେଉଁଥିମଧ୍ୟରୁ ଗୋଟିଏ ଭାରତର ଗୁଜରାଟ ଅଭିମୁଖେ ଆସୁଥିଲା। ଜବତ ହୋଇଥିବା ଦୁଇଟି ଜାହାଜ ହେଉଛି ଏମ୍‌ଏସ୍‌ସି ଫ୍ରାନସେସ୍କା ଓ ଇପାମିଣ୍ଡାସ୍। ଲାଇବେରିଆ ପତାକାଧାରୀ କଣ୍ଟେନର୍ ଜାହାଜ 'ଇପାମିଣ୍ଡାସ୍ ଗୁଜରାଟର କଚ୍ଛ ଜିଲ୍ଲା ସ୍ଥିତ ମୁନ୍ଦ୍ରା ବନ୍ଦର ଅଭିମୁଖେ ଆସୁଥିଲା। ସାମୁଦ୍ରିକ ଟ୍ରାଫିକ୍ ତଥ୍ୟ ଅନୁଯାୟୀ, ବର୍ତ୍ତମାନ ଏହି ଜାହାଜଟିର ସ୍ଥିତି ଅଟକି ରହିଥିବା ଦର୍ଶାଉଛି। ଏହି ଜାହାଜଗୁଡ଼ିକ ବର୍ତ୍ତମାନ ଇରାନର ଆଇଆରଜିସିର ହେପାଜତରେ ଅଛି ଏବଂ ସେଗୁଡ଼ିକୁ ଇରାନ ଉପକୂଳକୁ ନିଆଯାଉଛି। ଏହି ଘଟଣା ପୂର୍ବରୁ ଇରାନ ସେନା ଭାରତ ଅଭିମୁଖେ ଆସୁଥିବା ଅନ୍ୟ ଏକ ଜାହାଜ ଉପରକୁ ଗୁଳିଚାଳନା କରିଥିଲେ, ଯାହାଫଳରେ ସେହି ଜାହାଜଟି ବାଧ୍ୟ ହୋଇ ମଝି ସମୁଦ୍ରରୁ ଫେରିଯାଇଥିଲା। ଆମେରିକା ପକ୍ଷରୁ ଜାରି ରହିଥିବା ନୌସେନା ଅବରୋଧ ଏବଂ ଇରାନର ଏହି ପ୍ରତିବଦଳ କାର୍ଯ୍ୟାନୁଷ୍ଠାନ ବିଶ୍ୱ ବାଣିଜ୍ୟ, ବିଶେଷ କରି ତୈଳ ଏବଂ ପରିବହନ କ୍ଷେତ୍ରକୁ ଗଭୀର ଭାବେ ପ୍ରଭାବିତ କରିଛି। ଗୁଜରାଟର ମୁନ୍ଦ୍ରା ବନ୍ଦରକୁ ଆସୁଥିବା ଜାହାଜ ଜବତ ହେବା ଭାରତୀୟ ବାଣିଜ୍ୟ ପାଇଁ ମଧ୍ୟ ଚିନ୍ତାର ବିଷୟ ପାଲଟିଛି।

## ୟୁରୋପରେ ତୈଳ ସଙ୍କଟ; ୨୦ ହଜାର ଉଡ଼ାଣ ବାତିଲ

ଫ୍ରାଙ୍କଫର୍ଟ/ବର୍ଲିନ, ୨୨।୪(ଏଜେନ୍ସି): ଇରାନ ଯୁଦ୍ଧ ଯୋଗୁଁ ବିଶ୍ୱ ବଜାରରେ ବିମାନ ଇନ୍ଧନ(ଜେଟ୍ ଫୁଏଲ)ର ଦର ଆକାଶଛୁଆଁ ହୋଇଛି। ଏହାର ସିଧାସଳଖ ପ୍ରଭାବ ଜର୍ମାନୀର ବିମାନ ସେବା ସଂସ୍ଥା ଲୁଫ୍ଥାନ୍ସା ଉପରେ ପଡ଼ିଛି। କମ୍ପାନୀ ଆସନ୍ତା ମଇ ମାସରୁ ଅକ୍ଟୋବର ପର୍ଯ୍ୟନ୍ତ ପ୍ରାୟ ୨୦, ୦୦୦ କ୍ଷୁଦ୍ର ଦୂରଗାମୀ ଉଡ଼ାଣ ବାତିଲ କରିବାକୁ ନିଷ୍ପତ୍ତି ନେଇଛି। ଆନ୍ତର୍ଜାତୀୟ ଶକ୍ତି ଏଜେନ୍ସି (ଆଇଇଏ) ଚେତାବନୀ ଦେଇଛି ଯେ, ୟୁରୋପ ପାଖରେ ବର୍ତ୍ତମାନ ମାତ୍ର କିଛି ସପ୍ତାହ ପାଇଁ ଜେଟ୍ ଫ୍ୟୁଏଲ୍ ବାକି ଅଛି। ହର୍ମୁଜ ପ୍ରଣାଳୀ ବନ୍ଦ ରହିବା ଯୋଗୁଁ ତୈଳ ଯୋଗାଣ ବାଧାପ୍ରାପ୍ତ ହୋଇଛି, ଯାହାଫଳରେ ୟୁରୋପରେ ଇନ୍ଧନ ଦର ପ୍ରାୟ ଦୁଇଗୁଣ ବଢ଼ିଯାଇଛି। ଲୁଫ୍ଥାନ୍ସାର ଏହି ପଦକ୍ଷେପ ଦ୍ୱାରା ପ୍ରାୟ ୪୦, ୦୦୦ ଟନ୍ ଇନ୍ଧନ ସଞ୍ଚୟ ହେବ ବୋଲି ଆଶା କରାଯାଉଛି। କମ୍ପାନୀ ନିଜର ବିମାନ ସେବା ସୂଚୀରେ ବଡ଼ ଧରଣର ଅଦଳବଦଳ କରିଛି। ଫ୍ରାଙ୍କଫର୍ଟ ଏବଂ ମ୍ୟୁନିକ୍‌ରୁ ଚାଲୁଥିବା ଓ କ୍ଷତିସହୁଥିବା ରୁଟ୍‌ଗୁଡ଼ିକୁ ବନ୍ଦ କରାଯାଉଛି। ଏହା ବଦଳରେ ଜୁରିକ୍, ବ୍ରସେଲ୍ସ ଏବଂ ଭିଏନାରୁ ଉଡ଼ାଣ ସଂଖ୍ୟା ବୃଦ୍ଧି କରାଯିବ। ଅକ୍ଟୋବର ସୁଦ୍ଧା ୬ଟି ବଡ଼ ବିମାନ (୨ଟି ବୋଇଂ-୭୪୭ ଏବଂ ୪ଟି ଏୟାରବସ୍ ଏ୩୪୦-୬୦୦) କୁ ସେବାରୁ ହଟାଇ ଦିଆଯିବ। ଏଥିସହିତ ସିଟିଲାଇନ୍ ବେଡ଼ାରୁ ୨୭ଟି ବିମାନ ମଧ୍ୟ ବନ୍ଦ କରାଯାଉଛି। କେବଳ ଲୁଫ୍ଥାନ୍ସା ନୁହେଁ, ଆମେରିକାର ଡେଲଟା ଏୟାରଲାଇନ୍ସ, ହଂକଂର କାଥେ ପାସିଫିକ, ଏବଂ ଏୟାର ଏସିଆ ଭଳି ବଡ଼ କମ୍ପାନୀଗୁଡ଼ିକ ମଧ୍ୟ ନିଜର ରୁଟ୍ କାଟ୍ କରୁଛନ୍ତି। ଯଦି ହର୍ମୁଜ ପ୍ରଣାଳୀରେ ସ୍ଥିତି ସ୍ୱାଭାବିକ ନହୁଏ, ତେବେ ମଇ ମାସରୁ ବିଶ୍ୱବ୍ୟାପୀ ବିମାନ ସେବା ଏବଂ ପରିବହନ ବ୍ୟବସ୍ଥା ଅଧିକ ଜଟିଳ ହେବାର ଆଶଙ୍କା ରହିଛି।



## ମାଲେଗାଓଁ ବିସ୍ଫୋରଣ: ୨୦ ବର୍ଷ ପରେ ସବୁ ଅଭିଯୁକ୍ତ ଖଲାସ



**■ ୩୭ ଜଣଙ୍କ ମୃତ୍ୟୁ ପାଇଁ ଦାୟୀ କିଏ?**
**■ ନ୍ୟାୟ ଅପେକ୍ଷାରେ ପୀଡ଼ିତ ପରିବାର**

ମୁମ୍ବାଇ, ୨୨।୪(ଏଜେନ୍ସି): ଦୀର୍ଘ ଦୁଇ ଦଶନ୍ଧିର ଅପେକ୍ଷା ପରେ, ୨୦୦୬ ମାଲେଗାଓଁ ବୋମା ବିସ୍ଫୋରଣ ମାମଲାରେ ବୁଧବାର ବମ୍ବେ ହାଇକୋର୍ଟ ଏକ ବଡ଼ ନିଷ୍ପତ୍ତି ଶୁଣାଇଛନ୍ତି। ଉପଯୁକ୍ତ ପ୍ରମାଣ ଅଭାବରୁ କୋର୍ଟ ଏହି ମାମଲାରେ ଶେଷ ଚାରିଜଣ ଅଭିଯୁକ୍ତଙ୍କୁ ମଧ୍ୟ ଖଲାସ କରିଛନ୍ତି। ଏହା ସହିତ ଏହି ଭୟଙ୍କର ଆତଙ୍କବାଦୀ ଆକ୍ରମଣର ବିଚାର ପ୍ରକ୍ରିୟା ବର୍ତ୍ତମାନ ଏକ ପ୍ରକାର ଶୂନ୍ୟ ସ୍ଥିତିକୁ ଚାଲିଆସିଛି। ୨୦୦୬ ସେପ୍ଟେମ୍ବର ୮ ରେ ନାସିକ ଜିଲ୍ଲାର ମାଲେଗାଓଁ ସ୍ଥିତ ଏକ ମୁସଲିମ୍ କବରସ୍ଥାନରେ ହୋଇଥିବା ଏହି ବିସ୍ଫୋରଣରେ ୩୭ ଜଣ ପ୍ରାଣ ହରାଇଥିଲେ ଏବଂ ୧୦୦ରୁ ଅଧିକ ଲୋକ ଆହତ ହୋଇଥିଲେ। ମୁଖ୍ୟ ବିଚାରପତି ଶ୍ରୀ ଚନ୍ଦ୍ରଶେଖର ଏବଂ ଜଷ୍ଟିସ୍ ଶ୍ୟାମ ଚନ୍ଦକଙ୍କ ଖଣ୍ଡପୀଠ ଏନଆଇଏ (ଏନ୍‌ଆଇଏ)ର ଯୁକ୍ତିକୁ ଗ୍ରହଣ କରିନାହାନ୍ତି। ପ୍ରତିପକ୍ଷ ଓକିଲମାନେ ତଦନ୍ତରେ ଥିବା ଅନେକ ଗୁରୁତ୍ୱପୂର୍ଣ୍ଣ ତ୍ରୁଟିକୁ କୋର୍ଟଙ୍କ ସାମ୍ନାରେ ରଖିଥିଲେ। ମାମଲାରେ କୌଣସି ପ୍ରତ୍ୟକ୍ଷଦର୍ଶୀ ସାକ୍ଷୀ ନଥିଲେ, ଯାହାକୁ ଏନ୍‌ଆଇଏ ମଧ୍ୟ କୋର୍ଟରେ ସ୍ୱୀକାର କରିଛି। ବିସ୍ଫୋରକ ପ୍ରସ୍ତୁତ କରାଯାଇଥିବା ସ୍ଥାନରୁ ମିଳିଥିବା ମାଟି ନମୁନାରେ ଜଉଢ ର କୌଣସି ଚିହ୍ନ ମିଳିନଥିଲା। ଘଟଣାର ୬ ବର୍ଷ ପରେ ଅଭିଯୁକ୍ତଙ୍କୁ ଚିହ୍ନଟ ପ୍ରକ୍ରିୟା କରାଯାଇଥିଲା, ଯାହାକୁ କୋର୍ଟ ଗ୍ରହଣ କରିବାକୁ ମନା କରିଦେଇଛନ୍ତି। ଏହି ମାମଲା ପ୍ରଥମେ ମହାରାଷ୍ଟ୍ର ଏଟିଏସ୍, ପରେ ସିବିଆଇ ଏବଂ ଶେଷରେ ଏନ୍‌ଆଇଏ ଦ୍ୱାରା ତଦନ୍ତ କରାଯାଇଥିଲା। ପ୍ରଥମେ ୯ ଜଣ ମୁସଲିମ୍ ଯୁବକଙ୍କୁ ଗିରଫ କରାଯାଇଥିଲା, ଯେଉଁମାନେ ପରେ ୨୦୧୨ରେ ଜାମିନ ପାଇଥିଲେ। ଏନ୍‌ଆଇଏ ମାମଲା ହାତକୁ ନେବା ପରେ ଏକ ସମ୍ପୂର୍ଣ୍ଣ ଅଲଗା ଷଡ଼ଯନ୍ତ୍ରର ଦାବି କରି ଅନ୍ୟ ୪ ଜଣଙ୍କୁ ଗିରଫ କରିଥିଲା। ଆଜି ସେହି ୪ ଜଣ ମଧ୍ୟ ଦୋଷମୁକ୍ତ ହୋଇଛନ୍ତି। ଏହି ନିଷ୍ପତ୍ତି ପରେ ପୀଡ଼ିତ ପରିବାର ମଧ୍ୟରେ ଗଭୀର ନିରାଶା ଦେଖାଦେଇଛି। ୩୭ ଜଣଙ୍କ ମୃତ୍ୟୁ ପରେ ବି କାହାକୁ ଦୋଷୀ ସାବ୍ୟସ୍ତ କରାଯାଇ ନପାରିବା ଆମର ତଦନ୍ତ ଏବଂ ନ୍ୟାୟିକ ପ୍ରକ୍ରିୟା ଉପରେ ଏକ ବଡ଼ ପ୍ରଶ୍ନବାଚୀ। ବିସ୍ଫୋରଣରେ ପୁଅକୁ ହରାଇଥିବା ଶଫିକ୍ ଅହମ୍ମଦଙ୍କ ଭଳି ଅନେକ ପରିବାର ଆଜି ବି ନ୍ୟାୟ ଅପେକ୍ଷାରେ ରହିଛନ୍ତି।

## ୟୁପିରେ ଭୟଙ୍କର ସିରିଜ ଦୁର୍ଘଟଣା: ଜଳିଗଲା ବଲେରୋ, ୧୧ ଦଗ୍ଧ



ନୂଆଦିଲ୍ଲୀ, ୨୨।୪(ଏଜେନ୍ସି): ଉତ୍ତର ପ୍ରଦେଶର ମିର୍ଜାପୁର ରାଜପଥ ।।ରେ ଆଜି ସନ୍ଧ୍ୟାରେ ଏକ ଭୟଙ୍କର ସିରିଜ ଦୁର୍ଘଟଣାରେ ଏକ ବଲେରୋରେ ନିଆଁ ଲାଗିଯିବାରୁ ୧୧ ଜଣ ପ୍ରାଣ ହରାଇଥିବା ବେଳେ ୫ ଜଣ ଗୁରୁତର ଭାବେ ଆହତ ହୋଇଛନ୍ତି। ପୁଲିସ ସୂତ୍ରରୁ ପ୍ରକାଶ ଯେ ସନ୍ଧ୍ୟା ବେଳେ ଏକ ଟ୍ରକ ରାଜପଥରେ ଯାଉଥିବା ବେଳେ ଏହାର ଚାଳକ ଗାଡ଼ି ଉପରୁ ନିୟନ୍ତ୍ରଣ ହରାଇଥିଲେ। ଫଳରେ ରାସ୍ତା ଉପରେ ଯାଉଥିବା ଅନେକ ଗାଡ଼ିକୁ ଏହା ଧକ୍କା ଦେଇଥିଲା। ଟ୍ରକ୍ ଧକ୍କାରେ ପ୍ରଥ।।ମେ ଏକ ମାରୁତି କାର ଦ୍ରୁତ ଗତିରେ ଯାଇ ବଲେରୋକୁ ଧକ୍କା ଦେଇଥିଲା। ବଲେରୋ କାରଟି ଓଲଟି ପଡ଼ିବା କ୍ଷଣି ଏଥିରେ ନିଆଁ ଲାଗି ଯାଇଥିଲା। ଫଳରେ ଏହା ଭିତରେ ଥିବା ଯାତ୍ରୀ ବାହାରକୁ ଆସି ପାରିନଥିଲେ। ୧୧ ଜଣ ଯାକ ଯାତ୍ରୀ ଗାଡ଼ି ଭିତରେ ପୋଡ଼ିଯାଇ ପ୍ରାଣ ହରାଇଥିଲେ। ଖବର ପାଇ ପୁଲିସ ଓ ଦମକଳ ବାହିନୀ ଦୁର୍ଘଟଣାସ୍ଥଳରେ ପହଞ୍ଚି ଉଦ୍ଧାର କାର୍ଯ୍ୟ କରିଥିଲେ। ଯେଉଁ ୧୧ ଜଣ ପ୍ରାଣ ହରାଇଛନ୍ତି ସେମାନଙ୍କୁ ଚିହ୍ନଟ କରିବା ମୁସ୍କିଲ ହୋଇପଡ଼ିଛି। ତେବେ ବଲେରୋ କାହାର ଏବଂ ଏଥିରେ କିଏ ଯାଉଥିଲେ, ତାହା ଜାଣିବା ଲାଗି ଉଦ୍ୟମ ଚାଲିଛି। ଏହି ଦୁର୍ଘଟଣାରେ ଆଉ ୫ ଜଣ ଗୁରୁତର ଆହତ ହୋଇଛନ୍ତି। ସେମାନଙ୍କୁ ଚିକିତ୍ସା ଲାଗି ହସପିଟାଲରେ ଭର୍ତ୍ତି କରାଯାଇଛି। ଦୁର୍ଘଟଣାରେ ଟ୍ରକ ଡ୍ରାଇଭର ମଧ୍ୟ ଗୁରୁତର ଆହତ ହୋଇଛନ୍ତି।

## ତଦନ୍ତରେ ମୁଖ୍ୟମନ୍ତ୍ରୀଙ୍କ ହସ୍ତକ୍ଷେପ ଗଣତନ୍ତ୍ର ପାଇଁ ବିପଦ

**ମମତାଙ୍କୁ ସୁପ୍ରିମକୋର୍ଟଙ୍କ ଭର୍ତ୍ସନା**



ନୂଆଦିଲ୍ଲୀ, ୨୨।୪(ଏଜେନ୍ସି): ପଶ୍ଚିମବଙ୍ଗର ନିର୍ବାଚନ ରଣନୀତି ପ୍ରସ୍ତୁତ କରୁଥିବା ସଂସ୍ଥା ଆଇ-ପିଏସି ଏବଂ ଏହାର ନିର୍ଦ୍ଦେଶକ ପ୍ରତୀକ ଜୈନଙ୍କ ବିରୋଧରେ ଚାଲିଥିବା ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡ଼ି)ର ତଦନ୍ତ ମାମଲାରେ ସୁପ୍ରିମକୋର୍ଟ ଏକ ଗୁରୁତ୍ୱପୂର୍ଣ୍ଣ ଶୁଣାଣି କରିଛନ୍ତି। କେନ୍ଦ୍ରୀୟ ଏଜେନ୍ସିର ତଦନ୍ତ ଚାଲିଥିବା ସମୟରେ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କ ଉପସ୍ଥିତି ଏବଂ ହସ୍ତକ୍ଷେପକୁ କୋର୍ଟ ଅତ୍ୟନ୍ତ ଭୁଲ ବୋଲି ଦର୍ଶାଇଛନ୍ତି। ଜଷ୍ଟିସ କୁମାର ଏହି ମାମଲାରେ କହିଛନ୍ତି ଯେ, ଆମେ କେବେ ଭାବି ନଥିଲୁ ଯେ ଏହି ଦେଶରେ ଏପରି ଦିନ ଆସିବ ଯେତେବେଳେ ଜଣେ କାର୍ଯ୍ୟରତ ମୁଖ୍ୟମନ୍ତ୍ରୀ ସେହି ସ୍ଥାନକୁ ଚାଲିଯିବେ ଯେଉଁଠାରେ ଏକ କେନ୍ଦ୍ରୀୟ ତଦନ୍ତକାରୀ ସଂସ୍ଥା କାମ କରୁଛି। ଏହା କୌଣସି ରାଜ୍ୟ ଓ କେନ୍ଦ୍ର ମଧ୍ୟରେ ବିବାଦ ନୁହେଁ, ବରଂ ଜଣେ ମୁଖ୍ୟମନ୍ତ୍ରୀ ଏପରି କାର୍ଯ୍ୟ କରିବା ଦ୍ୱାରା ଗଣତନ୍ତ୍ର ପ୍ରତି ବିପଦ ସୃଷ୍ଟି ହୋଇଥାଏ। ଗତ ଜାନୁଆରୀ ୮ ତାରିଖରେ କୋଇଲା ଚୋରି ସହ ଜଡ଼ିତ ମନି ଲଣ୍ଡରିଂ ମାମଲାରେ ଇଡ଼ି ଟିମ୍ ଆଇ-ପିଏସି ମୁଖ୍ୟ ପ୍ରତୀକ ଜୈନଙ୍କ କୋଲକାତା ସ୍ଥିତ ବାସଭବନ ଓ ଅଫିସରେ ଚଢ଼ାଉ କରିଥିଲା। ସେହି ସମୟରେ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ସେଠାରେ ପହଞ୍ଚିଥିଲେ ଏବଂ କିଛି ଗୁରୁତ୍ୱପୂର୍ଣ୍ଣ ଦସ୍ତାବେଜ ସେଠାରୁ ନେଇ ଯାଇଥିବା ଅଭିଯୋଗ ହୋଇଥିଲା। ଇଡି ଏହାକୁ ତଦନ୍ତରେ ବାଧା ବୋଲି କହି ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲା।

ବିଧାନସଭା ନିର୍ବାଚନର ପ୍ରଥମ ପର୍ଯ୍ୟାୟ ମତଦାନ (ଏପ୍ରିଲ ୨୩)ର ଠିକ୍ ପୂର୍ବରୁ ଆଇ-ପିଏସିର କୋଲକାତା ଅଫିସ ଏପ୍ରିଲ ୨୦ରୁ ବନ୍ଦ ରହିଥିବା ଖବର ମିଳୁଛି। ପ୍ରାୟ ୧୩୦୦ କର୍ମଚାରୀଙ୍କୁ କାମକୁ ନ ଆସିବା ପାଇଁ ଚିଠି ଦିଆଯାଇଛି। ଯଦିଓ ଡେରେକ୍ ଓ'ବ୍ରାଏନ୍ ଏହି ଖବରକୁ ଖଣ୍ଡନ କରିଛନ୍ତି, ତଥାପି ବୁଥ୍ ସ୍ତରରେ କାମ କରୁଥିବା କର୍ମୀଙ୍କ ମଧ୍ୟରେ ଦ୍ୱନ୍ଦ୍ୱ ସୃଷ୍ଟି ହୋଇଛି। ତୃଣମୂଳ କଂଗ୍ରେସ ପାଇଁ ଡାଟା ଆନାଲିସିସ୍, ବୁଥ୍ ମ୍ୟାନେଜମେଣ୍ଟ, ପ୍ରାର୍ଥୀ ଚୟନ ଏବଂ ପ୍ରାୟ ୧ ଲକ୍ଷ 'ଶ୍ୟାଡୋ ଏଜେଣ୍ଟଙ୍କୁ ନିୟନ୍ତ୍ରିତ କରିବାରେ ଆଇ-ପିଏସିର ପ୍ରମୁଖ ଭୂମିକା ରହିଛି। କେନ୍ଦ୍ରୀୟ ତଦନ୍ତକାରୀ ସଂସ୍ଥା ଅନୁଯାୟୀ, ଆଇ-ପିଏସି ଏବଂ ଏହାର ନିର୍ଦ୍ଦେଶକଙ୍କ ବିରୋଧରେ ୨, ୭୪୨ କୋଟି ଟଙ୍କାର ମନି ଲଣ୍ଡରିଂ ଅଭିଯୋଗ ରହିଛି। ଏଥିମଧ୍ୟରୁ ପ୍ରାୟ ୨୦ କୋଟି ଟଙ୍କା ହାୱାଲା ଜରିଆରେ ଆଇ-ପିଏସିକୁ ଟ୍ରାନ୍ସଫର କରାଯାଇଥିବା ସନ୍ଦେହ କରାଯାଉଛି। ନିର୍ବାଚନ ସମୟରେ ଏଭଳି ଘଟଣା ପଶ୍ଚିମବଙ୍ଗର ରାଜନୈତିକ ସ୍ଥିତିକୁ ଅଧିକ ଜଟିଳ କରିଦେଇଛି।

## ଆଜିର ରାଶିଫଳ

**ମେଷ:** କର୍ମଚଞ୍ଚଳ ରହିବେ। ମନ ଖୁସି ରହିବ। ସ୍ୱାସ୍ଥ୍ୟ ସମସ୍ୟା ଦେଖା ଦେଇପାରେ। ପ୍ରେମିକ ପ୍ରେମିକାଙ୍କ ଲାଗି ଦିନଟି ଉତ୍ତମ। ବ୍ୟବସାୟରୁ ଲାଭ ମିଳିବ। ଅଫିସ୍ ସମସ୍ୟା ସମାଧାନ ହେବ।

**ବୃଷ:** କଳା, ମନୋରଞ୍ଜନ ପ୍ରତି ଆଗ୍ରହ ବଢ଼ିବ। ପରିବାର ସହ କୌଣସି ଦୂର ସ୍ଥାନକୁ ଯାତ୍ରା କରିବେ। ପ୍ରେମ ମାମଲାରେ କିଛି ନୂଆ ନିଷ୍ପତ୍ତି ନେବେ। ପ୍ରିୟଜନଙ୍କଠାରୁ ଉପହାର ପାଇବେ।

**ମିଥୁନ:** ବ୍ୟବସାୟ ଓ ଧାର୍ମିକ କାର୍ଯ୍ୟ ପାଇଁ ଅନୁକୂଳ ସମୟ। ବ୍ୟାୟାମ, ଯୋଗ, ଉଚ୍ଚଶିକ୍ଷା, ଧ୍ୟାନ ଆଦି ପ୍ରତି ରୁଚି ବଢ଼ିବ। ଶୁଭ ସମ୍ବାଦ ମିଳିବ। ଜମି ବିବାଦ ମାମଲା ସମାଧାନ ହେବ।

**କର୍କଟ:** କାର୍ଯ୍ୟ ସ୍ଥିତିରେ ସୁଧାର ଆସିଲେ ମଧ୍ୟ ସ୍ୱାସ୍ଥ୍ୟ ଭଲ ରହିବ ନାହିଁ। ଦାମ୍ପତ୍ୟ ଜୀବନ ଚିନ୍ତାଜନକ ହେବ। କୌଣସି ସ୍ଥାନକୁ ବୁଲିବାକୁ ଯାଆନ୍ତୁ। ବ୍ୟବସାୟରେ ଉନ୍ନତି ପରିଲକ୍ଷିତ ହେବ।

**ସିଂହ:** ଦାମ୍ପତ୍ୟ ଜୀବନ ସୁଖମୟ ହେବ। କିଛି କ୍ଷେତ୍ରରେ ଅସଫଳ ରହିବେ। କାଳୀ ମା'ଙ୍କ ପୂଜା କରନ୍ତୁ। ନୂଆ ଯୋଜନା ପାଇଁ ଉପଯୁକ୍ତ ସମୟ। ଯୋଗ, ଏକ୍ସରସାଇଜ୍ ପ୍ରତି ଆଗ୍ରହ ପ୍ରକାଶ କରିବେ।

**କନ୍ୟା:** ସ୍ୱାସ୍ଥ୍ୟକୁ ନେଇ ଚିନ୍ତାରେ ରହିବେ। ବିରୋଧୀଙ୍କଠାରୁ ଦୂରେଇ ରହିବେ। ପ୍ରେମିକ ପ୍ରେମିକାଙ୍କ ମଧ୍ୟରେ ଥିବା ଭୁଲ ବୁଝାମଣା ଦୂର ହେବ। ଅଫିସ୍‌ରେ ନୂଆ ପ୍ରୋଜେକ୍ଟରେ ସାମିଲ ହେବେ।

**ତୁଳା:** ବ୍ୟବସାୟରୁ ଲାଭ ମିଳିବ। ପରିବାର ସଦସ୍ୟଙ୍କ ସହ ମତାନ୍ତର ଦୂର ହେବ। ଚାକିରିରେ ପଦୋନ୍ନତି ସମ୍ଭାବନା ଅଛି। ସନ୍ତାନଙ୍କ ସହଯୋଗ ପ୍ରାପ୍ତ ହେବ। ଋଣ ସମସ୍ୟା ଦୂର ହେବ।

**ବିଛା:** କୋର୍ଟକଚେରୀ ମାମଲା ବିଜୟ ଲାଭ କରିବେ। ପ୍ରତିଯୋଗୀ ପରୀକ୍ଷାରେ କୃତକାର୍ଯ୍ୟ ହେବେ। କମ୍ ସମୟରେ ଅଧିକ କାମ କରିବେ। ସନ୍ତାନଙ୍କ ସ୍ୱାସ୍ଥ୍ୟରେ ଉନ୍ନତି ଆସିବ।

**ଧନୁ:** ପିଲାଙ୍କ ଶିକ୍ଷା ଓ ସ୍ୱାସ୍ଥ୍ୟ ଉପରେ ଅଧିକ ଖର୍ଚ୍ଚ କରିବାକୁ ପଡ଼ିପାରେ। ଭଲ କାର୍ଯ୍ୟ ଯୋଗୁଁ ସମାଜରେ ପ୍ରତିଷ୍ଠା ବଢ଼ିବ। ମନୋରଞ୍ଜନ କାର୍ଯ୍ୟରେ ନିଜକୁ ସାମିଲ କରିବେ।

**ମକର:** ଦିନଟିରେ କର୍ମଚଞ୍ଚଳ ରହିବେ। ଧନ ବୃଦ୍ଧି ସହ ଅର୍ଥ ସଞ୍ଚୟ କରିବେ। ବ୍ୟବହାରରେ ପରିବର୍ତ୍ତନ ଆଣିବାକୁ ଚେଷ୍ଟା କରିବେ। ଦାମ୍ପତ୍ୟ ଜୀବନ ହସଖୁସିରେ କଟିବ।

**କୁମ୍ଭ:** ବ୍ୟବସାୟକୁ ମଜଭୁତ କରିବା ପାଇଁ ଅଧିକ ପ୍ରୟାସ କରିବାକୁ ହେବ। ସ୍ୱାସ୍ଥ୍ୟ ଭଲ ରହିବ। ଆତ୍ମବିଶ୍ୱାସ ବୃଦ୍ଧି ପାଇବ। ଅଫିସ୍ କାମରେ ବିଦେଶ ଯାତ୍ରା ଯୋଗ ରହିବ।

**ମୀନ:** କାର୍ଯ୍ୟ ଆରମ୍ଭ ପାଇଁ ଅନୁକୂଳ ସମୟ। ମାନସିକ ସ୍ୱାସ୍ଥ୍ୟରେ ସୁଧାର ଆସିବ। ପରୀକ୍ଷାର୍ଥୀ ପରୀକ୍ଷାରେ ଭଲ ପ୍ରଦର୍ଶନ କରିବେ। ଅଫିସ୍‌ରେ ନୂଆ କାମ ଆରମ୍ଭ କରିବେ। ବିବାହ ପ୍ରସ୍ତାବ ଆସିବ।

## ଆଜିର ଇତିହାସ

- ୧୬୬୧- ବ୍ରିଟେନ ସମ୍ରାଟ ଚାର୍ଲସ୍ ଦ୍ୱିତୀୟଙ୍କର ରାଜ୍ୟାଭିଷେକ।
- ୧୯୩୫- ୟୁରୋପୀୟ ଦେଶ ପୋଲାଣ୍ଡ ସମ୍ବିଧାନ ଆପଣାଇଲା।
- ୧୯୮୧- ସୋଭିଏତ୍ ସଂଘ ଭୂମିଗତ ପରମାଣୁ ପରୀକ୍ଷା କରାଇଲା।
- ୧୯୯୨- ପ୍ରଖ୍ୟାତ ଚଳଚ୍ଚିତ୍ର ନିର୍ଦ୍ଦେଶକ ସତ୍ୟଜିତ ରାୟଙ୍କ ନିଧନ।
- ୨୦୦୫- ୟୁଟ୍ୟୁବ୍‌ରେ ପ୍ରଥମ ଭିଡିଓ ଅପଲୋଡ୍ କରାଗଲା।

# ବିଶ୍ୱ ପୁସ୍ତକ ଏବଂ କପିରାଇଟ୍ ଦିବସ

ଜ୍ଞାନର ପରିସୀମାକୁ ବୃଦ୍ଧି କରିବାର ଏକ ବଳିଷ୍ଠ ମାଧ୍ୟମ ହେଉଛି ପୁସ୍ତକ। ପୁସ୍ତକ ପଢ଼ିଲେ ଚିନ୍ତାଚେତନା ଓ ଭାବନାର ବୃଦ୍ଧି ଘଟିଥାଏ। ସ୍କୁଲ ଜୀବନରୁ ଆରମ୍ଭ ହୋଇଥିବା ପାଠପଢ଼ା ଜୀବନର ଶେଷ ସମୟ ପର୍ଯ୍ୟନ୍ତ କାମରେ ଆସିଥାଏ। ପୁସ୍ତକ ପଠନ, ଲେଖନ, ପ୍ରକାଶନ ଏବଂ କପିରାଇଟ୍ ବିଷୟରେ ସଚେତନତା ସୃଷ୍ଟି କରିବା ଉଦ୍ଦେଶ୍ୟରେ ପ୍ରତିବର୍ଷ ଏପ୍ରିଲ୍ ୨୩ ତାରିଖକୁ ବିଶ୍ୱ ପୁସ୍ତକ ଏବଂ କପିରାଇଟ୍ ଦିବସ ଭାବେ ପାଳନ କରାଯାଏ। ୟୁନେସ୍କୋର ଅନୁମୋଦନ କ୍ରମେ ପ୍ରଥମ ଥର ୧୯୯୫ ଏପ୍ରିଲ୍ ୨୩ ତାରିଖରେ ଏହି ଦିବସ ପାଳନ କରାଯାଇଥିଲା। ୱିଲିୟମ୍ ସେକ୍ସପିୟର ଏବଂ ମିଗୁଏଲ୍ ସର୍ଭେଣ୍ଟିସ୍‌ଙ୍କ ପରି ଲେଖକଙ୍କୁ ସମ୍ମାନ ଦେବା ପାଇଁ ୟୁନେସ୍କୋ ୨୩ ଏପ୍ରିଲ୍‌କୁ ବାଛିଥିଲା। ପୁସ୍ତକ ମଣିଷର ସର୍ବଶ୍ରେଷ୍ଠ ବନ୍ଧୁ ଓ ମାର୍ଗଦର୍ଶକ। ଏହା ଆମକୁ ସଂସ୍କାରବାନ୍ ଓ ଦାୟିତ୍ୱବାନ୍ କରିବା ସହ ଏଥିଯୋଗୁଁ ଆମର ଜ୍ଞାନ, ତର୍କଶକ୍ତି ଓ ବୌଦ୍ଧିକ କ୍ଷମତାର ବିକାଶ ହୋଇଥାଏ। ସୁଖଦୁଃଖରେ ବିଚଳିତ ନ ହୋଇ ଆଗକୁ ବଢିବାର ଆଶ୍ୱାସନା ଆମ ଭିତରେ ଜାଗ୍ରତ କରାଏ। ଜୀବନର ଆରମ୍ଭରୁ ଶେଷ ଯାଏ ଆମେ ବହି ସହ କେତେ ଯେ ମୁହୂର୍ତ୍ତ ବିତେଇ ଦିଅନ୍ତି, ତାହା ଆମ କଳ୍ପନାର ଉର୍ଦ୍ଧ୍ୱରେ। ଏହି ଦିବସ ପୁସ୍ତକ ପ୍ରେମୀମାନଙ୍କୁ ପୁସ୍ତକ ପଢ଼ିବା ପାଇଁ ଉତ୍ସାହିତ କରିଥାଏ ଏବଂ




ଜ୍ଞାନର ପ୍ରସାରରେ ବହିର ଭୂମିକାକୁ ସ୍ୱୀକାର କରିଥାଏ। ସେହିପରି ପୁସ୍ତକ ଦୁନିଆରେ କପିରାଇଟ୍ ଏକ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ। ନିଜେ ଲେଖିଥିବା ପୁସ୍ତକର ମାଲିକ ହେଉଛନ୍ତି ଲେଖକ। ମାତ୍ର ଏହାକୁ ଯଦି କେହି ଚୋରି କରି ଅର୍ଥାତ୍ କପି କରି ନିଏ ତେବେ କପିରାଇଟ୍ ଉଲ୍ଲଙ୍ଘନ ହୋଇଥିବା କୁହାଯାଏ। ଏହାକୁ ସୁରକ୍ଷିତ ରଖିବା ପାଇଁ କପିରାଇଟ୍ ଆକ୍ଟ ଲାଗୁ ହୋଇଛି। ଭାରତରେ ଏହି ଆକ୍ଟ ୧୯୫୭ରେ ଲାଗୁ କରାଯାଇଛି। ବିଶ୍ୱ ପୁସ୍ତକ ଏବଂ କପିରାଇଟ୍ ଦିବସ ସୁନିଶ୍ଚିତ କରେ ଯେ, ସାକ୍ଷରତାକୁ ସମସ୍ତ ରୂପରେ ପ୍ରୋତ୍ସାହନ ଦିଆଯିବା ଉଚିତ୍। ଏହି ଦିନ ବିଭିନ୍ନ ସ୍ଥାନରେ ପୁସ୍ତକ ମେଳା, ପାଠପଢ଼ା କାର୍ଯ୍ୟକ୍ରମ ଏବଂ କପିରାଇଟ୍ ସଚେତନତା ଶିବିର ଆୟୋଜନ କରାଯାଏ।

# ଔଷଧ ବ୍ୟାଙ୍କ



ବ୍ୟାଙ୍କର ମୁଖ୍ୟ କାର୍ଯ୍ୟ ହେଉଛି ଜନସାଧାରଣଙ୍କଠାରୁ ଜମା ସଂଗ୍ରହ କରିବା, ଋଣ ପ୍ରଦାନ କରିବା ଏବଂ ବିଭିନ୍ନ ଆର୍ଥିକ ସେବା ଯୋଗାଇ ଦେବା। ହରିଆନା ଫରିଦାବାଦ ଜିଲ୍ଲାରେ ରହିଛି ଏକ ନିଆରା ବ୍ୟାଙ୍କ। ଏଠାରେ ଟଙ୍କା ନୁହେଁ, ଔଷଧ ଜମା କରାଯାଏ। ଗୁରୁତ୍ୱପୂର୍ଣ୍ଣ କଥାଟି ହେଲା, ବ୍ୟାଙ୍କରେ ଜମା କରାଯାଉଥିବା ଔଷଧଗୁଡ଼ିକୁ ଅସହାୟ ଲୋକଙ୍କୁ ମାଗଣାରେ ଦିଆଯାଏ। ଆଜିକାଲି ଔଷଧର ଦାମ୍ ବଢ଼ି ବଢ଼ି ଚାଲିଥିବାବେଳେ ଗରିବ, ଖଟିକିଆ ତଥା ଶ୍ରମିକ ଶ୍ରେଣୀର ଲୋକଙ୍କ ପାଇଁ ଏହାକୁ କିଣିବା କଷ୍ଟକର ହୋଇପଡ଼ୁଛି। ତେଣୁ ଗରିବ, ଶ୍ରମିକ ଶ୍ରେଣୀର ଲୋକଙ୍କ ଏହି ସମସ୍ୟା ଦୂର କରିବା ନିମନ୍ତେ ମିନୁ ନାମ୍ନୀ ଜଣେ ମହିଳା ତାଙ୍କର ୧୨ ଜଣ ବନ୍ଧୁଙ୍କ ସହିତ ମିଶି ଛଅ ବର୍ଷ ତଳେ ଏହି ଔଷଧ ବ୍ୟାଙ୍କର ଆରମ୍ଭ କରିଥିଲେ। ମିନୁ ଓ ତାଙ୍କ ବନ୍ଧୁମାନେ ସମସ୍ତେ ଭିନ୍ନ ଭିନ୍ନ ପେସାରେ କାମ କରୁଥିବାବେଳେ ସେମାନେ କିନ୍ତୁ ପ୍ରତିଦିନ ୨ ଘଣ୍ଟା ଔଷଧ ବ୍ୟାଙ୍କ ପାଇଁ ସମୟ ଦିଅନ୍ତି। ଏଥିପାଇଁ ସେମାନେ ଘର ଘର ବୁଲି ବଳକା ଔଷଧଗୁଡ଼ିକ ସଂଗ୍ରହ କରି ଏହି ବ୍ୟାଙ୍କରେ ଜମା କରନ୍ତି। ମେଡିସିନ୍ ବ୍ୟାଙ୍କ ସମ୍ପର୍କରେ ଖାସ୍ କଥାଟି ହେଉଛି, ଯେକୌଣସି ଅସହାୟ ବ୍ୟକ୍ତି ଡାକ୍ତରଙ୍କ ପ୍ରେସକ୍ରିପସନ୍ ସହିତ ଏଠାକୁ ଆସି ମାଗଣାରେ ଔଷଧ ନେଇଥାନ୍ତି। ମିନୁଙ୍କୁ କେତେଜଣ ଡାକ୍ତର ମଧ୍ୟ ଏହି କାର୍ଯ୍ୟରେ ସହଯୋଗ କରୁଛନ୍ତି। ସେମାନେ ରୋଗୀଙ୍କୁ ମାଗଣାରେ ଔଷଧ ଲେଖି ଦିଅନ୍ତି। ଏହାସହିତ ଯଦି କାହାର କୌଣସି ଜରୁରୀକାଳୀନ ଚିକିତ୍ସା ସମସ୍ୟା ଥାଏ, ତେବେ ମିନୁ ଏବଂ ତାଙ୍କ ଦଳ ୨୪ ଘଣ୍ଟା ସେମାନଙ୍କ ସହ ଉପସ୍ଥିତ ଥାଆନ୍ତି। ଏହାବାଦ୍ ବୟସ୍କ ବ୍ୟକ୍ତିଙ୍କୁ ଚାଲିବାରେ ସମସ୍ୟା ହେଲେ ସେମାନଙ୍କୁ ଏହି ଗ୍ରୁପ୍ ହ୍ୱିଲଚେୟାର ପ୍ରଦାନ କରନ୍ତି। ଏଥିପାଇଁ କାହାଠାରୁ ଟଙ୍କାଟିଏ ଆଦାୟ କରାଯାଏ ନାହିଁ। ମିନୁ କୁହନ୍ତି, ସମାଜରେ ଅନେକ ଗରିବ ଶ୍ରେଣୀର ଲୋକ ଡାକ୍ତରଙ୍କ ପ୍ରେସ୍‌କ୍ରିପସନ୍ ଅନୁସାରେ ଔଷଧ କିଣି ଖାଇବାକୁ ସକ୍ଷମ ନ ଥିବାବେଳେ ଆଉ କିଛି ଲୋକ ଔଷଧ ଖାଇ ବଳକା ଔଷଧକୁ ଅଳିଆ ଗଦାରେ ଫିଙ୍ଗି ଦିଅନ୍ତି। ତେଣୁ ଏହି ଔଷଧକୁ ଏକତ୍ରିତ କରି ଅସହାୟ ଲୋକଙ୍କୁ ବାଣ୍ଟିବାକୁ ସେ ମନସ୍ଥ କରିଥିଲେ। ଏହି ଔଷଧ ବ୍ୟାଙ୍କ ଜରିଆରେ ହଜାର ହଜାର ଲୋକ ଉପକୃତ ହୋଇସାରିଛନ୍ତି। ଏନେଇ ସାମାଜିକ ଗଣମାଧ୍ୟମରେ ମିନୁ ଏବଂ ତାଙ୍କର ବନ୍ଧୁମାନେ ଲୋକଙ୍କୁ ବଳକା ଔଷଧ ଦାନ କରିବାକୁ କୁହନ୍ତି। କିଛି ଲୋକ ନିଜେ ଆସି ବଳକା ଔଷଧ ଦେଇ ଯାଉଥିବାବେଳେ ଦୂରରେ ଥିବା ଲୋକେ କୋରିଅର୍‌ରେ ପଠାଇ ଦିଅନ୍ତି। ବିଦେଶରୁ ଏବେ ଅଧିକାଂଶ ଲୋକ ଔଷଧ ଦାନ କରୁଛନ୍ତି। ସାଧାରଣ ରୋଗଠାରୁ ଗମ୍ଭୀର ରୋଗ ପାଇଁ ଏଠାରେ ଔଷଧ ଉପଲବ୍ଧ ରହିଛି। ଏଠାରେ ଦରକାରରେ ଆସୁଥିବା ଔଷଧଗୁଡ଼ିକ ରଖି ଏକ୍ସପାୟରିଗୁଡ଼ିକୁ ପକାଇ ଦିଆଯାଏ। ଏହି କାମ କରିବାରେ ମିନୁ ଏବଂ ତାଙ୍କ ସାଥିମାନଙ୍କୁ ଆତ୍ମସନ୍ତୋଷ ମିଳୁଛି। ତେବେ ଆଗାମୀ ଦିନରେ ଭିନ୍ନ ଭିନ୍ନ ସହରରେ ଏଭଳି ବ୍ୟାଙ୍କ ଖୋଲି ଅସହାୟ ଲୋକଙ୍କୁ ମାଗଣାରେ ଔଷଧ ଯୋଗାଇ ଦେବା ନିମନ୍ତେ ମିନୁଙ୍କ ଟିମ୍ ଲକ୍ଷ୍ୟ ରଖିଛି।

# ମେ ୧୫ରେ 'ପତି ପତ୍ନୀ ଔର୍ ଓ ଦୋ'

'ମହାଭାରତ' ସିରିଏଲ୍ ନିର୍ମାଣ କରିଥିବା ବି.ଆର୍ ଚୋପ୍ରା ସତୁରୀ ଦଶକରେ 'ପତି ପତ୍ନୀ ଔର୍ ୱ' ଫିଲ୍ମ ଆଣିଥିଲେ। ୨୦୧୯ ରେ ମୁଦସର୍ ଅଜିଜ୍ ଏହାର ରିମେକ୍ କରି ପୁଣି ସେହି ନାମରେ ଫିଲ୍ମ ନେଇ ଆସିଥିଲେ। ଏଥିରେ କାର୍ତ୍ତିକ୍ ଆର୍ୟନ୍, ଅନନ୍ୟା ପାଣ୍ଡେ, ଭୂମି ପେଡନେକର୍ ଅଭିନୟ କରିଥିଲେ। ଏହା ବକ୍ସ ଅଫିସ୍‌ରେ ହିଟ୍ ସାବ୍ୟସ୍ତ ହୋଇଥିଲା। ଏବେ ଏହି ଫିଲ୍ମକୁ ଫ୍ରାଞ୍ଚାଇଜ୍ ଫିଲ୍ମ କରି ଦିଆଯାଇଛି। ଏହାର ଦ୍ୱିତୀୟ ପାର୍ଟର ନାମ 'ପତି ପତ୍ନୀ ଔର୍ ଓ ଦୋ' ରଖାଯାଇଛି। ଇତିମଧ୍ୟରେ ଏହାର ଟିଜର୍ ଆସିଛି। ଟିଜର୍‌ର ଆରମ୍ଭ ସତୁରି ଦଶକର 'ପତି ପତ୍ନୀ ଔର୍ ୱ'ରୁ ଆରମ୍ଭ ହୋଇ ନୂଆ ଫିଲ୍ମ ପାଖକୁ ଆସିଛି। ଏଥିରେ କୁହାଯାଇଛି, 'ସମୟ ବଦଳିଛି ହେଲେ ସ୍ୱାମୀମାନଙ୍କ ଚିନ୍ତାଧାରା ବଦଳିନି।' ଏଥିରେ ଆୟୁଷ୍ମାନ୍ ଖୁରାନା ପୁଲିସ୍ ଇନ୍‌ସପେକ୍ଟର ପ୍ରଜାପତି ପାଣ୍ଡେ ଭୂମିକାରେ ଦେଖାଯିବେ। ସେହିଭଳି ବାମିକା ଗବ୍ବି ତାଙ୍କ ପତ୍ନୀ ଭୂମିକାରେ ଦେଖାଯିବେ। ଏହାସହ ଆୟୁଷ୍ମାନ୍, ସାରା ଅଲ୍ଲୀ ଖାନ୍ ଓ ରକୁଲପ୍ରୀତ ସିଂହଙ୍କ ରୋମାନ୍ସ କରୁଥିବାର ଦେଖାଯିବେ। ଆୟୁଷ୍ମାନଙ୍କ ସହ ଏହି ତିନି ଜଣ ହିରୋଇନଙ୍କ ମଧ୍ୟରେ ଥିବା କନଫ୍ୟୁଜନ ଏବଂ ଡ୍ରାମାକୁ ଫିଲ୍ମରେ ଚମତ୍କାର ଭାବେ ଚିତ୍ରଣ କରାଯାଇଛି। ଏହା ୧୫ ମେ'ରେ ରିଲିଜ୍ ହେବ। କାର୍ତ୍ତିକଙ୍କ ପରେ ଆୟୁଷ୍ମାନଙ୍କ ଏହି ମଜାଦାର ଅନ୍ଦାଜ୍ ବକ୍ସ ଅଫିସ୍‌ରେ କେତେ ସଫଳ ହେଉଛି, ତାହା ଦେଖିବାକୁ ବାକି ରହିଲା।



# ସୁନାଝିଅ ସିମ୍ରନ୍




**ପିଲାବେଳୁ ତାଙ୍କର ଗ୍ରହ, ନକ୍ଷତ୍ର, ସୂର୍ଯ୍ୟ ଏବଂ ବ୍ରହ୍ମାଣ୍ଡ ବିଷୟରେ ଜାଣିବା ପାଇଁ ଖୁବ୍ ଆଗ୍ରହ ଥିଲା। ତାଙ୍କର ଏହି ଆଗ୍ରହ ହିଁ ଆଜି ତାଙ୍କୁ ସଫଳତାର ଶୀର୍ଷରେ ପହଞ୍ଚାଇଛି। ସେ ଉଚ୍ଚ ଶକ୍ତି ସମ୍ପନ୍ନ ରକେଟ୍ ଲଞ୍ଚ୍ କରି ଓଡ଼ିଶା ପାଇଁ ଗୌରବ ଆଣିଛନ୍ତି। ଏପରିକି ରକେଟ୍ ପାଇଁ ତାଙ୍କୁ ଜାତିସଂଘ ପକ୍ଷରୁ ଆମନ୍ତ୍ରିତ କରାଯାଇଥିଲା। ଏହି ଉଦୀୟମାନ ଯୁବତୀ ଜଣକ ହେଲେ ସିମ୍ରନ ପଣ୍ଡା। ତାଙ୍କ ଘର ଭଦ୍ରକ ପାଟଣା ମଙ୍ଗଳା ହୋଇଥିବାବେଳେ ବର୍ତ୍ତମାନ ସେ ଆମେରିକା ଚାପେଲ୍ ହିଲ୍ ସ୍ଥିତ ଉତ୍ତର କ୍ୟାରୋଲିନା ବିଶ୍ୱବିଦ୍ୟାଳୟରେ ପାଠ ପଢୁଛନ୍ତି। ତାଙ୍କର ଏହି ଉପଲବ୍ଧି ଓଡ଼ିଶାର ନାରୀଶକ୍ତି ପାଇଁ ଗର୍ବର ବିଷୟ ପାଲଟିଛି।**



ପିତା ଚନ୍ଦ୍ରମଣୀ ପଣ୍ଡା ଏବଂ ମାତା ବର୍ଷା ପଣ୍ଡା ହାଇଦ୍ରାବାଦରେ ରହୁଥିବାବେଳେ, ସିମ୍ରନ୍ ଆମେରିକାରେ ସ୍ନାତକ ଶିକ୍ଷା କରୁଛନ୍ତି। କମ୍ ବୟସରେ ଶିକ୍ଷା ଏବଂ ନବସୃଜନଦ୍ୱାରା ସେ ଓଡ଼ିଶାକୁ ଗୌରବାନ୍ୱିତ କରିଛନ୍ତି। ନିଜ ପ୍ରଚେଷ୍ଟାରେ ୟୁଏନ୍‌ସିରେ ସେ ଉଚ୍ଚ ଶକ୍ତିସମ୍ପର୍ଣ୍ଣ ପ୍ରଥମ ଛାତ୍ର ରକେଟ୍ ଲଞ୍ଚ୍ କରି ଉଡ଼ାଇବାରେ ସଫଳ ହୋଇଛନ୍ତି। ଏହା ଏକ ଐତିହାସିକ ମୂହୂର୍ତ୍ତ ଭାବେ ପରିଗଣିତ ହୋଇଛି। କ୍ୟାରୋଲିନାରେ ସେ ରକେଟ୍ରି କ୍ଲବ୍ ଗଠନ କରି ଏହାର ନେତୃତ୍ୱ ନେଇଥିଲେ। ଏହା ମାଧ୍ୟମରେ ସେ ନିଜ ରକେଟ୍ ନିର୍ମାଣ ଏବଂ ଡିଜାଇନ୍ କରିଥିଲେ। ଏଥିରେ ତାଙ୍କୁ ପ୍ରଫେସର୍ ଡକ୍ଟର. ଡାନିଏଲ୍ ରାଏକାର୍ଟ ଏବଂ ଆମେରିକୀୟ ନ୍ୟାସ୍‌ନାଲ୍ ରକେଟ୍ରି ଆସୋସିଏସନର୍ ପରାମର୍ଶଦାତା ମିଷ୍ଟର ଡେଭ୍ ମୋରେ ମାର୍ଗଦର୍ଶନ କରାଇଥିଲେ। ୬ ଫୁଟ୍ ଲମ୍ବ ଏବଂ ୮ କିଲୋ ଓଜନ ବିଶିଷ୍ଟ ଏହି ରକେଟ୍ ସଫଳତାର ସହ ଉଡ଼ାଣ ଭରିଥିଲା। ଏହାକୁ ସିମ୍ରନ୍ simpact velocity ନାମରେ ନାମିତ କରିଛନ୍ତି। ରକେଟ୍ ପାଇଁ ତାଙ୍କୁ ଜାତିସଂଘ ପକ୍ଷରୁ ଆମନ୍ତ୍ରିତ କରାଯାଇଥିଲା।

ସିମ୍ରନ୍ ବ୍ରୁକ୍ ଓବେନ୍ସ ଫେଲୋସିପ୍-୨୦୨୬ ପାଇଁ ମନୋନୀତ ହୋଇ ପିତାମାତାଙ୍କୁ ଗର୍ବିତ କରିଛନ୍ତି। ଏହି ଫେଲୋସିପ୍ ମହାକାଶ ଅନୁସନ୍ଧାନରେ ସ୍ନାତକ ଛାତ୍ରୀଙ୍କୁ ଦିଆଯାଉଥିବା ଏକ ପ୍ରତିଷ୍ଠିତ ସମ୍ମାନ। ଏଥିରେ ଛାତ୍ରୀଙ୍କୁ ପ୍ରତିଷ୍ଠିତ ମହାକାଶ ଅନୁସନ୍ଧାନ କମ୍ପାନୀ ଏବଂ ସରକାରୀ ଅନୁସନ୍ଧାନ ସଂସ୍ଥାରେ ଇଣ୍ଟର୍ନସିପ୍ ମିଳିଥାଏ। ଏହି ଫେଲୋସିପ୍ ପାଇଲଟ୍ ଏବଂ ମହାକାଶ ନୀତି ବିଶେଷଜ୍ଞ ବ୍ରୁକ୍ ଓବେନ୍ସଙ୍କ ସ୍ମୃତିରେ ପ୍ରତିଷ୍ଠା ହୋଇଥିଲା। ସିମ୍ରନ୍ ପାଠପଢ଼ିବା ସହ ମୋର୍‌ହେଡ୍ ପ୍ଲାନେଟୋରିୟମ୍‌ରେ କାର୍ଯ୍ୟ କରୁଛନ୍ତି। ପାଠପଢ଼ା ସମେତ ସିମ୍ରନ୍ ଅନେକ ସାମାଜିକ କାର୍ଯ୍ୟ କରନ୍ତି। ୧୬ବର୍ଷ ବୟସରେ ସେ କର୍କଟ ରୋଗୀଙ୍କୁ ନିଜ କେଶଦାନ କରିଥିଲେ। ଏଥିସହ କରୋନା ମହାମାରୀରେ କୋଭିଡ୍ ତ୍ରାହି ଗଠନ କରି ରୋଗୀଙ୍କ ସେବା କରିଥିଲେ। ତେବେ ତାଙ୍କର ବହୁବିଧ କାର୍ଯ୍ୟ ପଛରେ ପିତାମାତାଙ୍କ ପୂର୍ଣ୍ଣ ସହଯୋଗ ରହିଛି।

## ହଜିଯାଉଥିବା ସ୍ୱାଦ

# ପଣସ ଚିଙ୍ଗୁଡ଼ି ତରକାରି



**ଆବଶ୍ୟକ ସାମଗ୍ରୀ**

ପଣସ କଠା – ୫୦୦ ଗ୍ରାମ୍, ଚିଙ୍ଗୁଡ଼ି- ୨୫୦ ଗ୍ରାମ୍, ଆଳୁ – ଗୋଟିଏ, କଟା ପିଆଜ – ଏକ କପ୍, ଅଦା – ଏକ ଇଞ୍ଚ, ରସୁଣ- ଏକ ବୁଦା, କଟା ଟମାଟୋ – ଏକ କପ୍, ଲଙ୍କା ଗୁଣ୍ଡ– ଏକ ଚାମଚ, ହଳଦୀଗୁଣ୍ଡ- ଏକ ଚାମଚ, ଗରମ ମସଲା ଗୁଣ୍ଡ – ଏକ ଚାମଚ, ଧନିଆ – ଏକ ଚାମଚ, ଲୁଣ- ସ୍ୱାଦ ଅନୁସାରେ, ତେଲ – ଆବଶ୍ୟକତା ଅନୁସାରେ।

**ପ୍ରସ୍ତୁତି ପ୍ରଣାଳି**

ପ୍ରଥମେ ଚିଙ୍ଗୁଡ଼ିକୁ ସଫା କରି ଲୁଣ ହଳଦୀ ଗୋଳାନ୍ତୁ। ଏହାପରେ ପଣସ, ଆଳୁକୁ ଛୋଟ ଖଣ୍ଡରେ କାଟି ଧୋଇ ଦିଅନ୍ତୁ। ଗ୍ୟାସ୍‌ରେ କଡ଼େଇ ବସାଇ ତେଲ ଦେଇ ଚିଙ୍ଗୁଡ଼ି ଭାଜନ୍ତୁ। ଏହାକୁ ପ୍ଲେଟ୍‌କୁ କାଢ଼ି ସାମାନ୍ୟ ତେଲ ଦେଇ ପଣସ ଆଳୁ ଭାଜନ୍ତୁ। ଆଉ ଗୋଟିଏ କଡ଼େଇରେ ତେଲ ଜିରା, ତେଜପତ୍ର ସମେତ ପିଆଜ ଦେଇ ଭାଜନ୍ତୁ। ଏହାପରେ ଟମାଟୋ ଦେଇ ଢାଙ୍କୁଣି ଘୋଡ଼ାନ୍ତୁ। ସାମାନ୍ୟ ନରମ ହୋଇଗଲେ ସେଥିରେ ଲଙ୍କା, ହଳଦୀ, ଧନିଆ, ଜିରା, ଦେଇ କଷନ୍ତୁ। ଏହାପରେ ଭାଜି ରଖିଥିବା ଚିଙ୍ଗୁଡ଼ି ପଣସକୁ ଦେଇ କଷନ୍ତୁ। ଏହାପରେ ଗରମ ପାଣି ଦେଇ ଢାଙ୍କୁଣି ଘୋଡ଼ାଇ ପାଞ୍ଚମିନିଟ୍ ରଖି ଦିଅନ୍ତୁ। ପ୍ରସ୍ତୁତ ହୋଇଗଲା ସ୍ୱାଦିଷ୍ଟ 'ପଣସ ଚିଙ୍ଗୁଡ଼ି ତରକାରି'।

## ସୁଶ୍ରୀ

# ଘରେ କରନ୍ତୁ କେରାଟିନ୍ ଟ୍ରିଟ୍‌ମେଣ୍ଟ

**ଘନ, କଳା କେଶ ଆକର୍ଷଣୀୟ ଦିଶିବା ସହ ତ୍ୱଚାର ସୌନ୍ଦର୍ଯ୍ୟ ବୃଦ୍ଧି କରିଥାଏ। ଏଥିପାଇଁ ଅନେକ ମହିଳା ପାର୍ଲର ଯାଇ କେରାଟିନ୍ ଟ୍ରିଟ୍‌ମେଣ୍ଟ କରିଥାନ୍ତି। ଏହା ଖୁବ୍ କମ୍ ସମୟ ମଧ୍ୟରେ କେଶକୁ ସୁନ୍ଦର ଏବଂ ଆକର୍ଷଣୀୟ କରିଥାଏ। ହେଲେ ଏଥିରେ ଥିବା ରାସାୟନିକ କେଶକୁ କ୍ଷତି ପହଞ୍ଚାଇଥାଏ। ଏପରି ସ୍ଥଳେ ପ୍ରାକୃତିକ ଉପାୟରେ ଘରେ କିପରି ହେୟାର୍ କେରାଟିନ୍ କରିପାରିବେ ଜାଣିବା ସେ ବିଷୟରେ।**



**ଅଣ୍ଡା ହେୟାର୍ ମାସ୍କ**

ହେୟାର୍ ମାସ୍କ ପ୍ରସ୍ତୁତ ପାଇଁ ଅଣ୍ଡାର ଧଳା ଅଂଶକୁ ନିଅନ୍ତୁ। ଏଥିରେ ମହୁ, ନଡ଼ିଆ ତେଲ ମିଶାଇ ଏକ ପେଷ୍ଟ ପ୍ରସ୍ତୁତ କରନ୍ତୁ। ଏହାପରେ ଏହି ମିଶ୍ରଣକୁ କେଶ ମୂଳରେ ଲଗାନ୍ତୁ। ଏହା ଶୁଖିଗଲେ ଶାମ୍ପୁ ଲଗାଇ କେଶ ଧୁଅନ୍ତୁ। ସପ୍ତାହକୁ ଦୁଇଥର କଲେ ଧୀରେ ଧୀରେ କେଶ ଉଜ୍ଜ୍ୱଳ, ଆକର୍ଷଣୀୟ ଏବଂ କୋମଳ ହୋଇଥାଏ।

**ଦହି ଏବଂ ଆଲୋଭେରା ଜେଲ୍**

କେଶରେ ଅଣ୍ଡା ଲଗାଇବାକୁ ଚାହୁଁ ନ ଥିଲେ, ଦହି ଏବଂ ଆଲୋଭେରା ଜେଲ୍ ଲଗାଇପାରିବେ। ଏହା କେଶକୁ ପୋଷଣ ଦେବାରେ ସହାୟକ ହୋଇଥାଏ। ଏଥିସହ କେଶର ଶୁଷ୍କପଣ ଦୂର କରି କୋମଳ କରିଥାଏ। ଏହାକୁ କେଶରେ ଲଗାଇ ଶୁଖିଗଲେ ସଫା କରି ଦିଅନ୍ତୁ। ସପ୍ତାହରେ ଦୁଇଥର ଏହି ମାସ୍କ ବ୍ୟବହାର କଲେ ବେଶୀ ସୁଫଳ ମିଳିଥାଏ।

# ଖରାଦିନେ ପାଦର ଯତ୍ନ

ସାଧାରଣତଃ ଖରାଦିନେ ପାଦରେ ଟ୍ୟାନିଂ ସମସ୍ୟା ଦେଖା ଦିଏ। ଅନେକ ଖରାରୁ ପାଦକୁ ସୁରକ୍ଷା ଦେବା ପାଇଁ ଜୋତା ପିନ୍ଧନ୍ତି। ହେଲେ ଏଥିରୁ ଝାଳ ବୋହି ଦୁର୍ଗନ୍ଧ ବାହାରେ। ଏଣୁ ଖରାଦିନେ ପାଦର ଉପଯୁକ୍ତ ଯତ୍ନ ନେବା ଆବଶ୍ୟକ। ଯଦ୍ୱାରା ପାଦ ସୁସ୍ଥ ଓ ସୁନ୍ଦର ରହିପାରିବ।



- ଖରାଦିନେ ପାଦ ପୋଡ଼ିବା ସହ ଯନ୍ତ୍ରଣା ହୁଏ। ଏପରି ସ୍ଥିତିରେ ପାଦରେ ଆଇସ୍ ବା ବରଫ ମସାଜ୍ କରିପାରିବେ। ଏଥିପାଇଁ ବାଲ୍‌ଟିରେ ପାଣି ଭରି ସେଥିରେ କିଛି ବରଫ ପକାନ୍ତୁ। ପାଦକୁ କିଛି ସମୟ ସେହି ପାଣି ଭିତରେ ବୁଡ଼ାଇ ରଖନ୍ତୁ। ୫ ମିନିଟ୍ ପରେ ପାଦରେ ମଏଶ୍ଚରାଇଜର୍ ଲଗାନ୍ତୁ।
- ଘରୁ ବାହାରକୁ ଯାଉଥିଲେ କିମ୍ବା ଛାତକୁ ଯାଉଥିଲେ ଖାଲି ପାଦରେ ଯାଆନ୍ତୁ ନାହିଁ।
- ସମସ୍ତେ ମୁହଁ ଏବଂ ହାତରେ ସନ୍‌ସ୍କ୍ରିନ୍ ଲଗାନ୍ତି। ଅନେକ କିନ୍ତୁ ପାଦରେ ସନ୍‌ସ୍କ୍ରିନ୍ ଲଗାଇବାକୁ ଭୁଲି ଯାଆନ୍ତି। ତେବେ ପାଦରେ ସନ୍‌ସ୍କ୍ରିନ୍ ଲଗାଇଲେ ଟ୍ୟାନିଂ ସମସ୍ୟା ଦୂର ହୁଏ।
- ପାଦକୁ ଭଲଭାବେ ସଫା କରିବା ପାଇଁ ଫୁଟ୍ ଫାଇଲ୍ ବା ପ୍ୟୁମିକ୍ ଷ୍ଟୋନ୍ ବ୍ୟବହାର କରନ୍ତୁ।
- ପାଦକୁ କୋମଳ ରଖିବା ପାଇଁ ରାତିରେ ପାଦକୁ ଭଲଭାବେ ସଫା କରିବା ପରେ ମଏଶ୍ଚରାଇଜ କରନ୍ତୁ।

■ ଆଜି ମୁମ୍ବଇ-ଚେନ୍ନଇ ଲଢ଼େଇ

## ଧୋନି, ରୋହିତ୍ ଫେରିପାରନ୍ତି

ମୁମ୍ବଇ, ୨୨।୪ (ଏଜେନ୍ସି): ଚଳିତ ଆଇପିଏଲ୍-୧୯ର ଏକ ହାଇଭୋଲଟେଜ ମୁକାବିଲାରେ ଗୁରୁବାର ରେକର୍ଡ ପାଞ୍ଚଥରର ଟାଇଟଲ୍ ବିଜେତା ଚେନ୍ନଇ ସୁପର୍ କିଙ୍ଗ୍ସ (ସିଏସକେ) ଓ ମୁମ୍ବଇ ଇଣ୍ଡିଆନ୍ସ (ଏମଆଇ) ପରସ୍ପରକୁ ଭେଟିବେ। ୱାଙ୍ଖେଡେ ଷ୍ଟାଡିୟମରେ ଏହି ମ୍ୟାଚ୍ ଖେଳାଯିବ। ଆଇପିଏଲ୍‌ର ଦୁଇ ଆଇକନିକ ଖେଳାଳି ମହେନ୍ଦ୍ର ସିଂ ଧୋନି ଓ ରୋହିତ ଶର୍ମାଙ୍କ ପ୍ରତ୍ୟାବର୍ତ୍ତନ ସମ୍ଭାବନା ଥିବାରୁ ଏହି ମ୍ୟାଚକୁ ନେଇ କ୍ରିକେଟ୍‌ପ୍ରେମୀଙ୍କ ମଧ୍ୟରେ ଉତ୍କଣ୍ଠା ବେଶ୍ ବଢ଼ିଯାଇଛି। ସିଏସକେ'ର ସବୁଠୁ ସଫଳ ଅଧିନାୟକ ଧୋନି ଆହତ ଲାଗି ଚଳିତ ସିଜନରେ ଗୋଟିଏ ହେଲେ ମ୍ୟାଚ୍ ଖେଳିନାହାନ୍ତି। ତେଣୁ ଯଦି ଧୋନି ଏହି ମ୍ୟାଚରେ ଖେଳନ୍ତି ତେବେ ଦଳର ଖେଳାଳିଙ୍କ ମନୋବଳ ଓ ଉତ୍ସାହ ବଢ଼ାଇବାରେ ସେ ସହାୟକ ହେବେ। ଯୁବ ଓପନର ଆୟୁଷ ମାହାତ୍ରେ ଆହତ ହୋଇ ଏବେ ବଳକା ସିଜନରୁ ବାଦ୍ ପଡ଼ିଥିବାରୁ ସିଏସକେ'ର ଦଳୀୟ ସନ୍ତୁଳନ ବିଗିଡ଼ିଯାଇଛି। ସିଏସକେ ୬ଟି ମ୍ୟାଚରୁ ମାତ୍ର ୨ଟି ବିଜୟ ସ୍ୱାଦ ଚାଖିଛି। ଯଦି ଆଉ ଗୋଟିଏ ପରାଜୟବରଣ କରେ ତେବେ ସିଏସକେ'ର ପ୍ଲେ-ଅଫ୍ ଖେଳିବା ଆଶା ମଉଳିଯିବ। ଅପରପକ୍ଷରେ ଆର୍‌ସିବି ବିପକ୍ଷ ମ୍ୟାଚରେ ମାଂସପେଶୀ ଟାଣି ହୋଇଯିବାରୁ ରୋହିତ ଦଳରୁ ବାହାରେ ରହିଛନ୍ତି। ତେଣୁ ସିଏସକେ ବିପକ୍ଷ ଗୁରୁତ୍ୱପୂର୍ଣ୍ଣ ମ୍ୟାଚରେ ସେ ଦଳକୁ ଫେରିପାରନ୍ତି ବୋଲି ରିପୋର୍ଟ ପ୍ରକାଶ ପାଇଛି। ଦୁଇ ଦଳ ୩୯ଟି ମ୍ୟାଚରେ ପରସ୍ପରକୁ ଭେଟିଛନ୍ତି। ଯେଉଁଥିରେ ମୁମ୍ବଇ ୨୧ ଓ ଚେନ୍ନଇ ୧୮ ଟି ମ୍ୟାଚ୍ ଜିତିଛି।

■ ମହଙ୍ଗା ପଡ଼ିଲା କୋଚ୍‌ଙ୍କୁ ଆକ୍ରମଣ

## ୩ କ୍ରିକେଟର୍‌ଙ୍କୁ ନିଲମ୍ବିତ କଲା ପୁଡୁଚେରୀ

ପୁଡୁଚେରୀ, ୨୨।୪ (ଏଜେନ୍ସି): ୧୯ ବର୍ଷରୁ କମ୍ ରାଜ୍ୟ ଦଳର ପ୍ରଶିକ୍ଷକଙ୍କୁ ଆକ୍ରମଣ ଅଭିଯୋଗରେ ପୁଡୁଚେରୀ କ୍ରିକେଟ୍ ସଂଘ (ସିଏପି) ବଡ଼ କାର୍ଯ୍ୟାନୁଷ୍ଠାନ ନେଇଛି। ରାଜ୍ୟର ତିନିଜଣ ପ୍ରଥମ ଶ୍ରେଣୀ ଖେଳାଳିଙ୍କୁ ସିଏପି ବୁଧବାର ନିଲମ୍ବିତ କରିଛି। ଏହି ୩ଜଣ ଖେଳାଳି ହେଲେ ଜେ. କାର୍ତ୍ତିକେୟନ, ଏ. ଅରବିନ୍ଦରାଜ ଓ ଏସ୍. ସନ୍ତୋଷ କୁମାରନ। ନିକଟ ଅତୀତରେ ଏହି ୩ଜଣ ପୁଡୁଚେରୀ ପକ୍ଷରୁ ରଣଜୀ ଟ୍ରଫି, ବିଜୟ ହଜାରେ ଟ୍ରଫି ଓ ସୟଦ ମୁସ୍ତାକ ଅଲି ଟ୍ରଫିରେ ପ୍ରତିନିଧିତ୍ୱ କରିଥିଲେ। ଉଲ୍ଲେଖଯୋଗ୍ୟ, ଏହି ୩ଜଣ ଖେଳାଳି ଗତ ବର୍ଷ ଡିସେମ୍ବର ୮ ତାରିଖରେ ପୁଡୁଚେରୀର ୧୯ ବର୍ଷରୁ କମ୍ ଦଳର ପ୍ରଶିକ୍ଷକ ଭେଙ୍କଟରମଣଙ୍କୁ ଆକ୍ରମଣ କରିଥିବା ଅଭିଯୋଗ ହୋଇଥିଲା। ଏନେଇ ସିଏପି ପକ୍ଷରୁ ବୁଧବାର ଏକ ସାମ୍ବାଦିକ ସମ୍ମିଳନୀ କରାଯାଇଥିଲା। ଯେଉଁଥିରେ କୁହାଯାଇଥିଲା ଯେ ଏହି ତିନିଜଣ କ୍ରିକେଟରଙ୍କ ବିରୁଦ୍ଧରେ କୋଚ୍ ଭେଙ୍କଟରମଣଙ୍କ ଉପରେ ହତ୍ୟା ଉଦ୍ୟମ ଏବଂ ଆକ୍ରମଣ ନେଇ ସେଦୁରାପେଟ ଥାନାରେ ଅଭିଯୋଗ କରାଯାଇଛି। ମାମଲାଟି ଜୁଡିସିଆଲ୍ ମାଜିଷ୍ଟ୍ରେଟ୍-ଆଇଭି କୋର୍ଟ, ପୁଡୁଚେରୀରେ ବିଚାରାଧୀନ ରହିଛି। ଏହି ୩ଜଣ କ୍ରିକେଟରଙ୍କୁ ରାଜ୍ୟ ଓ ରାଜ୍ୟ ବାହାରେ ମଧ୍ୟ କୌଣସି ଟୁର୍ଣ୍ଣାମେଣ୍ଟରେ ଖେଳିବାକୁ ଅନୁମତି ଦିଆଯିବନି। କୋର୍ଟ ସେମାନଙ୍କୁ ସମସ୍ତ ଅଭିଯୋଗରୁ ମୁକ୍ତ ନ କରିବା ପର୍ଯ୍ୟନ୍ତ ନିଲମ୍ବନ କାର୍ଯ୍ୟକାରୀ ହେବ।

■ ଆଇଏସ୍‌ଏଲ୍: ଆଜି କେରଳା ବ୍ଲାଷ୍ଟର୍ସଙ୍କୁ ଭେଟିବ

## ବିଜୟ ସନ୍ଧାନରେ ଓଡ଼ିଶା ଏଫ୍‌ସି

ଭୁବନେଶ୍ୱର, ୨୨।୪ (ସମିସ): ଚଳିତ ଇଣ୍ଡିଆନ ସୁପର୍ ଲିଗ୍ (ଆଇଏସଏଲ୍) ଦ୍ୱାଦଶ ସଂସ୍କରଣର ଏକ ମ୍ୟାଚରେ ଗୁରୁବାର ଓଡ଼ିଶା ଏଫ୍‌ସି ଓ କେରଳା ବ୍ଲାଷ୍ଟର୍ସ ସାମ୍ନାସାମ୍ନି ହେବେ। କୋଚିର ଜବାହରଲାଲ ନେହରୁ ଷ୍ଟାଡିୟମରେ ଏହି ମ୍ୟାଚ୍ ଖେଳାଯିବ। ପ୍ରଦର୍ଶନ ଉପରେ ନଜର ପକାଇଲେ ଉଭୟ କେରଳା ଓ ଓଡ଼ିଶା ଏଫ୍‌ସି ଚଳିତ ସିଜନରେ ଆଶାନୁରୂପକ ପ୍ରଦର୍ଶନ କରିପାରିନାହାନ୍ତି। ଭୁବନେଶ୍ୱରଭିତ୍ତିକ ଦଳ ଓଏଫ୍‌ସି ବର୍ତ୍ତମାନ ସୁଦ୍ଧା ୭ ମ୍ୟାଚରୁ ମାତ୍ର ଗୋଟିଏ ବିଜୟ ଏବଂ ୩ଟି ଲେଖାଏଁ ପରାଜୟ ଓ ଡ୍ର ସହ ୬ ପଏଣ୍ଟ ପାଇ ୧୩ତମ ସ୍ଥାନରେ ରହିଛି। ସେହିଭଳି ବ୍ଲାଷ୍ଟର୍ସ ୧୦ ମ୍ୟାଚରୁ ୬ ପରାଜୟ ଏବଂ ଦୁଇଟି ଲେଖାଏ ବିଜୟ ଓ ଡ୍ର ସହ ୮ ପଏଣ୍ଟ ପାଇ ୧୪ ଦଳୀୟ ଟେବଲର ୧୧ତମ ସ୍ଥାନ ହାସଲ କରିଛି। ତେଣୁ ଉଭୟ ଦଳ ଏଠାରେ ବିଜୟୀ ହୋଇ ଟେବଲରେ ଉନ୍ନତି କରିବା ଲକ୍ଷ୍ୟରେ ରହିଛନ୍ତି।

ଲକ୍ଷ୍ନୌର କ୍ରମାଗତ ୪ର୍ଥ ପରାଜୟ

# ପଞ୍ଚମ ବିଜୟ ସହ ୨ୟ ସ୍ଥାନକୁ ଉଠିଲା ରାଜସ୍ଥାନ

ଲକ୍ଷ୍ନୌ, ୨୨।୪ (ଏଜେନ୍ସି):

ଚଳିତ ଆଇପିଏଲ୍‌ରେ ଲକ୍ଷ୍ନୌ ସୁପର୍ ଜାଏଣ୍ଟ୍ସ କ୍ରମାଗତ ୪ର୍ଥ ପରାଜୟବରଣ କରିଛି। ବୁଧବାର ସ୍ଥାନୀୟ ଏକନା ଷ୍ଟାଡିୟମରେ ଅନୁଷ୍ଠିତ ଲିଗ୍‌ର ୩୨ତମ ମ୍ୟାଚରେ ରାଜସ୍ଥାନ ରୟାଲ୍ସ ୪୦ ରନରେ ଘରୋଇ ସୁପର୍ ଜାଏଣ୍ଟ୍ସକୁ ମାତ୍ ଦେଇଛି। ଏହି ଲୋ-ସ୍କୋରିଂ ମ୍ୟାଚରେ ରାଜସ୍ଥାନ ପକ୍ଷରୁ ଧାର୍ଯ୍ୟ ୧୬୦ ରନର ଛୋଟିଆ ଲକ୍ଷ୍ୟକୁ ପିଛା କରିଥିବା ଲକ୍ଷ୍ନୌ ୧୮ ଓଭରରେ ୧୧୯ ରନ କରି ଅଲ୍‌ଆଉଟ ହୋଇଯାଇଥିଲା। ଏଥିସହ ୭ମ ମ୍ୟାଚରୁ ୫ମ ବିଜୟ ହାସଲ କରି ରୟାଲ୍ସ ୧୦ ପଏଣ୍ଟ ସହିତ ଟେବଲର ଦ୍ୱିତୀୟ ସ୍ଥାନକୁ ଉଠିଛି।

୧୬୦ ରନର ଲକ୍ଷ୍ୟକୁ ପିଛା କରିଥିବା ସୁପର ଜାଏଣ୍ଟ୍ସ ଆରମ୍ଭରୁ ସାଂଘାତିକ ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିଲା। ପ୍ରଥମ ୩ ଓଭରରେ ୧୨ ରନ ମଧ୍ୟରେ ଲକ୍ଷ୍ନୌ ଆୟୁଷ ବଦୋନୀ, ଅଧିନାୟକ ଋଷଭ ପନ୍ତ ଓ ଆଇଡେନ ମାର୍କରାମଙ୍କ ୱିକେଟ୍ ହରାଇଥିଲା। ଏହି ୩ଜଣ ଖାତା ଖୋଲି ନ ପାରି ଆଉଟ୍ ହେବା ଦଳ ପାଇଁ ସବୁଠୁ ନୈରାଶ୍ୟଜନକ ଘଟଣା ଥିଲା।



ୱିକେଟ୍ ହାସଲ ପରେ ମୋହସିନଙ୍କୁ ଅଭିନନ୍ଦନ ଜଣାଉଛନ୍ତି ପନ୍ତ

ଏହି ବିପର୍ଯ୍ୟୟରୁ ମୁକୁଳି ନ ପାରି ୨ ଓଭର ପୂର୍ବରୁ ୧୧୯ ରନରେ ସମସ୍ତ ୱିକେଟ୍ ହରାଇଥିଲା। ଅଷ୍ଟ୍ରେଲୀୟ ଓପନର୍ ମିଚେଲ ମାର୍ଶ ଏକାକୀ ଲଢ଼େଇ କରି ୫୫ ରନର ଅର୍ଦ୍ଧଶତକୀୟ ପାଳି ଖେଳିଥିଲେ ମଧ୍ୟ ତାହା ବେକାର ଯାଇଥିଲା। ୪୧ ବଲର ଏହି ପାଳିରେ ସେ ୬ଟି ଚୌକା ଓ ୨ଟି ଛକା ମାରି ୬ଷ୍ଠ ବ୍ୟାଟର ଭାବେ ଆଉଟ୍ ହେବାପରେ ସୁପର ଜାଏଣ୍ଟ୍ସର ବିଜୟ ଆଶା ମଉଳି ଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ନିକୋଲସ ପୁରନ (୨୨ ରନ) ଓ ହିମତ ସିଂ (୧୫ ରନ) କେବଳ ଦୁଇଅଙ୍କ ଛୁଇଁଥିଲେ। ବୋଲିଂରେ ରାଜସ୍ଥାନ ପାଇଁ ଜୋଫ୍ରା ଆର୍ଚର (୩/୨୦), ନାନ୍ଦ୍ରେ ବର୍ଗର (୨/୨୭) ଓ ବ୍ରିଜେଶ ଶର୍ମା (୨/୧୮) ମିଳିତ ଭାବେ ୭ଟି ୱିକେଟ୍ ନେଇଥିଲେ।

ପୂର୍ବରୁ ଟସ୍ ହାରି ବ୍ୟାଟିଂ ଆମନ୍ତ୍ରଣ ପାଇଥିବା ରାଜସ୍ଥାନ ୬ ୱିକେଟରେ ୧୫୯ ରନର ଛୋଟିଆ ସ୍କୋର କରିଥିଲା। ବ୍ୟାଟିଂକ୍ରମର ୬ଷ୍ଠ ସ୍ଥାନରେ ଆସିଥିବା ରବୀନ୍ଦ୍ର ଜାଡେଜା ୨୯ ବଲରେ ଅପରାଜିତ ୪୩ ରନ କରିବାରୁ ଦଳୀୟ ସ୍କୋର ଦେଢ଼ଶ ରନ ଅତିକ୍ରମ କରିବାରେ ସମର୍ଥ ହୋଇଥିଲା। ଅନ୍ୟମାନଙ୍କ ମଧ୍ୟରେ ସିମରନ ହେଟମାୟର ଓ ଯଶସ୍ୱୀ ଜୟସ୍ୱାଲ ୨୨ ରନ ଲେଖାଏ, ଦୋନୋଭାନ ଫେରେରା ଓ ଅଧିନାୟକ ରିୟାନ ପରାଗ ୨୦ ରନ ଲେଖାଏ କରିଥିଲେ। ବୈଭବ ସୂର୍ଯ୍ୟବଂଶୀ ୮ ରନ କରିଥିବାବେଳେ ଧ୍ରୁବ ଜୁରେଲ ଖାତା ଖୋଲିପାରି ନ ଥିଲେ। ବୋଲିଂରେ ସୁପର୍ ଜାଏଣ୍ଟ୍ସର ମହମ୍ମଦ ସାମି, ପ୍ରିନ୍ସ ଯାଦବ ଓ ମୋହସିନ ଖାନ ୨ଟି ଲେଖାଏ ୱିକେଟ୍ ନେଇଥିଲେ।

### ସଂକ୍ଷିପ୍ତ ସ୍କୋର

**ରାଜସ୍ଥାନ:** ୧୫୯/୬, ୨୦ ଓଭର (ଜାଡେଜା- ୪୩*, ପରାଗ- ୨୦, ହେଟମାୟର-୨୨, ଜୟସ୍ୱାଲ- ୨୨, ସୂର୍ଯ୍ୟବଂଶୀ-୮, ସାମି- ୨/୩୦, ମୋହସିନ- ୨/୧୭)।

**ଲକ୍ଷ୍ନୌ:** ୧୧୯ରେ ଅଲଆଉଟ୍, ୧୮ ଓଭର (ମାର୍ଶ- ୫୫, ପୁରନ- ୨୨, ପନ୍ତ- ୦, ମାର୍କରମ-୦, ବଦୋନୀ-୦, ଆର୍ଚର- ୩/୨୦)।

### ଆଜିର ଆଇପିଏଲ୍ ମ୍ୟାଚ୍

ମୁମ୍ବଇ ବନାମ ଚେନ୍ନଇ
ଭେନ୍ୟୁ - ମୁମ୍ବଇ
ଖେଳ ଆରମ୍ଭ : ରାତି ୭.୩୦
ପ୍ରସାରଣ : ଷ୍ଟାର ସ୍ପୋର୍ଟ୍ସ, ଜିଓହଟ୍‌ଷ୍ଟାର

### ଆଇପିଏଲ୍ ପଏଣ୍ଟ ଟେବଲ୍

| ଦଳ | ମ୍ୟା. | ବି. | ପ. | ବା. | ପ. | ଏନ୍‌ଆର୍‌ଆର୍ |
|---|---|---|---|---|---|---|
| ପଞ୍ଜାବ | ୬ | ୫ | ୦ | ୧ | ୧୧ | +୧.୪୨୦ |
| ରାଜସ୍ଥାନ | ୭ | ୫ | ୨ | ୦ | ୧୦ | +୦.୭୯୦ |
| ବେଙ୍ଗାଲୁରୁ | ୬ | ୪ | ୨ | ୦ | ୮ | +୧.୧୭୧ |
| ହାଇଦରାବାଦ | ୭ | ୪ | ୩ | ୦ | ୮ | +୦.୮୨୦ |
| ଦିଲ୍ଲୀ | ୬ | ୩ | ୩ | ୦ | ୬ | -୦.୧୩୦ |
| ଗୁଜରାଟ | ୬ | ୩ | ୩ | ୦ | ୬ | -୦.୮୨୧ |
| ମୁମ୍ବଇ | ୬ | ୨ | ୪ | ୦ | ୪ | +୦.୦୬୭ |
| ଚେନ୍ନଇ | ୬ | ୨ | ୪ | ୦ | ୪ | -୦.୭୮୦ |
| ଲକ୍ଷ୍ନୌ | ୭ | ୨ | ୫ | ୦ | ୪ | -୧.୨୭୭ |
| କୋଲକାତା | ୭ | ୧ | ୫ | ୧ | ୩ | -୦.୮୭୯ |

## ମ୍ୟାକ୍ସୱେଲଙ୍କୁ ପଛରେ ପକାଇଲେ ସୂର୍ଯ୍ୟବଂଶୀ

ରାଜସ୍ଥାନର ଯୁବ ବ୍ୟାଟର ବୈଭବ ସୂର୍ଯ୍ୟବଂଶୀ ଲକ୍ଷ୍ନୌ ବିପକ୍ଷ ମ୍ୟାଚରେ ୧୧ ବଲରେ ୮ ରନ କରି ଫେଲ୍ ମାରିଥିଲେ। ତେବେ ଏହି ଛୋଟିଆ ପାଳି ଅବସରରେ ସେ ଏକ ଆଇପିଏଲ୍ କୀର୍ତ୍ତିମାନ ସ୍ଥାପନ କରିଛନ୍ତି। ସବୁଠୁ କମ୍ ବଲ୍ ଖେଳି ଆଇପିଏଲ୍‌ରେ ୫୦୦ ରନ ପୂରଣ କରିବାରେ ଅଷ୍ଟ୍ରେଲିଆର ଗ୍ଲେନ ମ୍ୟାକ୍ସୱେଲଙ୍କୁ ବୈଭବ ପଛରେ ପକାଇଛନ୍ତି। ବୈଭବ ବର୍ତ୍ତମାନ ସୁଦ୍ଧା ୧୪ଟି ଇନିଂସରୁ ୩୬.୧୪ ହାରରେ ମୋଟ ୫୦୬ ରନ ସଂଗ୍ରହ କରିଛନ୍ତି। ୫୦୦ ରନ ପୂରଣ କରିବା ଲାଗି ସେ ୨୨୭ ବଲ ସାମ୍ନା କରିଥିଲେ। ଏହିକ୍ରମରେ ମାକ୍ସୱେଲଙ୍କ ନାମରେ ଦୀର୍ଘ ବର୍ଷ ଧରି ରହିଥିବା ରେକର୍ଡକୁ ଭାଙ୍ଗିଛନ୍ତି। ମ୍ୟାକ୍ସୱେଲ ୨୬୦ ବଲରେ ୫୦୦ ରନ ପୂରଣ କରି ପୂର୍ବରୁ ଶୀର୍ଷରେ ରହିଥିଲେ। ଏହି ତାଲିକାରେ ପ୍ରିୟାଂଶ ଆର୍ଯ୍ୟ (୨୭୮ ବଲ୍), ବୀରେନ୍ଦ୍ର ସେହ୍ୱାଗ (୨୮୦ ବଲ୍) ଓ ନମନ ଧୀର (୨୮୩ ବଲ୍) ପଛକୁ ପଛ ରହିଛନ୍ତି।

## ବିପଦଜନକ ପିଚ୍ ଯୋଗୁ ଅଧାରୁ ମ୍ୟାଚ୍ ବାତିଲ

ଆଣ୍ଟିଗୁଆ, ୨୨।୪ (ଏଜେନ୍ସି): ୱେଷ୍ଟଇଣ୍ଡିଜରେ ଏକ ଘରୋଇ ପ୍ରଥମଶ୍ରେଣୀ କ୍ରିକେଟ୍ ମ୍ୟାଚକୁ ଅଧାରୁ ବାତିଲ କରିବାକୁ ପଡ଼ିଛି। ପିଚ୍‌କୁ 'ବିପଦଜନକ' ଦର୍ଶାଇ ମ୍ୟାଚ୍ ରେଫରୀ ଏଭଳି ନିଷ୍ପତ୍ତି ନେଇଛନ୍ତି। ସ୍ଥାନୀୟ ସାର୍ ଭିଭି ରିଚାର୍ଡ୍ସ ଷ୍ଟାଡିୟମରେ ଲିୱାର୍ଡ ଆଇସଲାଣ୍ଡ ଓ ତ୍ରିନିଦାଦ ଟବାଗୋ ମଧ୍ୟରେ ଏହି ମ୍ୟାଚ୍ ଚାଲିଥିଲା। ଅତ୍ୟଧିକ ଅସମାନ ବାଉନ୍ସ ହେଉଥିବା ଏହି ଟ୍ରାକ୍‌ରେ ପ୍ରଥମେ ବ୍ୟାଟିଂ କରି ଲିୱାର୍ଡ ଆଇସଲାଣ୍ଡ ପ୍ରଥମ ପାଳିରେ ୧୩୧ରେ ସୀମିତ ରହିଥିଲା। ଜବାବରେ ତ୍ରିନିଦାଦ ମଧ୍ୟ ବିପର୍ଯ୍ୟୟର ସମ୍ମୁଖୀନ ହୋଇ ୧୭୫ ରନରେ ଅଲଆଉଟ୍ ହୋଇଥିଲା। ଏହାପରେ ୪୪ ରନ ପଛରେ ପାଇ ଦ୍ୱିତୀୟ ପାଳି ଆରମ୍ଭ କରିଥିବା ଲିୱାର୍ଡ ଦଳ ବୁଧବାର ତୃତୀୟ ଦିବସରେ ୪୭.୩ ଓଭରରେ ୭ ୱିକେଟ୍ ହରାଇ ୧୪୦ ରନ କରିଥିବାବେଳେ ଏକ ଅପ୍ରୀତିକର ଘଟଣା ଦେଖିବାକୁ ମିଳିଥିଲା। ତ୍ରିନିଦାଦ ଦଳର ଦ୍ରୁତ ବୋଲର ଜେଡେନ ସେଲ୍ସଙ୍କ ଏକ ବଲ୍ ହଠାତ ଅପ୍ରତ୍ୟାଶିତ ଭାବେ ଅତ୍ୟଧିକ ବାଉନ୍ସ ହୋଇ ପ୍ରତିପକ୍ଷ ବ୍ୟାଟର୍ ଜେରେମିଆ ଲୁଇସଙ୍କ ହେଲମେଟ୍‌ରେ ବାଜିଥିଲା। ଫଳରେ ଲୁଇସ ପିଚ୍ ଉପରେ ଗଳି ପଡ଼ିଥିଲେ। ପରେ ପିଚ୍‌ର ଏଭଳି ଅସ୍ୱାଭାବିକ ପ୍ରକୃତିକୁ ନେଇ ଲୁଇସ ଉତକ୍ଷିପ୍ତ ହୋଇ ପିନ୍ଧିଥିବା ହେଲମେଟକୁ ବାହାର କରି ଗୋଇଠା ମାରିବା ସହ ପଡ଼ିଆ ଛାଡ଼ି ଚାଲିଯାଇଥିଲେ। ଏହାପରେ କ୍ରିକେଟ୍ ୱେଷ୍ଟଇଣ୍ଡିଜ ପକ୍ଷରୁ ଏକ ବିବୃତି ଜାରି କରାଯାଇଥିଲା।

## ପୁଅ ସହ ଫୁଟବଲ ଖେଳିବେ ରୋନାଲ୍ଡୋ

ରିୟାଦ,୨୨।୪(ଏଜେନ୍ସି): ଫୁଟବଲ ଦୁନିଆରେ ଆଉ ଏକ ଐତିହାସିକ ମୁହୂର୍ତ୍ତ ସୃଷ୍ଟି ହେବାକୁ ଯାଉଛି। ବିଶ୍ୱର ଫୁଟବଲର ଅନ୍ୟତମ ସୁପରଷ୍ଟାର କ୍ରିଷ୍ଟିଆନୋ ରୋନାଲ୍ଡୋ ଏବଂ ତାଙ୍କର ୧୫ ବର୍ଷୀୟ ପୁଅ କ୍ରିଷ୍ଟିଆନୋ ରୋନାଲ୍ଡୋ ଜୁନିୟର ଆଗାମୀ ସିଜନରେ ଏକାଠି ଅଲ୍ ନାସର କ୍ଲବ୍

**ଅଲ୍-ନାସେରର ଐତିହାସିକ ପଦକ୍ଷେପ**



ପକ୍ଷରୁ ଖେଳୁଥିବାର ଦେଖାଯାଇପାରନ୍ତି। ରୋନାଲ୍ଡୋ ଜୁନିଅର ବର୍ତ୍ତମାନ ଅଲ୍ ନାସରର ୟୁଥ୍ ଏକାଡେମୀରେ ଚମତ୍କାର ପ୍ରଦର୍ଶନ କରୁଛନ୍ତି। ସେ ଅଲ୍ ନାସରର ୧୫ ବର୍ଷରୁ କମ୍ ଦଳ ପାଇଁ ମାତ୍ର ୨୭ଟି ମ୍ୟାଚରେ ୫୬ଟି ଗୋଲ୍ ସ୍କୋର କରି ସମସ୍ତଙ୍କୁ ଚକିତ କରିଛନ୍ତି। ୪୧ ବର୍ଷୀୟ ରୋନାଲ୍ଡୋ ନିଜ ପୁଅ ସହ ପଡ଼ିଆରେ ଖେଳିବାକୁ ଦୀର୍ଘ ଦିନରୁ ଇଚ୍ଛା ପ୍ରକାଶ କରିଆସୁଛନ୍ତି। ଯଦି ସେ ଆସନ୍ତା ସିଜନରେ ଖେଳିବା ଜାରି ରଖନ୍ତି, ତେବେ କ୍ଲବ୍ ଏହି ଐତିହାସିକ ସୁଯୋଗ ସୃଷ୍ଟି କରିପାରେ। ଚଳିତ ସିଜନ ଶେଷ ହେବା ପରେ କ୍ଲବ୍ ରୋନାଲ୍ଡୋ ଜୁନିୟରଙ୍କ ଶାରୀରିକ ଏବଂ ବୈଷୟିକ ପ୍ରସ୍ତୁତିକୁ ପରଖିବ ଏବଂ ସିନିଅର ଦଳରେ ସାମିଲ କରିବା ନେଇ ଚୂଡ଼ାନ୍ତ ନିଷ୍ପତ୍ତି ନେବ। ଅନ୍ୟପଟେ କ୍ରିଷ୍ଟିଆନୋ ରୋନାଲ୍ଡୋ ନିଜର ୧୦୦୦ କ୍ୟାରିୟର ଗୋଲ୍ ଲକ୍ଷ୍ୟ ପୂରଣ କରିବାକୁ ଆଉ ଏକ ପାଦ ଆଗକୁ ବଢ଼ିଛନ୍ତି। ବର୍ତ୍ତମାନ ସୁଦ୍ଧା ସେ କ୍ୟାରିୟରର ୯୬୯ତମ ଗୋଲ୍ ଦେଇଛନ୍ତି।

■ ଅଲ୍‌ଓଡ଼ିଶା ଓପନ୍ ସ୍ନୁକର ଚାମ୍ପିଅନସିପ୍ ଉଦ୍‌ଯାପିତ

## ଆକାଶଙ୍କୁ ହରାଇ ଆଶୁତୋଷ ଚାମ୍ପିଅନ

ଭୁବନେଶ୍ୱର, ୨୨।୪ (ସମିସ): ପଟିଆସ୍ଥିତ ୬ପକେଟ କ୍ୟୁ ସ୍ପୋର୍ଟ୍ସ କ୍ଲବରେ ଚାଲିଥିବା ଅଲ୍‌ଓଡ଼ିଶା ଓପନ୍ ୧୦-ରେଡ୍ ସ୍ନୁକର ଚାମ୍ପିଅନସିପ୍‌ରେ ଆଶୁତୋଷ ପାଢ଼ୀ ଚାମ୍ପିଅନ ହୋଇଛନ୍ତି। ବୁଧବାର ଅନୁଷ୍ଠିତ ଫାଇନାଲ ମ୍ୟାଚରେ ଆଶୁତୋଷ ୪-୨ ଫ୍ରେମ (୫୩-୪୧, ୨୪-୩୫, ୫୭-୦୬, ୫୫-୩୭, ୩୩-୩୪, ୫୬-୦୧)ରେ ଆକାଶ ମହାପାତ୍ରଙ୍କୁ ପରାସ୍ତ କରିଥିଲେ। ଚାମ୍ପିଅନ ଆଶୁତୋଷଙ୍କୁ ପଦକ ସହ ୧୫ ହଜାର ଓ ଆକାଶଙ୍କୁ ରନର୍ସଅପ୍ ପଦକ ସହ ୭୫୦୦ ଟଙ୍କା ପୁରସ୍କାର ପ୍ରଦାନ କରାଯାଇଥିଲା। ସେହିଭଳି ସେମିଫାଇନାଲରେ ପରାସ୍ତ ହୋଇଥିବା ଡାକ୍ତର ରାକେଶ ରୋଶନ ପ୍ରଧାନ ଓ କ୍ୟାପଟେନ ଚେତନ ଆନନ୍ଦଙ୍କୁ ୫୦୦୦ ଟଙ୍କା ଲେଖାଏ ପୁରସ୍କାର ଦିଆଯାଇଥିଲା। ସର୍ବାଧିକ ବ୍ରେକ୍ (୪୪ ପଏଣ୍ଟ) କରିଥିବା ନିଶାନ୍ତ ବିଶ୍ୱାଳଙ୍କୁ ୨୫୦୦ ଟଙ୍କା ପ୍ରଦାନ କରାଯାଇଥିଲା। ଉଦଯାପନୀ ଉତ୍ସବରେ ବିଏସଏଓ ସମ୍ପାଦକ ସମୀର ଅଲି, ଟୁର୍ଣ୍ଣାମେଣ୍ଟ ଡିରେକ୍ଟର ଗୋବିନ୍ଦ ଶର୍ମା, ଋତ୍ୱିକ ମହାନ୍ତି ପ୍ରମୁଖ ଉପସ୍ଥିତ ରହିଥିଲେ। ସଭାପତି ତାରା ରଞ୍ଜନ ପଟ୍ଟନାୟକ ସମସ୍ତ ବିଜେତାଙ୍କୁ ଅଭିନନ୍ଦନ ଜଣାଇଥିଲେ।




ଓସିଏ ୧୬ ବର୍ଷରୁ କମ୍ ଆନ୍ତଃଜିଲ୍ଲା କ୍ରିକେଟ୍

## ଶୁବାଶିଷ, ଆୟୁଷ, ଅଭିଷେକ, କଳିଙ୍ଗଙ୍କ କମାଲ

ଭୁବନେଶ୍ୱର, ୨୨।୪ (ସମିସ): ଓଡ଼ିଶା କ୍ରିକେଟ୍ ଆସୋସିଏସନ (ଓସିଏ) ଆନୁକୂଲ୍ୟରେ ଚାଲିଥିବା ୧୬ ବର୍ଷରୁ କମ୍ ବାଳକ ଦିନିକିଆ ଆନ୍ତଃଜିଲ୍ଲା କ୍ରିକେଟ୍‌ର ୪ର୍ଥ ଦିବସରେ ୬ଟି ମ୍ୟାଚ୍ ଖେଳାଯାଇଛି। ଖୋର୍ଦ୍ଧା ଗ୍ରାଉଣ୍ଡରେ ଅନୁଷ୍ଠିତ ଏକ ମ୍ୟାଚ୍‌ରେ ଶୁବାଶିଷ ନାୟକଙ୍କ ଦମ୍‌ଦାର ଅଲ୍‌ରାଉଣ୍ଡ ପ୍ରଦର୍ଶନ ବଳରେ ଭଦ୍ରକ ୪ ୱିକେଟ୍‌ରେ ଝାରସୁଗୁଡ଼ାକୁ ପରାସ୍ତ କରିଛି। ଝାରସୁଗୁଡ଼ା ପକ୍ଷରୁ ଧାର୍ଯ୍ୟ ୧୧୬ ରନର ଲକ୍ଷ୍ୟକୁ ଭଦ୍ରକ ୨୦.୧ ଓଭରରେ ୬ ୱିକେଟ ହରାଇ ଲକ୍ଷ୍ୟ ହାସଲ କରିନେଇଥିଲା। ବିଜୟୀ ଦଳ ପକ୍ଷରୁ ଶୁବାଶିଷ ବ୍ୟାଟିଂରେ ଅପରାଜିତ ୭୯ ରନ କରିବା ସହ ବୋଲିଂରେ ୫ ୱିକେଟ ନେଇ ଶ୍ରେଷ୍ଠ ଖେଳାଳି ହୋଇଥିଲେ। ସେହିଭଳି ନିମପୁର ଗ୍ରାଉଣ୍ଡରେ ଆୟୁଷ ପଲାଇ (୫/୧୧)ଙ୍କ ପ୍ରଭାବୀ ବୋଲିଂ ବଳରେ କେନ୍ଦ୍ରାପଡ଼ା ୧୫୬ ରନରେ ବରଗଡ଼କୁ ମାତ୍ ଦେଇଛି। ୨୧୮ ରନର ଲକ୍ଷ୍ୟକୁ ପିଛା କରିଥିବା ବରଗଡ଼ ୧୯.୪ ଓଭରରେ ୬୦ ରନରେ ସୀମିତ ରହିଥିଲା। ରେଲୱେ ଗ୍ରାଉଣ୍ଡରେ ଭୁବନେଶ୍ୱର-ବି ଓ ନୟାଗଡ଼ ସାମ୍ନାସାମ୍ନି ହୋଇଥିଲେ। ପ୍ରଥମେ ବ୍ୟାଟିଂ କରି ଭୁବନେଶ୍ୱର-ବି ଅନୁରାଗ ସାମନ୍ତରାୟ (୯୧)ଙ୍କ ଅର୍ଦ୍ଧଶତକ ବଳରେ ୫୦ ଓଭରରେ ୭ ୱିକେଟ୍ ହରାଇ ୨୪୧ ରନ କରିଥିଲା। ଏହାକୁ ପିଛା କରିଥିବା ନୟାଗଡ଼ ୩୯.୪ ଓଭରରେ ୧୫୧ ରନରେ ଅଲ୍‌ଆଉଟ୍ ହୋଇଥିଲା।



ଆୟୁଷ ପଲାଇ



କଳିଙ୍ଗପାଟନମ କୁମାର



କୁମାର ଅଭିଷେ



ଶୁବାଶିଷ ନାୟକ

ଆଜି ଅନୁଷ୍ଠିତ ଅନ୍ୟ ମ୍ୟାଚ୍‌ଗୁଡ଼ିକରେ କେନ୍ଦୁଝର ୭ ୱିକେଟରେ ପାରାଦୀପକୁ, ଜଗତସିଂହପୁର ୧୪୪ ରନରେ କଳାହାଣ୍ଡିକୁ ଏବଂ ସୋନପୁର ୧୬୫ ରନରେ ରାୟଗଡ଼ାକୁ ହରାଇଥିଲା। ସୋନପୁରର କଳିଙ୍ଗପାଟନମ କୁମାର (୫/୧୭), ଜଗତସିଂପୁରର କୁମାର ଅଭିଷେକ (୬/୩୦) ଓ କେନ୍ଦୁଝରର ସାଇ ଶାଶ୍ୱତ ଖୁଣ୍ଟିଆ (୪/୧୪) ପ୍ରଭାବୀ ପ୍ରଦର୍ଶନ କରିଥିଲେ।

## ୨୬ରୁ ନୀଳାଚଳ ଟ୍ରଫି; ଚାମ୍ପିଅନ ଦଳକୁ ୧ ଲକ୍ଷ

**ଟର୍ଫ ୱିକେଟ, ରେଡ୍ ବଲ୍‌ରେ ହେବ ମ୍ୟାଚ୍**

ପୁରୀ, ୨୨।୪ (ସମିସ) :

ରାଜ୍ୟର ଅନ୍ୟତମ ଅଗ୍ରଣୀ କ୍ରୀଡ଼ାନୁଷ୍ଠାନ ପୁରୀର ପାୟୋନିୟର କ୍ଲବ୍ ଆନୁକୂଲ୍ୟରେ ଚଳିତ ମାସ ୨୬ରୁ ମେ ୩ ତାରିଖ ଯାଏ ଆମନ୍ତ୍ରଣୀୟ ଜଗଦୀଶ ରାଉତରାୟ ସ୍ମାରକୀ ନୀଳାଚଳ ଟ୍ରଫିର ସପ୍ତଦଶ ସଂସ୍କରଣ ଅନୁଷ୍ଠିତ ହେବ। ଶ୍ରୀ ଜଗନ୍ନାଥ ଷ୍ଟାଡିୟମ୍‌ରେ ସକାଳ ୮ଟା୩୦ରୁ ଖେଳାଯିବାକୁ ଥିବା ଏହି ଟୁର୍ଣ୍ଣାମେଣ୍ଟରେ ରାଜ୍ୟରୁ ୮ଟି ଓ ରାଜ୍ୟ ବାହାରୁ ଯଥା ଦିଲ୍ଲୀ ଓ କୋଲକାତାରୁ ଗୋଟିଏ ଲେଖାଏଁ ଦଳ ଅଂଶଗ୍ରହଣ କରିବାର କାର୍ଯ୍ୟକ୍ରମ ରହିଛି। ଟୁର୍ଣ୍ଣାମେଣ୍ଟର ସମସ୍ତ ମ୍ୟାଚ୍ ଟର୍ଫ ୱିକେଟ, ରେଡ ବଲ ଓ ଧଳା ଜର୍ସିରେ ଖେଳାଯିବ।




ମ୍ୟାଚ୍ ଗୁଡିକ ୪୦ ଓଭର ବିଶିଷ୍ଟ ହେବ। ଲିଗ୍ କମ୍ ନକ୍‌ଆଉଟ ଭିତରେ ଖେଳାଯିବାକୁ ଥିବା ଏହି ଟୁର୍ଣ୍ଣାମେଣ୍ଟର ଦଳଗୁଡିକୁ ଦୁଇଟି ଗ୍ରୁପ୍‌ରେ ଭାଗ କରାଯାଇଛି। ଏଥିରେ ଚାମ୍ପିଅନ ଦଳକୁ ଏକ ଲକ୍ଷ ଟଙ୍କା ସହ ଟ୍ରଫି, ରନର୍ସ ଅପ୍ ଦଳକୁ ୭୦,୦୦୦ ଟଙ୍କା ଓ ଟ୍ରଫି ପ୍ରଦାନ କରାଯିବ ବୋଲି ଏଠାରେ ବୁଧବାର ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ଆୟୋଜକ କମିଟିର ସଭାପତି ମାଧମ ଚନ୍ଦ୍ର ଖୁଣ୍ଟିଆ ପ୍ରକାଶ କରିଛନ୍ତି। ଏହା ଛଡ଼ା ମ୍ୟାନ୍ ଅଫ୍ ଦି ଟୁର୍ଣ୍ଣାମେଣ୍ଟଙ୍କୁ କପ୍ ସହ ୭,୦୦୦ ଟଙ୍କା ପ୍ରଦାନ କରାଯିବାର ବ୍ୟବସ୍ଥା ହୋଇଛି। ସାମ୍ବାଦିକ ସମ୍ମିଳନୀରେ ଉପସ୍ଥିତ ଥିବା ଅନ୍ୟଅତିଥିମାନଙ୍କ ମଧ୍ୟରେ ସମ୍ପାଦକ ସଞ୍ଜୀବ ଦଇତାପତି, ସଭାପତି ଶକ୍ତି ମିଶ୍ର, ଉପସଭାପତି ମନୋହର ପ୍ରତିହାରୀ, ନୀଳାଚଳ ଟ୍ରଫି କମିଟିର ଚେୟାରମ୍ୟାନ ରାଜେଶ ମିଶ୍ର, ସମ୍ପାଦକ ହରେଶ ମିଶ୍ର, ଯୁଗ୍ମ ସମ୍ପାଦକ ଅଗ୍ନିଶ ରାୟ, ପ୍ରମୁଖ ଉପସ୍ଥିତ ଥିଲେ।

### ଖେଳସୂଚୀ

ଗ୍ରୁପ-ଏ- ୨୬।୪: ପାୟୋନିୟର ବନାମ ମୁକ୍ତେଶ୍ୱର, (ଭୁବନେଶ୍ୱର), ୨୭।୪: ୟୁନିଅନ୍ ସ୍ପୋର୍ଟିଂ(କଟକ) ବନାମ ଆଦର୍ଶ କ୍ରିକେଟ କ୍ଲବ୍(ବାଲେଶ୍ୱର)। ୨୮।୪: ପ୍ରଥମ ସେମିଫାଇନାଲ (୨୬ ଓ ୨୭ ତାରିଖର ବିଜେତା)। ଗ୍ରୁପ-ବି- ୨୯।୪: ବାଂଲା କ୍ରିକେଟ ଏକାଡେମୀ (କୋଲକାତା) ବନାମ ପ୍ରଗତି ସ୍ପୋର୍ଟିଂ(ଭୁବନେଶ୍ୱର), ୩୦।୪- ପାଲାମ ବିହାର କ୍ରିକେଟ କ୍ଲବ୍ (ନୂଆଦିଲ୍ଲୀ) ବନାମ ରାଉରକେଲା ୟୁଥ୍ କ୍ରିକେଟ କ୍ଲବ୍। ୧।୫- ଦ୍ୱିତୀୟ ସେମିଫାଇନାଲ (ଏପ୍ରିଲ ୨୯ ଓ ୩୦ର ବିଜେତା), ୨।୫- ପ୍ରଦର୍ଶନୀ କ୍ରିକେଟ ମ୍ୟାଚ୍, ୩।୫- ଫାଇନାଲ।

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED IN ITS PRESS AT IDCO PLOT NO.90 & 91, BHAGABANPUR INDUSTRIAL ESTATE, BHUBANESWAR-751019, DIST: KHORDHA, ODISHA

କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦ୍ର ଦାସ
EXECUTIVE EDITOR: SAMARENDU DAS